

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ


The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 270, Monday, 22 January 2024, Puri, Pages- 21, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୭୦, ସୋମବାର, ୨୨ ଜାନୁଆରୀ ୨୦୨୪, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 270, Monday, 22 January 2024, Puri, Pages- 21, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୭୦, ସୋମବାର, ୨୨ ଜାନୁଆରୀ ୨୦୨୪, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ
The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ
ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol. 10, Issue. 270, Monday, 22 January 2024, Puri, Pages- 21, Rs. 7/-    ■ ଦଶମ ବର୍ଷ, ସଂଖ୍ୟା-୨୭୦, ସୋମବାର, ୨୨ ଜାନୁଆରୀ ୨୦୨୪, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


ଶହ ଶହ ବର୍ଷ ଅପେକ୍ଷାର ଘଟିବ ଅନ୍ତ

# ଆଜି ବିରାଜିବେ ରାମଲଲା




- ରାମମୟ ପାଲଟିଛି ଅଯୋଧ୍ୟା
- ସକାଳ ୧୦ଟାରୁ ଗୁଞ୍ଜରିତ ହେବ ମଙ୍ଗଳଧ୍ୱନି
- ୮୪ ସେକେଣ୍ଡ ଶୁଭ ମୁହୂର୍ତ୍ତରେ ହେବ ପ୍ରାଣ ପ୍ରତିଷ୍ଠା
- କଡା ସୁରକ୍ଷା ବଳୟରେ ଅଯୋଧ୍ୟା
- ୧୩,୦୦୦ ସୈନ୍ୟ ନିୟୋଜିତ
- ଦିନ ୧୨ଟା ୨୦ରୁ ପ୍ରାଣ ପ୍ରତିଷ୍ଠା ସମାରୋହ
- ପ୍ରାଣ ପ୍ରତିଷ୍ଠା ପୂର୍ବରୁ ରଙ୍ଗୀନ ଫୁଲରେ ସଜାଗଲା ରାମମନ୍ଦିର

ନୂଆଦିଲ୍ଲୀ

ଶହ ଶହ ବର୍ଷ ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି, ବନବାସ ସାରି ଅଯୋଧ୍ୟା ଫେରୁଛନ୍ତି ପ୍ରଭୁ ଶ୍ରୀରାମ। ଭବ୍ୟ ମନ୍ଦିରରେ ବିରାଜିବେ ପ୍ରଭୁ। ଏଥିପାଇଁ ସମଗ୍ର ଅଯୋଧ୍ୟା ନଗରୀ ରାମମୟ ହୋଇଯାଇଛି। ସୋମବାର ଦିନ ୧୨ଟା ୨୦ରୁ ପ୍ରାଣ ପ୍ରତିଷ୍ଠା ସମାରୋହ କାର୍ଯ୍ୟକ୍ରମ ଆରମ୍ଭ ହେବ। ରାତି ପ୍ରାୟ ଗୋଟାଏରେ ସମାପନ ହେବ। ଏହା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ଦିର ନିକଟରେ ଶତାଧିକ ଭକ୍ତ, ବହୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସମେତ ୭,୦୦୦ ରୁ ଅଧିକ ଲୋକଙ୍କ ସମାବେଶକୁ ସମ୍ବୋଧିତ କରିବେ। ଏହି ସମୟରେ, ଲକ୍ଷ ଲକ୍ଷ ଲୋକ ଟେଲିଭିଜନ ତଥା ଅନ୍ୟ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକ୍ରମକୁ ସିଧାସଳଖ ଦେଖିପାରିବେ। ପ୍ରତ୍ୟେକ ଭାରତବାସୀ ଯେପରି ଏହି ମହାନ ପର୍ବରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ସାମିଲ ହୋଇପାରିବେ ସେଥିପାଇଁ ଅନେକ ରାଜ୍ୟରେ ଛୁଟି ଘୋଷଣା କରାଯାଇଛି। କେନ୍ଦ୍ର ସରକାର ମଧ୍ୟ ସମସ୍ତ ସରକାରୀ ଅନୁଷ୍ଠାନରେ ଦିନ ୨ଟା୩୦ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ବଲିଉଡର ସୁପରଷ୍ଟାର ଅମିତାଭ ବଚ୍ଚନ, ବ୍ୟବସାୟ ଟାଇକନ୍ ମୁକେଶ ଅମ୍ବାନି ଏବଂ ଗୌତମ ଆଦାନୀ, କ୍ରୀଡ଼ା କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଏବଂ ଏମଏସ ଧୋନିଙ୍କ ଭଳି ବହୁ ମାନ୍ୟଗନ୍ୟ ବ୍ୟକ୍ତି ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବେ। ମନ୍ଦିର ନିର୍ମାଣ ପାଇଁ ଯେଉଁମାନେ ଆନ୍ଦୋଳନର ଅଂଶ ହୋଇଥିଲେ ସେମାନେ ମଧ୍ୟ ଏହି ସମାରୋହରେ ଯୋଗଦେବେ। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଉତ୍ତର ପ୍ରଦେଶରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ପ୍ରାୟ ୧୩,୦୦୦ ସୈନ୍ୟ ନିୟୋଜିତ ହୋଇଛନ୍ତି। ଆଣ୍ଟି-ବମ୍ବ ଏବଂ ଡଗ୍ ସ୍କ୍ୱାଡ ବ୍ୟବସ୍ଥା କରାଯାଇଛି। ଜରୁରୀ ଆବଶ୍ୟକତା ପାଇଁ ରାମ ମନ୍ଦିର ନିକଟରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ (ଏନଡିଆରଏଫ)ର ଏକ ଶିବିର ସ୍ଥାପନ କରାଯାଇଛି। ଉତ୍ତର ପ୍ରଦେଶ ଡିଜି ପ୍ରଶାନ୍ତ କୁମାର କହିଛନ୍ତି ଯେ, ୧୩,୦୦୦ ସୈନ୍ୟ ବାହିନୀ ବ୍ୟତୀତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଚାଳିତ ସିସିଟିଭି ନିୟୋଜିତ କରାଯାଇଛି। ପ୍ରାଣ ପ୍ରତିଷ୍ଠା ପୂର୍ବରୁ ମନିଟରିଂ ପାଇଁ ଅଯୋଧ୍ୟାରେ ଆଣ୍ଟି ଡ୍ରୋନ୍ ଟେକ୍ନୋଲୋଜିରେ ନିର୍ମିତ ୧୦,୦୦୦ ସିସିଟିଭି କ୍ୟାମେରା ଲଗାଯାଇଛି। ଲତା ମଙ୍ଗେଶକର ଚୌକରେ ରାପିଡ୍ ଆକ୍ସନ୍ ଫୋର୍ସ (ଆରପିଏଫ୍) କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏହା ବ୍ୟତୀତ ପୁଲିସ ସରଯୁ ନଦୀରେ ଡଙ୍ଗା ସାହାଯ୍ୟରେ ପାଟ୍ରୋଲିଂ କରୁଛି।ଜାନୁଆରୀ ୨୨ରେ ଅଯୋଧ୍ୟାରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ସମାରୋହ ଆୟୋଜନ ହେବାକୁ ଯାଉଛି। ଏହି କାରଣରୁ ସମଗ୍ର ଅଯୋଧ୍ୟା ସହରକୁ ସଜାଯାଇଛି। ଏହି ସମୟରେ ଅନେକ ଫୁଲରେ ରାମ ମନ୍ଦିରକୁ ସଜାଯାଇଛି।ଜାନୁଆରୀ ୨୨ ରେ ଅଯୋଧ୍ୟାରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ। ଯେଉଁଥିପାଇଁ ସମଗ୍ର ଦେଶରେ ଉତ୍ସବ ପାଳନ କରିବାର ପରିବେଶ ରହିଛି। ପ୍ରାୟ ୫୦୦ ବର୍ଷ ପରେ ରାମଲଲା ରାମ ମନ୍ଦିରରେ ବିରାଜମାନ କରିବେ। ଅଯୋଧ୍ୟାରେ ରାମଲଲାଙ୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଅଛି। ବର୍ତ୍ତମାନ ରାମ ମନ୍ଦିରର ଏକ ସୁନ୍ଦର ଫଟୋ ସାମ୍ନାକୁ ଆସିଛି।ରାମ ମନ୍ଦିରର ଫଟୋ ବହୁତ ସୁନ୍ଦର ଆସିଛି। ଯାହା ଦେଖିବା ପରେ ଭକ୍ତମାନେ ▶(ପୃଷ୍ଠା-୧୫)

## ନୟାଗଡ଼ ଫତେଗଡ ଗାଁରେ ବି ହେବ ରାମ ମନ୍ଦିର ପ୍ରତିଷ୍ଠା



ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ନେଇ ସାରା ଦେଶରେ ଉତ୍ସବର ମାହୋଲ ରହିଥିବା ବେଳେ ନୟାଗଡ ଜିଲ୍ଲା ଫତେଗଡରେ ବି ସୃଷ୍ଟି ହୋଇଛି ଆଧାତ୍ମିକ ପରିବେଶ । ଫତେଗଡ ଗାଁ ନିକଟ ପାହାଡ ଉପରେ ନିର୍ମାଣ ହୋଇଛି ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର । ଗତ ୧୭ ତାରିଖରୁ ମନ୍ଦିରର ପ୍ରତିଷ୍ଠା ସାଙ୍ଗକୁ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ କାର୍ଯ୍ୟକ୍ରମ ଚାଲୁ ରହିଥିଲା ବେଳେ ଆସନ୍ତା ୨୪ ତାରିଖ ଯଜ୍ଞାଦିର ପୂର୍ଣ୍ଣାହୁତି ହେବ । ଏହାକୁ ନେଇ ସାରା ଅଂଚଳରେ ଉତ୍ସାହ ଦେଖିବାକୁ ମିଳିଛି ।ସମୁଦ୍ର ପତନ ଠାରୁ ୧୬୦୦ ଫୁଟ ଉଚ୍ଚ ପାହାଡ ଉପରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର । ବଉଳମାଳା ପଥରରେ ନିର୍ମିତ, ପୁଷ୍ପ ସଜ୍ଜିତ ଏହି ମନ୍ଦିରର ରୂପ ଅନନ୍ୟ ଆଉ ଅତ୍ୟନ୍ତ ଆକର୍ଷଣୀୟ ▶(ପୃଷ୍ଠା-୧୫)

## ବାହାନଗା ଟ୍ରେନ୍ ଟ୍ରାଜେଡିରେ ବଡ଼ ଆକ୍ସନ

## ବହିଷ୍କୃତ ହେଲେ ୨ ଅଧିକାରୀ

ଭୁବନେଶ୍ୱର(ବ୍ୟୁରୋ)

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ବଡ଼ ଆକ୍ସନ। ୨ ଅଫିସର ଚାକିରିରୁ ବହିଷ୍କୃତ କଲା ରେଳ ବିଭାଗ । ଘଟଣାର ତଦନ୍ତ ରିପୋର୍ଟ ପରେ ଆକ୍ସନ ନେଇଛି ରେଳ ବିଭାଗ। ସୂଚନା ଅନୁଯାୟୀ, ଷ୍ଟେସନ ସୁପରିଟେଣ୍ଡେଣ୍ଟ ଏସବି ମହାନ୍ତି ଏବଂ ଡିଭିଜନାଲ ଟ୍ରାଫିକ୍ ଇନ୍ସପେକ୍ଟର ଏକେ ଖୁଣ୍ଟିଆଙ୍କୁ ବହିଷ୍କାର କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଜୁନ୍ ୨ ତାରିଖରେ ବାଲେଶ୍ୱର ଜିଲ୍ଲା ବାହାନଗାରେ ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ୨୯୩ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ୧ ହଜାରରୁ ଅଧିକ ଆହତ ହୋଇଥିଲେ । ଏହି ମର୍ମନ୍ତୁଦ ରେଳ ଦୁର୍ଘଟଣା ଦୋହଲାଇଦେଇଥିଲା ପୂରା ବିଶ୍ୱକୁ।ତେବେ ଘଟଣାରେ ସିବିଆଇ ଯାଞ୍ଚ ମଧ୍ୟ କରାଯାଇଥିଲା। ଅନେକ ଅଧିକାରୀଙ୍କୁ ଜେରା ମଧ୍ୟ କରାଯାଇଥିଲା। ଏହାପରେ ତିନି ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରାଯାଇଥିଲା।

## ରାଜ୍ୟର ବିଭିନ୍ନ ଅଞ୍ଚଳରେ ସାମାନ୍ୟ ବର୍ଷା ୨୫ ପର୍ଯ୍ୟନ୍ତ ଜାରି ରହିବ ଏଭଳି ସ୍ଥିତି

ଭୁବନେଶ୍ୱର(ବ୍ୟୁରୋ)

ରାଜ୍ୟର କେତେକ ଅଞ୍ଚଳରେ ବୁଧବାରଠାରୁ ସାମାନ୍ୟ ବର୍ଷା ହୋଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଜାରି ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି । ଶନିବାର ଏବଂ ରବିବାର ସକାଳୁ ସମ୍ବଲପୁର ସମେତ କିଛି ଅଞ୍ଚଳରେ ସାମାନ୍ୟଠାରୁ ଅଧିକ ବର୍ଷା ହୋଇଥିବା ସୂଚନା ମିଳିଛି।ପାହାଡ଼ିଆ ଏବଂ ସମତଳ ଅଞ୍ଚଳ ଗୁଡ଼ିକରେ ଶୀତ ସ୍ୱାଭାବିକ ରହିଥିବାବେଳେ ବିଭିନ୍ନ ଅଞ୍ଚଳରେ ଘନ କୁହୁଡି ପରିଲକ୍ଷିତ ହୋଇଛି । ଆଗାମୀ ୨/୩ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ିର ପ୍ରଭାବ ବଳବତ୍ତର ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି । ଗତକାଲି ରାଜ୍ୟର ସର୍ବନିମ୍ନ ତାପମାତ୍ରା କୋରାପୁଟଠାରେ ୯ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।

ରାଣୀତାଲରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

## ୩ ବାଇକ୍ ଆରୋହୀଙ୍କ ଚାଲିଗଲା ଜୀବନ





ଭଦ୍ରକ (ଅମୃତ ମିଡିଆ)

ଭଦ୍ରକର ରାଣୀତାଲ ହାଇଟେକ କଲେଜ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଲେଶ୍ୱର ଆଡୁ ଆସୁଥିବା ଏକ ଟ୍ରକ୍ ୩ ବାଇକ ଆରୋହୀଙ୍କୁ ପଛପଟୁ ଧକ୍କା ଦେବାରୁ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ବାଇକ ଆରୋହୀମାନେ ମାର୍କୋଣା ଆଡ଼କୁ ଯାଉଥିବା ବେଳେ ପଛରୁ ଟ୍ରକ ଧକ୍କା ଦେଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜାତୀୟ ରାଜପଥ-୧୬ରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପରିବହନ ଆପ୍ ଅନୁସାରେ ଗାଡ଼ିଟି ବାସନ୍ତୀ ପ୍ରଧାନଙ୍କର। ତାଙ୍କ ଘର ତିହିଡ଼ି ବ୍ଲକ୍ ଭାଟପଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। ମୃତକ ହେଲେ ଭାଟପଡ଼ା ଗ୍ରାମର ଜିତୁ ପ୍ରଧାନ, ବାପି ପ୍ରଧାନ ଓ ସଂକୁର ପ୍ରଧାନ। ସେମାନେ ପିଉସା ଘରକୁ ଏକାଦଶାହ କାମ ପାଇଁ ସୋର ଯାଉଥିଲେ ବୋଲି ସୂଚନା ରହିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଣୀତାଲ ହାଇଟେକ କଲେଜ ଆଗରେ ଆଜି ଦିନ ବାରଟା ସମୟରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ବାଇକରେ ଯାଉଥିବା ୩ ଜଣ ଆରୋହୀଙ୍କୁ ଏକ ଦ୍ରୁତଗାମୀ ଟ୍ରକ ଧକ୍କା ଦେଇ ଚାଲିଗଲା। ଘଟଣାସ୍ଥଳରେ ତିନିଜଣଙ୍କର ଜୀବନ ଚାଲିଯାଇଥିବା ଜଣାପଡିଛି। ସୂଚନା ଅନୁସାରେ ତିହିଡି ଭଟପଡା ଗ୍ରାମର ତିନିଜଣ ଯୁବକ ଜିତୁ ପ୍ରଧାନ, ବାପି ପ୍ରଧାନ ଓ ସଂକୁର ପ୍ରଧାନ ଏକ ▶(ପୃଷ୍ଠା-୧୫)

ଫତେଗଡ଼ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଯାଉଥିଲେ

## ଓଲଟି ପଡ଼ିଲା ଟ୍ରାକ୍ଟର : ୧୫ ଆହତ

ନୟାଗଡ଼(ଅମୃତ ମିଡିଆ)

ଆହତମାନଙ୍କୁ ଉଦ୍ଧାର କରାଯାଇ ଭାପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ସେଠାରେ କିଛି ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।ପାହାଡ଼ ଉପରେ ନିର୍ମାଣ କରାଯାଇଛି ଭବ୍ୟ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର। ସେହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବା ପାଇଁ ଟ୍ରାକ୍ଟରରେ ଯାଇଥିଲେ ଶ୍ରଦ୍ଧାଳୁ। ହେଲେ ପାହାଡ଼ ଉପରକୁ ଯାଇଥିବା ରାସ୍ତାରେ ଟ୍ରାକ୍ଟର ଡାଲା ଓଲଟି ପଡ଼ିଥିଲା। ଫଳରେ ୧୫ରୁ ଅଧିକ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ମହିଳା ଓ ଛୋଟ ପିଲା। ଆଜି ଅପରାହ୍ନରେ ଏପରି ଭୟଙ୍କର ଦୁର୍ଘଟଣା ନୟାଗଡ଼ ଜିଲ୍ଲା ଫତେଗତ ପାହାଡ଼ରେ ଘଟିଛି। ଫତେଗଡ଼ ପାହାଡ଼ ଉପରେ ନିର୍ମାଣ କରାଯାଇଛି ଭବ୍ୟ ପ୍ରଭୁ ଶ୍ରୀରାମ ମନ୍ଦିର। ଗତ ୧୭ ତାରିଖରୁ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ବିଧି ବିଧାନ ଅନୁସାରେ ପ୍ରତିଦିନ ପୂଜା ଚାଲିଛି। ଆଉ ଶ୍ରଦ୍ଧାଳୁମାନେ ପୂଜାରେ ସାମିଲ୍ ହେଉଛନ୍ତି। ମନ୍ଦିର ପର୍ଯ୍ୟନ୍ତ ଯିବା ପାଇଁ ପାହାଡ ଉପରେ ଅତି ସଙ୍କୀର୍ଣ୍ଣ ରାସ୍ତା ନିର୍ମାଣ କରାଯାଇଛି। ସେହି ରାସ୍ତାରେ ଆଜି ଏକ ଟ୍ରାକ୍ଟରରେ ୧୫ରୁ ଅଧିକ ଶ୍ରଦ୍ଧାଳୁ ଯାଉଥିଲେ। ତେବେ ମଝି ରାସ୍ତାରେ ଟ୍ରାକ୍ଟର ଡାଲା ଓଲଟି ପଡ଼ିଥିଲା। ଯାହାଫଳରେ ୧୫ରୁ ଅଧିକ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ଭାପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ସେଠାରେ କିଛି ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ଦୁର୍ଦ୍ଦଶା ଦେଖି ଲକ୍ଷେଟଙ୍କା ଦେବାକୁ ଘୋଷଣା କଲେ ରାଜ୍ୟପାଳ

ଯାଜପୁର(ଅମୃତ ମିଡିଆ)

ରାସ୍ତାରେ ଗାଡ଼ି ଅଟକାଇ ରାଜ୍ୟପାଳଙ୍କ ସମ୍ମୁଖରେ କାନ୍ଦିଲେ ସରୋଜିନୀ ରାଉତ। ଦୟନୀୟ ଅବସ୍ଥାରେ ଭଙ୍ଗା ଘରେ ରହୁଥିବା ହାତ ଯୋଡ଼ି କାକୁତି ମିନତି ହୋଇଥିଲେ। ଏହା ପରେ ରାଜ୍ୟପାଳ ସରୋଜିନୀ ରାଉତଙ୍କ ଘରକୁ ଗଲେ ଓ ଦୁର୍ଦ୍ଦଶାର ଚିତ୍ର ଦେଖିଥିଲେ। ସମବେଦନା ଦେବା ସହିତ ତାଙ୍କ ଏକ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଥିଲେ ରାଜ୍ୟପାଳ।ଓଡ଼ିଶା ମହାମହୀମ ରାଜ୍ୟପାଳ ରଘୁବର ଦାସ ଆଜି ଯାଜପୁର ଜିଲ୍ଲା ଗସ୍ତରେ ଯାଇଥିଲେ। ସେ ପ୍ରଥମେ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମାଆ ବିରଜାଙ୍କୁ ଦର୍ଶନ କରିଥିଲେ। ମାଆଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ବେଢ଼ା ପରିକ୍ରମା କରିବା ସହିତ ସେବାୟତଙ୍କ ସହ ଆଲୋଚନା କରିଥିଲେ। ତା'ପରେ ରାଜ୍ୟପାଳ ଯାଜପୁର ଟାଉନ୍ ଯାଇଥିଲେ। ସେଠାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ସମସ୍ୟାର ସମ୍ପର୍କରେ ପଚାରି ବୁଝିଥିଲେ। ରାଜ୍ୟପାଳ ଯାଜପୁର ଜିଲ୍ଲାର ଖଣ୍ଡରା ଗ୍ରାମ ପଞ୍ଚାୟତ ପରିଦର୍ଶନ କରିବା ସମୟରେ କେତେକ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇନଥିବାର ଅଭିଯୋଗ କରିଥିଲେ । ଜିଲ୍ଲା ପ୍ରଶାସନକୁ ସେମାନଙ୍କ ଅଭିଯୋଗ ଉପରେ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ପର୍ଯ୍ୟାୟ କ୍ରମେ ସମସ୍ତଂକୁ ଘର ମିଳିବ ବୋଲି ଆଶ୍ୱାସନା ଦେଇଥିଲେ। ରାଜ୍ୟପାଳ ସେଠାରୁ ଦଶରଥପୁର ବ୍ଲକ ଅଭିମୁଖେ ଯାଇଥିଲେ। ଖଣ୍ଡରା ପଞ୍ଚାୟତରେ ପ୍ରବେଶ କରୁ କରୁ ସରୋଜିନୀ ରାଉତ ନାମକ ଜଣେ ମହିଳା ରାଜ୍ୟପାଳଙ୍କ ଗାଡି ଅଟକାଇବାକୁ ଚେଷ୍ଟା କରିଥିଲେ। ଡ୍ରାଇଭର ଗାଡ଼ି ଅଟକାଇ ଥିଲେ। ରାଜ୍ୟପାଳ ଗାଡ଼ିରୁ ଓହ୍ଲାଇବା କ୍ଷଣୀ କାନ୍ଦି କାନ୍ଦି ନିଜର ଭଙ୍ଗା ଦଦରା ଘରେ ଦୟନୀୟ ଭାବେ ପରିବାର ସହ ରହୁଥିବା ସରୋଜୀନି କହିଥିଲେ। ଏହା ପରେ ରାଜ୍ୟପାଳ ତାଙ୍କ ଘର ପରିଦର୍ଶନ କରି ଏକ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଘର ମିଳିବ ବୋଲି ସରୋଜୀନିଙ୍କୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ତା'ପରେ ରାଜ୍ୟପାଳ ଅନ୍ୟ ଆବସ ହିତାଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ।

## ସେ କହିଲେ...



ଯେଉଁମାନେ ପାରଦର୍ଶିତାର ଡିଣ୍ଡିମ ପିଟୁଛନ୍ତି, ସେମାନଙ୍କୁ ଏହାର ଉତ୍ତର ଦେବାକୁ ପଡ଼ିବ। ୨୦ ହଜାର ନିଯୁକ୍ତି ବେଳେ କାହିଁକି ଏ ଅବ୍ୟବସ୍ଥା ହେଲା ? କିଛି ବନ୍ଧୁ ଭାରତ ସରକାରଙ୍କ ଏକ PSU ଏହି ପରୀକ୍ଷା କରିଛି ବୋଲି କହୁଛନ୍ତି। ମୁଁ ଏଠି ସ୍ପଷ୍ଟ କରୁଛି, ଭାରତ ସରକାରଙ୍କ ପରୀକ୍ଷା ଏଜେନ୍ସି ହେଲା NTA। କାହା ପାଖରେ କିଛି ଭୁଲ ଖବର ଥିବ, ମୁଁ କିଛି କହିବାକୁ ଚାହୁଁନି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ବଳରେ NTA ସଂସ୍ଥା ତିଆରି କରାଯାଇଛି। ଏଡିସିଲର କାମ ନୁହେଁ ଇଣ୍ଟରଭିଉ ଆଦି କାର୍ଯ୍ୟ କରିବା। ପୂର୍ବରୁ ଏଡିସିଲକୁ ନେଇ ଅଭିଯୋଗ ଆସିଥିଲା। କାର୍ଯ୍ୟାନୁଷ୍ଠାନ ନେଇଥିଲି। ଏଡିସିଲ୍‌ର ବାହାନା ନେଇ ଓଡ଼ିଆ ପିଲାଙ୍କ ନିଯୁକ୍ତିର ଅସ୍ପଷ୍ଟତା ନ ରହୁ।

ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ରମନ୍ତ୍ରୀ

## ଜନବସତିମୁହାଁ ବଣୁଆ ହାତୀକୁ ଘଉଡ଼ାଇବେ ପ୍ରଶିକ୍ଷିତ ହାତୀ

ଭୁବନେଶ୍ୱର(ବ୍ୟୁରୋ)

ପାଠ ପଢ଼ିବେ ହାତୀ। ନେବେ କୁମ୍‌କି ତାଲିମ। ଜନବସତି ମୁହାଁ ବଣୁଆ ହାତୀକୁ ଘଉଡ଼ାଇବେ। ରାଜ୍ୟରେ ହାତୀ-ମଣିଷ ସଂଘର୍ଷ ପ୍ରତିହତ ଲାଗି ଏଭଳି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛି ବନ ବିଭାଗ। ବନ୍ୟପ୍ରାଣୀ ପିସିସିଏଫ୍ କହିଛନ୍ତି ସୁଶାନ୍ତ ନନ୍ଦ, ପ୍ରାରମ୍ଭିକ ଭାବେ ଚନ୍ଦକା, ସାତକୋଶିଆ, କପିଳାସ ଓ ଶିମିଳିପାଳରେ ଖୋଲିବ ହାତୀ ପାଠଶାଳା। ପରବର୍ତ୍ତୀ ସମୟରେ ଦେବ୍ରିଗଡ଼ ଅଭୟାରଣ୍ୟରେ ଦିଆଯିବ ଟ୍ରେନିଂ। ହାତୀଙ୍କୁ ଟ୍ରେନିଂ ଦେବାକୁ ରାଜ୍ୟରେ ମାହୁନ୍ତଙ୍କ ଅଭାବ ଥିବାରୁ ଅନ୍ୟ ରାଜ୍ୟରୁ ମାହୁନ୍ତ ଆଣିବାକୁ ସ୍ଥିର ହୋଇଛି। ହାତୀଙ୍କୁ ତାଲିମ ଦିଆଯିବା କିଛି ନୂଆ କଥା ନୁହେଁ। ୯୦ ଦଶକରେ ଶିମିଳିପାଳ ଓ ଚନ୍ଦକାରେ ହାତୀଙ୍କୁ ଟ୍ରେନିଂ ଦେବା ବ୍ୟବସ୍ଥା ହୋଇଥିଲା। ମାତ୍ର କାଳକ୍ରମେ ଏହା ନିଷ୍କ୍ରୀୟ ହୋଇଯାଇଥିଲା। ତେବେ ବିଭିନ୍ନ କାରଣକୁ ନେଇ ହାତୀଙ୍କୁ ଟ୍ରେନିଂ ଦେବା ଲାଗି ବନବିଭାଗ ପୁଣି ନିଷ୍ପତ୍ତି ନେଇଛି। ଜଙ୍ଗଲର ସୁରକ୍ଷା, ଘଞ୍ଚ ଜଙ୍ଗଲରେ ରାସ୍ତା ସଫା, ବିପଦରେ ପଡ଼ିଥିବା ବଣ୍ୟଜନ୍ତୁଙ୍କୁ ଉଦ୍ଧାର, ବଣୁଆ ଜୀବଜନ୍ତୁଙ୍କୁ ଟ୍ରାଙ୍କୁଲାଇଜ କରି କାବୁ କରିବା ଏବଂ ଶିକାରୀଙ୍କ ଜବତ ସାମଗ୍ରୀ ପରିବହନରେ ଏମାନଙ୍କୁ ବ୍ୟବହାର କରାଯିବ।ପ୍ରଶିକ୍ଷଣ ଲାଗି କପିଳାସ ଚିଡିଆଖାନାରୁ ୫ଟି ହାତୀଙ୍କୁ ଚନ୍ଦକା ଅଭୟାରଣ୍ୟକୁ ଅଣାଯିବ। ତେବେ ସେଠାରେ ଥିବା ୭ଟିରୁ ୫ଟି ହାତୀଙ୍କୁ ଆଣିବା ଲାଗି ବନ ବିଭାଗ ଯୋଜନା କରିଥିବାରୁ ପର୍ଯ୍ୟଟକ କ'ଣ ଦେଖିବେ ବୋଲି ପ୍ରଶ୍ନ କରିଛନ୍ତି ପରିବେଶବିତ।ସେପଟେ ହାତୀ ଚଲାପଥ ଅବରୋଧ ଓ ଜଙ୍ଗଲହ୍ରାସ କାରଣରୁ ହାତୀ ଅନେକ ସମୟରେ ଗାଁ ଓ ସହର ଭିତରକୁ ପଳାଇ ଆସିବା ଦ୍ୱାରା ଧନଜୀବନ ନିଷ୍ଟ ହେଉଛି। ଜନବସତିକୁ ପଶି ଆସୁଥିବା ହାତୀଙ୍କୁ ଘଉଡାଇବାରେ ପ୍ରଶିକ୍ଷିତ ହାତୀ ବେଶ ଉପଯୋଗୀ ହେବେ ବୋଲି ଜଙ୍ଗଲ ବିଭାଗ ଆଶା ରଖିଛି।

## ଦୁଇ ଆଇଜିଙ୍କ ସମେତ ୨୦ ପୋଲିସ୍ କର୍ମଚାରୀଙ୍କୁ ମିଳିବ ରାଜ୍ୟପାଳ ପଦକ






ଭୁବନେଶ୍ୱର(ବ୍ୟୁରୋ)

୨୦୨୩ ବର୍ଷ ପାଇଁ ୨ ଜଣ ଆଇଜିଙ୍କ ସମେତ ମୋଟ ୨୦ ଜଣ ପୁଲିସ୍ କର୍ମଚାରୀଙ୍କୁ ପ୍ରଦାନ କରାଯିବ ରାଜ୍ୟପାଳ ପଦକ। ବିଭିନ୍ନ ବର୍ଗରେ ଏହି ୨୦ ଜଣ ପୁଲିସ୍ କର୍ମଚାରୀଙ୍କୁ ରାଜ୍ୟପାଳ ପଦକ ପ୍ରଦାନ କରାଯିବା ପାଇଁ ବଛା ଯାଇଛି।ପ୍ରଥମ ବର୍ଗ (ଅତିରିକ୍ତ ଡିଜିପି/ ଆଇଜିପି/ଡିଆଇଜିପି)ରେ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଓ କ୍ରାଇମବ୍ରାଞ୍ଚ ଆଇଜି ସଫିନ ଅହମ୍ମଦ ରାଜ୍ୟପାଳ ପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି।ଦ୍ୱିତୀୟ ବର୍ଗ (ଏସ୍‌ପି/ ଏଆଇଜିପି/କମାଣ୍ଡାଣ୍ଟ/ଡେପୁଟି କମାଣ୍ଡାଣ୍ଟ)ରେ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଓ ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ପାଇବେ ଏହି ପଦକ।ତୃତୀୟ ବର୍ଗ (ଅତିରିକ୍ତ ଏସ୍‌ପି/ ଡିଏସ୍‌ପି/ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ)ରେ ବରିଷ୍ଠ ଓପିଏସ ଅଫିସର ତଥା ବିପିଏସ୍‌ପିଏର ଅତିରିକ୍ତ ଏସ୍‌ପି ଉଦୟଭାନୁ ମିଶ୍ର ଓ ୟୁପିଡି ଏସିପି ମାନସ ଗଡ଼ନାୟକ ଏହି ପୁରସ୍କାର ପାଇବେ।ଚତୁର୍ଥ ବର୍ଗ (ଇନ୍ସପେକ୍ଟର/ରିଜର୍ଭ ଇନ୍ସପେକ୍ଟର/ ସୁବେଦାର ମେଜର/ସୁବେଦାର)ରେ କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ଅନୀଲ ଆନନ୍ଦ, ଗଂଜାମ ପାଟପୁର ଥାନା ଇନ୍ସପେକ୍ଟର ସବ୍ୟସାଚୀ ମଲ୍ଲ ଓ ସମ୍ବଲପୁର ଭିଜିଲାନ୍ସ ଡିଭିଜନ ଇନ୍ସପେକ୍ଟର ହେମାମାଳିନୀ ନାୟକ ପାଇବେ ରାଜ୍ୟପାଳ ପଦକ।ପଞ୍ଚମ ବର୍ଗ (ଏସ୍‌ଆଇ/ସର୍ଜେଣ୍ଟ/ଡ୍ରିଲ୍ ସବ୍-ଇନ୍ସପେକ୍ଟର/ଡେପୁଟି ସୁବେଦାର)ରେ ରାଉରକେଲା ଚତୁର୍ଥ ବାଟାଲିୟନର ପୁଲିସ୍ ଏସଆଇ (ସଶସ୍ତ୍ର) ଦିଲ୍ଲୀପ ନାୟକ, ଭୁବନେଶ୍ୱର କମିଶନରେଟ ପୁଲିସ ଏସଆଇ ଯୁଗଳ ଚରଣ ସ୍ୱାଇଁ, ସମ୍ବଲପୁର ଭିଜିଲାନ୍ସ ଡିଭିଜନ ଏସଆଇ ସଂଜୟ ପଟ୍ଟନାୟକ ପାଇବେ ରାଜ୍ୟପାଳ ପଦକ।ଷଷ୍ଠ ବର୍ଗ (ଏଏସ୍‌ଆଇ/ହାବିଲଦାର/ହାବିଲଦାର ମେଜର)ରେ ଏଏସଆଇ ବିକାଶ ପାତ୍ର, ପ୍ରଜାପତି ମେହେର ଓ ପ୍ରଶାନ୍ତ ବିଶ୍ୱାଳ ପାଇବେ ଏହି ସମ୍ମାନଜନକ ପଦକ।ସପ୍ତମ ବର୍ଗ (କନଷ୍ଟେବଲ/ ସିପାହୀ/ଆସିଷ୍ଟାଣ୍ଟ ଡ୍ରାଇଭର)ରେ କନଷ୍ଟେବଲ ରମେଶ ସାହୁ, ସନାତନ ସାହୁ, ନରେଶ କୁମାର ଚୌଧୁରୀ, ସିପାହୀ ବିଶ୍ୱକର୍ମା ମୁଣ୍ଡା ଓ କେଦାରନାଥ ମିଶ୍ର ପାଇବେ ରାଜ୍ୟପାଳ ପଦକ।



ଅମୃତ ଦୁନିଆ





ଯଦି ନକରାତ୍ମକ ପରିସ୍ଥିତିରେ ସର୍ବଦା ସକରାତ୍ମକ ମନୋଭାବ ବଜାୟ ରଖନ୍ତି ତେବେ ଏହି ବିଜୟ ହେବ ଆପଣଙ୍କର

**ଶୁଭ ସକାଳ**



# ହଦଗଡ଼ ଡ୍ୟାମ୍






*ଏହି ଜଳଭଣ୍ଡାରର ଗଭୀରତା ହେଉଛି ୨୭୨ ଫୁଟ୍। ସମଗ୍ର ବାଲଶ୍ୱରରେ ଜଳସେଚନ ବ୍ୟବସ୍ଥା କରିବା ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ ଏହି ଡ୍ୟାମ୍ ନିର୍ମାଣ କରାଯାଇଥିଲା।*

ଆପଣ ଯଦି ବୁଲିବାକୁ ଭଲ ପାଉଥାନ୍ତି, ତାହାଲେ ବହୁତ ଗୁଡ଼ିଏ ଜାଗା ବୁଲିଥିବେ ନିଶ୍ଚୟ। ଓଡ଼ିଶା ବାହାରେ ହେଉ ବା ଓଡ଼ିଶା ଭିତରେ ବହୁତ ଭଲ ଏବଂ ସୁନ୍ଦର ବୁଲିବା ସ୍ଥାନ ସବୁ ରହିଛି। କେବଳ ଭାବନ୍ତୁ ନାହିଁ ଯେ, ବୁଲିବାକୁ ହେଲେ ଆମକୁ ଓଡ଼ିଶା ବାହାରକୁ ହିଁ ଯିବାକୁ ପଡ଼ିବ। ଓଡ଼ିଶା ଭିତରେ ମଧ୍ୟ ଏପରି ସ୍ଥାନ ସବୁ ରହିଛି ଯେଉଁଠିକୁ ନ ଗଲେ ଆପଣ ନିଜ ଆଖିକୁ ବିଶ୍ୱାସ କରିପାରିବେ ନାହିଁ। ତେବେ ଆମେ ଆଜି ସେହିପରି ଏକ ଜାଗା ବିଷୟରେ କହିବାକୁ ଯାଉଛୁ ଯେଉଁଠିକୁ ଆପଣ ଗଲେ ଆସିବାକୁ ଇଚ୍ଛା ହେବ ନାହିଁ। ଆପଣ କେନ୍ଦୁଝର ଜିଲ୍ଲାର ହଦଗଡ଼ ଡ୍ୟାମ୍ ବୁଲି ଯାଇ ସେଠାକାର ପ୍ରାକୃତିକ ପରିବେଶକୁ ଉପଭୋଗ କରିପାରିବେ। ଆପଣ ଜାଣନ୍ତୁ ସେହି ହଦଗଡ଼ ଡ୍ୟାମ୍ ? ବିଷୟରେ। ଇତିହାସ ୧୯୭୮ ମସିହାରେ ନିର୍ମିତ ହୋଇଥିଲା ହଦଗଡ଼ ଡ୍ୟାମ୍। ଏହି ଡ୍ୟାମ୍‌ଟି ହଦଗଡ଼ ହସ୍ତି ଅଭୟାରଣ୍ୟ ଭିତରେ ଅବସ୍ଥିତ। ପିତାନଭ ଏବଂ ବଉଳା ନାମକ ଦୁଇ ପାହାଡ଼ ମଧ୍ୟରେ ଏହି ଡ୍ୟାମ୍‌କୁ ନିର୍ମାଣ କରାଯାଇଛି। ଡ୍ୟାମ୍‌ର ଦୁଇ ପଟେ ସୁଉଚ୍ଚ ସବୁଜ ପାହାଡ଼ ରହିଛି। ଆଉ ଏହାର ମଝିରେ ଶାଳନ୍ଦି ନଦୀ। ଆଉ ଏହି ନଦୀ ଉପରେ ହଦଗଡ଼ ଡ୍ୟାମ୍ ନିର୍ମାଣ କରାଯାଇଛି। ସେଠାକୁ ଗଲେ ଆପଣ ଏହି ସୁନ୍ଦର ପରିବେଶ ମନ ଭରି ଉପଭୋଗ କରି ପାରିବେ। ନଦୀର କୁଳୁକୁଳୁ ଶବ୍ଦ ଆପଣଙ୍କ ମନକୁ ବିମୋହିତ ନିଶ୍ଚୟ କରିବ। ଏହି ଜଳଭଣ୍ଡାରର ଗଭୀରତା ହେଉଛି ୨୭୨ ଫୁଟ୍। ସମଗ୍ର ବାଲଶ୍ୱରରେ ଜଳସେଚନ ବ୍ୟବସ୍ଥା କରିବା ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ ଏହି ଡ୍ୟାମ୍ ନିର୍ମାଣ କରାଯାଇଥିଲା। ଆପଣ ଏହି ଡ୍ୟାମ୍ ଉପରେ ଠିଆ ହୋଇ ଜଳଭଣ୍ଡାରର ଗୋଟିଏ ଦିଗକୁ ଦେଖିଲେ ଆଖି ପାଇବ ନାହିଁ। ଏହାର ବହୁ ଦୂର ପର୍ଯ୍ୟନ୍ତ ଆପଣଙ୍କୁ ସାଳନ୍ଦି ନଦୀ ଏବଂ ପର୍ବତମାଳା ଦେଖାଯିବ। ସେଠାକାର ଥଣ୍ଡା ପବନ ଆପଣଙ୍କୁ ମାନସିକ ଶାନ୍ତି ନିଶ୍ଚିନ୍ତ ଦେବ।





# ଡଲ୍‌ସ ଆଇଲ୍ୟାଣ୍ଡ୍

ବିଶ୍ୱରେ ଏମିତି ବହୁତ ସ୍ଥାନ ଅଛି ଯାହା ଭୟାନକ ହେବା ସହିତ ରୋଚକ ମଧ୍ୟ। ସେଥିମଧ୍ୟରୁ ମେକ୍ସିକୋର ଜୋଚିମିକୋର କେନାଲ ମଧ୍ୟରେ ଏମିତି ଏକ ଦ୍ୱୀପ ଅଛି ଯାହା ଖୁବ୍ ଭୟାନକ। ସେଠାରେ ଗଛମାନଙ୍କରେ ଶହ ଶହ କଣ୍ଢେଇ ଝୁଲି ରହିଥିବାର ଦେଖାଯାଏ। ଲୋକମାନେ ଦିନରେ ବି ଆସିବାକୁ ଭୟ କରିଥାଆନ୍ତି। ଏହି ଛୋଟ ଦ୍ୱୀପଟି ଇସଲା ଦେ ଲାସ୍ ମୁନେକାସ୍ ଭାବରେ ଜଣାଶୁଣା। ଗଛରେ ଝୁଲି ରହିଥିବା କଣ୍ଢେଇଗୁଡ଼ିକ ଦେଖିବାକୁ ଖୁବ୍ ଭୟଙ୍କର। କାହାର ମୁଣ୍ଡ ନାହିଁ ତ କାହାର ଗୋଡ଼। କାହାର ଆଖି ଫୁଟିଯାଇଛି ତ କାହାର ମୁଣ୍ଡ ବୁଲି ଯାଇଥିବାର ଦେଖିବାକୁ ମିଳେ। ଏପରି ଭୟାନକ ପରିବେଶ ସୃଷ୍ଟି ପଛରେ ଏକ କାହାଣୀ ରହିଛି। ସେଣ୍ଟାନା ବରେରା ନାମକ ଜଣେ ବ୍ୟକ୍ତି ଏକାକୀ ଜୀବନ ବିତାଇବା ପାଇଁ ଏହି ଦ୍ୱୀପକୁ ଆସିଥିଲେ। ସେଠାରେ ସେ ଥିବାବେଳେ ଏକ ପରିବାର ମିଶି ବୁଲିବାକୁ ଯାଇଥିଲେ। ସେଣ୍ଟାନାଙ୍କ ଆଖି ଆଗରେ ସେହି ପରିବାରର ଝିଅଟି ପାଣିରେ ବୁଡ଼ି ଯାଉଥିବା ଦେଖି ତା'କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଝିଅଟି ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲା। ଏହାପରେ ଝିଅଟି ଆତ୍ମା ହୋଇ ତାଙ୍କୁ ହଇରାଣ କରିବାକୁ ଚେଷ୍ଟା କରିଥିଲା। ଏହାର ପ୍ରତିକାର ପାଇଁ ତାଙ୍କୁ ଗଛରେ ବହୁତଗୁଡ଼େ କଣ୍ଢେଇ ଝୁଲେଇବାକୁ କୁହାଯାଇଥିଲା। ଏହାପରେ ସେ ୧୫୦୦ କଣ୍ଢେଇ ଆଣି ଗଛଗୁଡ଼ିକରେ ଝୁଲାଇଥିଲେ। ତାଙ୍କ ମୃତ୍ୟୁ ପରେ ଯିଏ ବି ସେଠାକୁ ବୁଲିବାକୁ ଯାଆନ୍ତି ସମସ୍ତେ କଣ୍ଢେଇ ଝୁଲେଇ ଆସିଥାଆନ୍ତି। ୧୯୮୭ ମସିହାରେ ୟୁନେସ୍କୋ ପକ୍ଷରୁ ଏହି ଦ୍ୱୀପକୁ ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ଦିଯାଇଛି।

# ପରିବର୍ତ୍ତନକାରୀ ବସ୍

ଜାପାନ୍‌ରେ ଏକ ବସ୍ ଉନ୍ମୋଚିତ ହୋଇଛି, ଯାହା ସମସ୍ତଙ୍କୁ ଚକିତ କରିଦେଇଛି। କାରଣ ଏହି ବସ୍ ରାସ୍ତାରେ ତ ଚାଲିପାରେ ତା'ସହ ରେଳ ଟ୍ରାକ୍ ଉପରେ ଟ୍ରେନ୍ ପରି ମଧ୍ୟ ଚାଲିପାରେ। ଜାପାନ୍ ?ର କାଇଓରେ ଏହି ବସ୍-ଟ୍ରେନ୍‌ର ହାଇବ୍ରିଡ୍ ପ୍ରଦର୍ଶିତ ହୋଇଥିଲା। ନିଜର ରବର ଟାୟର ସହାୟତାରେ ରାସ୍ତା ଉପରେ ଚାଲିପାରିବା ସହ ଏଥିରେ ଥିବା ଟ୍ରେନ୍ ମୋଡ୍‌କୁ ଗଲେ ଲୁହାର ଚକ ଆପେ ବାହାରିଆସେ ଓ ରବର ଚକ ଉପରକୁ ଉଠିଯାଏ। ଫଳରେ ଏହା ରେଳ ଟ୍ରାକ୍‌ରେ ବି ଚାଲିପାରେ। ଏହି ବସ୍‌ଟି ତା'ର ପରିବର୍ତ୍ତନ ପାଇଁ ମାତ୍ର ୫ସେକେଣ୍ଡ୍ ସମୟ ନେଇଥାଏ। ଏହା ଡିଜେଲ୍‌ରେ ଚାଲିବ ଓ ବିଭିନ୍ନ ରଙ୍ଗରେ ଉପଲବ୍ଧ ହେବ। ଏକାଥରେ ୨୧ ଜଣ ଯାତ୍ରୀଙ୍କୁ ନେଇ ଘଣ୍ଟା ପ୍ରତି ୬୦ କି.ମି ବେଗରେ ଏହି ଗାଡ଼ିଟି ଯାଇଥାଏ। ଏହି ବସ୍ ? ଚାଲିବା ଫଳରେ ଲୋକଙ୍କ ଅନେକ ସମସ୍ୟା ଦୂର ହେବ ବୋଲି କମ୍ପାନି ଆଶା କରିଛି।



# ଓଜନ ହ୍ରାସ

ଏହି ଖାଦ୍ୟ ଖାଇବା ଦ୍ୱାରା ଓଜନ ହ୍ରାସ ସହ ମିଳିଥାଏ ଅନେକ ଶାରୀରିକ ସୁବିଧା ଆମେ ଜାଣନ୍ତି ଯେ ଓଜନ ହ୍ରାସ କରିବା ପାଇଁ ଆମକୁ କିଛି ନା କିଛି ଖାଇବା ଛାଡ଼ିବାକୁ ପଡ଼ିଥାଏ। ମାତ୍ର ଏମିତି କିଛି ଖାଦ୍ୟ ଅଛି, ଯାହାକୁ ଖାଇବା ଦ୍ୱାରା ଓଜନ ହ୍ରାସ କରାଯାଇପାରେ। ଗରମରେ କାକୁଡ଼ି ଖାଇବାକୁ ପ୍ରାୟ ଅଳ୍ପବହୁତ ସମସ୍ତେ ପସନ୍ଦ କରନ୍ତି। ମାତ୍ର ଆପଣ ଏକଥା ଜାଣନ୍ତି କି ଏହା ଆପଣଙ୍କୁ ଓଜନ ହ୍ରାସ କରିବାରେ ବି ସାହାଯ୍ୟ କରିଥାଏ। ଓଜନ ହ୍ରାସ କରିବାକୁ ଚାହୁଁଥିଲେ ଯଥେଷ୍ଟ ପରିମାରଣ କାକୁଡ଼ି ଖାଆନ୍ତୁ। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଅଣ୍ଟା ବି ପତଳା ହେବ। ଯଦି ଆପଣ ନିୟମିତ ଭାବେ କାକୁଡ଼ି ଖାଇବେ ତ ଆପଣଙ୍କ ପାଚନଶକ୍ତି ଭଲ ରହିବ, ଯାହାକି ଆପଣଙ୍କୁ ଫିଟ୍ ରଖିବା ପାଇଁ ସାହାଯ୍ୟ କରିବ। କାକୁଡ଼ିକୁ 'ଜିରୋ ଫ୍ୟାଟ୍' ଖାଦ୍ୟ ବୋଲି କୁହାଯାଏ। ଏଥିପାଇଁ ଆପଣ ବିନା ଟେନ୍‌ସନ୍‌ରେ ଯେତେ ଇଚ୍ଛା ସେତେ କାକୁଡ଼ି ଖାଇପାରିବେ। କାକୁଡ଼ି ଶରୀରରେ ଥିବା ବିଷାକ୍ତ ସାମଗ୍ରୀଙ୍କୁ ବାହାରକୁ କାଢ଼ିବାରେ ସହାୟ ହୋଇଥାଏ। ଏହାକୁ ଖାଇଲେ ଓଜନ ହ୍ରାସ ହେବା ସଙ୍ଗେ ସଙ୍ଗେ ତ୍ୱଚା ଉଜ୍ଜ୍ୱଳ ଦିଶିଥାଏ ମଧ୍ୟ। କାକୁଡ଼ିରେ ଅଧିକ ପରିମାଣର ଫାଇବର ଥାଏ। ଏଥିପାଇଁ ଏହା ଶରୀରକୁ ସୁସ୍ଥ ରଖିବା ପାଇଁ ବି ସବୁଠାରୁ ଭଲ ଖାଦ୍ୟ। ଏହାକୁ ନିୟମିତ ଖାଇବା ଦ୍ୱାରା ଲିଭର, କିଡ୍‌ନୀ ଆଦି ସୁସ୍ଥ ରହେ ବୋଲି ବିଶେଷଜ୍ଞମାନେ କହିଥାନ୍ତି। ଏଥିରେ ଭରପୂର ପରିମାଣର ଆଣ୍ଟିଅକ୍ସିଡେଣ୍ଟ୍, ମିନେରାଲ୍‌ସ ଏବଂ ଭିଟାମିନ୍ ରହିଛି। ଏହା କେବଳ ଆପଣଙ୍କୁ ଓଜନ ହ୍ରାସ ନୁହେଁ, ବରଂ ଆହୁରି ଅନେକ ଦିଗରେ ଫାଇଦା ଦେଇଥାଏ।

# ସୁସ୍ଥ ହୃଦୟ ପାଇଁ



ରିସର୍ଚ୍ଚ ଅନୁସାରେ ଯେଉଁ ଲୋକମାନେ ହେଲଦି ଡାଏଟକୁ ଫୋଲୋ କରନ୍ତି, ସେମାନଙ୍କ ମଧ୍ୟରେ ହୃଦୟ ସମ୍ବନ୍ଧୀୟ ରୋଗର ବିପଦ ୩୧ ପ୍ରତିଶତ ପର୍ଯ୍ୟନ୍ତ କମ ଥାଏ। ହେଲଦି ଡାଏଟ ଶରୀରକୁ ମଜବୁତ କରିବା ସହ ବିଭିନ୍ନ ରୋଗରେ ଲଢ଼ିବା ପାଇଁ କ୍ଷମତା ଦେଇଥାଏ। ବର୍ତ୍ତମାନର ଖରାପ ଡାଏଟ ଏବଂ ଲାଇଫଷ୍ଟାଇଲ ଆମ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଛି। ଷ୍ଟ୍ରୋକ ଏବଂ ହାର୍ଟଆଟାକ ଭଳି ହୃଦୟ ସମ୍ବନ୍ଧୀୟ ରୋଗର ବିପଦ ବୟସ୍କ ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ଯୁବପିଢ଼ି ପର୍ଯ୍ୟନ୍ତ ପହଞ୍ଚିଯାଇଛି। ହୃଦୟକୁ ସୁସ୍ଥ ରଖିବା ପାଇଁ ୱାର୍କଆଉଟ ସହିତ ଡାଏଟର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିଛି। ହେଲଦି ଡାଏଟ ଶରୀରକୁ ମଜବୁତ କରିବା ସହ ବିଭିନ୍ନ ରୋଗରେ ଲଢ଼ିବା ପାଇଁ କ୍ଷମତା ଦେଇଥାଏ



**ଅଖରୋଟ:**

ଅଖରୋଟରେ ଓମେଗା ୩ ଫ୍ୟାଟି ଏସିଡ ମିଳିଥାଏ। ଏହା ଆମ ଶରୀର କୋଲେଷ୍ଟ୍ରଲ ଲେଭଲକୁ କମ କରିଥାଏ। ପ୍ରତ୍ୟେକ ଦିନ ଅଖରୋଟ ଖାଇବା ଦ୍ୱାରା ଶିରାପ୍ରଶିରା ଫୁଲିଥିଲେ ଏହାକୁ କମ କରାଯାଇ ପାରିବ। ଅଖରୋଟର ହେଲଦି ଫ୍ୟାଟ୍ସ ଦ୍ୱାରା ହୃଦୟ ସୁସ୍ଥ ରହିଥାଏ।

**କମଳା:**

ହାଇ ବ୍ଲଡ ପ୍ରେସର ମଧ୍ୟ ହୃଦୟ ସମ୍ବନ୍ଧୀୟ ରୋଗର ସଂକେତ ହୋଇପାରେ। ଉଚ୍ଚ ରକ୍ତଚାପ ହୋଇଥିଲେ କମଳା ଲାଭଦାୟକ ପ୍ରମାଣିତ ହୋଇଥାଏ। ଏଥିରେ ଭିଟାମିନ ସି ବ୍ୟତୀତ ପ୍ରୋଟିନ ଫାଇବର ରହିଥାଏ, ଯାହା କୋଲେଷ୍ଟ୍ରଲକୁ କମ କରିଥାଏ। ଏହାକୁ ନିୟମିତ ଭାବେ ଖାଇବା ଦ୍ୱାରା ଉଚ୍ଚ ରକ୍ତ ଚାପ ସମସ୍ୟା ଦୂର ହୋଇଥାଏ।

**ଅଳସୀ:**

ଅଳସୀରେ ଆଣ୍ଟି ଅକ୍ସିଡାଣ୍ଟ ଭରପୁର ଥାଏ। ଅଳସୀକୁ ଡାଏଟରେ ସାମିଲ କରିବା ଦ୍ୱାରା ରକ୍ତ ପ୍ରବାହ ଠିକ ରହିଥାଏ। ଶରୀରରେ ଫାଇବର ଓ ଫାଇଟୋ କେମିକାଲ୍ସର ଅଭାବକୁ ପୂରା କରିବାରେ ଅଳସୀ ଲାଭଦାୟକ ହୋଇଥାଏ। ଏହାକୁ ଡାଏଟରେ ସାମିଲ କରିବା ଦ୍ୱାରା ଅନେକ ଲାଭ ମିଳିଥାଏ।

**ସବୁଜ ପନିପରିବା:**

ସବୁଜ ପନିପରିବାରେ ଭିଟାମିନ୍ସ ଏବଂ ମିନେରାଲ୍ସ ଭରପୁର ମାତ୍ରାରେ ମିଳିଥାଏ। ଏହା ବ୍ୟତୀତ ଏଥିରେ ନାଇଟ୍ରେଟ ମଧ୍ୟ ମିଳିଥାଏ। ହୃଦୟକୁ ସୁସ୍ଥ ରଖିବା ପାଇଁ ପାଳଙ୍ଗ, ବିନ୍ସ, ସୋରିଷ ଶାଗ ଏବଂ ମେଥିକୁ ଡାଏଟରେ ସାମିଲ କରିବା ଜରୁରୀ। ଏହାକୁ ଖାଇବା ଦ୍ୱାରା ଶରୀରରେ ଆଇରନ ଅଭାବ ଦୂର ହୋଇଥାଏ।

- ଏଥିରେ ଅନେକ ପୋଷକ ତତ୍ତ୍ୱ ରହିଛି
- ଏଥିରେ ଅନେକ କ୍ୟାଲୋରୀ ମଧ୍ୟ ରହିଛି
- ବାଜରା କୋଲେଷ୍ଟେରୋଲ୍ ସ୍ତରକୁ ମଧ୍ୟ ନିୟନ୍ତ୍ରଣ କରି ରଖିଥାଏ

# ଗଣ୍ଠି ଯନ୍ତ୍ରଣା







ଯଦି ୟୁରିକ୍ ଏସିଡ୍ ସମସ୍ୟା ବଢ଼େ, ତେବେ ଗଣ୍ଠି ଯନ୍ତ୍ରଣା ଏବଂ ଆଙ୍ଗୁଠିରେ କ୍ରିଷ୍ଟାଲ ସୃଷ୍ଟି ହେବା ଆରମ୍ଭ କରେ। ଏପରି ପରିସ୍ଥିତିରେ ଆପଣଙ୍କୁ ଯନ୍ତ୍ରଣା ଏବଂ ଫୁଲା ଭଳି ସମସ୍ୟାକୁ ସାମ୍ନା କରିବାକୁ ପଡିବ। ଏହାକୁ ଦୂରେଇବା ପାଇଁ, ଆପଣ କିଛି ଡେଲି ଆକ୍ଟିଭିଟିଜ୍ ? ଏବଂ ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ କରନ୍ତୁ। ବର୍ତ୍ତମାନର ଜୀବନଶୈଳୀ ପାଇଁ ଆମ ସ୍ୱାସ୍ଥ୍ୟ ସର୍ବଦା ଖରାପ ହେଉଛି ଏବଂ ଆମେ ଅନେକ ରୋଗର ସମ୍ମୁଖୀନ ହେଉଛୁ। ଏପରି ଅନେକ ସମସ୍ୟା ମଧ୍ୟରୁ ୟୁରିକ୍ ଏସିଡ୍ ସମସ୍ୟା ଅନ୍ୟତମ। ଯଦି ଏହି ସମସ୍ୟା ବଢ଼େ, ତେବେ ଗଣ୍ଠି ଯନ୍ତ୍ରଣା ଏବଂ ଆଙ୍ଗୁଠିରେ କ୍ରିଷ୍ଟାଲ ସୃଷ୍ଟି ହେବା ଆରମ୍ଭ କରେ। ଏପରି ପରିସ୍ଥିତିରେ ଆପଣଙ୍କୁ ଯନ୍ତ୍ରଣା ଏବଂ ଫୁଲା ଭଳି ସମସ୍ୟାକୁ ସାମ୍ନା କରିବାକୁ ପଡିବ। ତେବେ ଏହାକୁ ଦୂରେଇବା ପାଇଁ, ଆପଣ କିଛି ଡେଲି ଆକ୍ଟିଭିଟିଜ୍ ? ଏବଂ ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ କରନ୍ତୁ। ଏହାର ପ୍ରଭାବ କିଛି ଦିନ ମଧ୍ୟରେ ଆପଣ ଜାଣି ପାରିବେ। ଓଜନ ବୃଦ୍ଧି ସହିତ ଅନେକ ସମସ୍ୟା ବଢ଼ିଥାଏ, ସେଥିମଧ୍ୟରୁ ଅନିୟନ୍ତ୍ରିତ ୟୁରିକ୍ ଏସିଡ୍ ଅନ୍ୟତମ। ଯଦି ଆପଣଙ୍କର ଓଜନ ଠିକ ରହେ ତେବେ ୟୁରିକ୍ ଏସିଡ୍ ଧୀରେ ଧୀରେ କମିବା ଆରମ୍ଭ କରିବ। ଏଥିପାଇଁ ସୁସ୍ଥ ଖାଦ୍ୟ ଗ୍ରହଣ କରନ୍ତୁ ଏବଂ ଫିଜିକାଲ ଆକ୍ଟିଭିଟିଜ୍ ବଢ଼ାଇବା ଜରୁରୀ।



# ତ୍ୱଚାର ସୌନ୍ଦର୍ଯ୍ୟ

ବରଫକୁ ବିଭିନ୍ନ କାମ ପାଇଁ ବ୍ୟବହାର କରାଯାଏ। ଖରାଦିନେ ତ୍ୱଚାରେ ବରଫ ଲଗାଇବା ଦ୍ୱାରା ଅନେକ ଉପକାର ମିଳିଥାଏ। ସୁନେଲି ରଙ୍ଗର ତ୍ୱଚା ପାଇଁ ବରଫ ଖଣ୍ଡକୁ ଏକ ସୂତା କପଡାରେ ରଖି ୩୦ ସେକେଣ୍ଡ ଯାଏଁ ମାଲିସ କରନ୍ତୁ। ସିଧାସଳଖ ବରଫକୁ ନିଜ ତ୍ୱଚାରେ ଲଗାନ୍ତୁ ନାହିଁ। ଖରାସମୟରେ ସନବର୍ନର ସମସ୍ୟା ଅଧିକ ହୋଇଥାଏ। ତେଣୁ ଘରୁ ବାହାରକୁ ଯିବା ପୂର୍ବରୁ ତ୍ୱଚାରେ ତୁଳସୀପତ୍ରର ବରଫ ପ୍ରସ୍ତୁତ କରି ଏହାକୁ ତ୍ୱଚାରେ ମାଲିସ କରନ୍ତୁ। କମ୍ପ୍ୟୁଟର –ଲାପଟପ୍‌ରେ କାମ କରିବା ଦ୍ୱାରା ଆଖି ଅଧିକ ଥକ୍କିବା ଭଳି ଅନୁଭବ ହୋଇଥାଏ। ଶୋଇବା ପୂର୍ବରୁ ଗୋଲାପ ଜଳରେ ବରଫ ଖଣ୍ଡ ପ୍ରସ୍ତୁତ କରି ଏହାକୁ ୧୫ ସେକେଣ୍ଡ ପର୍ଯ୍ୟନ୍ତ ଆଖିରେ ମାଲିସ କରନ୍ତୁ। ଆଖି ନିକଟରେ କୁଞ୍ଚନ ଓ କଳାଦାଗ ସୃଷ୍ଟି ହେଉଥିଲେ ଏଲୋବେରା ଜେଲ୍‌ରେ ବରଫ ଖଣ୍ଡ ପ୍ରସ୍ତୁତ କରି ୧୫ ସେକେଣ୍ଡ ଯାଏଁ ଆଖିରେ ମାଲିସ କରନ୍ତୁ। ତ୍ୱଚାରେ ଥିବା ବିଭିନ୍ନ ଦାଗ ଦୂର ପାଇଁ କାକୁଡି ଓ ଲେମ୍ବୁ ରସରେ ବରଫ ଖଣ୍ଡ ପ୍ରସ୍ତୁତ କରି ଏହାକୁ ୨୦ ସେକେଣ୍ଡ ପର୍ଯ୍ୟନ୍ତ ତ୍ୱଚାରେ ମାଲିସ କରନ୍ତୁ। ଆଖିତଳର କଳା ଦାଗ ଦୂର ପାଇଁ ନିୟମିତ ଆଳୁ ରସ,କଫି କିମ୍ବା ଚକୋଲେଟ୍ ଗୁଣ୍ଡର ବରଫ ଖଣ୍ଡ ପ୍ରସ୍ତୁତ କରି ଏହାକୁ ବ୍ୟବହାର କରନ୍ତୁ। ପ୍ରବଳ ଗରମ ହେତୁ ତ୍ୱଚାରେ ଜଳାପୋଡା ହେବା ଭଳି ଅନୁଭବ ହୋଇଥାଏ। ବାହାରୁ ଘରୁ ଆସିବାର କିଛି ସମୟରେ ବରଫ ଖଣ୍ଡରେ ତ୍ୱଚାକୁ ୧୫ ସେକେଣ୍ଡ ପର୍ଯ୍ୟନ୍ତ ମାଲିସ କରନ୍ତୁ।

# ତଦନ୍ତ ଆଳରେ ଲୁଚିଯିବ କି ବାଲିଯାତ୍ରା ଦୁର୍ନୀତି ?

**କଟକ (ବ୍ୟୁରୋ):** ତଦନ୍ତ ଆଳରେ ଲୁଚିଯିବ କି ବାଲିଯାତ୍ରା ଦୁର୍ନୀତି ? ଐତିହାସିକ ବାଲିଯାତ୍ରାରେ କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ଗଠନ ହୋଇଥିଲା ଯାଞ୍ଚ କମିଟି। ବିଭିନ୍ନ କାମ ପାଇଁ ହୋଇଥିବା ମନଇଚ୍ଛା ଖର୍ଚ୍ଚର ଯାଞ୍ଚ କରି କମିଟି ତଦନ୍ତ ରିପୋର୍ଟ ଦେବାକୁ ସ୍ଥିର ହୋଇଥିଲା । ହେଲେ କମିଟି ଗଠନର ଦୀର୍ଘଦିନ ପରେ ମଧ୍ୟ ତଦନ୍ତ ରିପୋର୍ଟ ପ୍ରକାଶ କରାଯାଇନାହିଁ, ଯାହାକୁ ନେଇ ପ୍ରଶ୍ନ କରିଛନ୍ତି ବିରୋଧୀ। ବାଲିଯାତ୍ରା ଦୁର୍ନୀତିର କେବେ ହେବ ତଦନ୍ତ ? ଯାଞ୍ଚ ଆଳରେ ଲୁଚିଯିବକି ବାଲିଯାତ୍ରା ମହାଦୁର୍ନୀତି ? କେତେ ଦିନ ଭିତରେ ତଦନ୍ତ ୫୭୮ ରିପୋର୍ଟ ଦେବ କମିଟି ? ଯାଞ୍ଚ କମିଟି ଗଠନ କରି ସିଏମସି ଚୁପ୍ ବସିଥିବାବେଳେ ଏବେ ଉଠିଛି ଏଭଳି ପ୍ରଶ୍ନ । କମିଟି ଗଠନକୁ ଅନେକ ଦିନ ବିତିଥିଲେ ସୁଦ୍ଧା ଏଯାଏଁ ପ୍ରାଥମିକ ରିପୋର୍ଟ ବି ଦିଆଯାଇନି। ଏଣୁ କମିଟି କ'ଣ କରୁଛି ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ କର୍ପୋରେଟର। ଜାଣିଶୁଣି ସଂପୃକ୍ତ ସଂସ୍ଥାକୁ ଖସେଇବାକୁ ବିଳମ୍ବ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। କମିଟି ବାଲିଯାତ୍ରା କାମର ମାନ ନିର୍ଦ୍ଧାରଣ ପରେ କେଉଁ କାମ ପାଇଁ କେଉଁ କେତେ ଟଙ୍କା ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଥିଲା। ମାତ୍ର ଦିନ ପରେ ଦିନ ଗଡୁଥିବାବେଳେ, ଏଯାଏ ତଦନ୍ତ ନେଇ କୌଣସି ଅଗ୍ରଗତି ନ ହେବାରୁ ଦୁର୍ନୀତିର ଗନ୍ଧ ବାରିଛନ୍ତି ବିରୋଧୀ କର୍ପୋରେଟର। ଚଳିତ ବର୍ଷ ବାଲିଯାତ୍ରା ପାଇଁ ସିଏମସି ପକ୍ଷରୁ ମୋଟ ସାଢେ ୪ କୋଟି ଟଙ୍କାର ବଜେଟ କରାଯାଇଥିଲା। ଏଥିରୁ କେବଳ ୨ଟି ତୋରଣ ନିର୍ମାଣରେ ୧୬ ଲକ୍ଷ ଲେଖାଏଁ ୩୨ ଲକ୍ଷ ଟେଣ୍ଡର ହୋଇଥିଲା। ବାଉଁଶ ତିଆରି ଦୁଇ ତୋରଣ ପାଇଁ ଏତେ ଟଙ୍କାର ବ୍ୟୟ ବରାଦ ନେଇ ପ୍ରଶ୍ନ କରିଥିଲେ ବିରୋଧୀ। ସେହିପରି ୯୬ ଲକ୍ଷ ଟଙ୍କା ବ୍ୟୟରେ କନସେପ୍ଟ କମ୍ୟୁନିକେସନ ନାମକ ସଂସ୍ଥାକୁ ବାଲିଯାତ୍ରାରେ ଲେଜର ଶୋ' କରାଯିବା ପାଇଁ ଟେଣ୍ଡର କରାଯାଇ କାମ ଦିଆଯାଇଥିଲା। ଏସି ହ୍ୟାଙ୍ଗର ୧ କୋଟି ୭୪ ଲକ୍ଷ ଟଙ୍କା ଟେଣ୍ଡର ହୋଇଥିଲା। ଯାହାକୁ ନେଇ ବିରୋଧୀ ଦୁର୍ନୀତି ଅଭିଯୋଗ ଆଣିବା ସହ ଧାରଣା ଦେଇଥିଲେ। ବିରୋଧ ପରେ ଯଦିଓ ସିଏମସି ଜଣେ ସିଟି ଇଂଜିନିୟର ଓ ୨ଜଣ ନିର୍ବାହୀ ଯନ୍ତ୍ରୀଙ୍କୁ ନେଇ କମିଟି ଗଠନ କରିଥିଲେ, ମାତ୍ର ତଦନ୍ତ ଏବେ ଶୀତଳଭଣ୍ଡାରରେ ଥିବା ଅଭିଯୋଗ ହୋଇଛି। ସେପଟେ ମେୟର ପୁଣି ପୁରଣା କଥା ଦୋହରାଇଛନ୍ତି, କହିଛନ୍ତି କୌଣସି ଦୁର୍ନୀତି ହୋଇନି, ତଦନ୍ତ ରିପୋର୍ଟ ଆସିଲେ କାଉନସିଲ ବୈଠକରେ ଉପସ୍ଥାପନ କରାଯିବ। ତେବେ ବାଲିଯାତ୍ରା ତଦନ୍ତ ରିପୋର୍ଟ ପ୍ରକୃତରେ ସାମ୍ନାକୁ ଆସିବ ନା ତଦନ୍ତ ଆଳରେ ଲୁଚିଯିବ ତାକୁ ହିଁ ଅପେକ୍ଷା।

# ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଦିବସରେ ମାତୃତ୍ୱ ଲାଭ କରିବେ ଅନେକ ମହିଳା

**କଟକ (ବ୍ୟୁରୋ):** ଆସନ୍ତା ୨୨ ତାରିଖରେ ଅଯୋଧାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳନ ହେବ। ଏହି ଶୁଭ ଦିନକୁ ନେଇ ହିନ୍ଦୁ ଧର୍ମାବଲମ୍ବୀମାନେ ବେଶ୍ ଉତ୍ସାହୀ। ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଦିବସରେ ତିଥି, ବାର ଭଲ ରହିଛି । ଦ୍ୱାଦଶୀ ତିଥି ଓ ମୃଗଶିରା ନକ୍ଷତ୍ର। ସେହିପରି ବୃଷ ଚନ୍ଦ୍ର ଏବଂ ବ୍ରହ୍ମଯୋଗ, ଅମୃତ ସିଦ୍ଧି ଯୋଗ ରହିଛି ବୋଲି ଜ୍ୟୋତିର୍ବିଦ୍ ଦିବାକର ମିଶ୍ର କହିଛନ୍ତି। ଏହି ଦିନ ଧରାପୃଷ୍ଠରେ ବେଦମନ୍ତ୍ର, ହୋମ ଯଜ୍ଞ, ନାମ ସଂକୀର୍ତ୍ତନ ଆଦି ମାଙ୍ଗଳିକ କାର୍ଯ୍ୟକ୍ରମ ହେବ। ତେଣୁ ଏଭଳି ଏକ ଶୁଭ ଦିନରେ ଅନେକ ମାତୃତ୍ୱ ଲାଭ କରିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତ। ଏହି ସ୍ୱତନ୍ତ୍ର ଦିନରେ ଜନ୍ମ ନେଉଥିବା ପିଲାମାନେ ବୁଦ୍ଧିମାନ୍ ଏବଂ ଜ୍ଞାନୀ, ଗୁଣୀ, ସଦାଚାରୀ ହେବେ ବୋଲି ଅନେକଙ୍କ ମନରେ ବିଶ୍ୱାସ। ଏଣୁ ସିଜରିଆନ୍ ଅପରେସନ୍ କରି ସନ୍ତାନ ଜନ୍ମ କରିବାକୁ ଏବେ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଏଥିଲାଗି ବିଭିନ୍ନ ହସ୍ପିଟାଲ୍‌ରେ ବୁକିଂ ବି କରାଯାଇଥିବା ସୂଚନା ମିଳିଛି। ପ୍ରସବ ସମୟ ନିକଟତର ହୋଇଥିଲେ ହେଁ ନର୍ମାଲ୍ ଡେଲିଭରିରେ ସମସ୍ୟା ଥିବାରୁ କେତେ ଜଣ ଆସନ୍ନପ୍ରସବା ୨୨ ତାରିଖରେ ସିଜରିଆନ୍ ଅପରେସନ୍ ଦ୍ୱାରା ସନ୍ତାନ ଲାଭ ପାଇଁ ଆଶା ରଖୁଛନ୍ତି। ଏଥିଲାଗି ସଂପୃକ୍ତ ମହିଳା ଏବଂ ତାଙ୍କ ପରିବାର ଲୋକେ ବିଶେଷଜ୍ଞ ଡାକ୍ତରମାନଙ୍କ ପାଖରେ ଅନୁରୋଧ ଜଣାଉଛନ୍ତି। ଆଉ

## ସିଜରିଆନ୍ ପାଇଁ ହସ୍‌ପିଟାଲରେ ପ୍ରସୂତିଙ୍କ ଭିଡ଼

କେହି ଚାପ ପକାଉଛନ୍ତି ବୋଲି ଶୁଣିବାକୁ ମିଳିଛି। ପ୍ରସୂତି ବିଶେଷଜ୍ଞ ଡାକ୍ତର ଗିରିଶ ଭଞ୍ଜ କହିଛନ୍ତି, ମୋତେ ଅଦ୍ୟାବଧି ୪ ଜଣ ଆସନ୍ନପ୍ରସବା ଆସନ୍ତା ୨୨ ତାରିଖରେ ସିଜରିଆନ୍ ଅପରେସନ୍ କରାଇ ମାତୃତ୍ୱ ଲାଭ ପାଇଁ ଅନୁରୋଧ କରିଛନ୍ତି। ପ୍ରସବର ନିକଟତର ହୋଇଥିବା ୪ ଜଣ ମହିଳାଙ୍କୁ ଆଜି ସିଜରିଆନ୍ ଅପରେସନ୍ ପାଇଁ ସମୟ ଦିଆଯାଇଥିଲେ ହେଁ ସେଥିରୁ ଦୁଇ ଜଣଙ୍କ ପରିବାର ଲୋକେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଦିନ ଅପରେସନ୍ କରିବା ପାଇଁ କହିଛନ୍ତି। ତେଣୁ ପ୍ରସୂତି ଏବଂ ତାଙ୍କ ପରିବାର ଲୋକଙ୍କ ଭାବାବେଗକୁ ଆମେ ସମ୍ମାନ ଜଣାଇ ୨୨ ତାରିଖରେ ଅପରେସନ୍ ଲାଗି ସମୟ ଧାର୍ଯ୍ୟ କରିଛୁ ବୋଲି ଡାକ୍ତର ଭଞ୍ଜ କହିଛନ୍ତି। ଏପରିକି ଏସ୍‌ସିବି ମେଡିକାଲରେ ମଧ୍ୟ ୪ ଜଣ ମହିଳା ସେଦିନ ସିଜରିଆନ୍ ଅପରେସନ୍ ହୋଇ ପିଲା ଜନ୍ମ କରିବା ପାଇଁ ଆଶାବାଦୀ ରହିଛନ୍ତି। ସେହିପରି ସିଟି ହସ୍ପିଟାଲରେ ୨ ଜଣ ମହିଳା ଡାକ୍ତରଙ୍କୁ ସମାନ ଅନୁରୋଧ କରିଛନ୍ତି। ତେବେ ସରକାରୀ ବ୍ୟବସ୍ଥାରେ ପ୍ରସୂତିଙ୍କ ଇଚ୍ଛା ମୁତାବକ ସିଜରିଆନ୍ ଅପରେସନ୍ ହେଲେ ଓଟିରେ ବହୁ ଗହଳି ହେବ ବୋଲି ଏସ୍‌ସିବି ସ୍ତ୍ରୀ ରୋଗ ଏବଂ ପ୍ରସୂତି ବିଭାଗର ଜଣେ ବରିଷ୍ଠ ପ୍ରଫେସର କହିଛନ୍ତି। କଟକରେ ଅନେକ ନର୍ସିହୋମ୍ ତଥା ଘରୋଇ ହସ୍ପିଟାଲରେ ୨୨ ତାରିଖ ଦିନ ସିଜରିଆନ୍ ଅପରେସନ୍ ଅଧିକ ରହିଛି ବୋଲି ଅନେକ ପ୍ରସୂତି ବିଶେଷଜ୍ଞଙ୍କ ଠାରୁ ସୂଚନା ମିଳିଛି।

# ଅତାବିରାରୁ ଛତିଶଗଡ଼ରୁ ନିଖୋଜ ଥିବା ବ୍ୟକ୍ତି ଉଦ୍ଧାର

**ରେଙ୍ଗାଲି(ଅମୃତ ମିଡିଆ):** ଅତାବିରା ଗ୍ୟାସ ସିଲିଣ୍ଡର ଚୋରି ରେକେଟ ପର୍ଦ୍ଦାଫାସ ସମୟରେ ବରଗଡ଼ ଜିଲ୍ଲା ଅତାବିରା ପୋଲିସ ଛତିଶଗଡ଼ ରାଜ୍ୟର ଜଣେ ନିଖୋଜ ଥିବା ଖବର ପାଇଥିଲେ। ସେହି ବ୍ୟକ୍ତିକୁ ଉଦ୍ଧାର କରି ତାର ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ ଯେ, ଅତାବିରା ବ୍ଲକ ସିଲେଟ ପଞ୍ଚାୟତ ବାଟିମୁଣ୍ଡା ଅଞ୍ଚଳରେ ଜଣେ ମାନସିକ ରୋଗୀ ଗ୍ରାମ ଭିତରକୁ ପ୍ରବେଶ କରି ଏପଟ ସେପଟ ହୋଇ ବୁଲଥିବାର ଖବର ଅତାବିରା ପୋଲିସ ପାଖରେ ପହଞ୍ଚିଥିଲା। ଖବରପାଇ ଥାନା ଅଧିକାରୀ ସୁକୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରି ଫଟୋ ଉତ୍ତୋଳନ କରି ହୀରାକୁଦ ବନ୍ଧ ନିକଟସ୍ଥ ଜିରୋ ପଏଣ୍ଟ ପାଖରୁ ଉଦ୍ଧାର କରି ପଚରା ଉଚରା କରାଯାଥିଲା। ସେ ଖଣ୍ଡେ ପ୍ୟାଣ୍ଟ ଓ ଗୋଟିଏ ଜ୍ୟାକେଟ ପିନ୍ଧିଥିଲା ଓ ଛତିଶଗଡି ଭାଷାରେ ଅସ୍ପଷ୍ଟ ଭାବେ କଥାବାର୍ତ୍ତା କରୁଥିଲା। ପରେ ଖବର ପାଇ ଖର୍ସିଆ ଥାନା ମଦନପୁର ଗ୍ରାମର ଜ୍ଞାନ ବଂଜାରୀ ଅତାବିରା ପୋଲିସ ଷ୍ଟେସନରେ ପହଞ୍ଚି ନିଖୋଜ ଥିବା ନିଜର ବାପା ରାଜେନ ବଂଜାରୀ (୫୨)କୁ ପାଇ ଖୁସିରେ ପାଛୋଟି ପକାଇଥିଲା। ସେ ଆଜକୁ ୪୫ ଦିନ ହେଲା ଘରକୁ ଆସୁନଥିଲେ।



# ଅଟୋ ଓଲଟି ୫ ଯାତ୍ରୀ ଗୁରୁତର

**ଭଦ୍ରକ(ଅମୃତ ମିଡିଆ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ପିଠିଆଷଣ୍ଢ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ଏକ ଅଟୋ ଓଲଟି ପଡିଛି। ଏଥିରେ ୫ଜଣ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଏକ ଅଟୋ କିଛି ଯାତ୍ରୀଙ୍କୁ ନେଇ ଚାନ୍ଦବାଲି ବଜାରରୁ ଗୋବିନ୍ଦପୁର ଗାଁକୁ ଯାଉଥିଲା। ପିଠିଆଷଣ୍ଢ ନିକଟରେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡିଥିଲା। ଏହି ଦୁର୍ଘଟଣାରେ ଡ୍ରାଇଭର ସମେତ ୫ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଗୁରୁତର ଯାତ୍ରୀଙ୍କୁ ତୁରନ୍ତ ଉଦ୍ଧାର କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଡ୍ରାଇଭରର ବେପରୁଆ ଗାଡି ଚାଳନା ଯୋଗୁଁ ଏଭଳି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

# ଗୁଡ଼ି ସୂତା ଲାଗି ଯୁବକ ଗୁରୁତର

**କଟକ (ବ୍ୟୁରୋ):** ମାଞ୍ଜା ସୂତାରେ ଗୁଡ଼ି ଉଡାଇବା ପାଇଁ ସରକାର ବ୍ୟାନ କରିଥିଲେ ବି ଏହି ନିୟମକୁ ପାଳନ କରାଯାଉ ନଥିବା ଦେଖାଯାଇଛି। ଯାହାର ପରିଣାମସ୍ୱରୂପ ଅକାରଣରେ ଲୋକଙ୍କ ଜୀବନପ୍ରତି ବିପଦ ସୃଷ୍ଟି ହେଉଛି। ପୁଣି ଗୁଡ଼ି ସୂତା ହେଲା କାଳ। କାଠଯୋଡ଼ି ବ୍ରିଜ୍ ଉପରେ ଜଣେ ବ୍ୟକ୍ତିଙ୍କ ବେକରେ ଗୁଡ଼ିସୂତା ଲାଗିବାରୁ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତ ହୋଇଥିବା ବ୍ୟକ୍ତି ହେଉଛନ୍ତି ଅକ୍ଷୟ ମହାପାତ୍ର। ସେ କଟକରୁ ଭୁବନେଶ୍ୱର ଆସୁଥିବା ବେଳେ ଏପରି ଅଘଟଣ ହୋଇଛି। ଗତବର୍ଷ ଡିସେମ୍ବର ୨୩ରେ କଟକରେ ଏକ ଅଘଟଣ ଘଟିଥିଲା। ରାଣୀହାଟର ପ୍ରତାପ କୁମାର ସାହୁ (୩୮) ତାଙ୍କର ଜଣେ ବନ୍ଧୁଙ୍କ ସହ ବାଇକ୍ ଯୋଗେ ଜଗତପୁରରୁ କଟକ ଅଭିମୁଖେ ଆସୁଥିଲେ। କାଳିଆବୋଦା ନିକଟସ୍ଥ ଜାତୀୟ ରାଜପଥ ଓଭରବ୍ରିଜ୍ ପାଖରେ ହେବା ବେଳକୁ ପ୍ରତାପଙ୍କ ବେକରେ ଗୋଟିଏ ମାଞ୍ଜାଲଗା ଗୁଡ଼ି ସୂତା ଲାଗିଥିଲା। ତୁରନ୍ତ ସେ ଗାଡ଼ି ରଖିଦେବାରୁ ବେକ ସାମାନ୍ୟ କଟିଯାଇଥିଲା। ସୂତାକୁ କାଢିବା ବେଳେ ତାଙ୍କର ବାମ ହାତ ବୁଢା ଆଙ୍ଗୁଠି କଟିଯାଇଥିଲା।

# ଟ୍ରେଲର ଟ୍ରକ୍ ମୁହାଁମୁହିଁ, ଡ୍ରାଇଭର ଗୁରୁତର



**କଟକ(ବ୍ୟୁରୋ):** ବିଳମ୍ବିତ ରାତିରେ କଟକ- ସାଲେପୁର ରାସ୍ତାର ଖରାଖିଆ ବଜାର ନିକଟରେ ଦୁର୍ଘଟଣା। ଏକ ଦଶଚକିଆ ଟ୍ରକ୍ ସହ ଏକ ଟ୍ରେଲର ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଗାଡିରେ ଥିବା ମେକାନିକ୍ ଆହତ ହୋଇଥିବା ଜଣାପଡ଼ିଛି। ୩ ଜଣଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ପଠାଯାଇଥିବା ଜଣାପଡ଼ିଛି। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ଥ ଗାଡ଼ି ଦୁଇଟି ଜବତକରି ତଦନ୍ତ ଚାଲୁ ରଖିଛି।

# କେସିଙ୍ଗାରେ ଡିଫାଇନ୍ କଳାହାଣ୍ଡିର ବିଶାଳ ସମାବେଶ

**କଳାହାଣ୍ଡି (ଅମୃତ ମିଡିଆ):** କଳାହାଣ୍ଡି ମାଟିରେ ଜନ୍ମିତ ହୋଇ ମଧୁ ମହାନ୍ତି ଆଜି ରାଜ୍ୟର ସାମ୍ବାଦିକତା କ୍ଷେତ୍ରରେ ନୂତନ ଜାଗରଣ ଆଣି ପାରିଛନ୍ତି। କଳାହାଣ୍ଡି ମାଟି ପବନର ମାଦକତା ନିଆରା ଓ ଏହି ମାଟି ସେବା ମନୋବୃତ୍ତି, ପରୋପକାର ଓ ସହନଶୀଳଗୁଣ ସିଖାଇ ଥାଏ ବୋଲି କେସିଙ୍ଗା ରେ ଆୟୋଜିତ ଡିଫାଇନ୍ କଳାହାଣ୍ଡିର ସମାବେଶରେ ଯୋଗ ଦେଇ ପ୍ରକାଶ କରିଛନ୍ତି ସମାଜସେବୀ ତଥା ସାମ୍ବାଦିକ ମଧୁ ମହାନ୍ତି। ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ସମାଜସେବୀ ମଧୁ ମହାନ୍ତି କେସିଙ୍ଗାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କେସିଙ୍ଗା ଗୌରୀଶଙ୍କର ମନ୍ଦିର ଠାରୁ ଜଗନ୍ନାଥ ମନ୍ଦିର



ପଡ଼ିଆ ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ମା' ଭଉଣୀ ଓ ଅଞ୍ଚଳର ସଚେତନ ନାଗରିକ ମାନେ ମଧୁ ମହାନ୍ତିଙ୍କୁ ପାଛୋଟି ଆଣିଥିଲେ। ଏହି ସମୟରେ କଳାହାଣ୍ଡିର ବିରବାଦ୍ୟ 'ଘୁମୁରା' ଓ ଆଦିବାସୀ ନୃତ୍ୟ, ମହିଳା କୀର୍ତ୍ତନ ମଣ୍ଡଳୀ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା। କଳାହାଣ୍ଡିର ବିକାଶରେ ମଧୁ ମହାନ୍ତିଙ୍କ ଭାଗିଦାରୀକୁ ମନେ ପକାଇ ଉପସ୍ଥିତ ଜନସାଧାରଣ ନାରାବାଜି କରିଥିଲେ। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲ୍ଲାର ବିକାଶ ତାଙ୍କର ଏକମାତ୍ର ଲକ୍ଷ୍ୟ ସେଥିପାଇଁ ସମସ୍ତ ଆଗେଇ ଆସିବାକୁ ଶ୍ରୀମହାନ୍ତି ଆହ୍ୱାନ ଦେଇଥିଲେ। ଏହି ଅବସରରେ ମଧୁ ମହାନ୍ତି ଯେଉଁଭଳି ଭାବେ କଳାହାଣ୍ଡି ଜିଲ୍ଲା ବିକାଶର ସ୍ୱପ୍ନ ଦେଖିଛନ୍ତି ଓ ସାମାଜିକ ସେବା କରି ଆସୁଛନ୍ତି ତାଙ୍କୁ ହାତକୁ ଆହୁରି ମଜବୁତ କରିବା ପାଇଁ ଆପଣ ମାନଙ୍କ ସହଯୋଗ ରହିଛି। ଯୁବଗୋଷ୍ଠୀଙ୍କୁ କିପରି ରୋଜଗାର ଦିଆଯିବ, ସ୍ୱଚ୍ଛ ଶାସନ, ସ୍ୱଚ୍ଛ ସେବା ପାଇଁ ଆପଣ ମାନଙ୍କ ସହଯୋଗ ଜରୁରୀ ତେଣୁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ସମାବେଶର କେସିଙ୍ଗା ର ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲେ। ଶେଷରେ ଡିଫାଇନ କଳାହାଣ୍ଡିର ସଂଯୋଜକ ଜୟନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ବୋର୍ଡ କର୍ତ୍ତୃପକ୍ଷଙ୍କ ନଜରରେ ରହିବେ ମାଟ୍ରିକ୍ ସ୍କ୍ୱାର୍ଡ

## ଜିପିଏସ୍ ଟ୍ରାକିଂ ସାହାଯ୍ୟରେ ନିୟନ୍ତ୍ରଣ ହେବ ସ୍କ୍ୱାର୍ଡର ଗତିବିଧି

**କଟକ (ବ୍ୟୁରୋ):** ମାଟ୍ରିକ୍ ପରୀକ୍ଷା କେନ୍ଦ୍ରଗୁଡ଼ିକ ବୋର୍ଡର ନଜରରେ ରହିବା ପରି, ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ଯାଞ୍ଚ୍ କରିବା ଲାଗି ନିୟୋଜିତ ସ୍କ୍ୱାର୍ଡ ମଧ୍ୟ ଏଣିକି ବୋର୍ଡ କର୍ତ୍ତୃପକ୍ଷଙ୍କ ନଜରରେ ରହିବେ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ୍ ଏବଂ ଲାଇଭ୍ ଟେଲିକାଷ୍ଟ ବ୍ୟବସ୍ଥା ପରି ଏଥର ଗତିବିଧି ଉପରେ ନଜରରେ ରଖିବା ଲାଗି ସେମାନଙ୍କୁ ଗ୍ଲୋବାଲ୍ ପୋଜିସନିଙ୍ଗ ସିଷ୍ଟମ (ଜିପିଏସ୍)ରେ ଯୋଡ଼ା ଯିବ ବୋଲି ସୂଚନା ମିଳିଛି ଜିପିଏସ୍ ଟ୍ରାକିଂ ଲାଗି ବୋର୍ଡ ପକ୍ଷରୁ ଏକ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯିବ। ଟେଣ୍ଡର ମାଧ୍ୟମରେ ଉକ୍ତ ସଂସ୍ଥାକୁ ଜିପିଏସ୍ ଟ୍ରାକିଂ ପାଇଁ ନିୟୋଜିତ କରାଯିବ। ଏ ବାବଦରେ ବୋର୍ଡର ବହୁ ଅର୍ଥ ଖର୍ଚ୍ଚ ହେଲେ ମଧ୍ୟ ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖିବା ଲାଗି କର୍ତ୍ତୃପକ୍ଷ ଜିପିଏସ୍ ଟ୍ରାକିଂ ସହ ପ୍ରତି ସେଣ୍ଟରରେ କ୍ୟାମେରା ଖଞ୍ଜିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଯୋଜନା ହୋଇଛି କି ଜିପିଏସ୍ ବ୍ୟବସ୍ଥା ଲାଗି ବୋର୍ଡ ପକ୍ଷରୁ ଏକ ସ୍ୱତନ୍ତ୍ର ସଫ୍ଟୱେର ବ୍ୟବହାର କରାଯିବ। ଉକ୍ତ ସଫ୍ଟୱେର ସ୍କ୍ୱାର୍ଡର ନିୟୋଜିତ କର୍ମଚାରୀଙ୍କ ମୋବାଇଲ୍ ସହ ଯୋଡ଼ାଯିବ। ସ୍କ୍ୱାର୍ଡରେ ନିୟୋଜିତ କର୍ମଚାରୀମାନେ ଉକ୍ତ ଆପ୍‌କୁ ଡାଉନ୍‌ଲୋଡ୍ କରିବା ପରେ ଜିପିଏସ୍ ବ୍ୟବସ୍ଥା ସହ ଅଟୋମେଟିକ୍ ଯୋଡ଼ି ହୋଇଯିବା ଭଳି ବ୍ୟବସ୍ଥା ରହିଛି। ଏହି ବୈଷୟିକ ବ୍ୟବସ୍ଥା ଦ୍ୱାରା ସ୍କ୍ୱାର୍ଡର ଗତିବିଧିକୁ ଜାଣି ହେବା ସହ ନିୟୋଜିତ କର୍ମଚାରୀମାନେ କେଉଁ ସେଣ୍ଟରରେ କେତେବେଳେ ପହଞ୍ଚି କେତେ ସମୟ ଉପସ୍ଥିତ ରହୁଛନ୍ତି, ସେ ସବୁର ଟିକିନିଖି ତଥ୍ୟ ବୋର୍ଡ କର୍ତ୍ତୃପକ୍ଷ କଟକରେ ରହି ମଧ୍ୟ କ୍ୟାମେରା ଲେନ୍ସରେ ରାଜ୍ୟବ୍ୟାପୀ ପରୀକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କରିପାରିବେ। ଏହାଦ୍ୱାରା ସ୍ୱଚ୍ଛତା ବଜାୟ ରହିପାରିବ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି। ସ୍କ୍ୱାର୍ଡ ପରି ପ୍ରଶ୍ନପତ୍ର ପରିବହନ ବ୍ୟବସ୍ଥା ମଧ୍ୟ ଜିପିଏସ୍ ଟ୍ରାକିଂରେ ରହିବ। ଫଳରେ ବୋର୍ଡ କାର୍ଯ୍ୟାଳୟରୁ ପ୍ରଶ୍ନପତ୍ର ନେଇ ବାହାରୁଥିବା ଗାଡ଼ିଗୁଡ଼ିକ କେତେବେଳେ କେଉଁ ନୋଡାଲ୍ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚି ପ୍ରଶ୍ନପତ୍ର ଜମା କଲେ ତାହା ମଧ୍ୟ ସହଜରେ ଜଣାପଡ଼ିଯିବ ବୋଲି ସୂଚନା ମିଳିଛି । ଜିପିଏସ୍ ଟ୍ରାକିଂ ବ୍ୟବସ୍ଥାରେ ରହିବା ଦ୍ୱାରା କପି ଏବଂ ପ୍ରଶ୍ନପତ୍ର ପ୍ରଘଟ ଆଦି ଅନେକ ଅନିୟମିତତାକୁ ସହଜରେ ରୋକା ଯାଇପାରିବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି । ସୂଚନାଯୋଗ୍ୟ, ଏବର୍ଷ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ଲାଗି ୫ ଲକ୍ଷ ୫୧ ହଜାର ୫୮୯ ଜଣ ପରୀକ୍ଷାର୍ଥୀ ଆବେଦନ କରିଛନ୍ତି। ସେହିପରି ଷ୍ଟେଟ୍ ଓପନ ସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ୭ ହଜାର ୮୩୧ ଏବଂ ସଂସ୍କୃତ ମଧ୍ୟମା ପାଇଁ ୩ ହଜାର ୩୭ ପରୀକ୍ଷାର୍ଥୀ ରହିଛନ୍ତି। ଉକ୍ତ ପରୀକ୍ଷା ଲାଗି ରାଜ୍ୟରେ ୩ ହଜାର ୧୫୩ ସେଣ୍ଟର୍ ଚୟନ କରାଯାଇଛି। ପ୍ରଶ୍ନପତ୍ର ଗଚ୍ଛିତ ରଖିବା ଲାଗି ୩୧୩ଟି ନୋଡାଲ୍ ସେଣ୍ଟର୍ ରଖାଯାଇଛି। ଫେବୃଆରୀ ୨୦ରୁ ଆରମ୍ଭ ହୋଇ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷାରେ ସ୍ୱଚ୍ଛତା ବଜାୟ ଲାଗି ଏଥର ବୋର୍ଡ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ମଧ୍ୟ ଲଗାଯିବ। ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଲାଇଭ୍ ଭିଡିଓ ତଥା ଆର୍ଟିଫିସିଆଲ୍ ଇଣ୍ଟେଲିଜେନସ୍ ବେସଡ୍ ୱେବ୍ କାଷ୍ଟିଂ କରାଯିବ ବୋଲି ଶ୍ରୀ ତରାଇ ସୂଚନା ଦେଇଛନ୍ତି।

# ବିକାଶ ମଞ୍ଚ ପକ୍ଷରୁ କମ୍ବଳ ବଣ୍ଟନ

**ଆଠଗଡ଼(ଅମୃତ ମିଡିଆ):** ଆଠଗଡ଼ର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଠଗଡ଼ ବିକାଶ ମଞ୍ଚ ପକ୍ଷରୁ ଶୁକ୍ରବାର ରାଜନଗର ପଞ୍ଚାୟତ ବେଣାସାହିରେ ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ବିକାଶ ମଞ୍ଚର ପ୍ରତିଷ୍ଠାତା



ସଭାପତି ତଥା ସମାଜସେବୀ ମାନସ ରଞ୍ଜନ ବସ୍ତିଆ ଉକ୍ତ ଗ୍ରାମରେ ପହଞ୍ଚି ୩୦ରୁ ଉର୍ଦ୍ଧ୍ୱ ଗରିବ ଅସହାୟଙ୍କୁ କମ୍ବଳ ବଣ୍ଟନ କରିଥିଲେ। କମ୍ବଳ ପାଇଥିବା ବୃଦ୍ଧବୃଦ୍ଧା ଅନୁଷ୍ଠାନ ଓ ଶ୍ରୀ ବସ୍ତିଆଙ୍କୁ କୃତଜ୍ଞତା ଜଣାଇଥିଲେ।

# ସଡ଼କ ଦୁର୍ଘଟଣାରେ ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଗୁରୁତର

**କଟକ (ବ୍ୟୁରୋ):** ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଧାକର ବସନ୍ତଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି



କରାଯାଇଛି। ମଙ୍ଗୁଳି ନିକଟରେ ଦୁର୍ଘଟଣାର ଶିକାର ହୋଇଛନ୍ତି ସୁଧାକର। ଏଥିରେ ସୁଧାକର ବସନ୍ତ ଓ ତାଙ୍କ ଡ୍ରାଇଭର ଗୁରୁତର ଭାବେ ଆହତ ହୋଇଛନ୍ତି। ସୁଧାକରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। କଟକ ବଡ଼ ଡ଼ାକ୍ତରଖାନାର ଆଶୁଚିକିତ୍ସା ବିଭାଗରେ ତାଙ୍କର ଚିକିତ୍ସା ଚାଲିଛି। ବିଳମ୍ବିତ ରାତିରେ ସୁଧାକର ବସନ୍ତ ଚଣ୍ଡିଖୋଲ ପଟୁ ଫେରୁଥିବା ବେଳେ ମଙ୍ଗୁଳି ଛକ ନିକଟରେ ଟ୍ରକ ପଛ ପଟୁ ଧକ୍କା ଦେଇଥିଲା ତାଙ୍କ କାର। ସୂଚନା ଅନୁସାରେ ଚଣ୍ଡିଖୋଲ ଆଡୁ କଟକ ଆସୁଥିବାବେଳେ କଟକ ମଙ୍ଗୁଳି ସ୍ଥିତ ବଜରଙ୍ଗୀ ୱେ ବ୍ରିଜ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି ସୁଧାରକର ବସନ୍ତଙ୍କ ଗାଡି। କାରରେ ଥିବା ତାଙ୍କ ଡ୍ରାଇଭର ମଧ୍ୟ ଗୁରୁତର ହୋଇଛନ୍ତି । ଦୁଇ ଜଣଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଭୋର ୩ଟାରୁ ୪ଟା ମଧ୍ୟରେ ସୁଧାକର ବସନ୍ତଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ମଙ୍ଗୁଳି ଛକ ରାସ୍ତା କଡରେ ଛିଡ଼ା ହୋଇଥିବା ଏକ ସିମେଣ୍ଟ ବୋଝେଇ ଟ୍ରକକୁ ପଛରୁ ଧକ୍କା ଦେଇଥିଲା ସୁଧାକରଙ୍କ କାର। ଦୁର୍ଘଟଣାରେ ସୁଧାକରଙ୍କ କାର୍ ଭାଙ୍ଗି ଚୁରମାର ହୋଇଯାଇଛି। ଚୌଦ୍ୱାର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସୁଧାକର ଓ ତାଙ୍କ ଡ୍ରାଇଭରଙ୍କୁ କାରକୁ କାଟି ଉଦ୍ଧାର କରିଥିଲେ। ତୁରନ୍ତ ଗୁରୁତର ଅବସ୍ଥାରେ ଦୁଇ ଜଣଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି।

# ଶ୍ରୀଜଗନ୍ନାଥ ପଞ୍ଚରାତ୍ର ପ୍ରସ୍ତୁତି ବୈଠକ

**କଟକ (ବ୍ୟୁରୋ):** ଚୌଦ୍ୱାରରେ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ଆସନ୍ତା ଫେବୃୟାରୀ ମାସ ୩ ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଆଗ୍ରାହାଟ ସ୍ଥିତ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବ୍ୟାଘ୍ରବାହିନୀ ପଡ଼ିଆ ସ୍ଥିତ ଡାକବଙ୍ଗଳାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ଭକ୍ତ ସମାଜର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ



ଅନୁଷ୍ଠିତ ଏହି ବୈଠକରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ତଥା ଭକ୍ତ ସମାଜ ଉପସଭାପତି ଶୁଭେନ୍ଦୁ ସାମଲ, ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ, ଚୌଦ୍ୱାର ଜଗନ୍ନାଥ ଭକ୍ତ ସମାଜର ସଦସ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୁପାୟନ ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଭକ୍ତ ସମାଜ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଉପଦେଷ୍ଟା ନରେନ୍ଦ୍ରନାଥ ସ୍ୱାଇଁ, ଶରତ କୁମାର ଖୁଣ୍ଟିଆ, ନରାୟଣ ସ୍ୱାଇଁ, ବିମଲ କୁମାର ବେଉରା, ପ୍ରମୋଦ ପଣ୍ଡା, ରମେଶ ବରାଳ, ରଞ୍ଜନ ସାହୁ, ପ୍ରଦୀପ୍ତ ବେହେରା, ଅର୍ଜୁନ ପଣ୍ଡା, ଅଜୟ କୁମାର ଦାସ ମହାପାତ୍ର, ମୀନକେତନ ପଣ୍ଡା, ସମାଜସେବୀ ସହଦେବ ବରାଳ ସମେତ ପଞ୍ଚାୟତ ତଥା ପୌରପାଳିକାରର ବହୁ କର୍ମକର୍ତ୍ତା ଓ ଜଗନ୍ନାଥପ୍ରେମୀ ଉପସ୍ଥିତ ଥିଲେ।

# ଫେବୃଆରୀରେ ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବ ଓଷ୍ଟା

**କଟକ (ବ୍ୟୁରୋ):** ବିଭିନ୍ନ ସମସ୍ୟା ନେଇ ହଜାର ହଜାର ଶିକ୍ଷକ, ଅଭିଭାବକ, ପୁରାତନ ଛାତ୍ର ଓ ପରିଚାଳନା କମିଟି ସଦସ୍ୟମାନଙ୍କ ସହ ରାଜ୍ୟରେ ଥିବା ସୌଭ୍ରାତୃତ୍ୱ ଗଣ ସଂଗଠନଗୁଡ଼ିକୁ ନେଇ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆଗାମୀ ଫେବୃୟାରୀ ମାସ ପ୍ରଥମ ସପ୍ତାହରେ ରାଜଧାନୀର ରାଜରାସ୍ତାକୁ ଓହ୍ଲାଇବ ବୋଲି ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଗଣମାଧ୍ୟମକୁ ଜଣାଇଛନ୍ତି । ଅବସର ନେଉଥିବା ଶିକ୍ଷକମାନଙ୍କୁ ପେନସନ୍ ପ୍ରଦାନ, ଅବସରକାଳୀନ ସୁବିଧା, ଚାକିରୀ ସର୍ତ୍ତାବଳୀ, ସପ୍ତମ ବେତନ ଓ ନୂତନ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ ଇତ୍ୟାଦି ଦାବିକୁ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଏହାକୁ ପାଳନ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ଏକ ଜନପ୍ରିୟ ସରକାର ଜନମଙ୍ଗଳ ରାଷ୍ଟ୍ରରେ ସବୁବର୍ଗର କର୍ମଚାରୀଙ୍କ କଥା ବିଚାର କରୁଥିବା ବେଳେ ଶିକ୍ଷକମାନଙ୍କ ପ୍ରତି ଏ ଅବିଚାର କାହିଁକି ବୋଲି ଶ୍ରୀ ଦାଶ ପ୍ରଶ୍ନ କରିଛନ୍ତି। ଜାନୁୟାରୀ ୩୧ ସୁଦ୍ଧା ଯଦି ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ ନକରନ୍ତି, ତେବେ ଆଗାମୀ ଫେବୃୟାରୀ ମାସ ପ୍ରଥମ ସପ୍ତାହରେ ଓଷ୍ଟା ମିଳିତ ଆନ୍ଦୋଳନକୁ ଓହ୍ଲାଇବ।

ସୂଚନାଥାଉକି, ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ଚାକିରି କରି ଶିକ୍ଷକ କର୍ମଚାରୀଟିଏ ଅବସର ନେବା ପରଦିନ ଟଙ୍କାଟିଏ ଔଷଧ କିଣିବା ପାଇଁ ନ ପାଇବା ଓ ଅବସର ପରଦିନ ଠାରୁ ପରିଣତ ବୟସରେ ବିନା ପେନ୍‌ସନ୍‌ରେ ବଞ୍ଚିବାର ରାହା ପାଇବା ପାଇଁ ମୂଳ ଲାଗିବା, ପାନ ଦୋକାନ କରିବା ଓ ଚା' ଦୋକାନ କରିବା ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ନିଜକୁ ବିନିଯୋଗ କରି ଜୀବନ ବଞ୍ଚାଇବାର ଉପାୟ ଖୋଜିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି। ଓଷ୍ଟାର ଆହ୍ୱାନରେ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ କାର୍ଯ୍ୟରତ ଓ ଅବସର ପ୍ରାପ୍ତ ଶିକ୍ଷକ କର୍ମଚାରୀମାନଙ୍କର ସାମାଜିକ ସୁରକ୍ଷା ପାଇଁ ଆଗାମୀ ଫେବୃୟାରୀ ମାସ ପ୍ରଥମ ସପ୍ତାହରୁ ହଜାର ହଜାର ସଂଖ୍ୟାରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ / ସଭ୍ୟା, ଅଭିଭାବକ, ପୁରାତନ ଛାତ୍ର ଓ ପ୍ରାଥମିକ ଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କୁ ନେଇ ଏକ ମହାସମାବେଶ ଭୁବନେଶ୍ୱର ସ୍ଥିତ ଲୋୟର ପିଏମ୍‌ଜି ଗାନ୍ଧିମାର୍ଗରେ କରାଯିବ ଓ ଶିକ୍ଷକମାନେ ଅହୋରାତ୍ର ଧାରଣାରେ ବସିରହିବେ। ସରକାର ସମସ୍ୟା ଗୁଡ଼ିକର ସମାଧାନ ନ କରି ଅଯଥା ଟାଳଟୁଳ ନୀତି ଅବଲମ୍ବନ କରିବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ନ କରିବା, ଚାକିରି ସର୍ତ୍ତାବଳୀ ଓ ଅବସର ପରେ ଶିକ୍ଷକମାନଙ୍କୁ ପେନସନ୍ ନ ଦେବା ସରକାରଙ୍କ ବୈମାତୃକ ମନୋଭାବ ଶିକ୍ଷକମାନଙ୍କୁ ବାରମ୍ବାର ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ କରୁଛି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରମୁଖ ଦାବି ଗୁଡ଼ିକ ମଧ୍ୟରେ ସମଗ୍ର ଓଡ଼ିଶାର ଅନୁଦାନରୁ ବଞ୍ଚିତ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସପ୍ତମ ବେତନରୁ ବଞ୍ଚିତ ୨୨୬ ଓ ୩୯୯ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ, ଅବସର ପରେ ପେନସନ୍ ପାଉନଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପେନସନ୍ ପ୍ରଦାନ, ସରକାରୀ କରଣ ହୋଇ ନଥିବା ବିଦ୍ୟାଳୟକୁ ସରକାରୀକରଣ, ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ନୋସନାଲ୍ ଇନ୍‌କ୍ରିମେଣ୍ଟ ଦେଇ ବରିଷ୍ଠତା ପ୍ରଦାନ, ଗ୍ରେଡ଼ପେ ରେ ଥିବା ଅସଙ୍ଗତି ଦୂରୀକରଣ, ୨ଟି ପିଅନ ଓ କିଛି ବିଦ୍ୟାଳୟଙ୍କୁ ୨୦୦୮ ପରିବର୍ତ୍ତେ ୨୦୦୪ରୁ ଆଣ୍ଟିଡେସନ ପ୍ରଦାନ, ହିନ୍ଦୀ ସଂସ୍କୃତ ଶିକ୍ଷକମାନଙ୍କର ଯୋଗ୍ୟତା ଅନୁଯାୟୀ ଉପଯୁକ୍ତ ହାରରେ ଦରମା, ୪୮ ବର୍ଷରେ ପଦାର୍ପଣ କରି କୋର୍ଟର ନିର୍ଦ୍ଦେଶ ପାଇଥିବା ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କୁ ଟିଜି ମାନ୍ୟତା ପ୍ରଦାନ, ଆଲେଜେଡ୍ ଓ ସେକ୍ସନ ଶିକ୍ଷକମାନଙ୍କୁ ରେଗୁଲାର କରିବା, ଆରଏ ସ୍କିମ୍‌ର ପୁନଃ ପ୍ରଚଳନ କରିବା, ୧୧୦ ବାଳିକା ବିଦ୍ୟାଳୟକୁ ପୂର୍ଣ୍ଣଅନୁଦାନ, କ୍ରୀଡ଼ା ଶିକ୍ଷକମାନଙ୍କୁ ବିଏ ବିପିଏଡ୍/ ବିଏ ସିପିଏଡ୍ ଭିତ୍ତିରେ ଉଚ୍ଚତର ଦରମା ପ୍ରଦାନ, ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ଲାଗୁ କରିବା, ଅବସର ବୟସ ସୀମା ୬୦ରୁ ୬୨ ବର୍ଷ ବୃଦ୍ଧି କରିବା, ଅଫିସ୍ ସହାୟକ ମାନଙ୍କର ଯୋଗ୍ୟତା ଭିତ୍ତିକ ପଦୋନ୍ନତି, ଉର୍ଦ୍ଧ୍ୱ ଶିକ୍ଷକମାନଙ୍କୁ ଅନୁଦାନ ପ୍ରଦାନ, ଆରଏସିପି କ୍ଷେତ୍ରରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ଆଦି ଦାବୀକୁ ନେଇ ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ସଭାପତି ସର୍ବଶ୍ରୀ ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କୁ ଦୃଢ଼ ଚେତାବନୀ ଦେଇଛନ୍ତି।

## ସମ୍ପାଦକୀୟ...

# ଅସ୍ୱଚ୍ଛ ଇନ୍ଦୋର

ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ ଯାହା ଆମେ କହୁନ୍ତୁ, ଏ କଥା ତଥ୍ୟ କହୁଛି । ଏଭଳି ତଥ୍ୟ ଯାହା ଅନ୍ତର୍ଜାତୀୟ ତଥ୍ୟ । ଯାହା ସବୁ ସ୍ତରରେ ଅତି ଗୁରୁତ୍ୱପୂର୍ଣ୍ଣ, ଯାହା ସବୁ ସ୍ତରରେ ଅତି ମହତ୍ୱପୂର୍ଣ୍ଣ । ସେ ଦେଶର ବିକାଶ ହେଉ ଅବା ଜାତିର ବିକାଶ, ସବୁ କ୍ଷେତ୍ରରେ ଶିଶୁମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଶୈଶବରୁ ହିଁ ସେମାନେ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ କ୍ଷେତ୍ରରେ ଆମେ ଯାହା ବି କହିବା ଅବା ଗାଇବା, ଲେଖିବା ଅବା ଦେଖିବା, ସବୁ କିଛି ସ୍ମରଣୀୟ ହୋଇ ରହିବ । ସବୁ କିଛିର ମହତ୍ୱ ରହିଛି, ସବୁ କିଛିର ଗୁରୁତ୍ୱ ରହିଛି । ଶିଶୁମାନେ ସର୍ବଦା ମହତ୍ୱପୂର୍ଣ୍ଣ ଅବା ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ବିଷୟରେ କୌଣସି ବି ନକାରାତ୍ମକ ତଥ୍ୟ କେବେ ବି ଠିକ୍ ନୁହେଁ । ସେମାନଙ୍କ ବିଷୟରେ ଠିକ୍ କହିଲେ ବି ଠିକ୍ । ସେମାନଙ୍କ ବିଷୟରେ ଭୁଲ୍ କହିଲେ ବି ଠିକ୍ । ଅର୍ଥାତ୍ ସେମାନେ ସର୍ବଦା ହିଁ ଠିକ୍ । ସେମାନଙ୍କ ଦ୍ୱାରା କେବେ ବି ଭୁଲ୍ ହୋଇପାରେନା । ସେମାନଙ୍କ ଦ୍ୱାରା ତ୍ରୁଟି କେବେ ବି ହୋଇପାରେନା । ସେମାନେ ସର୍ବଦା ଭ୍ରମମୁକ୍ତ , ସେମାନେ ସର୍ବଦା ତ୍ରୁଟିମୁକ୍ତ । କାରଣ ସେମାନେ ହିଁ ଦେଶର ଅମୃତ ସନ୍ତାନ । ସେମାନେ ହିଁ ବିଶ୍ୱର ଅମୃତ ସନ୍ତାନ । ସେମାନେ ହିଁ ସ୍ରଷ୍ଟାଙ୍କ ଶାଶ୍ୱତ ସନ୍ତାନ । ଏଣୁ ଦେଶରେ ଏବଂ ବିଶ୍ୱରେ ସେମାନଙ୍କ ଆଦର ଅତୁଳନୀୟ, ସେମାନଙ୍କ ସାଦର ବି ଅତୁଳନୀୟ । ହୁଏତ୍ ସେମାନଙ୍କୁ ସମ୍ମାନ ଅବା ସେମାନଙ୍କ ସମ୍ମାନ କଥା ପଛରେ ବିଚାରକୁ ନିଆଯାଇପାରେ । ହେଲେ ଶିଶୁମାନଙ୍କୁ ଯେଉଁଳି ଭାବେ ଶ୍ରଦ୍ଧା ଏବଂ ଆଦର ସାଦର କରାଯାଏ, ତାହାର କୌଣସି ବି ତୁଳନା ନାହିଁ । ସେମାନେ ସର୍ବଦା ଶ୍ରଦ୍ଧେୟ ଏବଂ ଆଦରଣୀୟ । ଯଦି ଶ୍ରଦ୍ଧା , ଏବଂ ଆଦର ରହିଛି, ତେବେ ସବୁ କିଛି ରହିଛି ବୋଲି ଧରିନେବାକୁ ପଡ଼ିବ । ଯଦି ସବୁ କିଛି ଠିକ୍ ଠାକ୍ ରହିଛି, ତେବେ ଏତେ ସବୁ ଭୁଲ୍ ହଉଛି କେମିତି, ଏତେ ସବୁ ତ୍ରୁଟି ରହୁଛି କେମିତି । ସମାଜରେ ସାଧାରଣ ସ୍ତରରୁ ନେଇ ଅସାଧାରଣ ସ୍ତର ପର୍ଯ୍ୟନ୍ତ, ସବୁ ସ୍ତରରେ କୋଉଠି ନା କୋଉଠି, କିଛି ନା କିଛି ଭୁଲ୍ ରହିଯାଉଛି । ହେଲେ ଶିଶୁମାନଙ୍କ ଦ୍ୱାରା କେବେ କିଛି ଭୁଲ୍ ହୋଇପାରେ କି ? ଏଭଳି ପ୍ରଶ୍ନର ଉତ୍ତର ସର୍ବଦା ନା'ରେ ଆସିବ । କାରଣ ସମାଜର ଛୋଟ ପିଲାମାନଙ୍କ ଦ୍ୱାରା କେବେ ବି କିଛି ତ୍ରୁଟି ହୋଇ ନପାରେ । ସେମାନଙ୍କ ଦ୍ୱାରା କେବେ ବି ଭୁଲ୍ ହୋଇପାରେନା । ସେମାନଙ୍କ ଦ୍ୱାରା ତ୍ରୁଟି କେବେ ବି ହୋଇପାରେନା । ସେମାନେ ସର୍ବଦା ଭ୍ରମମୁକ୍ତ , ସେମାନେ ସର୍ବଦା ତ୍ରୁଟିମୁକ୍ତ । ଅନ୍ୟ କାହାଦ୍ୱାରା କିଛି ବି ଭୁଲ୍ ହୋଇପାରେ ହେଲେ ଛୋଟ ପିଲାମାନଙ୍କ ଦ୍ୱାରା ସେମିତି କେବେ ବି ଭୁଲ୍ ହୋଇନପାରେ । ଏହା ସର୍ବଦା ସତ୍ୟ ଏବଂ ସର୍ବତ୍ର ସତ୍ୟ କାରଣ ସେମାନେ ହିଁ ଦେଶର ଅମୃତ ସନ୍ତାନ । ସେମାନେ ହିଁ ବିଶ୍ୱର ଅମୃତ ସନ୍ତାନ । ସେମାନେ ହିଁ ସମାଜର ଅମୃତ୍ ସନ୍ତାନ , ସ୍ରଷ୍ଟାଙ୍କ ଶାଶ୍ୱତ ସନ୍ତାନ । ଏଣୁ ଦେଶରେ ଏବଂ ବିଶ୍ୱରେ ସେମାନଙ୍କ୍ ଆଦର ଅତୁଳନୀୟ, ସେମାନଙ୍କ ସାଦର ବି ଅତୁଳନୀୟ । ହୁଏତ୍ ସେମାନଙ୍କୁ ସମ୍ମାନ ଅବା ସେମାନଙ୍କ ସମ୍ମାନ କଥା ପଛରେ ବିଚାରକୁ ନିଆଯାଇପାରେ । ହେଲେ ଶିଶୁମାନଙ୍କୁ ଯେଭଳି ଭାବେ ଶ୍ରଦ୍ଧା ଏବଂ ଆଦର ସାଦର କରାଯାଏ, ତାହାର କୌଣସି ବି ତୁଳନା ନାହିଁ । ସେମାନେ ସର୍ବଦା ଶ୍ରଦ୍ଧେୟ ଏବଂ ଆଦରଣୀୟ । ଯଦି ଶ୍ରଦ୍ଧା , ଏବଂ ଆଦର ରହିଛି, ତେବେ ସେମାନଙ୍କ ପାଇଁ ସବୁ କିଛି ରହିଛି ବୋଲି ଧରିନେବାକୁ ପଡ଼ିବ । ସେମାନେ ସମାଜରେ ସର୍ବଦା ନମସ୍ୟ । ସମାଜର ଏତେ ଛୋଟ ଛୋଟ ପିଲାମାନଙ୍କୁ ଶ୍ରଦ୍ଧା ଏବଂ ସମ୍ମାନରେ କେବେ ବି ହେଳା କରାଯାଏନି କିମ୍ବା କେବେ ବି କ କରିବା ଉଚିତ୍ ନୁହେଁ । ଯେହେତୁ ସେମାନେ ହିଁ ହେଉଛନ୍ତି ସମାଜର ଭବିଷ୍ୟ ବଂଶଧର, ସେମାନେ ହେଉଛନ୍ତି ଭବିଷ୍ୟ ସୂତ୍ରଧର । ସବୁଠାରୁ ବଡ଼ କଥା ହେଉଛି, ଶିଶୁମାନେ ହେଉଛନ୍ତି ଅମୃତ୍ ସନ୍ତାନ । ଏହି କଥା ଉପରେ କୌଣସି ଆଲୋଚନା - ପ୍ରତ୍ୟାଲୋଚନା ର ମୋଟେ ବି ଆବଶ୍ୟକତା ନାହିଁ । ତେବେ ଦୁଃଖର ବିଷୟ ହେଉଛି ଶିଶୁମାନେ ଅନେକ ସମୟରେ ଆଜି ସମାଜରେ ନିର୍ଯାତିତ । ଅନେକ ସମୟରେ କନ୍ୟା ସନ୍ତାନମାନେ ସମାଜରେ ହତ୍ୟାର ଶିକାର ହୁଅନ୍ତି । ଏପରିକି ସନ୍ତାନର ମା' ହିଁ ସାଜିଯାଏ ହତ୍ୟାକାରୀ, ସନ୍ତାନର ମା ହିଁ ସାଜିଥାଏ ସେହି ସନ୍ତାନର ବିନାଶକାରୀ । ଯାହା ଅତି ଚିନ୍ତାର ବିଷୟ, ପରିତାପର ବିଷୟ । ଏଇ ମାତ୍ର କେଇ ଦିନର କଥା । ଜନ୍ମକଲା ମା'ଟା ପିଶାଚିନୀ ସାଜି ତା'ର ନିଜର ଦୁଇ ଛୁଆଙ୍କୁ ନିଜେ ହିଁ ଫିଙ୍ଗିଦେଲା କୂଅକୁ । ଗୋଟିଏ କନ୍ୟା ସନ୍ତାନ ଏବଂ ପୁତ୍ର ସନ୍ତାନ । ସତରେ କେତେ ଦୁଃଖ ଏବଂ ପରିତାପର ବିଷୟ । ଏଥିରୁ କେବେ କେବେ ମନେହୁଏ ଯେ ସମାଜରେ ଅମୃତ ସନ୍ତାନ ଆଖ୍ୟା ପାଇଥିବା ସେହି ନିର୍ଦ୍ଦିଷ୍ଟ ପିଲାମାନେ ବି କେବେ କେବେ ଏପରି ସ୍ଥିତିକୁ ଠେଲିହୋଇ ଯାଆନ୍ତି ଯାହା ସମାଜ ପଇଁ,ଦେଶ ପାଇଁ, ଜାତି ପାଇଁ ସୃଷ୍ଟି କରିଥାଏ ଅତ୍ୟନ୍ତ ଅଶୋଭନୀୟ ପରିସ୍ଥିତି । ଆଜି ବି କନ୍ୟା ସନ୍ତାନ କେବେ କେବେ ସମାଜ ପାଇଁ ଅଲୋଡ଼ା ହୋଇ ପଡ଼ନ୍ତି । ସେଭଳି ଚରିତ୍ର ମାନଙ୍କ ଉପରେ ସରକାରଙ୍କ ପକ୍ଷରୁ କଠୋର ନଜର ରଖାଯିବା ସହ ସେମାନଙ୍କ ସେପରି କାର୍ଯ୍ୟକଳାପ ଭୁଲ୍ ପ୍ରମାଣିତ ହେଲେ ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଦରକାର । କେବେ କେବେ ବାଳାଶ୍ରମାନଙ୍କରେ ଶିଶୁମାନଙ୍କୁ ଏଭଳି କିଛି ନିର୍ଯ୍ୟାତନା ଦିଆଯାଉଛି, ଯାହା ଅତ୍ୟନ୍ତ ହୃଦୟ ବିଦାରକ ଏବଂ ଦୁଃଖଦାୟକ । ଏଇ ନିକଟରେ ଇନ୍ଦୋର ସ୍ଥିତ ଜନୈକ ବାଳାଶ୍ରମରେ ନିରୀହ, ନିଷ୍ପାପ ଶିଶୁମାନଙ୍କୁ ଯେଭଳି ନିର୍ଯ୍ୟାତନା ଦିଆଯାଇଛି,ତାହାକୁ ନେଇ ଏବେ ସବୁ ଆଡ଼େ ଚର୍ଚ୍ଚା । ଇନ୍ଦୋର ଭଳି ଏକ ସ୍ୱଚ୍ଛ ସହରରେ ଏଭଳି ଶିଶୁ କଷଣ ଯାହା ବାସ୍ତବିକ ଚିନ୍ତାର ବିଷୟ ।

## ଜ୍ଞାନାମୃତ

# ସୁଧୁରିଲା ସମ୍ପର୍କ

ଭଲ ସମ୍ପର୍କର ପରିଣାମ ସବୁବେଳେ ଭଲ ଫଳ ଦେଇଥାଏ ଏବଂ ଭୁଲ୍ ସମ୍ପର୍କର ପରିଣାମ ସବୁବେଳେ ଭୁଲ୍ ଫଳାଫଳ ଦେଇଥାଏ । ଏଣୁ ଜୀବନରେ ଭଲ ସମ୍ପର୍କର ଆବଶ୍ୟକତା ରହିଛି । ପାରସ୍ପରିକ ସମ୍ପର୍କ ଯଦି ଥରେ ବିଗିଡ଼ିଗଲା, ତେବେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଖରାପ ହୋଇଯାଏ । ପାରସ୍ପରିକ ସମ୍ପର୍କ ଯଦି ଥରେ ଖରାପ ହୋଇଯାଏ, ତେବେ ସେହି ସମ୍ପର୍କକୁ ସୁଧାରିବା ବଡ଼ ମୁସ୍କିଲ୍ ହୋଇଯାଏ । ଏଣୁ ଗୋଟିଏ ବିଶେଷ କଥା ହେଉଛି ଯେ ସମ୍ପର୍କ ସାଧା ହେଉ, କିଛି କଥା ନାହିଁ ହେଲେ ସମ୍ପର୍କରେ କୌଣସି ଦାଗ ନ ଲାଗିବା ଦରକାର, କୌଣସି ଛିଟା ନ ପଡ଼ିବା ଦରକାର । ସେହିଭଳି ସମ୍ପର୍କ ହେବା ଦରକାର । ସମ୍ପର୍କ ଅତି ମଝବୁତ୍ ହେବା ଦରକାର । ମଝବୁତ୍ ସମ୍ପର୍କ କେବେ ବି ଖରାପ ହୁଏନି । ହେଲେ ଯଦି ଖରାପ ହୋଇଯାଏ, ତେବେ କଥା ସରିଲା । ଏଣୁ ଜୀବନରେ ସମ୍ପର୍କର ମହନୀୟତା ଉପରେ ଗୁରୁତ୍ୱାରୋପ କରାଯାଇଥାଏ । ଥରେ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ବିଗିଡିଗଲା ସମ୍ପର୍କ । ବହୁ ଆଗରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଖୁବ୍ ଭଲ ଥିଲା । ହେଲେ କୌଣସି କାରଣ ବଶତଃ ଉଭୟଙ୍କ ମଧ୍ୟରେ ସମ୍ପର୍କ ଧୀରେ ଧୀରେ ବିଗିଡ଼ିଗଲା । ଏମିତି ବିଗିଡିଗଲା ଯେ ଆଉ ସୁଧୁରିବାର ନାଁ ନେଉନଥିଲା । ଉଭୟ ଗ୍ରାମର ଛୋଟ ଛୋଟ ପିଲାଙ୍କ ମଧ୍ୟରେ ବିଗିଡ଼ିଗଲା ସମ୍ପର୍କ ଯାହା ଅତି ଖରାପ କଥା । ଘରର ମୁରବୀମାନେ ମଧ୍ୟ ସେମାନଙ୍କ ପିଲାଙ୍କୁ ଭୁଲ୍ ଶିକ୍ଷା ଦେବାରେ ଲାଗିଲେ । ସେମାନଙ୍କ ପିଲାଙ୍କୁ ଅନ୍ୟ ଗ୍ରାମର ପିଲାଙ୍କ ସହିତ ମିଶିବାରୁ ବାରଣ କଲେ । ଏଭଳି ସ୍ଥିତି ଉଭୟ ଗ୍ରାମ ମଧ୍ୟରେ ଗୋଟାଏ ଖରାପ ବାତାବରଣ ସୃଷ୍ଟି କଲା । ବିଚରା ଛୋଟପିଲାଙ୍କର କି ଦୋଷ । ସେମାନଙ୍କ ସମ୍ପର୍କ ମଧ୍ୟରେ କୌଣସି ଆବିଳତା ନ ଥାଏ । ସେମାନଙ୍କ ସମ୍ପର୍କ ସବୁବେଳେ ସାଧା । ଏଣୁ ସେଭଳି ସମ୍ପର୍କରେ କେବେ ବି କିଛି ପ୍ରତିବନ୍ଧକ ସୃଷ୍ଟି ହେବା ଉଚିତ୍ ନୁହେଁ । ଯଦି ସେପରି ହୁଏ ତେବେ ପିଲାମାନଙ୍କ ସାଧା ସର୍ମ୍ପକରେ ଦାଗ ଲାଗିଯିବ । ଗ୍ରାମବାସୀ ଏହି କଥାର ମୂଲ୍ୟ ଧୀରେ ଧୀରେ ବୁଝିଲେ । ସେମାନେ ପରେ ପରସ୍ପର ମଧ୍ୟରେ ସୁସମ୍ପର୍କ ରକ୍ଷା କରିବାରେ ଲାଗିଲେ । ଫଳରେ ଉଭୟ ଗ୍ରାମ ମଧ୍ୟରେ ଧୀର ଧୀରେ ସମ୍ପର୍କ ସୁଧୁରିଗଲା । ସେମାନଙ୍କ ମଧ୍ୟରେ ସମ୍ପର୍କ ସୁଧାରିବାର ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଗଲା, ସେଥିରେ ସେମାନେ ସଫଳ ହୋଇଗଲେ ।

# ଭାରତ ବର୍ଷର ସମ୍ବିଧାନ ଓ ସମ୍ବିଧାନ ସଭା

ପ୍ରଦୀପ ସେନାପତି

ଭାରତ ବର୍ଷରେ ସମ୍ବିଧାନ ସଭାର ଦାବିଥିଲା ଏକ ପ୍ରକାରର ରାଷ୍ଟ୍ରୀୟ ସ୍ୱାଧୀନତାର ଦାବି । ଏଇ ସମ୍ବିଧାନ ସଭାର ସିଦ୍ଧାନ୍ତ ସର୍ବପ୍ରଥମ ରୂପ ନେଇଥିଲା ୧୮୯୫ ମସିହାରେ "ସ୍ୱରାଜ୍ୟ ବିଧେୟକ" ଭାବରେ ସେଇ ସ୍ୱରୂପ ରୂପରେଖ ନେଇଥିଲା ତିଳକଙ୍କ ନିର୍ଦ୍ଦେଶନାରେ ।ବିଂଶ ଶତାବ୍ଦୀରେ ଏଇ ସ୍ୱରୂପକୁ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରିବା ପାଇଁ ମହାତ୍ମାଗାନ୍ଧୀ ଆହ୍ୱାନ ଦେବା ସହ ୧୯୨୨ରେ କହିଥିଲେ, ଭାରତୀୟ ସମ୍ବିଧାନ ଭାରତୀୟଙ୍କ ଇଚ୍ଛା ଅନୁସାରେ ହିଁ ହେବ । ଏଇ ଆହ୍ୱାନକୁ ଆଧାର କରି ମୋତିଲାଲ ନେହେରୁ ୧୯୨୪ ମସିହାରେ ସମ୍ବିଧାନ ସଭାର ନିର୍ମାଣ ନେଇ ବ୍ରିଟିଶ ସରକାରଙ୍କ ସମ୍ମୁଖରେ ଦାବି ଉପସ୍ଥାପନ କରିଥିଲେ ସତ, କିନ୍ତୁ ସେମାନେ ଏଥିପ୍ରତି କର୍ଣ୍ଣପାତ କରିନଥିଲେ । ତହିଁ ପରେ ଏମ୍.ଏନ୍. ରାୟ ସମ୍ବିଧାନ ସଭାର ବିଚାର ପାଇଁ ପ୍ରତିପାଦନ କରିବାରୁ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ଏଇ ବିଚାରର ଲୋକପ୍ରିୟ କରିବା ନେଇ ଦାୟିତ୍ୱ ଦିଆ ଯାଇଥିଲା । ସେଇଥିପାଇଁ କଂଗ୍ରେସ ଔପଚାରିକତାର ସହ ଘୋଷଣା କରିଥିଲେ ଯଦି ଭାରତକୁ ଆତ୍ମ ନିର୍ଣ୍ଣୟର ଅବସର ମିଳେ, ତେବେ ଦେଶର ସବୁ ଶ୍ରେଣୀର ଲୋକଙ୍କ ପ୍ରତିନିଧି ସଭା ଡକାଯାଉ, ଯେଉଁମାନେକି ଏକ ସର୍ବସମ୍ମତ ସମ୍ବିଧାନର ନିର୍ମାଣ କରିପାରିବେ । ତାହାହିଁ ହେବ ସମ୍ବିଧାନ ସଭା ।୧୯୨୭ ମସିହାରେ ଇଂରେଜ ସରକାରଙ୍କ ତତ୍କାଳୀନ ଭାରତ ମନ୍ତ୍ରୀ ବର୍କନହେଡ ଭାରତବାସୀ ନିଜେ ସେମାନଙ୍କ ସମ୍ବିଧାନ ତିଆରି ପାଇଁ ଅକ୍ଷମ ହୋଇଥିବା ହେତୁ ପ୍ରଶାସନରେ ଆବଶ୍ୟକୀୟ ଅଦଳବଦଳ କରିବା ପାଇଁ ସାଇମନ କମିଶନ ନିଯୁକ୍ତି କରିଥିଲେ । ତତ୍କାଳୀନ ଭାରତମନ୍ତ୍ରୀଙ୍କ ଏତାଦୃଶ ମନ୍ତବ୍ୟକୁ ଆହ୍ୱାନ କରି ୧୯୨୮ ମସିହାରେ ଦିଲ୍ଲୀ ଠାରେ ଏକ ସର୍ବଦଳୀୟ ସଭାର ଆୟୋଜନ କରିଥିଲେ କଂଗ୍ରେସ କର୍ମକର୍ତ୍ତା । ସେଇଠି ମଧ ଭାରତୀୟ ସମ୍ବିଧାନ ପାଇଁ ଆବଶ୍ୟକୀୟ ରିପୋର୍ଟ ପ୍ରସ୍ତୁତ କରିବାକୁ ଏକ ନଅଜଣିଆ ସଦସ୍ୟ ବିଶିଷ୍ଟ ସବ୍ କମିଟି ଗଠନ କରାଯାଇଥିଲା । ଯାହାର ଅଧ୍ୟକ୍ଷ ଥିଲେ ପଣ୍ଡିତ ମୋତିଲାଲ ନେହେରୁ ଏବଂ ସଚିବ ଥିଲେ ପଣ୍ଡିତ ଜବାହର ଲାଲ ନେହେରୁ । ବହୁତ ବିଚାର ବିମର୍ଷ କରି ନେହେରୁ ରିପୋର୍ଟ ନାମରେ ଏକ ରିପୋର୍ଟ ପ୍ରସ୍ତୁତ କରି ଇଂରେଜ ସରକାରଙ୍କ ସମ୍ମୁଖରେ ପେଶ୍ କରିଥିଲେ । ମାତ୍ର ସରକାର ତାହାକୁ ସ୍ୱୀକାର କରିନଥିଲେ ।ଭାରତୀୟ ଜନତାଙ୍କ ସମ୍ବିଧାନ ସଭାର ଦାବିକୁ ଇଂରେଜ ସରକାର ଗ୍ରହଣ କରୁ ନଥିବାବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଆବଶ୍ୟକତା ତଥା ରାଷ୍ଟ୍ରୀୟ-ଅନ୍ତରାଷ୍ଟ୍ରୀୟ ଶକ୍ତିର ଚାପରେ ରାଜି ହୋଇ ୧୯୪୬ ମସିହାର ପ୍ରସ୍ତାବରେ ଇଂରେଜ ସରକାର କହିଥିଲେ - ଭାରତର ସମ୍ବିଧାନ ସ୍ୱଭାବତଃ ସ୍ୱୟଂ ଭାରତବାସୀ ପ୍ରସ୍ତୁତ କରିବେ । ଫଳସ୍ୱରୂପ ୧୯୪୦ ମସିହାରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ, ସାର୍ ଷ୍ଟେଫୋର୍ଡ କ୍ରିପ୍ସ ନେତୃତ୍ୱରେ ଗୋଟାଏ ମିଶନ ପଠାଇଥିଲେ । ମାତ୍ର କ୍ରିପ୍ସ ଯୋଜନାକୁ ଭାରତୀୟମାନେ ଅସ୍ୱୀକାର କରିବା ଫଳରେ ୧୯୪୬ ମସିହାରେ କ୍ୟାବିନେଟ୍ ମିଶନ୍ ଭାରତୀୟ ସମ୍ବିଧାନ ସଭାର ପ୍ରସ୍ତାବକୁ ସ୍ୱୀକାର କରି ଏହାକୁ ବ୍ୟବହାରିକ ରୂପରେ କାର୍ଯ୍ୟ କରିବା ପାଇଁ ମତ ପ୍ରଦାନ କରିବା ସହ ସେହି ବର୍ଷ ୨୪ ମାର୍ଚ୍ଚରେ ଦିଲ୍ଲୀ ଆସି ପହଞ୍ଚିଥିଲେ । ମଇ ୧୬ ତାରିଖରେ ମିଶନ ତାଙ୍କର ଯୋଜନାକୁ ପ୍ରକାଶ କରିଥିଲେ । ସେଇଥିରେ ସମ୍ବିଧାନ ନିର୍ମାଣ ପାଇଁ ପ୍ରସ୍ତାବିତ ସଙ୍ଗଠନ ସମ୍ପର୍କରେ ଲେଖାଥିଲା ବୟସ୍କ ମତଦାତାଙ୍କ ଆଧାରରେ ସମ୍ବିଧାନ ସଭାର ଗଠନ ବର୍ତ୍ତମାନ ପରିସ୍ଥିତିରେ ଅସମ୍ଭବ । ମାତ୍ର ଏହାର ବ୍ୟବହାରିକ ଉପାୟ ହେଉଛି ପ୍ରାନ୍ତୀୟ ବିଧାନସଭାର ନିର୍ବାଚନକାରୀ ସଂସ୍ଥା ରୂପରେ ଉପଯୋଗ କରାଯାଇପାରେ ।କ୍ୟାବିନେଟ୍ ମିଶନର ଯୋଜନା ଅନୁସାରେ ସମ୍ବିଧାନ ସଭାର ମୋଟ ୩୮୯ ସ୍ଥାନରୁ ବ୍ରିଟିଶ ଭାରତକୁ (ରାଜ୍ୟ ଗଡ଼ଜାତ ଅଞ୍ଚଳକୁ ଛାଡ଼ି) ୨୯୬ଟି ସ୍ଥାନ ଏବଂ ଗଡ଼ଜାତ ଅଞ୍ଚଳକୁ ୯୩ଟି ସ୍ଥାନ ଦିଆଯାଇଥିଲା । ସେହି ୨୯୬ ସ୍ଥାନରୁ ୪ ଜଣ ଥିଲେ ମନୋନୀତ ସଭ୍ୟ । ୧୯୪୬ ଜୁଲାଇ ମାସରେ ୨୯୩ଟି ସ୍ଥାନରେ ନିର୍ବାଚନ ହୋଇଥିଲା । ସେଇ ନିର୍ବାଚନରେ କଂଗ୍ରେସ ୨୦୮, ମୁସଲିମ୍ ଲିଗ୍ ୭୩ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ଆଠଟି ସ୍ଥାନରେ ବିଜୟ ଲାଭ କରିଥିଲେ । ବାକି ସ୍ଥାନରେ ଭିନ୍ନ ଭିନ୍ନ ଦଳର ପ୍ରାର୍ଥୀ ବିଜୟଲାଭ କରିଥିଲେ ସୁଦ୍ଧା ମହାତ୍ମାଗାନ୍ଧୀ, ଜିନ୍ନାଙ୍କ ଭଳି ନେତା ନିର୍ବାଚନରେ ଅବତୀର୍ଣ୍ଣ ହୋଇନଥିଲେ ।ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା - ସମ୍ବିଧାନ ସଭାକୁ ମୁସଲିମ୍ ଲିଗ୍‌ର ସ୍ଥିତି ଦୁର୍ବଳ ଥିବା ଜାଣି ସମ୍ବିଧାନ ସଭାର ପ୍ରଥମ ଅଧିବେଶନ (୯ ଡିସେମ୍ବର, ୧୯୪୭)ରେ କୌଣସି ପ୍ରତିନିଧି ଯୋଗ ଦେଇନଥିଲେ । ଏହି ପ୍ରଥମ ଅଧିବେଶନ ସଂସଦର କେନ୍ଦ୍ରୀୟ କକ୍ଷରେ ଆରମ୍ଭ ହୋଇଥିଲା । ନଅଜଣ ମହିଳା ସଭ୍ୟଙ୍କ ସମେତ ସମସ୍ତ ୨୦୭ ସଭ୍ୟ ରାଷ୍ଟ୍ରପତିଙ୍କ ଆସନ ଆଡ଼କୁ ମୁହଁ କରି ଅର୍ଦ୍ଧ ବୃତ୍ତାକାରରେ ବସିଥିଲେ । ସମ୍ମୁଖ ଧାଡ଼ିରେ ବସିଥିବା ସଭ୍ୟମାନେ ଥିଲେ - ପଣ୍ଡିତ ଜବାହରଲାଲ ନେହେରୁ, ମୌଲାନା ଅବୁଲ କଲାମ ଆଜାଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଆଚାର୍ଯ୍ୟ ଜେ.ବି. କୃପାଳିନୀ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ସରୋଜୀନୀ ନାଇଡୁ, ହରେକୃଷ୍ଣ ମହତାବ, ପଣ୍ଡିତ, ଜ.ବି. ପନ୍ଥ, ବି.ଆର ଆମ୍ବେଦକର, ଶରତ ଚନ୍ଦ୍ର ବୋଷ, ସି. ରାଜଗୋପାଳଚାରୀ, ଏମ୍ ଅସଫଅଲ୍ଲୀ । ଡ. ସଚ୍ଚିଦାନନ୍ଦ ସିହ୍ନା ପ୍ରଥମ ଅସ୍ଥାୟୀ ଅଧ୍ୟକ୍ଷ ଭାବେ ମନୋନୀତ ହେବା ପରେ ସଦସ୍ୟମାନେ ନିଜ ନିଜର ପରିଚୟ ପତ୍ର ଦେଖାଇ ଉଦ୍ଦିଷ୍ଟ ରେଜିଷ୍ଟରରେ ଦସ୍ତଖତ କରିଥିଲେ ।୧୯୪୬ ମସିହାର ଡିସେମ୍ବର ୧୧ ତାରିଖରେ କଂଗ୍ରେସର ବରିଷ୍ଠ ନେତା ଡ. ରାଜେନ୍ଦ୍ର ପ୍ରସାଦ ସମ୍ବିଧାନ ସଭାର ପ୍ରଥମ ସ୍ଥାୟୀ ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ୧୩ ଡିସେମ୍ବରରେ ପଣ୍ଡିତ ନେହେରୁ ପ୍ରସ୍ତାବ ପେଶ କରିବାରେ ଜାନୁଆରୀ ୨୨, ୧୯୪୭ରେ ଏହା ପାରିତ ହୋଇଥିଲା । ସେଇ ପ୍ରସ୍ତାବରେ କୁହାଯାଇଥିଲା - ଭାରତ ଏକ ପୂର୍ଣ୍ଣ ସଂପ୍ରଭୁତା ସମ୍ପନ୍ନ ଗଣରାଜ୍ୟ ହେବ । ଯିଏ ସ୍ୱୟଂ ନିଜସ୍ୱ ସମ୍ବିଧାନ ତିଆରି କରିବ । ଭାରତ ସଂଘରେ ବ୍ରିଟିଶ ଭାରତର ଅଞ୍ଚଳ । ଗଡ଼ଜାତ ଅଞ୍ଚଳ ସମେତ ଯେଉଁ ଅଞ୍ଚଳ ଗୁଡ଼ିକ ଏଥିସହ ମିଶିବା ପାଇଁ ଆଗ୍ରହ ପ୍ରକାଶ କରିବେ, ଏକତ୍ର ରହିବେ । ଭାରତର ନାଗରିକଙ୍କୁ ସାମାଜିକ, ଆର୍ଥିକ, ରାଜନୈତିକ ନ୍ୟାୟ, ପଦ, ଅବସର ଏବଂ ଆଇନର ସମାନତା, ବିଚାର ଭାଷଣ, ବିଶ୍ୱାସ, ବ୍ୟବସାୟ, ସଂଘ ନିର୍ମାଣ ଓ କାର୍ଯ୍ୟ କରିବାର ସ୍ୱତନ୍ତ୍ରତା, ଆଇନ ଓ ସାର୍ବଜନୀନ ନୈତିକତାର ଅଧୀନରେ ପ୍ରାପ୍ତ ହେବେ । ଅଳ୍ପ ସଂଖ୍ୟକ ଲୋକ, ପଛୁଆବର୍ଗ ଓ ଯାଯାବର ମାନଙ୍କର ରକ୍ଷା ନିମିତ୍ତ ସମୁଚିତ ବ୍ୟବସ୍ଥା କରାଯିବ ।ସମ୍ବିଧାନର ପ୍ରଥମ ରୂପରେଖ ସମ୍ବିଧାନ ସଭାର ପରାମର୍ଶଦାତା ବି.ଏନ୍. ରାଓଙ୍କ ନିର୍ଦ୍ଦେଶମତେ ପ୍ରସ୍ତାବ ହୋଇଥିଲା । ଏହା ପୂର୍ବରୁ ପୃଥିବୀର ପ୍ରାୟ ଷାଠିଏଟି ଦେଶର ସମ୍ବିଧାନର ମହତ୍ତ୍ୱପୂର୍ଣ୍ଣ ସନ୍ଦର୍ଭକୁ ନେଇ ତିନି ଭାଗରେ ସଙ୍କଳିତ କରାଯାଇଥିଲା ଏବଂ ଏହାର ବିଚାର ବିମର୍ଷ ନେଇ ପ୍ରତ୍ୟେକ ସଦସ୍ୟଙ୍କୁ ଗୋଟେ ଲେଖାଏଁ କପି ଯୋଗାଇ ଦିଆ ଯାଇଥିଲା ।ସମ୍ବିଧାନ ସଭାର ଦ୍ୱିତୀୟ ବୈଠକ ୨୦.୧.୧୯୪୭, ତୃତୀୟ ବୈଠକ - ୨୨.୪.୧୯୪୭, ଚତୁର୍ଥ ବୈଠକ ୧୪.୭.୧୯୪୭ ତାରିଖରେ ଅନୁଷ୍ଠିତ ହୋଇ ପ୍ରତ୍ୟେକ ବିଭାଗଗୁଡ଼ିକ ପାଇଁ କମିଟି ଗଠନ କରାଯାଇଥିଲା । ୧୯୪୭ ମସିହାର ଅଗଷ୍ଟ ୨୯ ତାରିଖରେ ସମ୍ବିଧାନ ନିର୍ମାଣ ନେଇ ଡ. ବି.ଆର. ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଏକ ସାତ ଜଣିଆ କମିଟି ଗଠନ କରାଯାଇଥିଲା । ଅନ୍ୟମାନେ ହେଲେ - ସାର୍ ଆଲ୍ଲାଦି କୃଷ୍ଣସ୍ୱାମୀ ଆୟାଙ୍ଗର୍, କେ. ଏମ୍. ମୁନସି. ଟି.ଟି, କୃଷ୍ଣମାଚାରୀ, ଏନ୍ ଗୋପାଳସ୍ୱାମୀ, ମହମ୍ମଦ ଅବଦୁଲା ଏବଂ ବି.ଏନ୍. ମିତର । ସାର୍ ଆଲ୍ଲାଦି କୃଷ୍ଣସ୍ୱାମୀ ଆୟାଙ୍ଗର ସମ୍ବିଧାନର ମୌଳିକ ଅଧିକାର ଉଚ୍ଚ ଓ ସର୍ବୋଚ୍ଚ ନ୍ୟାୟାଳୟ ସମ୍ବନ୍ଧୀୟ, ଟି.ଟି. କୃଷ୍ଣମାଚାରୀ ମୁଖ୍ୟତଃ ସଂଘୀୟ ସ୍ୱରୂପ, ଅର୍ଥ ଓ ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟ ସମ୍ବନ୍ଧୀୟ, ଏନ୍. ଗୋପାଳ ସ୍ୱାମୀଙ୍କ ଭାଷା ସମ୍ବନ୍ଧୀୟ ଥିବା ଅବଦାନ ଅତୁଳନୀୟ ।ଉପରୋକ୍ତ କମିଟି ବି.ଏନ୍. ରାଓଙ୍କ ସମ୍ବିଧାନର ପ୍ରଥମ ପ୍ରାରୂପକୁ ଅଧ୍ୟୟନ କରିବା ଅବସରରେ ଏଚ.ବି. କାମାଥ କିଛି ସଂଶୋଧନ କରିଥିଲେ । ନାଜିରୁଦ୍ଦିନ୍ ଅହମ୍ମଦ କମା, ପୂର୍ଣ୍ଣଚ୍ଛେଦ, ବିରାମ ଗୁଡ଼ିକର ଶୁଦ୍ଧି କରିଥିଲେ । ପ୍ରଫେସର କେ.ଟି. ସାହ ରାଷ୍ଟ୍ରପତି ପ୍ରଣାଳୀ ପାଇଁ ପ୍ରସ୍ତାବ ରଖିଥିଲେ । ଏଚ୍.ଏନ୍. କୁଞ୍ଜୁର, ଫ୍ରାଙ୍କ୍ ଆନ୍ଥୋନୀ, ମହାବୀର ତ୍ୟାଗି, ଦୁର୍ଗାବାହି ପ୍ରମୁଖ ଅନେକ ବିଦ୍ୱାନ ଅନେକାଂଶରେ ସାହାଯ୍ୟ ସହଯୋଗ କରିଥିଲେ ।ଏହି ପ୍ରାରୂପ ସମ୍ବିଧାନକୁ ୧୯୪୮ ମସିହାରେ ସମ୍ବିଧାନ ସଭାର ଅଧ୍ୟକ୍ଷଙ୍କୁ ସମର୍ପଣ କରିବା ପରେ ଲୋକଲୋଚନକୁ ଆସିବା ପାଇଁ ପ୍ରକାଶିତ ହୋଇଥିଲା । ଫଳତଃ ଅନେକ ସଂଶୋଧନ ହେବା ପାଇଁ ମତ ପ୍ରାପ୍ତ ହୋଇଥିଲା ସେ ସବୁର ବିଚାର ବିମର୍ଷ ଆରମ୍ଭ ହୋଇଥିଲା ସେହି ବର୍ଷ ନଭେମ୍ବର ମାସ ପନ୍ଦର ତାରିଖରୁ । ନାନା ସଂଶୋଧନ କରିବା ପରେ ସମ୍ବିଧାନ ସଭାର ଅନ୍ତିମ ଦିବସ ୨୪ ଜାନୁଆରୀ ୧୯୫୦ରେ ପ୍ରାରୂପର ତିନୋଟି ନକଲ ଉପସ୍ଥାପନ କରି ସମ୍ବିଧାନ ସଭାର ଅଧ୍ୟକ୍ଷ ପ୍ରତ୍ୟେକ ସଦସ୍ୟଙ୍କୁ ଅନୁରୋଧ କରିଥିଲେ ପ୍ରତ୍ୟେକ କପିରେ ସନ୍ତକ କରିବାକୁ । ସମସ୍ତ ସଦସ୍ୟ ସନ୍ତକ କରିବା ପରେ ଜନ-ଗଣ-ମନ ଓ ବନ୍ଦେ ମାତରଂ ଗାନ କରି ସଭା ସାଙ୍ଗ କରିଥିଲେ । ସମ୍ବିଧାନ ସ୍ୱୀକୃତି ଲାଭ କରିବା ପରେ ୧୯୫୦ ଜାନୁଆରୀ ୨୬ ତାରିଖରେ ଏହି ସଭା ଭାରତୀୟ ଗଣରାଜ୍ୟର ସଂସଦ ନାମରେ ନାମିତ ହୋଇଥିଲା ।ସମ୍ପୂର୍ଣ୍ଣ ସମ୍ବିଧାନ ପ୍ରସ୍ତୁତ ହେବା ପାଇଁ ଦୁଇ ବର୍ଷ ଏଗାର ମାସ ଅଠେଇଶ ଦିନ ଲାଗିଥିଲା । ଏଥିପାଇଁ ପ୍ରାୟ ୩୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ସମ୍ବିଧାନର ପ୍ରାରୂପକୁ ନେଇ ୧୧୪ ଦିନ ଧରି ଆଲୋଚନା ହୋଇ ୩୯୫ ଅନୁଚ୍ଛେଦ ଓ ଆଠଟି ଅନୁସୂଚି ରଖା ଯାଇଥିଲା ।ସମ୍ବିଧାନର କିଛି ଅନୁଚ୍ଛେଦକୁ ୨୬ ନଭେମ୍ବର ୧୯୪୯ରେ ଲାଗୁ କରାଯାଇ ଅବଶିଷ୍ଟକୁ ଐତିହାସିକ କାରଣ ଯୋଗୁ ଜାନୁଆରୀ ୨୬, ୧୯୫୦ ମସିହାରେ ଲାଗୁ କରାଗଲା । ଯାହାକି ଆଜିଯାଏ ବଳବତ୍ତର ରହିଛି ।ସେ ଯାହାହେଉ, ଆମ ଭାରତର ସମ୍ବିଧାନ ହେଉଛି ପୃଥିବୀର ସବୁଠାରୁ ବଡ଼ ସମ୍ବିଧାନ । ଯୁଗ ବଦଳିବା ସହ ପରିସ୍ଥିତିକୁ ଖାପ ଖାଇବା ଭଳି ମୂଳ ସମ୍ବିଧାନରେ ଆଜିଯାଏ ୮୪ଗୋଟି ସଂଶୋଧନ କରାଯାଇ ସାରିଲାଣି ।ସମ୍ବିଧାନ ସଭା କାଳରେ ଗଠିତ ହୋଇଥିବା କମିଟି ଓ ସେସବୁର ଅଧ୍ୟକ୍ଷମାନଙ୍କର ତାଲିକା ଏହିପରି ପ୍ରଦାନ କରୁଅଛି ।କମିଟିର ନାମ ଅ ଧ କ୍ଷ ଙ୍କ ନାମ୧.କାର୍ଯ୍ୟବିଧି ଆଇନ କମିଟି - ଡ. ରାଜେନ୍ଦ୍ର ପ୍ରସାଦ୨.ଷ୍ଟିଅରିଂ କମିଟି- ଡ. ରାଜେନ୍ଦ୍ର ପ୍ରସାଦ୩. ଅର୍ଥ ଓ ଷ୍ଟାଫ୍ କମିଟି - ଡ. ରାଜେନ୍ଦ୍ର ପ୍ରସାଦ ୪.ଅସ୍ଥାୟୀପକ କମିଟି- ଆଲାଦି କ୍ରିଷ୍ଣସ୍ୱାମୀ ଆୟାର ୫. ଗୃହ କମିଟି - ବି. ପଟାଭିସିତା ରାମାୟା ୬.ଅର୍ଡର ଅଫ୍ ବିଜିନେସ୍ କମିଟି - କେ. ଏମ୍. ମୁନସି ୭.ଜାତୀୟ ପତାକାର ଆଡହକ୍ କମିଟି- ରାଜେନ୍ଦ୍ର ପ୍ରସାଦ ୮.ସମ୍ବିଧାନର କାର୍ଯ୍ୟଧାରା କମିଟି - ଜି.ଭି. ମାଉଲକର୯.ଷ୍ଟେଟସ୍ କମିଟି ଜବାହରଲାଲ ନେହେରୁ୧୦.ସଂଖ୍ୟାଲଘୁ କମିଟି - ଏଚ୍.ସି. ମୁଖାର୍ଜୀ୧୧. ମୌଳିକ ଅଧିକାର କମିଟି - ଜେ.ବି, କ୍ରିପାଳିନୀ୧୨. କେନ୍ଦ୍ରୀୟ କ୍ଷମତା କମିଟି - ଜବାହର ଲାଲ ନେହେରୁ୧୩. କେନ୍ଦ୍ର ସମ୍ବିଧାନ କମିଟି - ଜବାହର ଲାଲ ନେହେରୁ୧୪. ଡ୍ରାଫ୍ଟିଂ କମିଟି - ବି.ଆର୍ ଆମ୍ବେଦକର୧୫. ମୌଳିକ ଅଧିକାର ସଂଖ୍ୟାଲଘୁ - ବଲ୍ଲଭଭାଇ ପଟେଲ ଜନଜାତି ଏବଂ ବହିଃଷ୍କରଣ ଅଞ୍ଚଳର ଉପଦେଷ୍ଟା କମିଟି୧୬.ଉତ୍ତର ପୂର୍ବ ସୀମାନ୍ତ ଜନଜାତି - ଗୋପୀନାଥ ବରଦୋଲାଇଅଞ୍ଚଳ ଏବଂ ଆସାମ ବହିଃ ଅଞ୍ଚଳଓ ଆଂଶିକ ବହିଃ ଅଞ୍ଚଳ ସବ୍ କମିଟି୧୭.ବହିଃଷ୍କରଣ ଓ ଆଂଶିକ ବହିଃ ଅଞ୍ଚଳ - ଏ.ଭି. ଥାକର ସବ୍ କମିଟି ମେରା ଭାରତ ମହାନ୍, ବନ୍ଦେ ଭାରତ ମାତା କି ଜୟ,

**ଲେଖକ ଜଣେ, କଠୋର ପନ୍ଥୀ ଦେଶଭକ୍ତ ତଥା - ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ଜାତୀୟ ସ୍ତରର ସାମ୍ବାଦିକ, ଇଣ୍ଡିଆନ ନିୟୁଜ ସାଇଟ, ଆନ୍ତର୍ଜାତୀୟ ସ୍ତମ୍ଭକାର, ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର - ୨, ଜିଲ୍ଲା - ଖୋର୍ଦ୍ଧା, ମୋ - ୭୮୪୮୮୯୮୪୫୬**

# ରାଷ୍ଟ୍ରୀୟ ଅସ୍ମିତାର ପ୍ରତୀକ : ଶ୍ରୀରାମ ମନ୍ଦିର

ନେତାଜୀ ତାପସ କୁମାର ସାହୁ

ଦୀର୍ଘ ୫୦୦ ବର୍ଷର ସଂଗ୍ରାମ ପରେ ଭାରତୀୟ ଅସ୍ମିତାର ପ୍ରତୀକ ଭାବେ ଅଯୋଧ୍ୟାର ଶ୍ରୀରାମ ମନ୍ଦିର ଆଜି ଭବ୍ୟତା ଓ ଦିବ୍ୟତାର ସହ ଦଣ୍ଡାୟମାନ ହୋଇଛି । ଭାରତର ତିନୋଟି ସ୍ଥାନରେ ପ୍ରତିଟି ଭାରତୀୟଙ୍କ ସ୍ୱତଃ ପ୍ରବୃତ୍ତ ଭାବେ ଅବଦାନ ରହିଛି ଯଥା କନ୍ୟାକୁମାରୀ ସ୍ଥିତ ବିବେକାନନ୍ଦ ଶିଳା ସ୍ମାରକୀ, ନର୍ମଦା ନଦୀ ତଟରେ ଥିବା ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ଏବଂ ଅଯୋଧ୍ୟାର ରାମ ମନ୍ଦିର । ବିଦେଶୀ ଆକ୍ରମଣକାରୀ ବାବର ନିଜର ସାମ୍ରାଜ୍ୟ ବିସ୍ତାର କରିବା ସହ ଭାରତର ଆତ୍ମା ଉପରେ କୁଠାରଘାତ କରି ୧୫୨୮ ମସିହାରେ ଏହି ରାମ ଜନ୍ମଭୂମିରେ ବାବ୍ରୀ ଢାଞ୍ଚା ନିର୍ମାଣ କରିଥିଲେ । କାରଣ ସେ ଭଲ ଭାବରେ ଜାଣିଥିଲେ ଭାରତରେ ଯଦି ଶାସନ କରିବାର ଅଛି ତେବେ ମନ୍ଦିର, ଧର୍ମଶାସ୍ତ୍ର ଓ କଳା ସଂସ୍କୃତିକୁ ହିଁ ଧ୍ୱଂସ କରିବାକୁ ହେବ । ଯାହାଙ୍କ ପଦାଙ୍କ ଅନୁସରଣ କରି ପରବର୍ତ୍ତୀ ସମୟରେ ଇଂରେଜ ମାନେ ମଧ୍ୟ ନାଳନ୍ଦା ବିଶ୍ୱବିଦ୍ୟାଳୟର ପାଠାଗାରକୁ ଜାଳି ଦେଇ ଆମର ଅନେକ କିଛି ଉପାଦେୟ ପୁସ୍ତକ, ଗ୍ରନ୍ଥ ଓ ପାଣ୍ଡୁଲିପିକୁ ସବୁଦିନ ପାଇଁ ଶେଷ କରିଦେଲେ । କୁହାଯାଏ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଥିବା ପୁସ୍ତକ ଗୁଡିକ ୬ ମାସରୁ ଅଧିକ ସମୟ ଧରି ଜଳିଥିଲା, ଏଇଠୁ ସ୍ପଷ୍ଟ ଅନୁମେୟ କେତେ ସଂଖ୍ୟକ ପୁସ୍ତକ ଆଜି ପାଉଁଶ ହୋଇଯାଇଛି କ୍ଷତେଣୁ ବାବରଙ୍କ ଏହି ବର୍ବରତା ଥିଲା ଭାରତୀୟଙ୍କ ପାଇଁ କଳଙ୍କ, ଯାହାକୁ ଅଶୀ ଦଶକ ଶେଷ ଭାଗ ଏବଂ ନବେ ଦଶକର ଆରମ୍ଭରେ ବିଶ୍ୱ ହିନ୍ଦୁ ପରିଷଦ ପରିଷଦ ନେତୃତ୍ୱରେ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ତୀବ୍ରତର କରି ପରବର୍ତ୍ତୀ ସମୟରେ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡ଼ଭାନୀ, ମୁରଲୀ ମନୋହର ଯୋଶୀ, ସ୍ୱର୍ଗୀୟ ପ୍ରମୋଦ ମହାଜନ, ତତ୍କାଳୀନ ଗୁଜୁରାଟ ବିଜେପି ସାଙ୍ଗଠନିକ ସଚିବ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱର୍ଗୀୟ ଅଶୋକ ସିଙ୍ଘଲ, ସ୍ୱର୍ଗୀୟ ବାଲାସାହେବ ଠାକରେ, ଉମା ଭାରତୀ, ସ୍ୱାଧୀ ରିତୁମ୍ଭରା, ମହନ୍ତ ନୃତ୍ୟ ଗୋପାଳ ଦାସ ମହାରାଜଙ୍କ ପରି ଅନେକ ରାମ ପ୍ରେମୀଙ୍କ ମିଳିତ ଉଦ୍ୟମରେ 'ରାମ ରଥଯାତ୍ରା' ସୋମନାଥ ଠାରୁ ଅଯୋଧ୍ୟା ଯାଏଁ ଆୟୋଜନ କରାଯାଇଥିଲା, ଯାହାକି ପ୍ରତିଟି ସନାତନୀ ରାମ ଭକ୍ତଙ୍କ ତାଙ୍କ ଆରାଧ୍ୟଙ୍କ ପ୍ରତି ଥିବା ଭକ୍ତିକୁ ଆହୁରି ଜାଗ୍ରତ କରିଥିଲା । ଉତ୍ତର ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମୁଲାୟମ ସିଂହ ଯାଦବଙ୍କ ରାମ ଭକ୍ତଙ୍କ ଉପରେ ଗୁଳି ଚାଳନା ବେଶ ହୃଦୟ ବିଦାରକ ଥିଲା । ରାମ କୋଠାରୀ ଓ ଶରଦ କୋଠାରୀଙ୍କ ବଳିଦାନ ତାଙ୍କୁ ସବୁଦିନ ପାଇଁ ଅମର କରି ରଖିବ । ତେବେ କେନ୍ଦ୍ରରେ ପି.ଭି. ନରସିଂହ ରାଓ ପ୍ରଧାନମନ୍ତ୍ରୀ ଓ ଉତ୍ତରପ୍ରଦେଶରେ କଲ୍ୟାଣ ସିଂଙ୍କର ସରକାର ଥିଲା ବେଳେ ୬ ଡିସେମ୍ବର ୧୯୯୨ ରେ ଏହି ବିବାଦିତ ଢାଞ୍ଚାକୁ ରାମ ଭକ୍ତ ମାନେ ଧ୍ୱସ୍ତ କରିଦେଇଥିଲେ । ଖାଲି ସେତିକି ନୁହେଁ ଦେଶର ପ୍ରତିଟି କୋଣ ଅନୁକୋଣରେ ରାମଙ୍କ ମନ୍ଦିର, ଦୈନିକ ରାମାୟଣ ପାଠ, ଦୀପାବଳି, ରାମଲୀଳା ଆୟୋଜନ କରାଯାଉଥିବା ବେଳେ ସମ୍ବିଧାନରେ ରାମ ଦରବାର ଫଟୋ ଥାଇ ସୁଦ୍ଧା ସୁପ୍ରିମକୋର୍ଟରେ ରାମଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ କାଳ୍ପନିକ ବୋଲି ତତ୍କାଳୀନ ସଂଯୁକ୍ତ ପ୍ରଗତିଶୀଳ ଗଠବନ୍ଧନର ସରକାର ଦାବି କରିଥିଲେ, ଯେବେ କି ପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ମନ୍ଦିରର ତାଲା ଖୋଲିଥିଲେ । ତେବେ ୨୦୧୦ ମସିହାରେ ଆହ୍ଲାବାଦ ହାଇକୋର୍ଟ ରାୟ ଦେଇ ଉକ୍ତ ଜମିକୁ ହିନ୍ଦୁ ପକ୍ଷ, ନିର୍ମୋହୀ ଆଖଡା ଏବଂ ସୁନି ୱାକଫ ବୋର୍ଡ଼ ମଧ୍ୟରେ ବାଣ୍ଟି ଦେଇଥିଲେ । ମାତ୍ର କୌଣସି ପକ୍ଷ ଏଥିରେ ରାଜି ନ ହେବାକୁ କଥା ସୁପ୍ରିମକୋର୍ଟ ଯାଇଥିଲା । ତେବେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଓ ଖନନ କାର୍ଯ୍ୟ ସମେତ ବିଭିନ୍ନ ପ୍ରମାଣ ଆଧାରରେ ସୁପ୍ରିମକୋର୍ଟ ଶେଷରେ ୫ ନଭେମ୍ବର ୨୦୧୯ରେ ହିନ୍ଦୁ ପକ୍ଷକୁ ସେହି ୨.୭୭ ଏକର ଜମି ଯେଉଁଠି ରାମ ଜନ୍ମ ହୋଇଥିଲେ ଏବଂ ତାଙ୍କର ମୂର୍ତ୍ତି ପ୍ରକଟ ହୋଇଥିଲେ ତାହାକୁ ରାମ ମନ୍ଦିର ନିର୍ମାଣ ପାଇଁ ଅନୁମତି ଦେଇଥିଲା ବେଳେ ମୁସଲମାନ ପକ୍ଷଙ୍କୁ ଅନତିଦୂରରେ ୫ ଏକର ଜାଗାରେ ମସଜିଦ ନିର୍ମାଣ ପାଇଁ ଜମି ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପଡୋଶୀ ଶ୍ରୀଲଙ୍କା, ନେପାଳ, ଭୁଟାନ, ଇଣ୍ଡୋନେସିଆ ପରି ଅନେକ ଦେଶରେ ରାମଙ୍କୁ ବିଶ୍ୱାସ କରି ପୂଜାର୍ଚ୍ଚନା କରାଯାଉଥିବା ବେଳେ ଜନ୍ମଭୂମି ଭାରତରେ ରାମଙ୍କ ଅସ୍ତିତ୍ୱ ପାଇଁ ଦୀର୍ଘ ୫୦୦ ବର୍ଷର ସଂଗ୍ରାମ ବେଶ ଚକିତ କରେ । ରାମ ମନ୍ଦିର ନିର୍ମାଣ ପାଇଁ ରାୟ ନ ଆସିବା ଯାଏଁ ଅଯୋଧ୍ୟା ଫେରିବେ ନାହିଁ ବୋଲି ଦୃଢ ସଂକଳ୍ପ ନେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶେଷରେ ତାଙ୍କର ୨୯ ବର୍ଷ ଅପେକ୍ଷାର ଅନ୍ତ ଘଟାଇ ୫ ଅଗଷ୍ଟ ୨୦୨୦ ମସିହାରେ କରୋନା ମହାମାରୀ ମଧ୍ୟରେ ରାମ ମନ୍ଦିର ନିମନ୍ତେ ଭୂମି ପୂଜନ କରିଥିଲେ । ଆଜି ଯେଉଁ ମନ୍ଦିର ନିର୍ମାଣ ହୋଇଛି ତାହା ରାମ ମନ୍ଦିର ନିମନ୍ତେ ସଂଗୃହୀତ ଦାନ ରାଶିର ସୁଧରେ ହିଁ ହୋଇଛି ।ପ୍ରଜାନୁରଞ୍ଜକ ପ୍ରଭୁ ଶ୍ରୀରାମଙ୍କ ଶାସନ ଓ ସେବା ମନୋଭାବ ବର୍ତ୍ତମାନର ଶାସନ ପ୍ରଣାଳୀ ଅନୁସରଣ କରିବା ଉଚିତ । ମାତା କୈକେୟୀ ହିଁ ରାମଙ୍କ ଦୀର୍ଘ ଭବିଷ୍ୟତ ଦେଖି ତାଙ୍କୁ ରାଜ ଉଆସ ମଧ୍ୟରେ ନ ରଖି କିପରି ଚକ୍ରବର୍ତ୍ତୀ ସମ୍ରାଟ ହେବେ ତଥା ପିଢି ପରେ ପିଢି ତାଙ୍କୁ ଲୋକେ ମାନେ ନିଜର ଆଦର୍ଶ ଭାବେ ଗ୍ରହଣ କରିବେ, ସେଇଥିପାଇଁ ନିଜର ପୁତ୍ର ଭରତଙ୍କୁ ପଛରେ ପକାଇ ରାମଙ୍କୁ ଆଗଭର କରିଥିଲେ । ସେ ସମୟରେ ୧୪ବର୍ଷ ଅଯୋଧ୍ୟାର ସିଂହାସନରେ ଯିଏବି ବସିଥାନ୍ତେ ତାଙ୍କୁ ବିପଦ ସହ ସଂଘର୍ଷ କରିବାକୁ ପଡିଥାନ୍ତା । ତେଣୁ କୈକେୟୀଙ୍କୁ ଭରତ ଯେତେବେଳେ ରାମଙ୍କ ବନବାସ ପାଇଁ ଦାୟୀ କରିଥିଲେ ସେତେବେଳେ ରାମ କହିଥିଲେ 'କୁପୁତ୍ର ଜାୟତେ କୋଚିଦପି କୁମାତା ନ ଭବତି', ଅର୍ଥାତ୍ ସନ୍ତାନ ଖରାପ ହୋଇପାରେ କିନ୍ତୁ ମାଆ କେବେ ବି କୁମାତା ନୁହନ୍ତି । ତେଣୁ ସେଦିନ କୈକେୟୀଙ୍କ ମହତାକାଂକ୍ଷା ରାମଙ୍କୁ ତାଙ୍କର ସ୍ୱତନ୍ତ୍ର ପରିଚୟ ଆଜିବି ଦେଉଛି ଏବଂ ସବୁବେଳେ ଦେଉଥିବ । ଉକ୍ତ ୧୪ବର୍ଷରେ ପ୍ରଭୁ ରାମ ଭାରତର ବିଭିନ୍ନ ସ୍ଥାନରେ ନିଜର ଅମର ଅକ୍ଷୟ କୀର୍ତ୍ତି ଛାଡି ଦେଇ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ଦେଇଛନ୍ତି । ଅଧର୍ମର ବିସ୍ତାର କରୁଥିବା ଅତ୍ୟାଚାରୀ ରାକ୍ଷସ ମାନଙ୍କୁ ବଧ କରି ସନାତନ ଧର୍ମର ବାର୍ତ୍ତାବହକାରୀ ଋଷି ମହର୍ଷି ମାନଙ୍କୁ ସୁରକ୍ଷା ଏକ ପକ୍ଷରେ ଦେଇଥିବା ବେଳେ ବିଜ୍ଞାନୀ କୈବର୍ତ୍ତ, ଅହଲ୍ୟା, ଶବରୀ, ଜଟାୟୁ, ହନୁମାନ, ଅଙ୍ଗଦ, ଜାମ୍ବବାନ, ଗୁଣ୍ଡୁଚିମୂଷାଙ୍କ ପ୍ରତି ରାମଙ୍କ ସଦ୍ଭାବନା ଆଜିର ସମୟରେ ଆମକୁ ପ୍ରେରଣା ଦେଇଥାଏ । ସେହିପରି ଅନ୍ୟାୟ ଓ ଅତ୍ୟାଚରରେ ଜର୍ଜରିତ ସୁଗ୍ରୀବ ଓ ବିଭୀଷଣଙ୍କୁ ନ୍ୟାୟ ପ୍ରଦାନ ପୂର୍ବକ ସେମାନଙ୍କ ରାଜ୍ୟାଭିଷେକ କରିଥିଲେ । ରାମଚନ୍ଦ୍ର ରାବଣକୁ ବଧ କରିଥିଲେ ସୁଦ୍ଧା ତାଙ୍କ ନିକଟରେ ଥିବା ରାଜନୀତି ଜ୍ଞାନ ଆହରଣ କରିବା ପାଇଁ ଲକ୍ଷ୍ମଣଙ୍କୁ ନିର୍ଦ୍ଦେଶ ଦେଇଥିଲେ , କାରଣ ରାବଣ ନିକଟରେ ସମସ୍ତ ଜ୍ଞାନର ଭଣ୍ଡାର ଥିଲା । ଖାଲି ସେତିକି ନୁହେଁ ବର୍ତ୍ତମାନର ଧନୁଷକୋଟି ଠାରେ ଥିବା ରାମସେତୁ ଓ ରାମେଶ୍ୱରମ ଶିବ ଜ୍ୟୋତିର୍ଲିଙ୍ଗଙ୍କୁ ପ୍ରତିଷ୍ଠା କରିବା ପାଇଁ ଲଙ୍କେଶ ରାବଣ ଆସି ପୂଜା ବିଧି କରିବା ଏହି ବାର୍ତ୍ତା ଦିଏ ରାମ ରାବଣର ଅହଙ୍କାର ଓ ଅତ୍ୟାଚାରୀ ବିଚାରଧାରାର ପରିପନ୍ଥୀ ଥିଲେ କିନ୍ତୁ ତାଙ୍କ ନିକଟରେ ଥିବା ଜ୍ଞାନ ଓ ବିଦ୍ୟାକୁ କେବେ ବି ବିରୋଧ କରିନଥିଲେ । ତେଣୁ ରାଜନୀତିରେ ଏହି ବାର୍ତ୍ତା ଆଜି ଅନେକ ମହତ୍ତ୍ୱ ରଖେ । ବିଚାରାଧାରାର ବିରୋଧ ହେଉ କିନ୍ତୁ ରାଷ୍ଟ୍ର ହିତ ଓ ଜନ ସ୍ୱାର୍ଥ ପାଇଁ ବ୍ୟକ୍ତିଗତ ହିତକୁ ବଳି ଦେବା ଆବଶ୍ୟକ । ଲଙ୍କା ବିଜୟ ପରେ ଲକ୍ଷ୍ମଣ ରାମଙ୍କୁ କହିଥିଲେ ଅଯୋଧ୍ୟା ନ ଫେରି ସ୍ୱର୍ଣ୍ଣପୁରୀରେ ରହିବା ପାଇଁ । କିନ୍ତୁ ରାମ କହିଥିଲେ - ' ଅପି ସ୍ୱର୍ଣ୍ଣମୟୀ ଲଙ୍କା ନମେ ଲକ୍ଷ୍ମଣ ରୋଚତେ, ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି ।' ଅର୍ଥାତ ଜନନୀ ଓ ଜନ୍ମଭୂମି ସ୍ୱର୍ଗ ଠୁ ମଧ୍ୟ ବଡ । ଏହାପରେ ପିତୃ ସତ୍ୟ ପାଳନ ପୂର୍ବକ ଏବଂ ଚଉଦ ବର୍ଷ ବନବାସ ଶେଷ କରି ସଠିକ ସମୟରେ ଅଯୋଧ୍ୟା ଫେରିବା ଆଜି ଆମ ମାନଙ୍କୁ ବଚନ ରକ୍ଷାର ପ୍ରେରଣା ଦେଇଥାଏ । ସେଇଥିପାଇଁ କୁହାଯାଏ - ' ରଘୁକୂଳ ରୀତି ସଦା ଚଲି ଆଇ, ପ୍ରାଣ ଯାଏ ପର ବଚନ ନ ଯାଇ ।' ସେହିପରି ନିଜର ଉତ୍ତର ପିଢିକୁ କିପରି ସଂସ୍କାର ଦେବା ସହ ଗର୍ଭ ଧାରଣ ସମୟରୁ ସଠିକ ଭାବେ ଏହାର ଉଚିତ୍ ମାର୍ଗ ଦର୍ଶନ ହେବ, ସେଥିପାଇଁ ମାତା ସୀତାଙ୍କୁ ରାମଚନ୍ଦ୍ର ଦେଇଥିବା ପ୍ରତିଶ୍ରୁତି ମୁତାବକ ତାଙ୍କୁ ବାଲ୍ମିକୀ ଆଶ୍ରମରେ ମହର୍ଷି ବାଲ୍ମିକୀଙ୍କ ତତ୍ତ୍ୱାବଧାନରେ ରଖିଥିଲେ । ଯାହାର ଫଳ ସ୍ୱରୂପ ଲବ ଓ କୁଶ ଦୁଇ ରଘୁକୂଳ ଉଜ୍ଜ୍ୱଳକାରୀ ସୁପୁତ୍ର ଜନ୍ମ ହୋଇ ଅଶ୍ୱମେଧ ଯଜ୍ଞ ଓ ରାମ ସଭାରେ ନିଜ ପ୍ରତିଭାର ପରିଚୟ ଦେଇଥିଲେ କ୍ଷସର୍ବୋପରି ପ୍ରଭୁ ଶ୍ରୀରାମଙ୍କ ପିତା ମାତାଙ୍କ ପ୍ରତି ଥିବା ଭକ୍ତି, ଭାଇ ଭାଇଙ୍କ ମଧ୍ୟରେ ଥିବା ଦୃଢ଼ ସମ୍ପର୍କ, ଧର୍ମର ସୁରକ୍ଷାକାରୀ ଋଷି ମହର୍ଷି ମାନଙ୍କୁ ସୁରକ୍ଷା, ବିଚକ୍ଷଣ କୂଟନୀତି ଓ ବିଦେଶ ନୀତି, ଜାତିବାଦ ଓ ବିଭେଦକାରୀ ରାଜନୀତି ଠୁ ଉପରକୁ ଉଠି ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖି ସମସ୍ତଙ୍କ ପାଇଁ ସମାନ ନିୟମ ତଥା ଶାସନ ପ୍ରଣାଳୀର ଦୂରଦର୍ଶିତା ହିଁ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମର ଆଖ୍ୟା ପ୍ରଦାନ କରିଛି । ତେଣୁ ରାମ ମନ୍ଦିର କେବଳ ଆଧାତ୍ମିକ ସ୍ଥଳ ନୁହ, ଏହା ରାମଙ୍କ ପ୍ରଦର୍ଶିତ ମାର୍ଗକୁ ସମଗ୍ର ବିଶ୍ୱରେ ସୁଶାସନର ପ୍ରତିଷ୍ଠା ନିମନ୍ତେ ପ୍ରେରଣା ଦେଉଥିବା କେନ୍ଦ୍ରସ୍ଥଳ ।

ପୂର୍ବତନ ଅଧ୍ୟାପକ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର
୮୨୬୦୩୫୬୧୧୩



# ୧୯୯୪ରୁ ଭୂମିହୀନଙ୍କୁ ମିଳିଛି ଜମିପଟ୍ଟା ; ମିଳୁନି ଦଖଲ

- ଜିଲ୍ଲାପାଳଙ୍କ ପାଖରେ ଫେରାଦ
- ୭ଦିନ ଭିତରେ ସମସ୍ୟା ସମାଧାନ ନହେଲେ ଧାରଣା

**ବାରିପଦା(ଅମୃତ ମିଡିଆ) :** ବାରିପଦା ନିର୍ବାଚନ ମଣ୍ଡଳିର ବାରିପଦା ତହସିଲ ଅନ୍ତର୍ଭୁକ୍ତ ମଧ୍ୟରେ ଆସୁଥିବା ବାରିପଦା ବ୍ଲକ ହାତୀକୋଟ ପଂଚାୟତର ଜାମଦାପାଳ ଗ୍ରାମରେ ବସବାସ କରୁଥିବା ୫୦ରୁ ଉର୍ଦ୍ଧ୍ୱ ପରିବାର ଭୂମିହୀନ ହୋଇଥିବାରୁ ସରକାରଙ୍କ ତରଫରୁ ୧୯୯୪ ମସିହା ଠାରୁ ପର୍ଯ୍ୟାୟ କ୍ରମେ ୪ ଡିସମିଲ ଲେଖାଏଁ ଜମିପଟା ପ୍ରଦାନ କରାଯାଇଥିଲେ ମଧ୍ୟ ସଠିକ ଭାବେ ଜମି ଚିହ୍ନଟ କରାଯାଇନଥିବା କିମ୍ବା ଜମିର ନକ୍ସା ମଧ୍ୟ ପ୍ରଦାନ କରାଯାଇନଥିବା ହେତୁ ଲୋକେ ଜମିର ଦଖଲ ପାଇ ନପାରି ହଇରାଣ ହେଉଛନ୍ତି । ଜମିର ଦଖଲ ପାଇଁ ବହୁବାର ଲିଖିତ ଭାବେ ଅଭିଯୋଗ କରାଯିବା ପରେ ମଧ୍ୟ କେହି ତାଙ୍କ କଥାକୁ ଗୁରୁତ୍ୱ ଦେଉ ନଥିବାର ଗୁରୁତର ଅଭିଯୋଗ ଆଣିଛନ୍ତି ହିତାଧିକାରୀ ମାନେ । ପୂର୍ବରୁ ଏହା ବେତନଟୀ ତହସିଲ ଭିତରେ ଆସୁଥିଲା ଏବେ ବାରିପଦା ତହସିଲରେ ଆସୁଅଛି ତେଣୁ ବେତନଟୀ ତହସିଲରୁ ବାରିପଦା ତହସିଲକୁ କୌଣସି ରେକର୍ଡ ଆସିନାହିଁ ବୋଲି କହି ଲୋକଙ୍କୁ ଦୀର୍ଘ ୨୫ ବର୍ଷ ହେଲା ହଇରାଣ କରୁଛନ୍ତି ବିଭାଗୀୟ ଅଧିକାରୀ ମାନେ । ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ପାଇଁ ପଟ୍ଟା ଥିବା ଜମି ଉପରେ ଘର ତିଆରି କରିବା ପାଇଁ ଜିଓଟେକ ହେଉଥିବାରୁ ଲୋକେ ଘର ନିର୍ମାଣ କରିବା



ପାଇଁ ଦେଇଥିବା ଜମିପଟା ହିସାବରେ ଜମି ଚିନ୍ହଟ ହୋଇନଥିବାରୁ ଲୋକେ ଘୋର ନିର୍ମାଣ କରିନପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ଗ୍ରାମବାସୀ ତଥା ହିତାଧିକାରୀ ମାନେ ଜାଗ ମୟୂରଭ ଜାଗ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଅରୁଣ କୁମାର ବେହେରା ଏବଂ ଅନ୍ୟ କର୍ମକର୍ତା ଙ୍କ ସହାୟତାରେ ମୟୂରଭ ଜିଲ୍ଲାପାଳ ଓ ବାରିପଦା ତହସିଲଦାରଙ୍କୁ ଜମି ଚିହ୍ନଟ ନିମନ୍ତେ ୭ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଲିଖିତ ଭାବେ ଅଭିଯୋଗ ଜଣେଇଛନ୍ତି । ଯଦି ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଜିଲ୍ଲାପାଳ କାର୍ଯ୍ୟାଳୟ ସମେତ ବାରିପଦା ତହସିଲ କାର୍ଯ୍ୟାଳୟ ଗେଟ ବନ୍ଦ କରିବା ସହିତ ଧାରଣାରେ ବସିବେ ବୋଲି ହିତାଧିକାରୀ ଗଣେଶ୍ୱର ବୈଠା, ବିନୋଦ ମହାନ୍ତ, ହରିଶ ମହାନ୍ତ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ୩୩ଟି ରୂପାନ୍ତରିତ ହାଇସ୍କୁଲକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ନୂଆପଡ଼ା(ଅମୃତ ମିଡିଆ) :** ରାଜ୍ୟ ସରକାରୀ ଚତୁର୍ଥ ପାର୍ଯ୍ୟୟରେ ନୂଆପଡ଼ା ଜିଲ୍ଲାର ପୁଣି ୩୩ ଟି ହାଇସ୍କୁଲ ଙ୍କୁ ଆଜି ୫-ଟି ମଧ୍ୟମରେ ରୂପାନ୍ତର ହୋଇଥିବା ହାଇସ୍କୁଲକୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଦ୍ୱାରା ଭର୍ଚୁଆଲ ମଧ୍ୟମରେ ଲୋକାର୍ପଣ ହୋଇଯାଇଛି । ଏହି ଅବସରରେ ନୂଆପଡ଼ା ବ୍ଲକ ତରବୋଡ଼ ସ୍କୁଲ ପଡିଆରେ ଲୋକାର୍ପଣ ଅବସରରେଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଲୋକାର୍ପଣ ଉତ୍ସବରେ ନୂଆପଡ଼ା ଜିଲ୍ଲାପାଳ ହେମକାନ୍ତ ସାୟ ଙ୍କ ନେତୃତ୍ୱରେ ଅତିଥି ଭାବେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ଜିଲ୍ଲାପରିଷଦ ସଭାପତି ଡଲି ମାଝୀ, ତରବୋଡ଼ ସ୍କୁଲ ଦଶମ ଶ୍ରେଣୀ ଛାତ୍ରୀ ପ୍ରୟଦର୍ଶନୀ ତାଣ୍ଡି ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଓ ଆମ ଓଡ଼ିଶା ଓ ନବୀନ ଓଡ଼ିଶା ସଚିବ ଭି, କେ ପାଣ୍ଡିଆନଙ୍କ ସହ କଥା ହୋଇଥିଲେ । ଏହି ଅବସାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆମ ଓଡ଼ିଶା ଓ ନବୀନ ଓଡ଼ିଶା ସଚିବ ଭି କେ ପଣ୍ଡିଆନଙ୍କ ଦ୍ୱାରା ନୂଆପଡ଼ା ରୁପାନ୍ତରିତ ୩୩ ହାଇସ୍କୁଲ



ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ପ୍ରତିନିଧି ଜୟ ଢ଼ୋଲକିଆ, ଆମ ଓଡ଼ିଶା ଓ ନବୀନ ଓଡ଼ିଶା ନୂଆପଡ଼ା ସଂଯୋଜକ ରାମଲାଲ ହଂସ, ଜିଲ୍ଲାପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀ, ଭରତଲାଲ ରାଉତ, ଅବନୀ ରଞ୍ଜନ ଯୋଷୀ ସହ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ କର୍ମଚାରୀ ସହ ଜିଲ୍ଲା ପ୍ରଶାସନ ର କର୍ମଚାରୀ ମାନେ ଉପସ୍ଥିତି ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ହେଲେ ଏହି କାର୍ଯ୍ୟକ୍ରମରେ ଆସିଥିବା ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ପିଇବା ପାଣି ସହ ଜଳଖିଆର ଦେବାରେ ଅଧିକାରୀ ମାନେ ଅବ୍ୟବସ୍ଥା କରିଥିବା ଦେଖିବାକୁ ମିଳିଛି ।

# ନାଚୁଣୀ କଲେଜରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ଚିଲିକା(ଅମୃତ ମିଡିଆ) :** ନାଚୁଣୀ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ 'ନୂଆ-ଓ' ନୂଆ ଓଡ଼ିଶା- ନବୀନ ଓଡ଼ିଶା ପୃଷ୍ଠପୋଷକତାରେ ଗତ ୧୨ ତାରିଖରୁ ଚାଲିଥିବା ନ୍ତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀନ୍ତ ତଥା ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଅଧିନ ସାଂସ୍କୃତିକ ସମାରୋହର ଆଜି ଅପରାହ୍ନରେ ଉଦଯାପିତ ହୋଇଯାଇଛି । ଏହି ଅବସରରେ ଅଧକ୍ଷ ନାରାୟଣ ଚନ୍ଦ୍ର ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ତଥା ସାଂସ୍କୃତିକ ବିଭାଗ ନୋଡାଲ ଅଧିକାରୀ ଅଧ୍ୟାପକ ରାଜ କିଶୋର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡଃ ସବିତା ପ୍ରଧାନ, ମୁଖ୍ୟ ବକ୍ତା ଭାବେ କିଟ୍ ବିଶ୍ୱବିଦ୍ୟାଳୟ ର ପ୍ରଫେସର ଡ଼ଃ ରବି ନାରାୟଣ ସୁବୁଦ୍ଧି, ଆମନ୍ତ୍ରିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଅରୁଣ କୁମାର ଦାଶ ଯୋଗ ଦେଇ ନିଜର ବକ୍ତବ୍ୟ ରଖି ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ଶ୍ରୀ ଜଗନ୍ନାଥ ଙ୍କ ପଟ୍ଟଚିତ୍ର ରେ ମାଲ୍ୟାର୍ପଣ କରି ଧୂପ ପୁଷ୍ପ ଅର୍ପଣ କରିବା ପରେ ସମବେତ ଉତ୍କଳ ବନ୍ଦନା ଗାନ କରାଯାଇ ଥିଲା । ଏହି ଅବସରରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବର୍ଗରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଅଧ୍ୟାପିକା ଲୀନା ନନ୍ଦୀଜା ସଭା ସଞ୍ଚାଳନ କରିଥିବା ବେଳେ ଅଧ୍ୟାପିକା ସୁଶ୍ରୀ ସନ୍ତୋଶିନୀ ସାହୁ ଓ ଡଃ ସି. ମଞ୍ଜୁଲତା ସହଯୋଗ ପ୍ରଦାନ କରିଥିଲେ । ଡଃ ସୁଭଦ୍ରା ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ ।



# ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ

**କଳାହାଣ୍ଡି(ଅମୃତ ମିଡିଆ) :** ଭାଷା,ସାହିତ୍ୟ ଓ ସୃଜନଶୀଳ ଭାଷାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଏକ ରାସ୍ତା ତିଆରି କରିଛନ୍ତି ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଯାହା ବର୍ତ୍ତମାନ ସାରା ରାଜ୍ୟରେ ପ୍ରତ୍ୟୋକ ସ୍ଥାନରେ ପାଳନ କରାଯାଉଛି । ଏହି ପରିପେକ୍ଷିରେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ପଲମ ଗ୍ରାମ ପଞ୍ଚାୟତ ସ୍ଥିତ ପଲମ ଉଚ୍ଚ ବିଦ୍ୟାପୀଠ ଠାରେ ଏହି ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ତା ୨୦/୦୧/୨୦୨୪ ରିଖ ଶନିବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ରାଜେଶ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବରେ ପଲମ କ୍ଲଷ୍ଟର ସି.ଆର୍.ସି.ସି ଶ୍ରୀ ଦୁର୍ଗାମାଧବ କୁମାର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ସହିତ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପଲମ ଉଚ୍ଚ ବିଦ୍ୟାପୀଠର ସଭାପତି ଶ୍ରୀ ଖଗେଶ୍ୱର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ



ଶ୍ରୀ ଇଶ୍ୱର ଚନ୍ଦ୍ର ମାଝୀ ,ବରିଷ୍ଠ ସାମ୍ବାଦିକ ଶ୍ରୀ ଉମାଶଙ୍କର ମିଶ୍ର , ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ବିପ୍ର ବରର୍ଗ୍ରୀ,ଶିକ୍ଷକ ଶ୍ରୀ ବିରଞ୍ଚି ନାରାୟଣ ନାୟକ,ସଶ୍ରୀ ସୁନୀଲ କୁମାର ଯାଦବ, ଶ୍ରୀ ପଙ୍କଜ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିବା ବେଳେ ଶ୍ରୀ ଜିତେନ୍ଦ୍ର କୁମାର ନନ୍ଦ ମୂଖ୍ୟବକ୍ତା ଭାବରେ ଦେଇଛନ୍ତି ଏବଂ ଶ୍ରୀ ଗୌରଚନ୍ଦ୍ର ଗହିର ମଞ୍ଚ ପରିଚାଳନା କରିଥିଲେ । କିପରି ଭାବରେ ଭାଷା ସାହିତ୍ୟ ଓ ସୃଜନଶୀଳ ଭାଷାର ବିକାଶ ହୋଇପାରିବ ସେନେଇ ଅତିଥି ମାନେ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଯଥା କବିତା ଲିଖନ, ପ୍ରବନ୍ଧ ଲିଖନ,କୁଇଜ୍, ବିତର୍କ, ଓଡ଼ିଆ ଲୋକନୃତ୍ୟ, ଓଡ଼ିଆ ଭକ୍ତି ସଂଗୀତ, ଓଡ଼ିଆ କ୍ଷୁଦ୍ର ନାଟକ ଭଳି ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ସହ ଶତାଧିକ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

# ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ କର୍ମଶାଳା

**କୋକସରା(ଅମୃତ ମିଡିଆ) :** କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନରେ ଲୋକକଳାର ପ୍ରୟୋଗକୁ ନେଇ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ବ୍ଲକସ୍ତରୀୟ କର୍ମଶାଳା ଶନିବାର ଉଦଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଶିଷ୍ଟ ଘୁମୁରା ଗୁରୁ ମହେଶ୍ୱର ସରାଫ, ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିରଞ୍ଚି ଖର୍ସେଲ ପ୍ରମୁଖ ଯୋଗଦେଇ ଥିଲେ । ଏହି କର୍ମଶାଳାରେ ବ୍ଲକ କଳା ସଂସ୍କୃତି ସଂଘରେ ପଞ୍ଜୀକୃତ ହୋଇଥିବା ୨୨ଗୋଟି ପଞ୍ଚାୟତରୁ କଳାକାରମାନେ ଯୋଗଦେଇ ତାଲିମ ନେଇଥିଲେ । ଏହି ଲୋକ କଳାକାର ଦଳ ଗୁଡ଼ିକ ଓଡ଼ିଶା ସରକାରଙ୍କ ୧୫ଗୋଟି ଲୋକାଭିମୁଖୀ ଯୋଜନା ବିଷୟରେ ସମସ୍ତ ଗ୍ରାମ ପଞ୍ଚାୟତର ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ ବାର୍ତ୍ତା ବାଣ୍ଟିବେ । କାର୍ଯ୍ୟକ୍ରମରେ କଳାହାଣ୍ଡିର ଲୋକନୃତ୍ୟ ଘୁମୁରା, ଯାଦବ ସଂସ୍କୃତିର ମହାନ ବିଭବ ବନାବାଡି, ବଜାସାଲ, ଘୁଡୁକା, ରାହାସ, ପାଲା, ଦାସକାଠି ଭଳି ୨୦ ଗୋଟି ଦଳର ୨୫୦ରୁ ଉର୍ଦ୍ଧ୍ୱ କଳାକାର ସାମିଲ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ କଳାକାର ମାନଙ୍କ ପାଇଁ ଜାରି କରାଯାଇଥିବା ରୂପାନ୍ତରିତ ଓଡ଼ିଶା ମାର୍ଗଦର୍ଶିକା ପୁସ୍ତକ ମଧ୍ୟ ବିତରଣ କରଯାଇଥିଲା । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ବ୍ଲକ କର୍ମଚାରୀ ମାନେ ସହଯୋଗ କରିଥିଲେ ।



# ତେଲେଙ୍ଗାନା ଇଟାଭାଟିରେ ଦାଦନ ଶ୍ରମିକ ବନ୍ଧକ

**ସ୍ତ୍ରୀ ଥାନାର ଦ୍ୱାରସ୍ଥ**

**ନୂଆପଡ଼ା(ଅମୃତ ମିଡିଆ) :** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକର ଯୁବରାଜପୁର ଗ୍ରାମର ନିରା ମାଝୀ ତେଲେଙ୍ଗନା ରାଜ୍ୟରେ ଜଣେ ଇଟାଭାଟି ମାଲିକ ବନ୍ଧକ ରଖିବା ସହ ଶ୍ରମିକଙ୍କୁ କୌଣସି ପଓା ମିଳିନଥିବାରୁ ବେଳେ ସ୍ତ୍ରୀ ବୋଡ଼େନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାଇ ବୋଡ଼େନ ଥାନା ଯୁବରାଜପୁର ଗ୍ରାମର ନିରା ମାଝୀ (୫୫) ତାଙ୍କ ସ୍ତ୍ରୀ ସୁବର୍ଣୀ ମାଝୀ(୫୦),ପୁଅ ତାରାଚନ ମାଝୀ ବୟସ ୨୪ ଓ ପୁଅ ବୋହୂ ଭାଗ୍ୟବତୀ ମାଝୀ ବୟସ ୨୨ ଙ୍କୁ କିଛି ଅଗ୍ରମ ଯଙ୍କା ଦେଇ ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମର ଦାଦନ ଦଲାଲ ତୀର୍ଥ ମାଝୀ ଗତ ଅକ୍ଟୋବର ମାସରେ ତେଲେଙ୍ଗାନା ରାଜ୍ୟର ବନ ଗିରି ଜିଲ୍ଲାର ତୁର୍କା ଫୁଲି ଗ୍ରାମର ଏକ ଇଟା ଭାଟି କମ୍ପାନୀକୁ ନେଇ ଇଟା ଭାଟି ମାଲିକ ଭେଙ୍କେଟେଶ ଜେବ୍ରା ଠାରେ କାମ କରିବାକୁ ଛାଡିଥିଲା । ହେଲେ କିଛି ମାସ କାମ କଲା ପରେ କମ୍ପାନୀ ମାଲିକ ଏହି ପରିବାରକୁ ବହୁତ ଗାଳି ଗୁଲଜ କରିବା ସହିତ ଜୀବନରେ ମାରିଦେବାର ଧମକ ମଧ୍ୟ ଦେଉଥିଲା । ପେଟ ପାଇଁ ଜୀବନ ଭୟରେ କଠିନ ପରିଶ୍ରମ କରି ଚାଲିଥିଲେ । ହେଲେ ଚଳିତ ମାସ ଜାନୁଆରୀ ୭ ତାରିଖ ଦିନ ପୂର୍ବାହ୍ନ ୧୧ ଘଣ୍ଟା ପରିବାର ଇଟା ତିଆରି କରୁଥିବା ବେଳକୁ ମାଲିକ ଜେବ୍ରା ନାଲି ରଙ୍ଗର ମାରୁତି କାର ଚଢ଼ି ଆସିଥିଲା ଏବଂ ନୀରା ମାଝୀଙ୍କୁ ଜୋର ଜବରଦସ୍ତ ସେହି ମାରୁତି କାରରେ ବସାଇ ଅନ୍ୟ କେଉଁଆଡ଼େ ନେଇଗଲା । ନେବା ସମୟରେ ସୁବର୍ଣୀ ମାଝୀ ନିଜ ସ୍ୱାମୀଙ୍କୁ ଅନ୍ୟତ୍ର ନ ନେବାକୁ ପରିବାର ଲୋକଙ୍କ ସହିତ କାକୁତି ବିନତି କରିଥିଲେ । କିନ୍ତୁ ମାଲିକ ଏମାନଙ୍କ ଗୁହରିକୁ କର୍ଣ୍ଣପାତ କରିନଥିଲା । ନିଜ ସ୍ୱାମୀ ପାଇଁ ଚିନ୍ତିତ ସୁବର୍ଣୀ ମାଝୀ ମାଲିକ ପାଖରେ ହାତ ଯୋଡ଼ି ଅନେକ ପ୍ରକାର ଗୁହାରି କଲେ ତାଙ୍କ ସ୍ୱାମୀଙ୍କୁ ଆଣି ଦେବାକୁ ହେଲେ ମାଲିକ ଆଣିଦେବା ପରିବର୍ତ୍ତେ ପରିବାରକୁ ବହୁତ ଗାଳି କରି ଜାନୁଆରୀ ୧୦ ତାରିଖ ଦିନ ଇଟାଭାଟି କମ୍ପାନୀରୁ ସୁବାର୍ଣୀ ଓ ତାଙ୍କ ପୁଅ ସହିତ ବୋହୂକୁ ବାହାର କରିଦେଲା । ବଡ଼ ଦୁଃଖ କଷ୍ଟରେ ନିଜ ବାସସ୍ଥାନକୁ ଫେରିବାପରେ ସୁବର୍ଣ୍ଣୀ ମାଝୀ ବୋଡ଼େନ ଥାନାରେ ଦଲାଲ ଓ ମାଲିକ ନାମରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ବୋଡ଼େନ ପୁଲିସ ଏକ ମାମଲା ରୁଜୁ କରି କରିଥିବା ଜଣାପଡିଛି । ଏହା ଉପରେ ନୂଆପଡ଼ା ଶ୍ରମିକ ବିଭାଗ ତୁରନ୍ତ ପଦକ୍ଷେପ ନେଇ ଶ୍ରମିକ ଙ୍କୁ ଉଦ୍ଧାର କରିବା କରିବାର ବ୍ୟବସ୍ଥା କରିବା ଗ୍ରାମବାସୀ ଦାବି କରିଛନ୍ତି ।

# ଅଜଣା ଗାଡି ଧକ୍କାରେ ଜଣେ ମୃତ, ଦୁଇ ଗୁରୁତର

**ନୂଆପଡ଼ା(ଅମୃତ ମିଡିଆ) :** ନୂଆପଡ଼ା ଜିଲ୍ଲା କୋମନା ତହସିଲ ଅଫିସ ସମ୍ମୁଖରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ଦୁଇ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି । ମୃତକ ଯୁବକ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଠେମରା ଗାଁର ନରଶେ ମାଝି(୩୮) ଓ ଦୁଇ ଗୁରୁତର ଯୁବକ ମନିଗାଁର ଯୁବରାଜ ମାଝି(୨୪) ଓ ଜଗନ୍ନାଥ ମାଝି(୨୫)ବୋଲି ଜଣା ପଡ଼ିଛି । ଆଜି ସକାଳେ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଠେମରା ଗାଁର ନରଶେ ଏବଂ ମନିଗାଁର ଯୁବରାଜ ଓ ଜଗନ୍ନାଥ ଏକ ବାଇକରେ ଖଡ଼ିଆଳ ପଟୁ ନୂଆପଡ଼ା ପଟେ ଆସୁଥିଲେ । ଜାତୀୟ ରାଜପଥ ୩୫୩ ଉପରେ କୋମନା ତହସିଲ ଅଫିସ ନିକଟରେ ଏକ ଅଜଣା ଗାଡି ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା । ଏଥିରେ ତିନି ଜଣ ଯୁବକ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ । କୋମନା ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତିନି ଜଣ ଗୁରୁତର ଆହତ ଯୁବକଙ୍କୁ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବେ ଠେମରା ଗାଁର ନରଶେଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପୂର୍ବାହ୍ନରେ ମନିଗାଁର ଯୁବରାଜ ଓ ଜଗନ୍ନାଥଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ଏବେ ଦୁଇ ଜଣ ଗୁରୁତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି । ଏନେଇ କୋମନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଦୁର୍ଘଟଣାକାରୀ ଗାଡିକୁ ଧରିବାକୁ ପୁଲିସ ଛାନଭିନ ଚଳାଇଛି । ଆଜି ଅପରାହ୍ନରେ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛି ।

# ଖରିଆରୋଡ୍ ଶ୍ରୀରାମ ମନ୍ଦିର ପରିସର ସଫେଇ କଲେ କଳାହାଣ୍ଡି ସାଂସଦ

**ନୂଆପଡ଼ା(ଅମୃତ ମିଡିଆ) :** ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଆହ୍ୱାନ କ୍ରମେ ୧୪ ଜାନୁଆରୀ ରୁ ୨୨ ପର୍ଯ୍ୟନ୍ତ ଦେଶର ସମସ୍ତ ମନ୍ଦିର ଏବଂ ତୀର୍ଥସ୍ଥଳୀରେ ସ୍ୱଚ୍ଛତାର ଏକ ବିଶାଳ ଅଭିଯାନ ଚାଲିଥିବା ବେଳେ ଶନିବାର ଦିନ ଏହି ଅବସରରେ ନୁଆପଡା ଜିଲ୍ଲାର ଖରିଆରୋଡ ଶ୍ରୀରାମ ମନ୍ଦିର ତିର୍ଥକ୍ଷେତ୍ରରେ କଲହାଣ୍ଡି ସାଂସଦ କଳାହାଣ୍ଡି ବସନ୍ତ ପଣ୍ଡା ଦର୍ଶନ କରିବା ସହିତ ଦଳୀୟ ନେତୃବୃନ୍ଦ, ସ୍ଥାନୀୟ ବାସିନ୍ଦା ଓ କାର୍ଯ୍ୟକର୍ତାଙ୍କୁ ନେଇ ମନ୍ଦିର ପରିସରରେ ସଫେଇ କରିଛନ୍ତି ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନୀ ସମାରୋହ

**ରାୟଗଡ(ଅମୃତ ମିଡିଆ) :** 'ନୂଆ-ଓ' କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦଯାପନୀ ସମାରୋହ, ସରକାରୀ ଶିକ୍ଷ ତାଲିମ୍ ଅନୁଷ୍ଠାନ, ରାୟଗଡା ଠାରେ ତା ୨୦.୧.୨୪ ରିଖ ରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ତଥା ଜଗନ୍ନାଥ ସଂକୃତି ଏବଂ ଓଡ଼ିଆ ଭାଷାର ସମ୍ପର୍କରେ ସାହିତ୍ୟିକ,ବିଦ୍ୱାନ୍, କର୍ମଚାରୀ ତଥା ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଯଥା ଓଡିଆ ସଙ୍ଗୀତ ଗାନ , ଓଡ଼ିଆ ଭଜନ ଗାନ,ଲୋକନୃତ୍ୟ, ଓଡ଼ିଆ ପ୍ରଶ୍ନୋତ୍ତର, ଓଡ଼ିଆ ବକ୍ତୃତା ଓ କାହାଣୀ କଥନ, ଓଡ଼ିଆ ହସ୍ତାକ୍ଷର ଏବଂ ଓଡ଼ିଆ ନାଟକ ପ୍ରଭୃତି ପ୍ରତିଯୋଗିତା କରାଯାଇଥିଲା । ଅନୁଷ୍ଠାନର ଅଧକ୍ଷ ଶ୍ରୀ ଅତୁଲ୍ୟ କୁମାର ପଣ୍ଡାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି ସମାରୋହରେ ଶ୍ରୀମତୀ ରାଜଲକ୍ଷ୍ମୀ ଦେବି, ଓଡ଼ିଆ ଅଧ୍ୟାପିକା, ସ୍ୱୟଂ ଶାସିତ ମହାବିଦ୍ୟାଳୟ, ରାୟଗଡା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ଏବଂ



ଓଡିଶା ଉପରେ ଆଲୋକ ପାତ କରିଥିଲେ । ମୁଖ୍ୟବକ୍ତା ଭାବରେ ଶ୍ରୀ ସୁଧୀର କୁମାର ନେଗୀ, ପ୍ରଧାନ ଆଚାର୍ଯ୍ୟ ସରସ୍ୱତୀ ଶିଶୁ ମନ୍ଦିର, ରାୟଗଡା ଯୋଗଦେଇ ଓଡ଼ିଆ ଭାଷା ର ଇତିହାସ ଏବଂ ଏହାର ପ୍ରଚାର ପ୍ରସାର ଉପରେ ଆଲୋକ ପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଶ୍ରୀମତୀ ମମତା କୁମାରୀ କର, ଶିକ୍ଷୟିତ୍ରୀ ଏବଂ ଶ୍ରୀ ତତ୍ତ୍ୱମାସୀ ମହାପାତ୍ର, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଆ ଭାଷା ଏବଂ ପରମ୍ପରା ଉପରେ ଆଲୋକ ପାତ କରିଥିଲେ । ଓଡ଼ିଆ ଭାଷାକୁ ପ୍ରାଧାନ ଦେବା ପାଇଂ ଅତିଥି ମାନେ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ନଗଦ ରାଶି, ମାନପତ୍ର ଏବଂ ଟ୍ରଫି ପ୍ରଦାନ କରିଥିଲେ ଶେଷ ରେ ଛାତ୍ରଛାତ୍ରୀ ମାନେ ଓଡ଼ିଆ କଳା ସଂସ୍କୃତିର ନିଦର୍ଶନ ସ୍ୱରୂପ ଭଜନ, ଛାନ୍ଦ ଲୋକନୃତ୍ୟ ଆଦି ପରିବେଷଣ କରିଥିଲେ ଅନୁଷ୍ଠାନର ତାଲିମ ଅଧିକାରୀ ଶ୍ରୀ ନିଶିକାନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶ୍ରୀ ସନ୍ତୋଷ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ।

# ଓଡ଼ିଶା ଫୋରମ ତରଫରୁ ଓଡ଼ିଆ ଚଳଚ୍ଚିତ୍ର 'ଯୋଗିନୀ' ପ୍ରଦର୍ଶିତ

**ନୂଆଦିଲ୍ଲୀ(ଲକ୍ଷ୍ମୀନାରାୟଣ ବେବର୍ତ୍ତା) :** ଗତକାଲି ଶନିବାର ସନ୍ଧ୍ୟା ରେ ଦିଲ୍ଲୀ ର ସର୍ବ ପୁରାତନ ତଥା ମର୍ଯ୍ୟାଦା ଜନକ ଓଡିଶା ସଂଗଠନ ନ୍ତଓଡିଶା ମଞ୍ଚ ନ୍ତତରଫରୁ ଇଣ୍ଡିଆ ଇଣ୍ଟର ନ୍ୟାସନେଲ କେନ୍ଦ୍ର ର ଦେଶମୁଖୀ ପ୍ରେଖ୍ୟାଳୟ ପରିସରରେ ଓଡ଼ିଆ ଚଳଚିତ୍ର ନ୍ତଯୋଗିନୀ ନ୍ତପ୍ରଦର୍ଶିତ ହୋଇଥିଲା. ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ କବି ହରପ୍ରସାଦ ଦାସଙ୍କ ଦ୍ୱାରା ରଚିତ ଯୋଗିନୀ କବିତା ଉପରେ ଆଧାରିତ ଏବଂଜାତୀୟ ପୁରସ୍କାର ପ୍ରାପ୍ତ ଚଳଚିତ୍ର ନିର୍ମାତା, ବିଶିଷ୍ଟ ଲେଖକ ବିୟତ ପ୍ରଜ୍ଞା ତ୍ରିପାଠୀ ଙ୍କ ନିର୍ଦ୍ଦେଶନା ରେ ପ୍ରସ୍ତୁତ ଏହି ଚଳଚିତ୍ର ରେ ବିୟତ ପ୍ରଜ୍ଞା ତ୍ରିପାଠୀ ଓ ସୁମଧୁର କଣ୍ଠଶିଳ୍ପୀ ସୁସ୍ମିତା ଦାସ ପ୍ରଯୋଜନା କରିଛନ୍ତି. ଅଠେଇସି ଜଣ ନାରୀ ଙ୍କ ମନର ଇଛା, ଆକାଂକ୍ଷା, ଅଭିଳାଷ ଏବଂ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ର ଅଠେଇସି ଗୋଟି ବିଭିନ୍ନ ଘଟଣାବଳି କୁ ନେଇ ପ୍ରସ୍ତୁତ ଏହି ଚଳଚିତ୍ର ର କାହାଣୀ ରେ ନାରୀ ମାନଙ୍କ ଉପରେ ଯେଉଁମାନେ କି ସଂସାର ର ସବୁକିଛି ବାଧା ବିଘ୍ନ କୁ ପଛରେ ପକାଇ ନିଜର ବ୍ୟକ୍ତି ସତ୍ତା କୁ କିଭଳି ପୁରୁଷତନ୍ତ୍ରତା ଠାରୁ ରକ୍ଷା କରିପାରିଛନ୍ତି ତାହାର ଜୀବନ୍ତ ତଥା ନିଖୁଣ ଅଭିନୟ ଦେଖିବାକୁ ମିଳିଥିଲା ସେହି ମହିଳା ଅଭିନେତ୍ରୀମାନଙ୍କ ଠାରୁ ଏହି ଚଳଚିତ୍ର ରେ. ଓମପ୍ରକଶ ମହାନ୍ତି ଙ୍କ ସଂଗୀତ ନିର୍ଦ୍ଦେଶନା ରେ ପ୍ରସ୍ତୁତ ଏହି ମୁଭି ରେ ଅଠେଇସି ଗୋଟି ସଂଗୀତ ରେ କଣ୍ଠଦାନ କରିଛନ୍ତି ଲୋକପ୍ରିୟ କଣ୍ଠଶିଳ୍ପୀ ସୁସ୍ମିତା ଦାସ. ଆୟୋଜିତ ସନ୍ଧ୍ୟା ରେ ମୁଖ୍ୟ ଅତିଥି ଭାବେ ୧୯୭୯ ବ୍ୟାଚ ରେ ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ର ବରିଷ୍ଠ ପ୍ରଶାସକ ତଥା ପୂର୍ବତନ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କେ. ଜେ ଏଲପୋନସ ଏଥିରେ ଯୋଗଦେଇ ଫିଲିମ ଟି ଦର୍ଶକ ମାନଙ୍କୁ ନିଶ୍ଚିତ ଆକୃଷ୍ଟ କରିବ ବୋଲି ମତ ଦେବା ସହ ନିର୍ଦ୍ଦେଶକ ବିୟତ ପ୍ରଜ୍ଞା ତ୍ରିପାଠୀ ଓ କଣ୍ଠ ଶିଳ୍ପୀ ସୁସ୍ମିତା ଦାସ ଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ. ପ୍ରାରମ୍ଭରେ ଓଡିଶା ମଞ୍ଚ ର ଅଧକ୍ଷ ତଥା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଗୋକୁଳ ପଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଫିଲିମ ର କାହାଣୀ ସମ୍ପର୍କ ରେ ସଂକ୍ଷେପ ରେ ମତବ୍ୟକ୍ତ କରି କହିଥିଲେ ଯୋଗିନୀ ଖୁବ ଶୀଘ୍ର ବ୍ୟବସାୟୀକ ପ୍ରେଖ୍ୟାଳୟ ଏବଂ ଅନ୍ୟାନ୍ୟ ପ୍ଲାଟଫର୍ମ ରେ ଲୋକପ୍ରିୟ ହେବ ବୋଲି କହିଥିଲେ.ଅନ୍ୟ ମାନଙ୍କ ମଧ୍ୟରେ ଏହି ସାଂସ୍କୃତିକ ସନ୍ଧ୍ୟା ରେ



ସର୍ବୋଚ୍ଚ ନ୍ୟାୟାଳୟ ର ଅବସରପ୍ରାପ୍ତ ମୁଖ୍ୟ ନ୍ୟାୟାଧୀଶ ଗୋପାଳ ବଲ୍ଲବ ପଟନାୟକ, ଖ୍ୟାତିନାମା ଚିତ୍ରଶିଳ୍ପୀ ପଦ୍ମବିଭୁଷଣ ଡ଼ ଯତୀନ ଦାସ, ଅବସରପ୍ରାପ୍ତ ପ୍ରଶାସକ କବି ଅମରେନ୍ଦ୍ର ଖଟୁଆ, ବିଶିଷ୍ଟ ଓଡିଶୀ ନୃତ୍ୟ ଶିଳ୍ପୀ ଗୀତା ମହାଲିକ, ଭାରତୀୟ ଡାକ ସେବା ର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ପ୍ରଶାନ୍ତ କୁମାର ସ୍ୱାଇଁ, ସର୍ବୋଚ୍ଚ ନ୍ୟାୟାଳୟ ର ବରିଷ୍ଠ ଆଇନଜୀବୀ ଅବନୀ କୁମାର ସାହୁ, ବିଶିଷ୍ଟ ଓଡିଶୀ ନୃତ୍ୟ ଶିଳ୍ପୀ, ତଥା ନୃତ୍ୟ ଗୁରୁ ଓ ଆଇନଜୀବୀ ଇସ୍ମିତା ବେହୁରା, ଆଇନଜୀବୀ ସଂଜୀବ ମହାନ୍ତି, ଦିଲ୍ଲୀ ପୁଷ୍ପପୁନେଇଁ କମିଟି ତରଫରୁ ବିମଳ ପଣ୍ଡା ଉତ୍କଳିନୀ ର ସସ୍ମିତା ପଣ୍ଡା ଦିପାଳି ପାଣି ଙ୍କ ସହ ଉତ୍କଳିନୀ ର ଅନ୍ୟକ୍ଷନ୍ୟ ସଦସ୍ୟା, ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

# ପିପିଲି ଏନ୍ଏସିରେ ଆବାସ ଯୋଜନାର ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ



**ପିପିଲି (ଅମୃତ ମିଡିଆ):** ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାକକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ର ସାମାଜିକ ସମୀକ୍ଷା ଓ ହିତଧାରକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ଯୋଗ ଦେଇ ପରିଷଦର ଅଧକ୍ଷ ସେକ ବାବୁ, ଉପାଧକ୍ଷା ଶ୍ରୀମତୀ ଭାଗ୍ୟବତୀ ମହାରଣା, କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

ଏଥିସହ କାର୍ଯ୍ୟକ୍ରମ ରେ ସାମାଜିକ ସମୀକ୍ଷକ ଭାବେ 'ଲାଇଫ ଏକାଡେମି ଅଫ ଭୋକେସନାଲ ଷ୍ଟଡିଜ' ଭୁବନେଶ୍ୱରର ବରିଷ୍ଠ କର୍ମକର୍ତ୍ତା ବଂଶୀଧର ଷଡଙ୍ଗୀ ଓ ରାମେଶ୍ୱର ସାହୁ ଯୋଗ ଦେଇ ସବୁ ପରିବାରକୁ ପକ୍କା ଘର ଯୋଗାଇ ଦେବାକୁ ସରକାରଙ୍କର ଏହି ମହତ୍ୱ ଆକାଙ୍କ୍ଷା ଯୋଜନାର ଶତ ପ୍ରତିଶତ ସଫଳ ରୂପାୟନ ନିମନ୍ତେ ହିତାଧିକାରୀଙ୍କ ଗୃହ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ କରିବାକୁ ଆବଶ୍ୟକ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇଦେବା ନିମନ୍ତେ ପିପିଲି ପରିଷଦର ନିର୍ବାଚିତ ପ୍ରତିନିଧି ଓ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏଥିସହ ସମସ୍ତ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟରେ ଘର କାମ ଶେଷ କରି ଅନୁଦାନ ରାଶି ବାଦ ପ୍ରୋତ୍ସାହନ ରାଶି ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ ।


ଏହି ପରିପ୍ରେକ୍ଷୀରେ ଆବାସ ନଥିପତ୍ର ସମୀକ୍ଷା, ଗୋଷ୍ଠୀଗତ ଆଲୋଚନା, ଜନଶୁଣାଣୀ ଆଦି ଅନ୍ତର୍ଗତ ୫ଟି ସବ-କମିଟି ଗଠନ କରାଯାଇ ସାମାଜିକ ସମୀକ୍ଷା କରାଯିବ ବୋଲି କର୍ମଶାଳାରେ ସୂଚନା ପ୍ରଦାନ କରାଯାଇଥିଲା । ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମଚାରୀଙ୍କ ମିଳିତ ସହଯୋଗରେ ସଫଳ ଭାବେ ପରିଚାଳିତ ଏହି କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ରଶ୍ମୀରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ଯାପିତ



**କେନ୍ଦୁଝର (ଅମୃତ ମିଡିଆ):** କେନ୍ଦୁଝର ରାଙ୍କସ୍ଥିତ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବାର୍ଷିକ କ୍ରୀଡାଉତ୍ସବ ଉଦ୍ଯାପିତ ହୋଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ କମିଶନର (ପୁର୍ନବିନ୍ୟାସ ଓ ଲୋକପ୍ରିୟତା) ମଧୁମିତା ନାୟକ (ଏସ୍ଏଜି) ଯୋଗ ତାଙ୍କ ଭାଷଣରେ କ୍ରୀଡାର ମହତ୍ୱ ବିଷୟରେ ଅବଗତ କରାଇଥିଲେ । ବିଦ୍ୟାର୍ଥୀ ଜୀବନରେ କ୍ରୀଡା ଏକାନ୍ତ ଆବଶ୍ୟକ ଓ ଏହାଦ୍ୱାରା ମନରେ ସ୍ଫୂର୍ତି ଆସି ପାଠ ପଢା ପ୍ରତି ଆଗ୍ରହ ସୃଷ୍ଟି ହେବ ବୋଲି କହି ସେ ଏକ ରଙ୍ଗୀନ ଉଦ୍ୟାନରେ ଅଛନ୍ତି ଭାବବିହ୍ୱଳ ହୋଇ ପଡିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ସାହୁ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ । ତାଙ୍କର ସ୍ୱାଗତ ଭାଷଣ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ୟାରେଡରେ ଭାଗ ନେଇଥିଲେ । ବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ ଓ ବିଦ୍ୟାଳୟର ସୁବାଷ, ଟାଗୋର, ଅଶୋକା, ରମଣ ହାଉସର ପିଲାମାନେ ତାଙ୍କର ପ୍ୟାରେଡ ପରେ ନିଜର ସ୍ଥାନ ଗ୍ରହଣ କରିଥିଲେ । ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା । ତା'ପରେ ବିଭିନ୍ନ କ୍ରୀଡା ଆରମ୍ଭ ହୋଇଥିଲା । ଅପରାହ୍ନରେ ଅନ୍ୟତମ ଅତିଥିଭାବେ ସଦର ବିଡିଓ ତିଲୋ ମା ପୃଷ୍ଟି ଯୋଗଦେଇ ବିଜେତା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ତାଙ୍କ ଭାଷଣରେ ହିନ୍ଦୀରେ ସାଏରୀ ଶୁଣାଇ ଛାତ୍ରଛାତ୍ରୀମାନଙ୍କୁ ମୁଗ୍ଧ କରି ଦେଇଥିଲେ । ସେ ଜଣେ କେଭିୟାନ କହି କେଭି କିପରି ଛାତ୍ରଛାତ୍ରୀମାନଙ୍କୁ ସର୍ବଗୁଣ ସଂପନ୍ନ କରିଥାଏ ଓ ଛାତ୍ରଛାତ୍ରୀମାନଙ୍କୁ ସବୁ କ୍ଷେତ୍ରରେ ବିଜେତା ହେବାର ପ୍ରେରଣା ଦେଇଥାଏ ତାହା ବର୍ଣ୍ଣନା କରିଥିଲେ । ଶେଷରେ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରମୋହନ ଛୁରା ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଅଧ୍ୟାପକ ଦୁଷ୍ମନ୍ତ ସାହୁ ଓ ଅଧ୍ୟାପିକା ସୁଶ୍ରୀ ମାଧୁରୀ ମଞ୍ଚ ପରିଚାଳନା କରିଥିଲେ । ଏହି ଉତ୍ସବ ପାଳନ ଅବସରରେ ବିଦ୍ୟାଳୟର ଅଧ୍ୟାପକ ମେଘନାଦ ସାହୁ, କାଶିନାଥ ଘଡେଇ ଅତିଥିମାନଙ୍କୁ ପାଇଲଟିଙ୍ଗ କରି କ୍ରୀଡାକ୍ଷେତ୍ରକୁ ଆଣିଥିଲେ । ବିଦ୍ୟାଳୟର ଏନ୍ସିସି ଓ ସ୍କାଉଟ ଛାତ୍ରଛାତ୍ରୀମାନେ ସ୍ୱାଗତ କରିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରି କ୍ରୀଡୋତ୍ସବକୁ ସଂପୂର୍ଣ୍ଣ କରିଥିଲେ ।

# ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଉତ୍ସବମୁଖର ଯୋଡ଼ା



**ଯୋଡ଼ା (ଅମୃତ ମିଡିଆ):** ଦୀର୍ଘ ୫ଶହ ବର୍ଷ ପରେ ମର୍ଯ୍ୟାଦା ପୁରୁଷତମ ଶ୍ରୀରାମ ଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା ଆଜି ତାଙ୍କ ଜନ୍ମ ମାଟି ଅଯୋଧ୍ୟା ଠାରେ ହେଉଛି । ଏହି ଅବସରରେ ସାରା ଦେଶ ଆଜି ଉତ୍ସବ ମୁଖର ହୋଇଉଠିଛି । ସାରା ବିଶ୍ୱର ସନାତନୀ ମାନେ ଆଜି ଦୀପାବଳୀ ଭଳି ମନ୍ଦିର ଓ ଘରକୁ ସଜାଇଛନ୍ତି । ଯେମିତି କୌଣସି ପର୍ବର କିଛି ଦିନ ପୂର୍ବରୁ ବିଭିନ୍ନ ପ୍ରକାର ଦୀପ, ମୁରୁଜ ଓ ଚିତା ଆଦି ବିକ୍ରି ହୋଇଥାଏ , ସେମିତି ପ୍ରଭୁ ଶ୍ରୀରାମଙ୍କ ଆସିବା ଆଗରୁ ଯୋଡ଼ା ସହର ବଜାରରେ ଏହି ସବୁ ଜିନିଷ ବିକ୍ରି ହୋଉଛି ।

ଏହି ପ୍ରସ୍ତୁତି ପର୍ବକୁ ଯୋଡ଼ା ର ବଜରଙ୍ଗ ଦଳ, ଆରଏସଏସ, ବିଏଚପି ଓ ସମସ୍ତ ମନ୍ଦିର କମିଟି ପକ୍ଷରୁ ପ୍ରଭୁ ଶ୍ରୀରାମ ଙ୍କ ଆଗମନ ନିମନ୍ତେ ଆୟୋଜନ କରାଯାଇଛି । ଯୋଡ଼ାରେ ଶ୍ରୀରାମଙ୍କ ବିଗ୍ରହ ନଥିବାରୁ ତାଙ୍କର ପ୍ରିୟ ଭକ୍ତ ହନୁମାନ ଙ୍କ ମନ୍ଦିରରେ ଗୁଡିଏ କାର୍ଯ୍ୟକ୍ରମ ର ବ୍ୟବସ୍ଥା କରାଯାଇଛି । ମୁଖ୍ୟତଃ ସମସ୍ତ ସନତାନୀଙ୍କ ଭିତରେ ହିନ୍ଦୁଙ୍କ ସମେତ ୧୨ଜଣ ମୁସଲିମ ସମ୍ପ୍ରଦାୟର ଭାଇ ମାନେ ଏଥିରେ ସାମିଲ ହୋଇ ସିଙ୍ଘ ଭାଗ ସହଯୋଗ କରୁଥିବା ଆୟୋଜୋକଙ୍କ ପକ୍ଷରୁ ସୁଚନା ମିଳିଛି । ତେବେ ସୁଚନା ଅନୁଯାୟୀ ମନ୍ଦିରରେ ୨୧ତାରିଖ ରବିବାର ଠାରୁ ୨୪ ଘଣ୍ଟିଆ ରାମାୟଣ ପାଠ କରାଯାଇଅଛି । ଆଜି ସକାଳୁ ପ୍ରଥମେ ନାମ ସଙ୍କୀର୍ତ୍ତନ ବାହାରି ଯୋଡ଼ା ସହରର ସମସ୍ତ ମନ୍ଦିର ଗୁଡିକ ପରିକ୍ରମା କରାଯିବ । ଦିନ ୯ଘଟିକା ସମୟରେ ନୟାଗଡ଼ ଜିଲ୍ଲାରୁ ଆସିଥିବା କଳାକାରଙ୍କ ଦ୍ୱାରା ଦଶରଥ ନନ୍ଦନ ପ୍ରଭୁ ଶ୍ରୀରାମଙ୍କ ରାମଲୀଳା ପରିବେଷଣ କରାଯିବ । ନୀର୍ଘଣ୍ଟ ସମୟ ଅନୁସାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ର ସିଧାପ୍ରସାରଣ ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ନିମନ୍ତେ ଏଲ ଇ ଡି ମାଧ୍ୟମରେ ଦେଖାଯିବା ର ବେବସ୍ତା କରାଯାଇଛି । ସନ୍ଧ୍ୟା ୫ଟା ସମୟରେ ଆନନ୍ଦପୁରର ପ୍ରବକ ଦର୍ଶନ ବିଦ୍ୟାର୍ଥୀ କବିନ୍ଦ୍ର ମହାରାଜାଙ୍କ ଦ୍ୱାରା ପ୍ରବଚନ ଦିଆଯିବ । ଶେଷରେ ଭଜନ ସମାରୋହ ଅନୁଷ୍ଠିତ ହେବ । ସମସ୍ତ ଭକ୍ତଙ୍କ ନିମନ୍ତେ ମଧାହ୍ନ ରୁ କାର୍ଯକ୍ରମ ଶେଷ ପର୍ଯ୍ୟନ୍ତ ପ୍ରସାଦ ସେବନର ବ୍ୟବସ୍ଥା ରଖାଯାଇଛି ।

ଆଜିର ଏହି ଉତ୍ସବ ଉପଲକ୍ଷେ ଆଯୋଧ୍ୟାରୁ ଆସିଥିବା ଅକ୍ଷତ, ନବ ନିର୍ମିତ ମନ୍ଦିର ପ୍ରତିଛବି ସହିତ ନିମନ୍ତ୍ରଣ ପତ୍ର ଘରେ ଘରେ ପୂର୍ବରୁ ପହଞ୍ଚାଇ ପ୍ରତେକଙ୍କ ହୃଦୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରାଇଥିଲେ । ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ରେ ଯୋଡ଼ାର ସମସ୍ତ ମନ୍ଦିର ଯଥା ଯୋଡ଼ା ଜଗନ୍ନାଥ ମନ୍ଦିର, ମା ଲକ୍ଷ୍ମୀଙ୍କ ମନ୍ଦିର, ରଣାସାଳ ଘାଟି ସ୍ଥିତ କାଳୀ ମନ୍ଦିର, ତ୍ରିନାଥ ମନ୍ଦିର, କଳାପାହାଡ଼ ମା ତାରିଣୀ ମନ୍ଦିର, ଶିବ ମନ୍ଦିର, ରାଧାକୃଷ୍ଣ ମନ୍ଦିର, କମାର ଯୋଡ଼ା ସ୍ଥିତ ମା ମଙ୍ଗଳା ମନ୍ଦିର, ଖୁଣ୍ଟ ପାଣି ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ଓ ପଶ୍ଚିମ ଯୋଡ଼ା ସ୍ଥିତ ବଟେଶ୍ୱର ମନ୍ଦିର ଆଦିରେ ଦିନ ରୁ ରାତିପର୍ଯନ୍ତ ଲାଗି ରହିବାର ବନ୍ଦୋବସ୍ତ କରାଯାଇଛି ।

# ବିଜେପି ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

## ଘର ଘର ବୁଲି ଅରୁଆଚାଉଳ, ଡାଲି, ଦୀପ ଓ ବଳିତା ବଣ୍ଟନ



**ପିପିଲି (ଅମୃତ ମିଡିଆ):** ରାତି ପାହିଲେ ଶ୍ରୀ ରାମ ଲାଲା ଙ୍କ ପ୍ରାଣ ପ୍ରତିଷ୍ଠା । ଆସନ୍ତା କାଲି ପାଇଁ ପୁରା ଦେଶ ରେ ମନ୍ଦିର ମାନଙ୍କ ରେ ସଜେଇ ହେଉଛି । ପୁରା ଦେଶ ଏବେ ଉତ୍ସବ ମୁଖର ହୋଇପଡିଛି । ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଆହ୍ୱାନ କ୍ରମେ ଦେଶ ର ସବୁ ମନ୍ଦିର କୁ ସ୍ୱଚ୍ଛ ଆଉ ସୁ ସଜ୍ଜିତ କରିବା ପାଇଁ ସମସ୍ତେ ଲାଗି ପଡିଛନ୍ତି । ପୁରୀ ଜିଲ୍ଲା ବିଜେପି ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ସହିତ ସ୍ଥାନୀୟ ବିଜେପି କର୍ମୀ ମାନେ ଆଜି ପିପିଲି ଦାଣ୍ଡ ମୁକୁନ୍ଦ ପୁର ଜୟ ଗୋପାଳ ମନ୍ଦିର ଓ ପାଖରେ ଥିବା ମହେଦେବ ମନ୍ଦିର ପ୍ରାଙ୍ଗଣରେ ସ୍ୱଚ୍ଛତା କାର୍ଯ୍ୟ କରିଛନ୍ତି । ଏହା ସହିତ ସ୍ଥାନୀୟ ସମାଜ ସେବୀ ସୁରେନ୍ଦ୍ର ବେହେରା ଙ୍କ ତରଫରୁ ଅଞ୍ଚଳ ର ଲୋକ ମାନଙ୍କୁ ଘରେ ଘରେ ଅରୁଆ ଚାଉଳ,ଡାଲି ସହିତ ଦୀପ ବଳିତା ଓ ଘିଅ ବଣ୍ଟନ କରାଯାଇଛି । ଆସନ୍ତା କାଲି ପ୍ରଭୁ ଶ୍ରୀ ରାମ ଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଗାଁ ଗାଁ ରେ ଶ୍ରୀ ରାମ ଙ୍କୁ ସ୍ୱାଗତ କରିବା ମୁତାବକ ଦିନ ରେ ନାସ୍ତିକ ଭୋଜନ ସହିତ ସନ୍ଧ୍ୟା ରେ ଦୀପ ଜାଳି ପ୍ରଭୁ ମର୍ଯ୍ୟାଦା ପୁରୁଷ ରଘୁ ନନ୍ଦନ ଙ୍କୁ ସ୍ୱାଗତ କରିବା ପାଇଁ ସମାଜ ସେବୀ ସୁରେନ୍ଦ୍ର ବେହେରା ସ୍ଥାନୀୟ ଅଞ୍ଚଳ ର ଲୋକ ମାନଙ୍କୁ ପ୍ରବର୍ତ୍ତାଇ ଛନ୍ତି । ତନ ମନ ଧନ ରେ ସବୁରି ମୁଖରେ ଜୟ ଶ୍ରୀ ରାମ ଜୟ ଶ୍ରୀ ରାମ ନାରା ସହିତ ଅଯୋଧ୍ୟା ପତିଙ୍କ ପାଇଁ ମନ ବ୍ୟାକୁଳ ହୋଇପଡୁଛି ।

# ରାଜ୍ୟସ୍ତରୀୟ ବୀର ଚକରା ବିଷୋୟୀଙ୍କ ୨୦୧ତମ ଜୟନ୍ତୀ

## ମୁକ୍ତି ଆନ୍ଦୋଳନର ପ୍ରଥମ ଯୋଦ୍ଧା ଥିଲେ: ମନ୍ତ୍ରୀ ଆରୁଖ

**ଭଞ୍ଜନଗର (ଅମୃତ ମିଡିଆ):** ଭାରତବର୍ଷରେ ଇଁରେଜମାନଙ୍କ ବିରୁଦ୍ଧରେ ମୁକ୍ତି ଆନ୍ଦୋଳନର ପ୍ରଥମ ଯୋଦ୍ଧା ଥିଲେ ବୀର ଚକରା ବିଷୋୟୀ । ସିପାହୀ ବିଦ୍ରୋହର ଯଥେଷ୍ଟ ପୂର୍ବରୁ ୧୮୩୬ ମସିହାରୁ ସେ ୧୮୫୬ ମସିହାଯାଏଁ ଦୀର୍ଘ ୨୦ବର୍ଷ ଧରି ବ୍ରିଟିଶ ବିରୁଦ୍ଧରେ ମୁକ୍ତି ସଂଗ୍ରାମ ଜାରୀ ରଖିଥିଲେ । ବୀର ଚକରା ଜଣେ ଯୁଦ୍ଧ ନିପୁଣ ବ୍ୟକ୍ତିଥିଲେ । ଆଉ ଗରିଲା ଯୁଦ୍ଧ କରି ସେହି ସମୟରେ ସେ ବ୍ରିଟିଶ ଶାସକଙ୍କ ନିଦ ହଜାଇ ଦେଇଥିଲେ । ଚକରା ବିଷୋୟୀଙ୍କ ଏହି ମୁକ୍ତି ଆନ୍ଦୋଳନ କେବଳ ଘୁମୁସରରେ ସୀମିତ ନଥିଲା । ସେ ରାଜ୍ୟର ପ୍ରତ୍ୟେକ ଗଡଜାତ ରାଜ୍ୟକୁ ଯାଇ ଇଁରେଜ ଶାସକ ବିରୁଦ୍ଧରେ ପ୍ରଜାମେଳି କରିବାସହ ଗରିଲା ଯୁଦ୍ଧ କୌଶଳ ଶିକ୍ଷା ଦେଉଥିଲେ । ଅନୁଗୁଳ ଠାରୁ ଆରମ୍ଭ କରି ବୌଦ୍ଧ, ଢେଙ୍କାନାଳ ଠାରୁ ଆରମ୍ଭ କରି ସୋନପୁର, ଭବାନୀପାଟଣା, ପାରଳାଖେମୁଣ୍ଡି ଠାରୁ ଆରମ୍ଭ କରି ଖୋର୍ଦ୍ଧା ଯାଏଁ ଚକରାଙ୍କ ବୀରତ୍ୱ ଗାଥା ଲମ୍ବିଥିଲା । ଆଉ ଯୁଦ୍ଧ ନିପୁଣ ଚକରାଙ୍କୁ ଧରାଇଦେବାକୁ ସେତେବେଳେ ବ୍ରିଟିଶ ସରକାର ପୁରସ୍କାର ରାଶି ଘୋଷଣା କରିଥିଲେ । ତେବେ ୧୮୫୬ ମସିହାପରେ ବୀର ଚକରା ଅତ୍ୟନ୍ତ ରହସ୍ୟଜନକ ଭାବେ କେଉଁଆଡେ ଅନ୍ତର୍ଦ୍ଧାନ ହୋଇଗଲେ । ତାଙ୍କ ମୃତ୍ୟୁ ଏବେବି ସେଭଳି ରହସ୍ୟାବୃ ହୋଇ ରହିଯାଇଛି । ଏଣୁ ଏଭଳି ଜଣେ ମୁକ୍ତିକାମୀ ସଂଗ୍ରାମୀ ବୀରଙ୍କ ଜୟନ୍ତୀ ପାଳନ କରିବାସହ ଯୁବ ପିଢୀ ବୀର ଚକରା ବିଷୋୟୀଙ୍କ ସଂପର୍କରେ ଅନେକ କିଛି ଜଣିବାର ଆବଶ୍ୟକତା ରହିଛିବୋଲି ଭଞ୍ଜନଗର ଟାଉନ୍ ହଲ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ବୀର ଚକରା ବିଷୋୟୀଙ୍କ ୨୦୧ତମ ଜୟନ୍ତୀ ପାଳନ ସମାରୋହରେ ମୁଖ୍ୟଅତିଥିଭାବେ ଯୋଗଦେଇ ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଲ୍ଲେଖ କରିଛନ୍ତି । ସ୍ଥାନୀୟ ଉପଜିଲ୍ଲାପାଳ ଅନୀଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ରାଜ୍ୟର ଅନ୍ୟତମ ବିଶିଷ୍ଟ ଐତିହାସିକ ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ବିଚିତ୍ରାନନ୍ଦ ଦାଶ ମୁଖ୍ୟବକ୍ତାଭାବେ ଯୋଗଦେଇ ବୀର ଚକରାଙ୍କ ବୀରତ୍ୱର ଗାଥା ବର୍ଣ୍ଣନା କରିଥିଲେ । ବୀର ଚକରାଙ୍କ ସଂପର୍କରେ ଅନେକ ଅନାଲୋଚିତ ଦିଗ ଉପରେ ସେ ପ୍ରାମାଣିକ ତଥ୍ୟ ଆଧାରରେ ଉପସ୍ଥାପନା କରି ଏଭଳି ଜଣେ ବୀର ଯୋଦ୍ଧାଙ୍କ ଉପରେ ଅନେକ କିଛି ଗବେଷଣା କରିବା ଜରୁରୀବୋଲି ମତପ୍ରକାଶ କରିଥିଲେ । ଚକରା ବିଷୋୟୀଙ୍କୁ କେବଳ ଘୁମୁସର ଭିତରେ ସୀମିତ ନରଖି ତାଙ୍କ ବୀରତ୍ୱର ଗାଥା ସାରା ରାଜ୍ୟବାସୀଙ୍କୁ ଜଣାଇବା ଜରୁରୀ ବୋଲି ସେ ନିଜର ମତ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସୁଚନା ଓ ଲୋକସଂପର୍କ ଅଧିକାରୀ ରବି ନାରାୟଣ ବେହେରା ଅତିଥିମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବୀର ଚକରା ବିଷୋୟୀଙ୍କ ସଂପର୍କରେ ନିଜର ଚୁମ୍ବକୀୟ ବକ୍ତବ୍ୟରେ ଉପସ୍ଥିତ ସମସ୍ତ ଚକରାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ସଂଗୀତ ନାଟକ ଏକାଡେମୀର ଉପସଭାପତି ବିଶିଷ୍ଟ ନାଟ୍ୟକାର ମନ୍ମଥ କୁମାର ଶତପଥୀ ଓ ଭଞ୍ଜନଗର ନଗରପାଳ ଗୋପବନ୍ଧୁ ମହାପାତ୍ର ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ରହିଥିଲେ । ଏହି ଅବସରରେ ଚକରା ବିଷୋୟୀଙ୍କ ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିଥିବା ଅଂଚଳର ସାନକୋଦଣ୍ଡା ପଞ୍ଚାୟତର ଯୋଗୀମାରି ଗ୍ରାମର ବଳରାମ ପ୍ରଧାନ, ବିଞ୍ଜିଗିରି ଗ୍ରାମର ରାଧାମୋହନ ଗୌଡ, ଦଣ୍ଡାସୁଣୀ ନାୟକ,



ନେତାଜୀ ବିଷୋୟୀ, ଲକ୍ଷ୍ମଣ ପାତ୍ର, ପ୍ରଫେସର କୃତିବାସ ବିଶ୍ୱାଳ ଓ ଓଡିଶା ସଂଗୀତ ନାଟକ ଏକାଡମୀର ଉପସଭାପତି ମନ୍ମଥ କୁମାର ଶତପଥୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ବ୍ରହ୍ମପୁରର ଭର୍ଚୁଆଲ୍ ଭୋକାଲିଷ୍ଟସ୍ ପକ୍ଷରୁ ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିବାବେଳେ ଶେଷରେ ଅଲଟରନେଟିଭ୍ ରିଦମ୍ ଥିଏଟର ଢେଙ୍କାନାଳର କଳାକାରମାନଙ୍କ ପକ୍ଷରୁ ନାଟକ 'ମୁଁ ଚକରା କହୁଛି' ମଞ୍ଚସ୍ଥ ହୋଇଥିଲା । ସେହିପରି ସ୍ଥାନୀୟ ବିଡିପୁର କଲେଜ ଓ ଭଞ୍ଜନଗର କେଏସୟୁବି କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମଧ୍ୟ ଚିତାକର୍ଷକ ଦେଶାତ୍ମବୋଧ ନୃତ୍ୟସଂଗୀତ ପରିବେଷଣ କରାଯାଇଥିଲା । ଶେଷରେ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଥର ପାଇଁ ବୀର ଚକରା ବିଷୋୟୀଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ଭଞ୍ଜନଗର ଠାରେ ପାଳିତ ହୋଇଥିବାବେଳେ ଟାଉନ୍ ହଲରେ ଦର୍ଶକରେ ପୁରି ରହିଥିଲା । ଆଉ ଏହାହିଁ ବୀର ଚକରାଙ୍କ ପାଇଁ ଉପଯୁକ୍ତ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ବୋଲି ଶେଷରେ ଗଣମାଧ୍ୟମ ପ୍ରତିନିଧିମାଙ୍କୁ ନିଜ ପ୍ରତିକ୍ରିୟାରେ ଅର୍ଥମନ୍ତ୍ରୀ ଆରୁଖ ଉଲ୍ଲେଖ କରିଥିଲେ । ସେହିପରି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଚକରାଙ୍କ ନାମରେ ଏକ ଏକାଡେମୀକ ବ୍ଲକ ନିର୍ମାଣ ଓ ଏନଏସି ପକ୍ଷରୁ ହେବାକୁ ଥିବା ବହୁମୁଖୀ ଗୋଷ୍ଠୀକେନ୍ଦ୍ରକୁ ଚକରା ବିଶୋୟୀଙ୍କ ନାମରେ ନାମିତ କରିବାକୁ ମନ୍ତ୍ରୀ ଆରୁଖ ଘୋଷଣା କରିଥିଲେ । ପୂର୍ବରୁ ପବିତ୍ର ଶ୍ୟାମ ଦଶମୀ ତିଥିରେ ସକାଳୁ ସକାଳୁ ସ୍ଥାନୀୟ ବୀର ଚକରା ବିଷୋୟୀ ଛକରେ ଥିବା ବୀର ଚକରା ବିଷୋୟୀଙ୍କ ପୂର୍ଣ୍ଣଅବୟବରେ ଅର୍ଥମନ୍ତ୍ରୀ ଆରୁଖଙ୍କ ସମେତ ବହୁ ନେତୃସ୍ଥାନୀୟ ବ୍ୟକ୍ତିବିଶେଷ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ଆର୍ତ୍ତତ୍ରାଣ ବିଦ୍ୟାପୀଠରେ ରଜତ ଜୟନ୍ତୀ ସମାରୋହ ଉଦ୍ଯାପିତ

## ଛାତ୍ରଛାତ୍ରୀ ଦେଶ, ରାଜ୍ୟର ଗୌରବ ବୃଦ୍ଧି କରନ୍ତୁ



**ଅସ୍ତରଙ୍ଗ (ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆର୍ତ୍ତତ୍ରାଣ ବିଦ୍ୟାପୀଠ ବରାଙ୍ଗ -ଅନନ୍ତା ରଜତ ଜୟନ୍ତୀ ସମାରୋହ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ରବିବାର ଏହା ଉଦ୍ଯାପିତ ହୋଇଛି । ସନ୍ଧ୍ୟାରେ ମୁଖ୍ୟ ଅତିଥି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ, ମୁଖ୍ୟବକ୍ତା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ଯୁକ୍ତ ଜ୍ୟୋତି ରଂଜନ ମିଶ୍ର, ସଂମାନୀତ ଅତିଥି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ ସାଧାରଣ ସମ୍ପାଦକ ଶ୍ରୀ ଯୁକ୍ତ ରଂଜନ କୁମାର ଦାସ, ମୁଖ୍ୟ ଉପଦେଷ୍ଟା ପଞ୍ଚାନନ ସ୍ୱାଇଁ, ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ଲଳିତା ପାତ୍ର ଯୋଗଦେଇଥିବା ବେଳେ ସଭାପତିତ୍ୱ କରିଥିଲେ ରାଜା ମଧୁସୂଦନ ଦାସ ମହାବିଦ୍ୟାଳୟ ପ୍ରଧାପକ ପ୍ରମୋଦ କିଶୋର ବିଶ୍ୱାଳ . ଅତିଥି ମାନେ ବିଦ୍ୟାଳୟର ଗାରିମା ସମ୍ପର୍କରେ ଆଲୋଚନା କରିବା ସହ ବିଦ୍ୟାଳୟ ଅୟଂରାମ୍ଭ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ. ଯାହାକି ବିଦ୍ୟାଳୟ ଆଜି ଅସ୍ତରଙ୍ଗ ବ୍ଲକରେ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବରେ ଗଢି ଉଠିଛି । କାର୍ଯ୍ୟକ୍ରମ ରେ ଯୋଗଦେଇଥିବା ଅତିଥି ମାନେ ବିଦ୍ୟାଳୟ ପରିବେଶ ଓ ଶିକ୍ଷା ବ୍ୟବସ୍ଥାକୁ ଉଚ୍ଚ ପ୍ରଶଂସା କରିଥିଲେ. ଏହି ବିଦ୍ୟାଳୟ ରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ମାନେ ଦେଶ ଓ ରାଜ୍ୟର ଗୌରବକୁ ବୃଦ୍ଧି କରାନ୍ତୁ ବୋଲି ଅତିଥି ମାନେ ଆହ୍ୱାନ ଦେଇଥିଲେ. ଏହି ଅବସରରେ ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ର ଛାତ୍ରୀ ଏକତ୍ରିତ ହୋଇଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ ବିଦ୍ୟାଳୟ ପକ୍ଷରୁ ନିମନ୍ତ୍ରଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା. ବର୍ତ୍ତମାନ ପଢୁଥିବା ଓ ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା. ଉଦ୍ଯାପନୀ ସନ୍ଧ୍ୟାରେ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଲକ୍ଷେ ଶିବ ପୁଜି ପାଇଛି ପୁଅ 'ପରିବେଷଣ କରାଯିବା ସହ ଓଡିଶୀ ନୃତ୍ୟ, ଗୋଷ୍ଠି ନୃତ୍ୟ, ଶିଶୁକଳାକାର ମାନଙ୍କ ପରିବେଷଣ ହୋଇଥିଲା ।

# କୁଠାରସିଂ ପଞ୍ଚାୟତରେ 'ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଓ ରୂପାନ୍ତିକରଣ' କାର୍ଯ୍ୟକ୍ରମ

## ପଞ୍ଚାୟତ ସ୍ତରୀୟ ସଚେତନତା



**ବ୍ରହ୍ମପୁର (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକ୍ କୁଠାରସିଂ ପଞ୍ଚାୟତରେ 'ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଓ ରୂପାନ୍ତିକରଣ' କାର୍ଯ୍ୟକ୍ରମ ନିମନ୍ତେ ଏକ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ବିକ୍ରମ କୁମାର ପଣ୍ଡା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହିତ ଉପସ୍ଥିତ ଜିଲ୍ଲା ପରିଷଦ ଅଧ୍ୟକ୍ଷା, ସଦସ୍ୟ, ସଦସ୍ୟା, ବ୍ଲକ୍ ଅଧ୍ୟକ୍ଷା, ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ସ୍ଥାନୀୟ ଜନପ୍ରତିନିଧି, ବିଭାଗୀୟ ପଦାଧିକାରୀ, ବିଜେଡି ନେତୃବୃନ୍ଦ, କର୍ମୀ ତଥା ଗ୍ରାମବାସୀଙ୍କ ଗହଣରେ ରହି ସଭାକୁ ସମ୍ବୋଦିତ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ 'ଆମ ଓଡ଼ିଶା ତଥା ନବୀନ ଓଡ଼ିଶା ଓ ୫ ଟି' ମାଧ୍ୟମରେ ଗ୍ରାମାଞ୍ଚଳର ବନ୍ଧ, ବିଦ୍ୟାଳୟ, ମନ୍ଦିର, ପାର୍କ, କୋଠଘର ଇତ୍ୟାଦିର ରୁପାନ୍ତିକରଣ ତଥା ଗ୍ରାମବାସୀ ମାନଙ୍କ ବିକାଶ ପାଇଁ ସର୍ବଦା ପ୍ରାଥମିକତା ଦେଇ ଆସିଥିବାରୁ ମାନ୍ୟବର ବିଧାୟକ ଓ ଗ୍ରାମବାସୀ ମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇବା ସହିତ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଓଡ଼ିଶା ଅଣଗେଜେଟେଡ ବନ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ



**କେନ୍ଦୁଝର (ଅମୃତ ମିଡିଆ):** କେନ୍ଦୁଝର ସ୍ଥିତ ଡିଏନ୍ ହାଇସ୍କୁଲର କନଫରେନ୍ସ ହଲଠାରେ କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଓଡିଶା ଅଣଗେଜେଟେଡ ବନ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ କେନ୍ଦୁଝର ଜୋନର ସଭାପତି ଶରତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗ ଦେଇଥିଲେ । କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ଡି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ବନଖଣ୍ଡର ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ର ବେହେରା ଓ ଅଶୋକ କୁମାର ଦାସ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଓଡିଶା ଅଣଗେଜେଟେଡ ବନ କର୍ମଚାରୀ ସଂଘ ରାଜ୍ୟ ଶାଖାର ସଂପାଦକ ଜଗବନ୍ଧୁ ପାତ୍ର ଯୋଗ ଦେଇଥିଲେ । ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ବନ କର୍ମଚାରୀମାନଙ୍କ ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ସଭାର ପ୍ରଥମାର୍ଦ୍ଧରେ ଉକ୍ତ ବିଷୟ ଉପରେ ସମସ୍ତ ଅତିଥି ଭାଷଣ ପ୍ରଦାନ କରିଥିଲେ । ଏହାପରେ ଦ୍ୱିତୀୟାର୍ଦ୍ଧରେ କେନ୍ଦୁଝର ବନଖଣ୍ଡର ଅଣଗେଜେଟେଡ ବନ କର୍ମଚାରୀ ସଂଘର ମୁଖ୍ୟ ପରିଚାଳନା କମିଟି ର ନିର୍ବାଚନ ଅନୁଷ୍ଠିତ ହୋଇଥିଲା । କେନ୍ଦୁଝର ବନଖଣ୍ଡର ନିମ୍ନଲିଖିତ ବନ ବିଭାଗୀୟ ଅଧିକାରୀମାନେ ସଂଘର ଉକ୍ତ କାର୍ଯ୍ୟକାରୀ କମିଟିର ବିଭିନ୍ନ ପଦ ପଦବୀରେ ନିର୍ବାଚିତ ହୋଇଥିଲେ । ଏହି ସଭା ପରିଚାଳନା ଜୋନର ସଂପାଦକ ମନୋରଞ୍ଜନ ସେନାପତି ଓ ଅନ୍ୟାନ୍ୟ ସଭ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ । ସଭାପରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । କେନ୍ଦୁଝର ବନଖଣ୍ଡ ପାଇଁ ସଭାପତି ଭାବେ ଦୀପକ ସ୍ୱାଇଁ, ଉପସଭାପତି ମୋହିନୀ ମହାନ୍ତ,ସଂପାଦକ ଭୂପତି ସେଠୀ,ସହ ସଂପାଦକ ସନ୍ତୋଷ କୁମାର ପଢ଼ି,ରୂପଶ୍ରୀ ସାହୁ,କୋଷାଧ୍ୟକ୍ଷ ଆଶୁତୋଷ ଚକ୍ରବର୍ତ୍ତୀ ମନୋନୀତ ହୋଇଥିଲେ । ସେହିପରି କେନ୍ଦୁପତ୍ର ବନଖଣ୍ଡରେ ସଭାପତି ଭାବେ ସତ୍ୟନାରାୟଣ ବେହେରା, ଉପସଭାପତି ଭାବେ ରାମଚନ୍ଦ୍ର ବେହେରା, ସଂପାଦକ ଭାବେ କୌଶିକା ଜେନା, ଯୁଗ୍ମ ସଂପାଦକ ଭାବେ ସୁନିଲ କୁମାର ବେହେରା,ସହ ସଂପାଦକ ଭାବେ ଅର୍ଜୁନ ଚରଣ ବେହେରା, କୋଷାଧ୍ୟକ୍ଷ ଭାବେ ଅଭିମନ୍ୟୁ ମହାନ୍ତ ନିମ୍ନଲିଖିତ ସଭ୍ୟମାନେ ମନୋନୀତ ହୋଇଥିଲେ ।



# ହାଇସ୍କୁଲରେ ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ



**କେନ୍ଦ୍ରାପଡା(ଅମୃତ ମିଡିଆ):** ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୁଲ୍ୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଓସ୍ତପୁର ଗ୍ରାମପଞ୍ଚାୟତର ଦେପୁର ସରସ୍ୱତୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ନାୟକଙ୍କ ସଂଯୋଜନାରେ ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋ ବିଦ୍ୟାଳୟ ଅଭିଯାନର ସଭ୍ୟ ତଥା ଅବସର ପ୍ରାପ୍ତ ଶିକ୍ଷାବିଭାଗ ନିରୀକ୍ଷକ ମଧୁସୂଦନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସନାତନ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଅଭିମନ୍ୟୁ ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ପ୍ରତିଭାକୁ ପ୍ରକାଶ କରିବାରେ ଏହି ଭାଷା ସାହିତ୍ୟ ଓ ସୃଜନଶୀଳତା ଏକ ଅଙ୍ଗ ବୋଲି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନର ସଦସ୍ୟ / ସଦସ୍ୟା ପରିଚାଳନା କମିଟିର ସଭ୍ୟ ଏବଂ ନବମ ଏବଂ ଦଶମ ଶ୍ରେଣୀର ଅଭିଭାବକମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତାକୁ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଛାତ୍ର/ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଜ୍ଞାନ ପ୍ରକଳ୍ପ, ଚିତ୍ରାଙ୍କନ, ନୃତ୍ୟ, ଗୀତ, କବିତା ଆଦି କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

# ଜଣଙ୍କ ଜମିରେ ଅନ୍ୟ ଜଣଙ୍କୁ ଋଣ କରାଇ ଦଲାଲ ଲୁଟିଛି ଲକ୍ଷ ଲକ୍ଷ ଟଙ୍କା

**ପାରାଦୀପ(ଅମୃତ ମିଡିଆ):** ଜମି ମାଲିକ ଜାଣିନାହାନ୍ତି ତା ଜମି ପଡି ଯାଉଛି ବନ୍ଧକ । ବ୍ୟାଙ୍କ ରୁ ଉଠି ଯାଉଛି ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ର ଋଣ । ଆଉ ଋଣ ଟଙ୍କା ଅନ୍ୟ ଜଣଙ୍କୁ ଅଧା ଦେଇ ଅଧା ନେଇ ଦଲାଲ ପାର । ଯାହାକୁ ନେଇ ଏବେ ଜମି ମାଲିକ ଓ ଋଣ ନେଇଥିବା ଲୋକ ଥାନା ର ଦ୍ୱାରସ୍ଥ । କୃଷକ ର ଉନ୍ନତି ପାଇଁ ସରକାର ବ୍ୟାଙ୍କ ମାଧ୍ୟମରେ ଋଣ ସହାୟତା ଯୋଗାଇ ଦେଉ ଥିବା ବେଳେ ଏ ଋଣ ହେଉଛି ହରିଲୁଟ । କେବଳ ଋଣ ହରିଲୁଟ ନୁହ, ଋଣ ପାଇଁ ଆବଶ୍ୟକ ଜମି କାଗଜ ପତ୍ରର ମଧ୍ୟ କରାଯାଉଛି ଚଞ୍ଚକତା । ପ୍ରକୃତ କୃଷକ ଜାଣିନି, ତା ଅଗୋଚରରେ ତା ଜମି ପଟ୍ଟା ରେ ଅନ୍ୟ ଜଣେ ଋଣ ନେଇ ପାର । ଏଭଳି ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା ରାହାମା ଷ୍ଟେଟ ବ୍ୟାଙ୍କ ରେ । ବାଲିକୁଦା ଅଞ୍ଚଳ ର ଅଭୟ ସ୍ୱାଇଁ ଆଉ ବିପିନୀ ମଲ୍ଲିକ । ଜମିର ମାଲିକାନା ଏମାନଙ୍କ ନାମରେ ଅଛି ହେଲେ ଏମାନେ ଜାଣି ନାହାଁନ୍ତି ଏମାନଙ୍କ ଜମି କାଗଜ ରେ ଅନ୍ୟ ଜଣେ ଋଣ ନେଇଛନ୍ତି । ବ୍ୟାଙ୍କ ରୁ ଏମାନଙ୍କ ପାଖରେ ନୋଟିସ ପହଁଞ୍ଚିବା ପରେ ଏମାନଙ୍କ ଅକଲ ଗୁଡୁମ । ଏହି ଦୁଇ ଜଣ ନୁହଁନ୍ତି ଏହିପରି ଅନେକ ଲୋକ ଠକାମି ର ଶିକାର ହୋଇ ଥିବାବେଳେ ଋଣ ନେଇଥିବା ଲୋକ ମଧ୍ୟ ଆସି ପହଂଚି ଗଲେଣି ଥାନା ରେ । ସେହି ବାଲିକୁଦା ଅଞ୍ଚଳର ତ୍ରିଲୋଚନ ପରିଡା, ପ୍ରମୋଦ କୁମାର ସ୍ୱାଇଁ ଙ୍କ ଭଳି ଗରିବ ନିରିହ ଲୋକଙ୍କୁ ପର ଜମିରେ ଋଣ କରାଇ ସେମାନଙ୍କୁ ଜଣେ ଦଲାଲ କୋବିଡ ଋଣ କରାଇ ଦେବ କହି ତଙ୍କୁ ଅଳ୍ପ ଟଙ୍କା ଦେଇ ଖାତାରୁ ଟ୍ରାନ୍ସଫର କରି ନେଇଛି ଲକ୍ଷାଧିକ ଟଙ୍କା । ଯେଉଁ ଘଟଣାକୁ ନେଇ ଋଣ ନେଇଥିବା ଲୋକ ମଧ୍ୟ ଥାନାର ହେଲଣି ଦ୍ୱାରସ୍ଥ । ସବୁଠାରୁ ବଡ କଥା ହେଉଛି ବାଲିକୁଦା ସର୍କଲ ର ଲୋକଙ୍କୁ ରାତାରାତି ଆକାଉଣ୍ଟ ଟ୍ରାନ୍ସଫର୍ମର କରି ଅଣାଗଲା ତିର୍ତୋଲ ସର୍କଲ ର ରାହାମା ବ୍ୟାଙ୍କ କୁ । ଆଉ ଅନ୍ୟ ଜଣଙ୍କ ଜମି ରେ ଭାଗ ଚାଷୀ ଦେଖାଇ କରାଗଲା ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା କିଷାନ କ୍ରେଡିଟ କାର୍ଡ ରେ ଋଣ ମଞ୍ଜୁରୀ । ଆଉ ଋଣ ହୋଇଥିବା ଲୋକଙ୍କ ଖାତାକୁ ଟଙ୍କା ପଠାଇ ଦଲାଲ ତାର ନିଜ ଆକାଉଣ୍ଟ କୁ ନେଇଗଲା ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା । ଏବେ ବ୍ୟାଙ୍କ ଜମି ମାଲିକ କୁ ନୋଟିସ ପଠାଇବା ପରେ ଲୋକେ ତିର୍ତୋଲ ଥାନା ର ଦ୍ୱାରସ୍ଥ ହୋଇଛନ୍ତି । ଏହି ବ୍ୟାଙ୍କ ଓ ବାଲିକୁଦା ଅଞ୍ଚଳରେ ଏକ ବିରାଟ ରାକେଟ କାମ କରୁଥିବା ବେଳେ ବର୍ତ୍ତମାନ ର ବ୍ୟାଙ୍କ ଶାଖା ପରିଚାଳକ ଓ ପୋଲିସ ଅଧିକାରୀ କ୍ୟାମେରା ସାମ୍ନାରେ କିଛି କହିବାକୁ ନାରାଜ ହୋଇଥିବା ବେଳେ ଗଣମାଧ୍ୟମ ର ତନାଘନା ପରେ ତିର୍ତୋଲ ପୋଲିସ ଉକ୍ତ ଦଲାଲ କୁ ଜୟପୁର ଛକ ରୁ ଉଠାଇ ନେଇ ତଦନ୍ତ ଆରମ୍ଭ କରିଛି । ଏହି ଘଟଣା ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।



# ଉଚ୍ଚବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ

**ବାରିପଦା(ଅମୃତ ମିଡିଆ):** ବୈଶିଙ୍ଗା ଥାନା ଅଧୀନ ସଇତପୁର ଉଚ୍ଚ ବିଦ୍ୟାଳୟ ରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଆୟୋଜନ ପରିପ୍ରେକ୍ଷୀରେ ଛାତ୍ର ଓ ଛାତ୍ରୀ ଙ୍କ ମଧ୍ୟର ପ୍ରତିଭା ଓ ସୃଜନଶୀଳତା କୁ ଉତ୍ସାହିତ କରିବା ପାଇଁ ଏହି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବେର ମୂଖ୍ୟ ଅତିଥି ଭାବେ ବିଦ୍ୟାଳୟ ର ସଭାପତି ସୁବୋଧ କୁମାର କିସ୍କୁ ,ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଂଚ ଖଇରି କିସ୍କୁ ଓ ସମିତି ସଭ୍ୟା ନମିତା ମହାନ୍ତ ଯୋଗ ଦେଇଥିଲେ।



ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ମହାନ୍ତ ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବେର ଶିକ୍ଷକ କିଶୋର କୁମାର ଆଚାର୍ଯ୍ୟ, ଗେଜନ୍ଦ୍ର ନାଥ ମହାନ୍ତ,କୁଶଧର ମହାନ୍ତ,ଅନିଲ କୁମାର ମହାନ୍ତ,ସୁସାନ୍ତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ସାହିତ୍ୟ ସୃଜନୀ, ଜିଜ୍ଞାସା,କ୍ରିଡାଙ୍ଗନା ଓ କୌଶଳୀ କ୍ଲବ ର ପିଲାମାନେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

# ଶ୍ରୀସାଇ ଇଲେକ୍ଟ୍ରିକାଲ୍ସ ଓ ଭିଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ଡିଲର ମିଟ୍



**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡ଼ିଆ):** ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରୀସାଇ ଇଲେକ୍ଟ୍ରିକାଲ୍ସ କଟକ ଓ ଭିଗାର୍ଡ଼ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ଉଭୟଙ୍କର ମିଳିତ ଉଦ୍ୟମରେ ଏକ ଡିଲରମିଟ୍ କାର୍ଯ୍ୟକ୍ରମ ପୁରୀସ୍ଥିତ ୱଣ୍ଡରୱାର୍ଲଡ୍ ୱାଟର ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଡିଲରମିଟ୍ କାର୍ଯ୍ୟକ୍ରମରେ ପୂର୍ବାଂଚଳର ପ୍ରାୟ ୯୫ଜଣ ଡିଲର ଭାଗ ନେଇଥିବା ବେଳେ ସେମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଯଥା ରେନ୍ ଡ୍ୟାନ୍ସ, ବୋଟିଙ୍ଗ୍ ଏବଂ ହର୍ସରାଇଡିଙ୍ଗ୍ ଭଳି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା । ଭିଗାର୍ଡ଼ର ଶାଖା ପ୍ରମୁଖ ସୁମନ୍ତ କୁମାର ପ୍ରଧାନ ଏବଂ ଇନଭରଟର ଓ ବ୍ୟାଟେରୀ ବିଭାଗର ମୁଖ୍ୟ ସରୋଜ କୁମାର ବେଉରା, ଫ୍ୟାନ୍‌ର ମୁଖ୍ୟ ସତ୍ୟନାରାୟଣ ପାଲଟା, ମଡୁଲାର ସୁଇଚ୍‌ର ମୁଖ୍ୟ ସୁକାନ୍ତ ଦତ୍ତ, ଏମ୍‌ସିଭିର ମୁଖ୍ୟ ସୁକାନ୍ତ ଚମ୍ପତି ପ୍ରମୁଖ ଯୋଗ ଦେଇଥିଲେ । ନୂଆ ପ୍ରଡକ୍ଟ ଭାବେ ୨୦୨୪ ପାଇଁ ଇନ୍‌ସାଇଡ ଜି ନାମକ ଭିଏଲଡିସି ନୂତନ ଫ୍ୟାନ୍ ୫ବର୍ଷ ୱାରେଣ୍ଟି ସହ ବଜାରରେ ଲଞ୍ଚ୍ କରାଯାଇଥିବା ବେଳେ ଏକ ନୂତନ ଏମ୍‌ସିଭି ଏଲ୍‌ଗିନା ୫ବର୍ଷ ୱାରେଣ୍ଟି ସହ ଲଞ୍ଚ କରାଯାଇଥିଲା । । ବିଗତ ବର୍ଷରେ କୃତକାର୍ଯ୍ୟ ହାସଲ କରିଥିବା ଡିଲର ଭାଇମାନଙ୍କୁ ଉତ୍ତରୀୟ ସହିତ ମାନପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା । ପ୍ରତିବର୍ଷ ପରି ସର୍ବଶେଷରେ ଶ୍ରୀସାଇ ଇଲେକ୍ଟ୍ରିକାଲ୍ସର ସଂଚାଳକ ସୋହନ ଅଗ୍ରୱାଲ ଓ ମୋହନ ଅଗ୍ରୱାଲ ସମସ୍ତ ଡିଲରମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଆଗାମୀ ବର୍ଷ କିପରି ଭଲ ବ୍ୟବସାୟ ହେବ ସେ ବିଷୟରେ ଆଲୋଚନା କରିଥିଲେ ।

# ସମ୍ଭାବନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



**ଜଟଣୀ(ଅମୃତ ମିଡିଆ):** ଜଟଣୀ ସହରର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସମ୍ଭାବନା ପରିବାର' ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସଚେତନତା ପାଳନ ଅବସରରେ ବିଭିନ୍ନ ପ୍ରକାର ସଚେତନତା ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ସନ୍ତୋଷ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଥାନା ଛକ ସନ୍ନିକଟ ବଡି ମସଜିଦ୍ ସମ୍ମୁଖରେ ମୋ ଜଟଣୀ ଫୁଡ ପାର୍କ ସମ୍ମୁଖରେ ଅନୁଷ୍ଠାନର କର୍ମକର୍ତ୍ତା, ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଥାନା କର୍ମଚାରୀ, ଖୋର୍ଦ୍ଧା ପରିବହନ ବିଭାଗ, ଆଇନଜୀବୀ, ଓଡିଶା ଡ୍ରାଇଭର ମହାସଂଘର କର୍ମକର୍ତ୍ତା ଏବଂ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଲିଫଲେଟ୍, ଚକୋଲେଟ୍ ଏବଂ ଗୋଲାପ ଫୁଲ ବଣ୍ଟନ କରି ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ କ୍ଷ ଅନୁଷ୍ଠାନର ସମ୍ପାଦକ ଦେବପ୍ରସାଦ ଦାଶଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପରିବହନ ବିଭାଗର ସବଇନ୍ସପେକ୍ଟର ତୃପ୍ତିରେଖା ଜେନା, ଜଟଣୀ ଥାନାର ସବ୍‌ଇନ୍ସପେକ୍ଟର ସ୍ୱାତି ନାୟକ, ଏଏସ୍‌ଆଇ ଅହଲ୍ୟା ବେହେରା, ସୁବ୍ରତ କୁମାର ତ୍ରିପାଠୀ , ଜଟଣୀ ବାର ଆସୋସିଏସନ୍ ସମ୍ପାଦକ ବିଜୟ କୁମାର ମହାପାତ୍ର, ଅଧିବକ୍ତା ଉମାକାନ୍ତ ମହାପାତ୍ର, ଅଧିବକ୍ତା ଅକ୍ଷୟ କୁମାର ଦାସ ,ସାମାଜିକ କର୍ମୀ ବାସୁଦେବ ସେଠୀ, ଓଡିଶା ଡ୍ରାଇଭର ମହାସଂଘ ଖୋର୍ଦ୍ଧା ଜିଲ୍ଲା ସଭାପତି ଅନିଲ କୁମାର ହାତୀ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଉପସ୍ଥିତ ଅତିଥି ମାନେ ସଡ଼କ ଦୁର୍ଘଟଣାର ଭୟାବହତା ସଂପର୍କରେ ଉପସ୍ଥିତ ଜନସାଧାରଣ ଓ ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କୁ ସମ୍ୟକ ଧାରଣା ଦେବା ସହ ପରିବେଶ ପ୍ରଦୂଷଣ ରୋକିବା ଦିଗରେ ସମସ୍ତଙ୍କୁ ଏବେଠାରୁ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସଞ୍ଜୟ ବରିସଲ, ସହ ସମ୍ପାଦକ ଅମୀନ ରାଉତ, ସଂଗଠନ ସମ୍ପାଦକ ଦିଲୀପ ସିଂ,ଶରତ କୁମାର ରେଡ୍ଡୀ, କୋଷାଧ୍ୟକ୍ଷ ରମାକାନ୍ତ ମହାରଣା, ନିରୂପମା ସ୍ୱାଇଁ , ସ୍ମିତା ପଟ୍ଟନାୟକ, ବରିଷ୍ଠ ସଭ୍ୟ ଲୁସେନ୍ ରାୟ, ପ୍ରଶାନ୍ତ ସାହୁ, ଯୁବ କଳାକାର ବାବୁ ମଲ୍ଲିକ, ପରେଶ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ହାଇସ୍କୁଲରେ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ

**ସିନାପାଲି(ଅମୃତ ମିଡିଆ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅର୍ନ୍ତଗତ ହାତୀବନ୍ଧା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏନେଇ ପ୍ରଧାନଶିକ୍ଷକ ଭୁବନେଶ୍ୱର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଭାବରେ ସରପଂଚ ଜୟନ୍ତୀ ବେହେରା ଓ ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ ସଞ୍ଜୟ ମାଝି, ପୂର୍ବତନ ପ୍ରଧାନ ଶିକ୍ଷକ ପର୍ଶୁରାମ ମେହେର, ପ୍ରମୋଦ କୁମାର ପଣ୍ଡା, ପୂର୍ବତନ କିରାଣୀ ହନୁମାନ ବେହେରା, ବରିଷ୍ଠ ଶିକ୍ଷକ କମଳ ପ୍ରସାଦ ମିଶ୍ର, ଆଲୁମିନି ପ୍ରେସିଡେଣ୍ଟ ରମେଶ ମେହେର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷୟିତ୍ରୀ ହିମାଦ୍ରୀ ମେହେର ମଂଚ ପରିଚାଳନା କରିଥିଲେ। ଅତିଥି ମାନେ ବେଷ୍ଟ ହାଉସ ଭାବରେ ଉଦନ୍ତୀ ହାଉସକୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ସଫଳତାରେ କୌଶଳି କ୍ଲବ ମେଣ୍ଟର ରୂପେଶ କୁମାର ମେହେର, ସାହିତ୍ୟ ସୃଜନୀ ମେଣ୍ଟର ମନୋଜ ମାଝୀ, କ୍ରୀଡାଙ୍ଗନ କ୍ଲବ ମେଣ୍ଟର ଅନିଲ କୁମାର ମେହେର, ଜିଜ୍ଞାସା କ୍ଲବ ମେଣ୍ଟର୍ ସୁବାଷ ମେହେରଙ୍କ ସହ ଚନ୍ଦ୍ରମଣୀ ମେହେର, ପ୍ରିତିଶ କୁମାର ପ୍ରଧାନ, ନିପେନ୍ଦ୍ର ବାଗ, ନିଗମାନନ୍ଦ ମିଶ୍ର, ବୈଷ୍ଣବ ମେହେର, ଲକ୍ଷ୍ମୀକାନ୍ତ ମେହେର, ଜଗଦିଶ ମେହେର ପ୍ରମୁଖ ସହଯୋଗ କରିଥିଲେ ।



# ଏଣ୍ଟରପ୍ରାଇଜ୍ ଓଡ଼ିଶା ପକ୍ଷରୁ ନୂଆ ବ୍ୟବସାୟ ସୁଯୋଗ ସୃଷ୍ଟି

**ଝାରସୁଗୁଡ଼ା(ଅମୃତ ମିଡିଆ):** ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ପକ୍ଷରୁ ଓଡ଼ିଶା ସରକାରଙ୍କ ସହଯୋଗରେ ୨୦୨୪ ଜାନୁଆରି ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ାଠାରେ ଏଂଟରପ୍ରାଇଜ୍ ଓଡ଼ିଶାର ୨୪ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଷ୍ଟାର୍ଟଅପ୍ ଓ ମହିଳା ଉଦ୍ୟୋଗୀଙ୍କ ପାଇଁ ଏଂଟରପ୍ରାଇଜ୍ ଓଡ଼ିଶାରେ ତିନି ଦିନିଆ ପ୍ରଦର୍ଶନୀ, ସମ୍ମିଳନୀ, ଜି୨ବି ଓ ବି୨ବି ବୈଠକ, କର୍ମଶାଳା ଓ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।ଓଡ଼ିଶା ସରକାରଙ୍କ ସହଭାଗିତାରେ ସିଆଇଆଇର ଏହା ଏକ ପ୍ରମୁଖ ପଦକ୍ଷେପ ଏବଂ ରାଜ୍ୟରେ ଏକ ସୁଦୃଢ଼ ଶିଳ୍ପ ବ୍ୟବସ୍ଥା ସୃଷ୍ଟି କରିବା ସହ ଦେଶର ଏକ ଉତ୍ପାଦନ କେନ୍ଦ୍ର ଭାବରେ ଏହାର ଶକ୍ତି ପ୍ରଦର୍ଶନ କରିବାରେ ଏହା ସହାୟକ ହୋଇଛି । ଏହି ପ୍ରଦର୍ଶନୀରେ ଚାକିରି କାର୍ଯ୍ୟ, ଚୁକ୍ତିଭିତିକ ଉତ୍ପାଦନ, କଂଚାମାଲ ଯୋଗାଣ, ପ୍ୟାକେଜିଂ ଏବଂ ଲଜିଷ୍ଟିକ୍ସ ଇତ୍ୟାଦି ସମ୍ବନ୍ଧୀୟ ଆବଶ୍ୟକତା ପାଇଁ ସମ୍ଭାବ୍ୟ ବିକ୍ରେତ. ଯୋଗାଣ ଶୃଙ୍ଖଳ ସଂସ୍ଥା, ଆନୁଷଙ୍ଗିକ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ସେମାନଙ୍କର ସୁଯୋଗ ପ୍ରଦର୍ଶନ କରୁଥିବା ବୃହତ ଏବଂ ମଧ୍ୟମ ଧରଣର ଅନୁଷ୍ଠାନ ଗୁଡିକ ସାମିଲ ହୋଇଥିଲେ । ଏହି ପ୍ରଦର୍ଶନୀରେ ପ୍ରଯୁକ୍ତିବିଦ୍ୟା, ସ୍ଥାୟୀତା, ଭିତିଭୂମି, ଲଜିଷ୍ଟିକ୍ ଏବଂ ଅକ୍ଷୟ ଶକ୍ତି, ଇ-କମର୍ସ ପ୍ଲାଟଫର୍ମ, ବ୍ୟାଙ୍କ ଏବଂ ଏନବିଏଫସି, ମାଇକ୍ରୋଫାଇନାନ୍ସ ଅନୁଷ୍ଠାନ, ଋଣ ପ୍ରଦାନକାରୀ ଏଜେନ୍ସି, ପ୍ରମୁଖ ଦେଶଗୁଡ଼ିକର ବାଣିଜ୍ୟ ବିଭାଗ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ କ୍ଷେତ୍ରରେ ଉତ୍ପାଦ ଏବଂ ସେବା ପ୍ରଦାନକାରୀମାନେ ଅଂଶଗ୍ରହଣ କରିଥିଲେ ।ଏହି ଅବସରରେ ସିଆଇଆଇ ପୂର୍ବାଂଚଳ ଅଧକ୍ଷ ଶିବ ସିଦ୍ଧାନ୍ତ ନାରାୟଣ କୌଲ କହିଛନ୍ତି ଯେ, "ସାରା ବିଶ୍ୱରେ ଓଡ଼ିଶାର ବିକାଶର କଥା ଆଲୋଚନା ହେଉଛି । ଓଡ଼ିଶା ସରକାର ପୁଞ୍ଜିନିବେଶ ଓ ଉଦ୍ୟୋଗ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଛନ୍ତି । ଓଡ଼ିଶାରେ ଅନେକ ଶିଳ୍ପ କେନ୍ଦ୍ର ରହିଛି, କିନ୍ତୁ ଝାରସୁଗୁଡ଼ା ସେଥିମଧ୍ୟରୁ ଅନ୍ୟତମ । ଝାରସୁଗୁଡ଼ାରେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ମାର୍ଗଦର୍ଶନ କରିଥିବାରୁ ଆମେ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜଣାଉଛୁ ।

# ଐତିହାସିକ ଅମରାବତୀ ମହୋତ୍ସବ ଉଦ୍‌ଯାପିତ

**ବଡ଼ଚଣା(ଅମୃତ ମିଡ଼ିଆ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ସ୍ଥିତ ଐତିହାସିକ ଅମରାବତୀ ମହୋତ୍ସବ ଚଳିତ ମାସ ୧୬ ତାରିଖରେ ଆରମ୍ଭ ହୋଇ ୨୦ ତାରିଖ ରେ ଉଦଯାପିତ ହୋଇ ଯାଇଛି। ଦୀର୍ଘ ୫ ଦିନ ବ୍ୟାପୀ ଉକ୍ତ ମହୋତ୍ସବରେ ବହୁ ନାମୀ ଦାମି କଳାକାର ମାନେ କଳା ପ୍ରଦର୍ଶନ କରିବା ସହ ଉଦୀୟ ମାନ କଳା ପରିଷଦ ଦ୍ୱାରା ପାରମ୍ପରିକ କଳା ପ୍ରଦର୍ଶନ ଦର୍ଶକ ମାନଙ୍କ ମନ ମୋହିଥିଲ।ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ,ବଡ଼ଚଣା ର ବିଧାୟକ ଆମର ପ୍ରସାଦ ଶତପଥୀ,ସିନେ ଷ୍ଟାର ଦୀପକ କୁମାର, ବ୍ଲକ ଅଧକ୍ଷା ମିନତି ସେନାପତି,ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ପ୍ରମୁଖ ଯୋଗ ଦେଇ ମହୋତ୍ସବ ଦ୍ୱାରା ଅଞ୍ଚଳର କଳାକାର ମାନଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ ସହ ପରସ୍ପର ମଧ୍ୟରେ ଭାଇ ଚାରା ସୃଷ୍ଟିରେ ସହାୟକ ହେବ ବୋଲି କହିଥିଲେ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଆମ୍ବା ଅଧକ୍ଷ ନିରଞ୍ଜନ ସେନାପତି,ଜିଲ୍ଲାପରିଷଦ ସଭ୍ୟ ଜତିନ୍ଦ୍ର ପ୍ରସାଦ ନାୟକ ,ସରପଂଚ ଜୟନ୍ତୀ ସ୍ୱାଇଁ,ପୂର୍ବତନ ସରପଂଚ ନିବେଦିତା ସାହୁ ପ୍ରମୁଖ ଯୋଗ ଦେଇ ଥିଲେ।ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷ ବୈରି ଥାନା ଅଧିକାରୀ ଶରତ ଚନ୍ଦ୍ର ନାୟକ,ମାଳିକା ଗବେଷକ ଜିତେନ୍ଦ୍ର ଖଟୁଆ,ଜାତୀୟ ପୁରସ୍କାର ପ୍ରାପ୍ତ ଶିଳ୍ପୀ ମହେଶ୍ୱର ଓଝା,ସାମ୍ବାଦିକ ଶୈଳେନ୍ଦ୍ର ସାହୁ,କାର୍ତ୍ତିକ ରାଉତ ପ୍ରମୁଖ ଙ୍କୁ ଉତ୍ତରୀୟ ଓ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ଗିରିଶ ଚନ୍ଦ୍ର ପାତ୍ର ମଞ୍ଚ ପରିଚାଳନା ,ସମ୍ପାଦକ ବାସୁଦେବ ସ୍ୱାଇଁ ଅତିଥି ପରିଚୟ ଓ ଆବାହକ ବିପିନ ବିହାରୀ ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ।ଅମରେଶ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଭାପତି ପ୍ରତାପ ଚନ୍ଦ୍ର ସାହୁ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଆସିକା (ଅମୃତ ମିଡିଆ):** ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଆଜି ଆତ୍ମ ସୁରକ୍ଷା ତାଲିମ ଶିବିର କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ଓଡିଶା ସରକାରଙ୍କ ନାରୀ ସଶକ୍ତିକରଣ ଲକ୍ଷ୍ୟରେ ସପ୍ତାହ ବ୍ୟାପୀ ଏହି ତାଲିମ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷ ଡଃ.ଜୀବାନନ୍ଦ ତ୍ରିପାଠୀ ଉଦଘାଟନ କରିଥିବା ବେଳେ ଭାରପ୍ରାପ୍ତ ଅଧକ୍ଷ ଡଃ.ସନ୍ତୋଷ କୁମାର ଚୌଧୁରୀ କାର୍ଯ୍ୟକ୍ରମକୁ ଅଧକ୍ଷତା କରିଥିଲେ । ସୁଶ୍ରୀ ମିନତି ବେହେରା ଉଦଯାପିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ବ୍ଲକ ସିଡିପିଓ ଭାଗ୍ୟଲତା ପାତ୍ର, ସମ୍ମାନୀୟ ଅତିଥି ଭାବେ କୋଟିନଡା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ, ପ୍ରଶାସନିକ ଅଧିକାରୀ ମେଜର ଡଃ.ଶଙ୍କର ପ୍ରସାଦ ଅଧିକାରୀ, ଅଧ୍ୟାପିକା ଡଃ.ସ୍ମିତାରାଣୀ ପଣ୍ଡା, ଡଃ.ନନ୍ଦିତା ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମଚାଂସୀନ ଥିଲେ । ଅଧ୍ୟାପିକା ଶୈଳ କୁମାରୀ ଝା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଉପସ୍ଥାପନ ସାଙ୍ଗକୁ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରି ମଚଂ ନିକଟକୁ ନିମନ୍ତ୍ରଣ କରିଥିଲେ । ଏହି ତାଲିମ ଶିବିର ଗତ ଜାନୁୟାରୀ୧୩ ତାରିଖରୁ ଆରମ୍ଭ ହୋଇ ଆଜି ଜାନୁୟାରୀ ୨୦ ତାରିଖରେ ସମାପ୍ତ ହୋଇଥିଲା । ମହାବିଦ୍ୟାଳୟର ପ୍ରାୟ ୧୬୦ ଜଣ ଯୁକ୍ତ ଦୁଇ ଛାତ୍ରୀ ସପ୍ତାହବ୍ୟାପୀ ତାଲିମ ଶିବିରରେ ପ୍ରଶିକ୍ଷଣ ନେଇଥିଲେ । ଏହି ଶିବିରରେ ପ୍ରଶିକ୍ଷିକା ଭାବେ ସୁଶ୍ରୀ ଶିବାନୀ ମହାରଣା ଓ ସୁଶ୍ରୀ ଲିଜା ପାତ୍ର ତାଲିମ ପ୍ରଦାନ କରିଥିଲେ । ବର୍ତମାନର କୁତ୍ସିତ ମନୁଷ୍ୟ ସମାଜରେ ନାରୀ ମାନଙ୍କ ପ୍ରତି ହେଉଥିବା ଅହେତୁକ ଯୌନ ଉତ୍ପୀଡନ, ଅତ୍ୟାଚାର, ବ୍ୟଭିଚାର, ଅଶ୍ଳୀଳ ମନ୍ତବ୍ୟ, ପାରିବାରିକ ହିଂସା, ଯୌତୁକ ନିର୍ଯ୍ୟାତନା, ଏସିଡ ଆଟାକ, ଅସଦାଚାରଣ ପ୍ରଭୃତି ବୈମାନୁଷିକ ଆଚରଣ ତଥା କାର୍ଯ୍ୟକଳାପରୁ ବର୍ତିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା । ଛାତ୍ରୀ ମାନଙ୍କ ମାନସିକ ତଥା ଶାରିରୀକ ବିକାଶରେ ମଧ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଆବଶ୍ୟକ ବୋଲି ଉପସ୍ଥିତ ଅତିଥି ମାନେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଦଶ ଜଣ ତାଲିମ ପ୍ରାପ୍ତ ଛାତ୍ରୀ ଆତ୍ମ ସୁରକ୍ଷା ବଳୟରେ କେତେକ ନିସ୍ୱକ ଆତ୍ମ ସୁରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ । ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ତାଲିମ ପ୍ରାପ୍ତ ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ସୁଶ୍ରୀ ରଶ୍ମିପ୍ରିୟା କାଲୋ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ଜନଜାତି ଚାଷୀଙ୍କୁ ପେଟ୍ରୋଲଚାଳିତ ପାଣିପମ୍ପ ବଣ୍ଟନ




**ଚମ୍ପୁଆ (ଅମୃତ ମିଡିଆ):** ଚମ୍ପୁଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓଟିଏଲପି ଦ୍ୱାରା ପାଣିପମ୍ପ ବଣ୍ଟନ କାର୍ଯ୍ୟକ୍ରମ ସମାପନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଡ଼ା, ଚମ୍ପୁଆ ଏବଂ ଝୁମ୍ପୁରା ବ୍ଲକ ର ୧୮ ଜଣ ଜନଜାତି ସମ୍ପ୍ରଦାୟର ଅଗ୍ରିଣ ଚାଷୀଙ୍କୁ ସେମାନଙ୍କ ଚାଷକାର୍ଯ୍ୟ ରେ ଉନ୍ନତି ଆଣିବା, ଉତ୍ପାଦନ ବୃଦ୍ଧି କରି ବ୍ୟବସାୟ କରି ଜୀବନ ଜୀବିକାରେ ସ୍ୱଚ୍ଛଳ ହେବା ଉଦ୍ଦେଶ୍ୟରେ ଗ୍ରାମ୍ୟ ଉନ୍ନୟନ ସଂଘ ମାନଙ୍କ ଦ୍ୱାରା ଚୟନ କରାଯାଇ ବିନମୂଲ୍ୟରେ ପେଟ୍ରୋଲ ଚାଳିତ ପମ୍ପ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ପ୍ରଶାସକ ଶ୍ରୀମତୀ ଜୟଶ୍ରୀ ମଲ୍ଲିକ ଉପସ୍ଥିତ ରହି ଚାଷୀଙ୍କୁ ଉତ୍ସାହିତ କରି ପାଣି ପମ୍ପ ସବୁ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ଓଟିଏଲପି ପ୍ଲସର ଅଧିକାରୀ ଯଥା - ଅମରେନ୍ଦ୍ର ରାଉତ, ନିହାର ରଞ୍ଜନ ଟାକ୍ରୀ, ପି. ଗିରିଧାରୀ ରାଓ ସମସ୍ତେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ




**ପୋଲସରା (ଅମୃତ ମିଡିଆ):** ସ୍ଥାନୀୟ ହାତୀଓଟ ନୋଡାଲ ହାଇସ୍କୁଲ୍ ପରିସରରେ ବିଦ୍ୟାଳୟ ସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ବିଦ୍ୟାଳୟର ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ ଓ କ୍ରୀଡାଙ୍ଗନ କ୍ଲବ୍ ର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ସେମାନଙ୍କର ଉତ୍କର୍ଷତା ପ୍ରତିପାଦନ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ତଥା ଯୁବ ଆଇନଜୀବୀ ଓ ଯୁବ ସମାଜସେବୀ ଶ୍ରୀ ସୁଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଏଥିପାଇଁ ଆୟୋଜିତ ସଭାରେ ହାଇସ୍କୁଲ୍ ର ପ୍ରଧାନ ଶିକ୍ଷକ ଶ୍ରୀ ଉମା ଶଙ୍କର ଦାସ ସଭାପତିତ୍ୱ କରିଥିବାବେଳେ ଶ୍ରୀ ସୁଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି, ଶ୍ରୀ ମୂରଲୀଧର ନନ୍ଦ ମୁଖ୍ୟ ବକ୍ତା, ଶ୍ରୀ ସପନ କୁମାର ପାଣି ଏବଂ ଡଃ. ଶ୍ରୀ ବୃଷକେତୁ ଦାଶ, ଶ୍ରୀ ସନ୍ତୋଷ କୁମାର ପାତ୍ର ସମ୍ମାନିତ ଅତିଥି ଏବଂ ମୋ ସ୍କୁଲ୍ ର ରାଜ୍ୟ ସହଯୋଗୀ ସୁଜାତା ନାୟକ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦାନ କରିଥିଲେ । ଶିକ୍ଷକ ଶ୍ରୀ ଶୁଭକାନ୍ତ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶ୍ରୀ ଶଙ୍କର ପ୍ରଧାନ ବିଭିନ୍ନ କ୍ଲବ୍ ବିଷୟରେ ବିଶଦ ବର୍ଣ୍ଣନା କରିଥିଲେ । ବିଭିନ୍ନ କ୍ଲବ୍ ର କୃତି ଛାତ୍ରଛାତ୍ରୀମାନଙ୍କୁ ଏବଂ ସାହିତ୍ୟ ସୃଜନୀ କ୍ଲବ୍ ର ମେଣ୍ଟରଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ସିମାଞ୍ଚଳ ସାହୁ, ସମୀର କୁମାର ଦଳାଇ, ଶିକ୍ଷୟିତ୍ରୀ ସୁନୀତା ବଡ଼ଜେନା, ସବିତା କୁମାରୀ ରାଉତ, କର୍ମଚାରୀ ଦୀପକ ପ୍ରଧାନ ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ଶ୍ରୀ ସୁଶାନ୍ତ କୁମାର ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ ଦୀକ୍ଷା ଗ୍ରହଣ ଉତ୍ସବ

**ଭଞ୍ଜନଗର (ଅମୃତ ମିଡିଆ):** ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ଠାରେ, ସ୍କାଉଟ୍ ଗାଇଡ୍ ବିଭାଗ ପକ୍ଷରୁ ଦୀକ୍ଷା ଗ୍ରହଣ ଉତ୍ସବ ଆୟୋଜିତ ହୋଇଯାଇଛି । ଜିଲ୍ଲା ଗାଇଡ୍ ଟ୍ରେନିଂ କମିସନର୍ ସ୍ୱପ୍ନାରାଣୀ ପାଣିଗ୍ରାହୀ , ଜିଲ୍ଲା ସଂଯୋଜକ ରାଜେଶ୍ ପାତ୍ର , ଗାଇଡ୍ ଶିକ୍ଷୟିତ୍ରୀ ସପନେଶ୍ୱରୀ ଦିଗାଲ , ସ୍କାଉଟ୍ ମାଷ୍ଟର ଶଙ୍କର ପ୍ରସାଦ ପଟ୍ଟନାୟକ ପ୍ରମୁଖ ଦୀକ୍ଷା ଗ୍ରହଣ କାର୍ଯ୍ୟକ୍ରମ ରେ ଯୋଗଦେଇଥିଲେ । ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ , ଗାଇଡ୍ ମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ସଂକ୍ରାନ୍ତରେ ଅବଗତ କରାଇଥିଲେ । ମୋଟ ୨୪ ଜଣ ଗାଇଡ୍ ଏହି କାର୍ଯ୍ୟକ୍ରମରେ ଦୀକ୍ଷା ଗ୍ରହଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଗାଇଡ୍ କ୍ୟାପଟେନ୍ ସପନେଶ୍ୱରୀ ଦିଗାଲ ପରିଚାଳନା କରିଥିବା ବେଳେ , ବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ । ସମ୍ପାଦକ ଭଞ୍ଜକିଶୋର ପ୍ରଧାନ କାର୍ଯ୍ୟକ୍ରମଙ୍କୁ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଙ୍ଗିରି ସରପଞ୍ଚଙ୍କ ବାସଭବନରେ କେନ୍ଦ୍ରମନ୍ତ୍ରୀ

**ଆଳି (ଅମୃତ ମିଡିଆ):** ଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଟିପଡା ଓ ସିଙ୍ଗିରି ପଞ୍ଚାୟତରେ ଅନୁଷ୍ଠିତ ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ କେନ୍ଦ୍ର ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳ ପଥ ବିଭାଗର କେନ୍ଦ୍ରୀୟ ମନ୍ତ୍ରୀ ସର୍ବନନ୍ଦ ସୋନଓ୍ୱାଲ । ମନ୍ତ୍ରୀ ଶ୍ରୀ ସୋନଓ୍ୱାଲ ଆଳି ଗସ୍ତରେ ଆସି ଆଳିର ଆରାଧ ଠାକୁର ଲକ୍ଷ୍ମୀବରାହ ଜୀଉଙ୍କ ଦର୍ଶନ କରିବା ପରେ ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମ ଶେଷରେ ସିଙ୍ଗିରିର ସରପଞ୍ଚ ଅକ୍ଷୟ ଦାସଙ୍କ ବାସ ଭବନକୁ ଗସ୍ତ କରିଥିଲେ । ମନ୍ତ୍ରୀ ସୋନଓ୍ୱାଲଙ୍କୁ ସରପଞ୍ଚ ଅକ୍ଷୟ ଦାସ ଓ ତାଙ୍କ ପତ୍ନୀ ଛବିଲତା ସେଠୀ ସ୍ୱାଗତ କରିଥିଲେ । ପାଖାପାଖି ଅଧଘଣ୍ଟା ପର୍ଯ୍ୟନ୍ତ ମନ୍ତ୍ରୀ ସରପଞ୍ଚଙ୍କ ବାସଭ୍ବନରେ ବିତାଇ ଥିବା ବେଳେ ତାଙ୍କ ସହିତ ରାଜ୍ୟ ଓ ଜିଲ୍ଲାର ବିଜେପି ନେତୃତ୍ୱ ମାନେ ଉପସ୍ଥିତ ଥିଲେ । ଏ ନେଇ ଅକ୍ଷୟ କୁହନ୍ତି ଯେ ତାଙ୍କ ଘରେ କେନ୍ଦ୍ର ସରକାରର କ୍ୟାବିନେଟ ମନ୍ତ୍ରୀ ପହଞ୍ଚିବା ନିଶ୍ଚିତ ଭାବେ ତାଙ୍କ ପାଇଁ ଗର୍ବର ବିଷୟ । ସେ ଏବେ ସିଙ୍ଗିରି ପଞ୍ଚାୟତର ସରପଞ୍ଚ ଥିବାରୁ କେନ୍ଦ୍ର ସରକାରଙ୍କ ଯୋଜନା ପଞ୍ଚାୟତରେ କେତେ କାର୍ଯ୍ୟକାରୀ ହୋଇଛି ସେ ନେଇ ଆଲୋଚନା କରିଥିଲେ ।



# କଳାବାଲି ବୋଝେଇ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ

## ଟ୍ରାନ୍ସପୋର୍ଟସ ସଂସ୍ଥା ଲିଙ୍କ୍ ସନ୍ଦେହ

**ବ୍ରହ୍ମପୁର (ଅମୃତ ମିଡିଆ):** ଓଡ଼ିଶା ଗଞ୍ଜେଇ ଛତିଶଗଡ଼ରେ ଧରାପଡିଛି । ଗଞ୍ଜାମ ଜିଲ୍ଲାର ଦୁଇଟି ଟ୍ରକ୍‌କୁ ରାଜନନ୍ଦ ଗାଁ ଜିଲ୍ଲା ଚିଚୋଲା ପୁଲିସ ଗଞ୍ଜେଇ ସହ ଧରିଛି । ସଂପୃକ୍ତ ମାମଲାରେ କନ୍ଧମାଳ ଜିଲ୍ଲାର ରଞ୍ଜନ ବେହେରା, ସୁବାସ ଛତ୍ର, ଅଶୋକ ବେହେରା, ରଘୁନାଥ କହଁରଙ୍କୁ ପୁଲିସ ଗିରଫ କରିଛି । ଏହି ଗଞ୍ଜେଇ ଦୁଇଟି ଟ୍ରକ୍‌ରେ ଛତ୍ରପୁରରୁ କଳାବାଲି ଗୁଜୁରାଟ ଯାଉଥିଲା । ଗତ ୧୫ତାରିଖରେ ଛତିଶଗଡ଼ ପୋଲିସ ନାକାବନ୍ଦୀ କରି ଏହି ଟ୍ରକ୍‌କୁ ଯାଞ୍ଚ କରିଥିଲା । ଦୁଇଟି ଟ୍ରକ୍‌ରୁ ୩୦ କିଲୋ ଗଞ୍ଜେଇ ଜବତ ହୋଇଥିବା ବେଳେ ସଂପୃକ୍ତ ମାମଲାରେ ଛତିଶଗଡ଼ ପୁଲିସ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଦୁଇଟି ଟ୍ରକ୍ ଗଞ୍ଜାମ ଜିଲ୍ଲା ଟ୍ରକ୍ ମାଲିକ ସଂଘ ଜରିଆରେ ଛତ୍ରପୁରରୁ କଳାବାଲି ଲୋଡିଂ କରି ଗୁଜୁରାଟ ଯାଉଥିଲେ । ଗଞ୍ଜେଇ ଚାଲାଣ ମାମଲାରେ ଟ୍ରକ୍ ଜବତ ହେବା ପରେ ଅନ୍ୟ ଟ୍ରାନ୍ସପୋର୍ଟର ମାନେ ଏବେ ଏହି ସଂଘକୁ ଲୋଡିଂ ଭୟ କରୁଛନ୍ତି । ଦେବାକୁ ଭୟ କରୁଛନ୍ତି । ଗଞ୍ଜେଇ ଚାଲାଣ ମାମଲାରେ ଦୁଇଟି ଟ୍ରକ୍ ଧରାପଡିବା ପରେ ଆଇଆଇରେ କାମ କରୁଥିବା ଟ୍ରାନ୍ସପୋର୍ଟର୍ସ ମାନେ ଗଞ୍ଜାମ ଟ୍ରକ୍ ମାଲିକ ସଂଘକୁ ଲୋଡିଂ ଦେବାରେ ଭୟ କରୁଛନ୍ତି । ଦୁଇଟି ଟ୍ରକ୍‌ରେ ପ୍ରାୟ ୫୦ଲକ୍ଷ ଟଙ୍କାର ସାମଗ୍ରୀ ଛତିଶଗଡ଼ରେ ଜବତ ହୋଇ ରହିଥିବା ବେଳେ ତାହା କିପରି ରିଲିଜ୍ ହେବ ଦୃଷ୍ଟି ଦିଆଯାଉନାହିଁ । ସେପଟେ ସେହି ସଂଘ ଜରିଆରେ ହିଁ ଲୋଡିଂ ଦିଆଯାଉଥିବାରୁ ଟ୍ରକ୍ ମାଲିକଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି । ଗଞ୍ଜେଇ ଚାଲାଣ ମାମଲାରେ ଧରାପଡିଥିବା ଦୁଇଟି ଟ୍ରକ୍ ବ୍ରହ୍ମପୁର ସୂର୍ଯ୍ୟା ରୋଡ଼ ଲାଇନ୍ସ୍ ଟ୍ରାନ୍ସପୋର୍ଟସ୍‌ର ବୋଲି ଜଣାପଡିଛି । ସଂପୃକ୍ତ ଟ୍ରାନ୍ସପୋର୍ଟସ୍ ସଂସ୍ଥା ଲିଙ୍କ ସନ୍ଦେହରେ ତଦନ୍ତ କରୁଛି ଛତିଶଗଡ଼ ପୁଲିସ । ସେପଟେ ଆଇଆଇରେ ଏହି ସଂଘ ଓ ଟ୍ରାନ୍ସପୋର୍ଟସ୍ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ସେମାନଙ୍କୁ ହିଁ ଲୋଡିଂ ଦେଉଥିବାରୁ କ୍ଷୋଭ ପ୍ରକାଶ ପାଇଛି । ପୁଲିସ ସୂଚନା ପ୍ରକାରେ ଗତ ୧୫ତାରିଖରେ ଦୁଇଟି ଟ୍ରକ୍( ଓଡ଼ି୭ଏ ୭୮୧୫ ଏବଂ ଓଡି ୧୯ଜେ ୯୨୩୧ )ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇଥିଲା ଛତିଶଗଡ଼ ଚିଚୋଲା ଥାନା ପୁଲିସ । ପାଟକୋହରା ଠାରେ ପୁଲିସ ନାକାବନ୍ଦୀ କରି ଗାଡ଼ି ଯାଞ୍ଚ କରିଥିଲା । କଳାବାଲି ବୋଝେଇ ଉପରୋକ୍ତ ଦୁଇ ଟ୍ରକ୍‌ରୁ ୩୦ କିଲୋ ଗଞ୍ଜେଇ ମିଳିଥିଲା । ଚିଚୋଲା ପୋଲିସ ଗଞ୍ଜେଇ ଓ ଟ୍ରକ୍ ଜବତ କରିବା ସହ ଚାରିଜଣ ଚାଲାଣକାରୀଙ୍କୁ ଗିରଫ କରିଛି ।



# ବିଭିନ୍ନ ସ୍ଥାନରେ ରାଧାକୃଷ୍ଣ ପାଠାଗାର ବାଉଁଶଲୁଣ୍ଠି ତରଫରୁ ଚକରା ବିଷୋୟୀ ଜୟନ୍ତୀ



**ଭଞ୍ଜନଗର (ଅମୃତ ମିଡିଆ):** ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ଚକରା ବିଷୋୟୀଙ୍କ ୨୦୧ତମ ଜୟନ୍ତୀ ରାଧାକୃଷ୍ଣ ପାଠାଗାରା ତରଫରୁ ପାଳିତ ହୋଇଯାଇଛି । ଇତ୍ୟବସରେ ଅପରାହ୍ନ ଘଣ୍ଟ ୨.୩୦ ମିନିଟ୍ ସମୟରେ ଘୁମୁସର ବିଦ୍ରୋହ ଶୀର୍ଷକ ଏକ ଆଲୋଚନା ସଭା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । ଚକରା ବିଷୋୟୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟପଣ କରାଯିବା ପରେ କୁମାରୀ ମନୀଷା ପ୍ରଧାନ, ତାନିସାରାଣୀ ସ୍ୱାଇଁ, ତୁଳସୀ ପ୍ରଧାନ, ଇପ୍ସିତା ସାହୁ, ଲିପ୍ସାରାଣୀ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଗୋବରା ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ. ନଳିନୀ ପ୍ରଭାଦାସ ମୁଖ୍ୟ ଅତିଥି ଅବସର ପ୍ରାପ୍ତ ଶିକ୍ଷକ ବନମାଳି ଲେଙ୍କା ସମ୍ମାନିତ ଘୁମୁସର ସମ୍ବାଦର ସମ୍ପାଦକ ନେତାଜୀ ବିଷୋୟୀ ମୁଖ୍ୟ ବ୍ୟକ୍ତି ରୂପେ ଯୋଗଦେବା ସହିତ ବିଦେଶୀ ଶାସକ ବିରୁଦ୍ଧରେ ଘୁମୁସରର ଦୁର୍ଦ୍ଧର୍ଷ ବୀର ବିଶେଷତ୍ୱ ଦୋହାରା ବିଷୋୟୀ ଓ ଚକରା ବିଷୋୟୀଙ୍କ ସଶସ୍ତ୍ର ସଂଗ୍ରାମ ସମ୍ପର୍କ ବିଶେସ୍ୱତ ଆଲୋଚନା କରି ଥିଲେ । ମୁଖ୍ୟ ଅତିଥି ଡ. ଦାସ ମହାଶୟା ବୀର ଚକରା ବିଷୋୟୀଙ୍କ ଆଦର୍ଶ ଭିତ୍ତିକ ଏକ କବିତା ଆବୃତ୍ତି କରିଥିଲେ । ଭଞ୍ଜନଗର ଠାରେ ବାର ଆସୋସିଏସନ୍ ସଭାପତି ଅଭିମନ୍ୟୁ ଗୌଡ଼ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମଚରଣ ପ୍ରଧାନ , ଦିବାକର ଲେଙ୍କା, ଓ ସାମ୍ବାଦିକ ପୁରୁଷୋତ୍ତମ ମହାପାତ୍ର ଦୋହରା ବିଷୋୟୀ ଓ ଚକରା ବିଷୋୟୀ ରଣ କୌଶଳ ନିର୍ଭିକତା ଦେଶପ୍ରୀତି ତ୍ୟାଗ ଓ ଉତ୍ସର୍ଗୀକୃତ ଜୀବନୀରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ କରିଥିଲେ । ଅବସର ପ୍ରାପ୍ତ ଶିକ୍ଷକ ସୁଭାସ ଚନ୍ଦ୍ର ପାଢି ଦ୍ୱାରା ଲିଖିତ ଚକରା ବିଷୋୟୀଙ୍କ ସଂପ୍ରକିତ ପ୍ରବନ୍ଧ ଉପସ୍ଥିତ ଅତିଥି ଓ ଅନନ୍ୟ ବ୍ୟକ୍ତି ମାନଙ୍କୁ ବଣ୍ଟନ କରାଯାଇଥିଲା । ଆଲୋଚନା ସଭାରେ ଶିକ୍ଷକ ମୋହନ ସାହୁ , ଭଞ୍ଜକିଶୋର ପ୍ରଧାନ , ଜୟରାମ ଗୌଡ଼ , ଶିକ୍ଷକ ଦିବାକର ପ୍ରଧାନ ଅବସର ପ୍ରାପ୍ତ ଶିକ୍ଷକ ରମାରଞ୍ଜନ ସାହୁ , ଅରବିନ୍ଦ ସାହୁ ଓ ନାଟ୍ୟ ନିର୍ଦ୍ଦେଶକ ଆଦିକନ୍ଦ ଗୌଡ଼ ସମତେ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ 'ନୂଆ-ଓ' କାର୍ଯ୍ୟକ୍ରମର ଉଦ୍‌ଯାପନୀ




**ରାୟଗଡ (ଅମୃତ ମିଡିଆ):** ରାୟଗଡ 'ନୂଆ-ଓ' କାର୍ଯ୍ୟକ୍ରମ ଆନୁକୂଲ୍ୟ ରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦଯାପନୀ ସମାରୋହ ,ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ, ରାୟଗଡା ଠାରେ ତା୨୦।୧।୨୪ ରିଖ ରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ତଥା ଜଗନ୍ନାଥ ସଂକୃତି ଏବଂ ଓଡ଼ିଆ ଭାଷାର ସମ୍ପର୍କରେ ସାହିତ୍ୟିକ,ବିଦ୍ୱାନ୍, କର୍ମଚାରୀ ତଥା ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଯଥା ଓଡିଆ ସଙ୍ଗୀତ ଗାନ, ଓଡ଼ିଆ ଭଜନ ଗାନ, ଲୋକନୃତ୍ୟ, ଓଡ଼ିଆ ପ୍ରଶ୍ନୋତ୍ତର, ଓଡ଼ିଆ ବକ୍ତୃତା ଓ କାହାଣୀ କଥନ, ଓଡ଼ିଆ ହସ୍ତାକ୍ଷର ଏବଂ ଓଡ଼ିଆ ନାଟକ ପ୍ରଭୃତି ପ୍ରତିଯୋଗିତା କରାଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ଅତୁଲ୍ୟ କୁମାର ପଣ୍ଡାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି ସମାରୋହ ରେ ଶ୍ରୀମତୀ ରାଜଲକ୍ଷ୍ମୀ ଦେବି, ଓଡ଼ିଆ ଅଧ୍ୟାପିକା, ସ୍ୱୟଂ ଶାସିତ ମହାବିଦ୍ୟାଳୟ, ରାୟଗଡା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ଏବଂ ଓଡିଶା ଉପରେ ଆଲୋକ ପାତ କରିଥିଲେ ମୁଖ୍ୟବକ୍ତା ଭାବରେ ଶ୍ରୀ ସୁଧୀର କୁମାର ନେଗୀ, ପ୍ରଧାନ ଆଚାର୍ଯ୍ୟ ସରସ୍ୱତୀ ଶିଶୁ ମନ୍ଦିର, ରାୟଗଡା ଯୋଗଦେଇ ଓଡ଼ିଆ ଭାଷା ର ଇତିହାସ ଏବଂ ଏହାର ପ୍ରଚାର ପ୍ରସାର ଉପରେ ଆଲୋକ ପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଶ୍ରୀମତୀ ମମତା କୁମାରୀ କର, ଶିକ୍ଷୟିତ୍ରୀ ଏବଂ ଶ୍ରୀ ତତ୍ତ୍ୱମାସୀ ମହାପାତ୍ର, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଆ ଭାଷା ଏବଂ ପରମ୍ପରା ଉପରେ ଆଲୋକ ପାତ କରିଥିଲେ. ଓଡ଼ିଆ ଭାଷା କୁ ପ୍ରାଧାନ ଦେବା ପାଇଂ ଅତିଥି ମାନେ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ନଗଦ ରାଶି, ମାନପତ୍ର ଏବଂ ଟ୍ରଫି ପ୍ରଦାନ କରିଥିଲେ ଶେଷ ରେ ଛାତ୍ରଛାତ୍ରୀ ମାନେ ଓଡ଼ିଆ କଳା ସଂସ୍କୃତି ର ନିଦର୍ଶନ ସ୍ୱରୂପ ଭଜନ, ଛାନ୍ଦ ଲୋକନୃତ୍ୟ ଆଦି ପରିବେଷଣ କରିଥିଲେ ଅନୁଷ୍ଠାନର ତାଲିମ ଅଧିକାରୀ ଶ୍ରୀ ନିଶିକାନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶ୍ରୀ ସନ୍ତୋଷ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ।

ଓଡ଼ିଆ ଭାଷା ସମ୍ମିଳନୀ

## ପ୍ରଶାସନ ପକ୍ଷରୁ ହେଉନି ବ୍ୟବସ୍ଥା

# ହନ୍ତସନ୍ତ ହେଉଛନ୍ତି ଗଙ୍ଗାସାଗର ଯାତ୍ରୀ

**ପୁରୀ(ବ୍ୟୁରୋ):** ହନ୍ତସନ୍ତ ହେଉଛନ୍ତି ଗଙ୍ଗାସାଗର ଯାତ୍ରୀ। ନାଁ ରହିବାର କିଛି ବ୍ୟବସ୍ଥା ଅଛି, ନାଁ ଶୌଚ, ସ୍ନାନାଦିର କୌଣସି ସୁବିଧା। ଫଳରେ ଏମାନେ ଖୋଲାମେଲାରେ ଶୌଚ, ସ୍ନାନାଦି କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି। ଗଙ୍ଗାସାଗର ଯାତ୍ରା ସାରି ଫେରିଥିବା ବିଭିନ୍ନ ରାଜ୍ୟର ଭକ୍ତମାନେ ଏଭଳି କଳବଲ ହେଉଛନ୍ତି। ଆଧ୍ୟାତ୍ମିକ ଭାବନା ନେଇ ଆସିଥିବା ଏହି ଭକ୍ତମାନେ ଖୋଲାମେଲା, ଅପରିଷ୍କାର, ଅପରିଚ୍ଛନ୍ନ ପରିବେଶରେ ଖାଇବାକୁ ବାଧ ହେଉଛନ୍ତି। ଯେଉଁ ଜାଗାରେ ଶୋଉଛନ୍ତି, ସେହି ଜାଗାରେ ଖାଉଛନ୍ତି। ଏଣୁ ଏହି ଯାତ୍ରୀମାନେ ସେମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ମତ ଦେଇଛନ୍ତି। ଦୂରଦୂରାନ୍ତରରୁ ଆସୁଥିବା ଭକ୍ତଙ୍କ ପ୍ରତି 'ଅତିଥି ଦେବୋ ଭବଃ...' ନୀତିକୁ ପୁରୀ ଜିଲ୍ଲା ପ୍ରଶାସନ ପାଶୋରି ଦେଇଥିବା ମନେହେଉଛି। ଅପରପକ୍ଷେ ଏମାନେ ଯେଉଁ ଜାଗାରେ ରହୁଛନ୍ତି, ଶୌଚ ଆଦି କାର୍ଯ୍ୟ ସେହି ପାଖ ଅଞ୍ଚଳରେ କରୁଥିବାରୁ ଏହା ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଯେଉଁ ଜାଗାରେ ରହୁଛନ୍ତି, ତାହା ବି ଅଳିଆ ଆବର୍ଜନାରେ ଭରି ରହିଛି। ଏହାର ଜ୍ୱଳନ୍ତ ଉଦାହରଣ ପୁରୀ ରେଳଷ୍ଟେସନ୍ ଯାତ୍ରୀ ଆଶ୍ରୟ କେନ୍ଦ୍ର।

ଏଠାରେ ବହୁ ସଂଖ୍ୟାରେ ଗଙ୍ଗାସାଗର ଯାତ୍ରୀ ଡେରା ପକାଇଥିଲେ ବି ରେଳ ବିଭାଗ, ଜିଲ୍ଲା ଅବା ପୌର ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ, ମଶା ଡାଆଁଶରେ ଏମାନେ ରାତି କାଟୁଛନ୍ତି। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ପଶ୍ଚିମବଙ୍ଗର ଦକ୍ଷିଣ ପାର୍ଶ୍ୱ ଚବିଶ ପ୍ରଗଣା ଜିଲ୍ଲାର ସାଗର ତଟରେ ଦେଶର ଲକ୍ଷାଧିକ ସଂଖ୍ୟାରେ ଭକ୍ତ ଗଙ୍ଗାସାଗର ବୁଡ଼ ପକାଇଥାନ୍ତି। କୁହାଯାଏ, ଏକାଧିକ ଥର ତୀର୍ଥଯାତ୍ରାରୁ ଯେଉଁ ପୁଣ୍ୟ ମିଳେନି ସେ ପୂଣ୍ୟ ଥରୁଟିଏ, ଗଙ୍ଗାସାଗର ଯାତ୍ରାରୁ ମିଳେ। ଲୋକେ ଏହି ଯାତ୍ରାର ବୁଡ଼ ପକାଇ କୋଟି ପୁଣ୍ୟ ଲଭିଥାନ୍ତି। ଏହି ଅବସରରେ ମଧ୍ୟପ୍ରଦେଶ, ମହାରାଷ୍ଟ, ପଞ୍ଜାବ, ଜୟପୁର, ହରିଆଣା, ଅହମ୍ମଦାବାଦ ଆଦି ରାଜ୍ୟରୁ ହଜାର ହଜାର ସଂଖ୍ୟାରେ ଯାତ୍ରୀ ଆସି ଶ୍ରୀକ୍ଷେତ୍ରରେ ବି ଭିଡ଼ ଲଗାନ୍ତି। ମକର ସଂକ୍ରାନ୍ତିର ଗଙ୍ଗାସାଗର ବୁଡ଼ ପୂର୍ବରୁ ନଚେତ୍ ଗଙ୍ଗାସାଗର ବୁଡ଼ ପରେ, ହଜାର ହଜାର ସଂଖ୍ୟାରେ ଯାତ୍ରୀ ନିଜର ସ୍ୱତନ୍ତ୍ର ଧଳା ଓ ନୀଳ ରଙ୍ଗର ପତାକା ସହ ଯାତ୍ରା କାଳରେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଥାନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ବରିଷ୍ଠ ଗବେଷକ ଡ. ନରେଶ ଦାଶଙ୍କ ମତରେ, ପଶ୍ଚିମବଙ୍ଗର ଚବିଶ ପ୍ରଗଣାରେ ଗଙ୍ଗାନଦୀ ସହ ସମୁଦ୍ରର ମିଳନ ଘଟିଛି। ବିଶ୍ୱାସ ରହିଛି, ଯେଉଁଠି ସମୁଦ୍ର ଓ ଗଙ୍ଗାଙ୍କର ମିଳନ ଘଟିଥାଏ, ତାହା ଅତି ପବିତ୍ର ସ୍ଥାନ। ଏଣୁ ଗଙ୍ଗାସାଗର ବୁଡ଼ ପକାଇବାକୁ ଦେଶର କୋଣ ଅନୁକୋଣରୁ ଭକ୍ତମାନେ ପଶ୍ଚିମବଙ୍ଗ ଯାତ୍ରା ଆରମ୍ଭ କରିଥାନ୍ତି। ମକର ସଂକ୍ରାନ୍ତିରେ ପଶ୍ଚିମବଙ୍ଗର ଏହି ମିଳନସ୍ଥଳରେ ବୁଡ଼ପକାଇ ଘରକୁ ଫେରିଥାନ୍ତି। ଶ୍ରୀମନ୍ଦିର ହେଉଛି, ଚାରିଧାମ ଭିତରେ ଅନ୍ୟତମ। ଏଣୁ ଗଙ୍ଗାସାଗର ବୁଡ଼ ପକାଇବାକୁ ଯିବା ବେଳେ ଅବା ବୁଡ଼ ସାରି ଫେରିବା ପରେ ଦେଶର କୋଣ ଅନୁକୋଣର ଭକ୍ତ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରି ଧାର୍ମିକ ଯାତ୍ରା ସଫଳ କରିଥାନ୍ତି ବୋଲି ଡ. ଦାଶ କହିଛନ୍ତି। ମଧ୍ୟପ୍ରଦେଶରୁ ଆସିଥିବ କୈଳାସ ନାଥ କହିଛନ୍ତି, ପୁଣ୍ୟ ଲଭିବାକୁ ଗଙ୍ଗାସାଗର ଯାତ୍ରାରେ ଆସିଛୁ। ଯେତେ କଷ୍ଟ ହେଲେ ବି ଯାତ୍ରା ସାରି ଫେରିବୁ। ତଥାପି ଆମମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଜରୁରୀ। ରହିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଆମେ ସପରିବାର ରାସ୍ତାଘାଟ ଅବା ରେଳଷ୍ଟେସନ୍, ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ଶୋଉଛୁ। ପ୍ରଶାସନ ରହିବା, ଖାଇବା ଆଦିର ବ୍ୟବସ୍ଥା କଲେ ଭଲ ହୁଅନ୍ତା। ସମାନ କଥା ଦୋହରାଇଛନ୍ତି, ଅହମଦାବାଦ ଓ ଅନ୍ୟାନ୍ୟ ସ୍ଥାନରୁ ଆସିଥିବା ମହିଳା ଓ ପୁରୁଷ ଯାତ୍ରୀମାନେ। ଏହି ଯାତ୍ରୀଙ୍କ ମଧ୍ୟରେ ଅଧିକାଂଶ ବୃଦ୍ଧବୃଦ୍ଧା ଅଛନ୍ତି।



# ଅଙ୍ଗନବାଡ଼ି କେନ୍ଦ୍ରରେ କିଶୋରୀ ମେଳା

**ପୁରୀ(ବ୍ୟୁରୋ):** ଶ୍ରୀକ୍ଷେତ୍ର କଲୋନୀ ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ଠାରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪ଟି ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ଓ କିଶୋରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଏସ୍‌ଡବ୍ଲୁଓ ଚିନ୍ମୟୀ ରଥ ଦେଇଥିବାବେଳେ ସିଡିପିଓ ସଂଯୁକ୍ତା କାନୁନଗୋ, ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଜୟଶଙ୍କର ଯୋଶୀ ଯୋଗଦାନ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ଉପଯୁକ୍ତ ସମୟରେ ପୃଷ୍ଟିକର ଖାଦ୍ୟ ଆବଶ୍ୟକ ହୋଇଥାଏ, ଯାହାଫଳରେ ଗୋଟେ ଶିଶୁର ଶରୀର ବୃଦ୍ଧି ହେବା ସହ ମାନସିକ ଶକ୍ତିରେ ମଧ୍ୟ ବୃଦ୍ଧି ପାଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ମେଳାରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଏନ୍ ବଳରାମ ରେଡ୍ଡୀ, ସୁମନ୍ତ କୁମାର ସାହୁ, ଶାନ୍ତିଲତା ପ୍ରଧାନ, ବାବୁଲା ପ୍ରସାଦ, ମାନସ ଲେଙ୍କା ପ୍ରମୁଖ ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଅଙ୍ଗନବାଡ଼ି କେନ୍ଦ୍ର ପକ୍ଷରୁ କୋମଳ ଶିଶୁମାନଙ୍କୁ ବିଭିନ୍ନ ଖାଦ୍ୟ ବଣ୍ଟନ କରାଯାଇଥିଲା।

## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବାଲୁକା ଶିଳ୍ପୀଙ୍କ ସ୍ୟାଣ୍ଡ ଆନିମେସନ୍

**ପୁରୀ(ବ୍ୟୁରୋ):** ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବାଲୁକା ଶିଳ୍ପୀ ସିର୍ଦ୍ଧର ଦାସ ଏକ ସ୍ୟାଣ୍ଡ ଆନିମେସନ ଚଳଚ୍ଚିତ୍ର ପ୍ରସ୍ତୁତ କରିଛନ୍ତି। ଏହି ସ୍ୟାଣ୍ଡ ଆନିମେସନ ଚଳଚ୍ଚିତ୍ର ପ୍ରସ୍ତୁତ କରିବା ପାଇଁ ୨ ଘଣ୍ଟା ସମୟ ଲାଗିଥିଲା। ଅତି ନିଖୁଣ ଭାବେ ବାଲୁକା ଶିଳ୍ପୀ ସିର୍ଦ୍ଧର ଦାସ ଅଯୋଧ୍ୟା ରାମ ମନ୍ଦିର ଏବଂ ରାମଙ୍କର ସ୍ୟାଣ୍ଡ ଆନିମେସନ ଚଳଚ୍ଚିତ୍ର ପ୍ରସ୍ତୁତ କରିଛନ୍ତି। ମୁଠାଏରେ ବାଲିରେ ଏହି ସୁନ୍ଦର ବାଲୁକା କଳା ପ୍ରସ୍ତୁତ ହୋଇଛି।

## ୨୨ରୁ ପୁରୀକୁ ଆସିବେ ସବୁ ନିର୍ବାଚନମଣ୍ଡଳୀରୁ ଭକ୍ତ

**ପୁରୀ(ବ୍ୟୁରୋ):** ଲୋକାର୍ପିତ ହୋଇଯାଇଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଜାନୁଆରୀ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭକ୍ତଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ। ଏ ଭିତରେ ଲୋକାର୍ପିତ ଏହି ପ୍ରକଳ୍ପ ଦେଖିବାକୁ ଭକ୍ତଙ୍କ ମହଲରେ ଉତ୍କଣ୍ଠା ବଢ଼ିଛି। ଏହି ଉତ୍କଣ୍ଠାକୁ ପୂରଣ ସହ ଜନମାନସରେ ଆଧ୍ୟାତ୍ମିକ ଜାଗରଣ ପାଇଁ ୧୪୭ ନିର୍ବାଚନମଣ୍ଡଳୀରୁ ଭକ୍ତଙ୍କୁ ଆଣି ପ୍ରକଳ୍ପ ଦେଖାଇବାକୁ ଯୋଜନା କରିଛନ୍ତି ସରକାର। ଜାନୁଆରୀ ୨୨ ତାରିଖରୁ ପ୍ରତି ନିର୍ବାଚନମଣ୍ଡଳୀରୁ ୧୦ହଜାରରୁ ଅଧିକ ଲୋକ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦେଖିବେ। ସାଙ୍ଗରେ ଆଣିଥିବା ଅକ୍ଷତ ଓ ଗୁଆ ସ୍ୱତନ୍ତ୍ର ସଂଗ୍ରହ ସ୍ଥାନରେ ପ୍ରଦାନ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଅକ୍ଷତ ଓ ଗୁଆ ସଂଗ୍ରହ ପାଇଁ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂ ନିକଟରେ ଶ୍ରୀଦାଣ୍ଡ କଡ଼ରେ ଏକ ସ୍ୱତନ୍ତ୍ର ଗୃହ ନିର୍ମାଣ ହୋଇଛି। ଯେଉଁଠି ଏକାଧିକ ବାଉଁଶର ବଡ଼ ବଡ଼ ବେତା ପ୍ରସ୍ତୁତ କରି ରଖାଯାଇଛି। ଏହି ଗୃହକୁ ସମ୍ପୂର୍ଣ୍ଣ ପାରମ୍ପରିକ ଭାବେ ସଜ୍ଜିତ କରାଯାଇଛି। ସୂଚନାଯୋଗ୍ୟ, ସଂଗୃହୀତ ଚାଉଳ ଓ ଗୁଆ ସୁଆର ମହାସୁଆର ନିଯୋଗ ଗ୍ରହଣ କରିବ। ନିଯୋଗ ଏଥିରେ ଖେଚେଡ଼ି ଅବା ଏକବର୍ଣ୍ଣ ପ୍ରସ୍ତୁତ କରି ଭକ୍ତଙ୍କୁ ବାଣ୍ଟିବ। କିଛି ଚାଉଳ ପିଠା ପ୍ରସ୍ତୁତି ଓ ମୁରୁଜ କାମରେ ବି ବ୍ୟବହାର ହେବ। କିନ୍ତୁ ପ୍ରଥମେ ଅରୁଆ ଓ ଉଷୁନା ଚାଉଳ ଦେଖି ଏହି ବ୍ୟବସ୍ଥା ହେବ ବୋଲି ନିଯୋଗ ସଂପାଦକ ନାରାୟଣ ମହାସୁଆର କହିଛନ୍ତି। ସେପଟେ ଗୁଆ ଶ୍ରୀମନ୍ଦିର ହଡ଼ପ ନାୟକ ନିଯୋଗକୁ ପ୍ରଦାନ କରାଯିବ। ଏହା ମହାପ୍ରଭୁଙ୍କ ବିଡିଆ ପାନରେ ବ୍ୟବହାର କରାଯିବ ବୋଲି ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର କହିଛନ୍ତି।

# ଶ୍ରୀକ୍ଷେତ୍ରରେ ନଗର ପରିକ୍ରମା କଲା ରାମରଥ

## ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ବଡ଼ଦାଣ୍ଡ



**ପୁରୀ(ବ୍ୟୁରୋ):** ଶ୍ରୀକ୍ଷେତ୍ରରେ ନଗର ପରିକ୍ରମା କଲା ରାମରଥ। ଜୟ ଶ୍ରୀରାମ ଧ୍ୱନୀରେ କମ୍ପିଲା ବଡଦାଣ୍ଡ। ଆସନ୍ତାକାଲି ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ରହିଥିବାବେଳେ ସାରା ଦେଶ ଏବେ ରାମମୟ ହୋଇଛି। ଦେଶର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ସହ ଉତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର ଶ୍ରୀକ୍ଷେତ୍ରରେ ରାମରଥ ନଗର ପରିକ୍ରମା କରିଛି। ପ୍ରଭୁ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ଆଜି ପୁରୀ ଆଖଣ୍ଡଳମଣି ମନ୍ଦିର ସମ୍ମୁଖରୁ ରାମରଥ ସହ ଏକ ଭବ୍ୟ ବାଇକ୍ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଛି। ଏହି ଶୋଭାଯାତ୍ରାରେ ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ସାମିଲ ହେବା ସହ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବଜରଙ୍ଗ ଦଳ ମଧ୍ୟ ସାମିଲ ହୋଇଥିଲେ। ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପୂର୍ବରୁ ମହାପ୍ରଭୁଙ୍କୁ ଧନ୍ୟବାଦ୍ ଦେବାକୁ ଆସିଛୁ କହିଛନ୍ତି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର।



## ସଂକଳ୍ପ ଫାଉଣ୍ଡେସନ ପକ୍ଷରୁ ଶୀତକାଳୀନ କବିତା ଆସର

**ପୁରୀ(ବ୍ୟୁରୋ):** ସଂକଳ୍ପ ଫାଉଣ୍ଡେସନ ଟ୍ରଷ୍ଟ ଖଡ଼ିପଦା ପୁରୀ ଆନୁକୂଲ୍ୟରେ ବୃଦ୍ଧାଶ୍ରମ ପ୍ରାଙ୍ଗଣରେ ଏକ ଶୀତକାଳୀନ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷା ସୁଚରିତା ପାଢ଼ୀ ଉପସ୍ଥିତ ସୁଧିବୃନ୍ଦଙ୍କୁ ସ୍ୱାଗତ କରି ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କବି ଡ଼ାକ୍ତର ପ୍ରମିଳ କୁମାର ନନ୍ଦ, ନୟନା ସାହୁ, ରୋଜାଲିନ ପଣ୍ଡା, ସ୍ମିତା ମହାନ୍ତି, ଯୋଗେନ୍ଦ୍ର ନାଥ ସାହୁ, ମହେଶ୍ୱର ଜେନା, ସୁକାନ୍ତ ମହାପାତ୍ର, କରୁଣାକର ଭୋଳ, ସରସ୍ୱତୀ ସାହୁ ପ୍ରମୁଖ ବାପାମା'ଙ୍କ ଉପରେ ସ୍ୱରଚିତ କବିତା ପଠନ କରିଥିଲେ। ରବୀନ୍ଦ୍ର ନାଥ ପଟ୍ଟନାୟକ, ରସସୁସମା ସାହୁ, ଇତିଶ୍ରୀ ମହାନ୍ତି ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅନୁଷ୍ଠାନର ସଦସ୍ୟସଦସ୍ୟା ପୂର୍ଣ୍ଣିମା ରଥ, ହରିହର ବେହେରା, ପଙ୍କଜିନି ସାହୁ, ହରଷ ରାଉତ, ବାସନ୍ତୀ ସାହୁଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଶେଷରେ ସୁଷମା ବେହେରା ଧନ୍ୟବାଦ୍ ଜ୍ଞାପନ କରି ସଭା ସାଙ୍ଗ କରିଥିଲେ।

## ଡିଏମ୍ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକୋତ୍ସବ

# 'ନିଷ୍ଠା ଓ ପରିଶ୍ରମ ସଫଳତାର ଚାବିକାଠି'

**ପୁରୀ(ବ୍ୟୁରୋ):** ଶିଶୁ ଶିକ୍ଷାନୁଷ୍ଠାନ ଡିଏମ୍ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକୋତ୍ସବ ପୁରୁଣା ସଦର ଥାନା ସ୍ଥିତ ଅମଲା କ୍ଲବ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପନଗରପାଳ ସବ୍ୟସାଚୀ ମହାପାତ୍ର, ଇଂଲିଶ ଏକାଡେମୀର ନିର୍ଦ୍ଦେଶକ ଦେବାଶିଷ ତ୍ରିପାଠୀ ଏବଂ ପୂର୍ବତନ ପୌର ସଦସ୍ୟ ପ୍ରୀତମ ଜଗଦେବ ପ୍ରମୁଖ ଯୋଗ ଦେଇଥିଲେ। ନିଷ୍ଠା ଓ ପରିଶ୍ରମ ସଫଳତାର ଚାବିକାଠି। ତେଣୁ ଛାତ୍ରଛାତ୍ରୀମାନେ ନିଷ୍ଠାର ସହିତ ବିଦ୍ୟାଧ୍ୟୟନ କରିବା ସହିତ କଠିନ ପରିଶ୍ରମ କଲେ ନିଶ୍ଚୟ ଭବିଷ୍ୟତରେ ସଫଳ ହେବେ ବୋଲି ଅତିଥିମାନେ ମତବକ୍ତ୍ୟ କରିଥିଲେ। ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ପ୍ରଦୀପ କୁମାର ଶତପଥୀ ସ୍ୱାଗତ ଭାଷଣ, ଅଧ୍ୟକ୍ଷା ସଂଘମିତ୍ରା ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଜଗତଜୀବନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମବେତ ସ୍ୱାଗତ ସଙ୍ଗୀତ, ଶ୍ଳୋକ ଆବୃତ୍ତି, ଯୋଗ ପ୍ରଦର୍ଶନ, ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ବିହୁ ନୃତ୍ୟ, ଭଜନ ନୃତ୍ୟ ଆଦି କୁନିକୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱାଗତିକା ମିଶ୍ର, ପରେଶ କୁମାର, ଶତପଥୀ ଇତିଶ୍ରୀ ମହାପାତ୍ର, ନଳିନୀ ମହାରଣା, ପ୍ରଜ୍ଞାଶ୍ରୀ ମହାନ୍ତି, ଲିପ୍ସା ମହାପାତ୍ର, ଗାୟତ୍ରୀ ସେନଗୁପ୍ତା, ରସ୍ମାଞ୍ଜଳି ପରିଡା, ସୁଜାତା ପ୍ରଧାନ ଓ ପୁଷ୍ପଲତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଜାତୀୟ ନୃତ୍ୟ ମହୋତ୍ସବ-୨୦୨୪

## ଦର୍ଶକଙ୍କ ମନ ମୋହିଲା ମାହାରୀ ନୃତ୍ୟ

**ପୁରୀ(ବ୍ୟୁରୋ):** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ମାହାରି ନୃତ୍ୟ। ଚନ୍ଦନ ପଟୁଆରରେ ଗାୟନ ହେଉଥିବା ଆଗୋ ସଖୀ, ଦେଖ ଗୋ ରାଧା ମାଧବ ଚାଲି ଇତ୍ୟାଦି ସଂଗୀତର ତାଳେ ତାଳେ ନୃତ୍ୟ ଶିଳ୍ପୀମାନେ ହୃଦୟରେ ଭରି ଦେଇଥିଲେ ଅପୂର୍ବ ଉନ୍ମାଦନା। ଏଥିସହିତ ଶିଳ୍ପୀମାନେ ନୃତ୍ୟରେ ନୃତ୍ୟରେ ପ୍ରଦର୍ଶନ କରିଥିଲେ ସମ୍ବଲପୁରୀ ନୃତ୍ୟ, ଭଜନ ନୃତ୍ୟ ଓ ମିଲେଟ ମିଶନ ନୃତ୍ୟ। ରୂପା ଆଣ୍ଡ ଟ୍ରୁପ୍, ପୁରୀ ଦ୍ୱାରା ଆୟୋଜିତ ଜାତୀୟ ନୃତ୍ୟ ମହୋତ୍ସବ-୨୦୨୪ ଅନୁଷ୍ଠିତ ହେବା ଅବସରରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଠାରେ ଦାସିଆ ବାଉରୀ ଗୀତିନାଟ୍ୟ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଗୁରୁ ରୂପଲତା ମହାନ୍ତିଙ୍କ ନିର୍ଦ୍ଦେଶନାରେ ନିକି, ବର୍ଷା, ରଚନା, ମାମା, ରିଆ, ରେଶମା, ଗୁଡ୍ଡୀ, ରଶ୍ମୀ, ପଦ୍ମିନୀ, ସାନି,ଶୀତଳ, କ୍ୟୁଟି, ରୋଜା,ରୁପସା, ଟାଟୁ, ରିଆ, ଲିପା, ଏବଂ ବିରଞ୍ଚି, ଗୁଡ୍ଡୁ, ସ୍ମୃତି, ରାଜେଶ, ଗୋପୀନାଥ, ବାଦଲ, ଦୁର୍ଗା ଇତ୍ୟାଦି ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ତିନିଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାକୁ ଶ୍ରୀବିଗ୍ରହମାନଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ପୁରୀର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଶୁଭ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ନିର୍ଦ୍ଦେଶକ, ଅଭିନେତା ପ୍ରସନ୍ନ କୁମାର ମିଶ୍ର, ପୁରୀ ପୁସ୍ତକମେଳା କମିଟିର ସମ୍ପାଦକ ଚକ୍ରଧର ମହାପାତ୍ର, କବିତିଳକ ଆର୍ତ୍ତାତ୍ରାଣ ଶତପଥୀ ବିଶିଷ୍ଟ ଅତିଥି ଭାବେ ମଞ୍ଚ ଅଳଙ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଷ୍ଣୁଦତ୍ତ ଦାସ ସଂଯୋଜନା କରିଥିଲେ। ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ପୂଜପଣ୍ଡା ପୌରୋହିତ୍ୟ କରିଥିଲେ।

# ନିଆରା ଡଗ୍ ଶୋ' ଆୟୋଜିତ

**ପୁରୀ(ବ୍ୟୁରୋ):** ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ ନିକଟରେ ଭଳିକି ଭଳି ପ୍ରଜାତିର କୁକୁରଙ୍କ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ୧୮ଟି ପ୍ରଜାତିର ୨୦୦ରୁ ଅଧିକ କୁକୁର ଏହି ଡଗ୍ ଶୋରେ ଭାଗ ନେଇଥିଲେ। ପୁରୀ କେନେଲ୍ କ୍ଲବ୍ ପକ୍ଷରୁ ଏହି ନିଆରା ଆକର୍ଷଣୀୟ ଡଗ୍ ଶୋ' ଆୟୋଜନ କରାଯାଇଥିଲା। ତେବେ କୁକୁରଙ୍କ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ସହ ବିଭିନ୍ନ ପ୍ରଜାତିର କୁକୁରଙ୍କ ବିଷୟରେ ଉପସ୍ଥିତ ଦର୍ଶକଙ୍କୁ ଏହି ଡଗ୍ ଶୋରେ ସୂଚନା ଦିଆଯାଇଥିଲା। ମଣିଷ ଏବଂ ସମାଜର ସୁରକ୍ଷା ପାଇଁ କୁକୁରର ଅବଦାନ ଏବଂ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବା କହିଛନ୍ତି ଡଗ୍ ଶୋରେ ସାମିଲ ହୋଇଥିବା ବ୍ୟକ୍ତିମାନେ। ଜର୍ମାନ୍ ସେଫର୍ଡ, ଲବ୍ରାଡ୍, ଗୋଲଡ୍ଡେନ ରିଟ୍ରାୟର, ଜର୍ମାନ ସ୍ପିଚ୍, ବୁଲି, ଆମେରିକାନ୍ ପିଟ୍ ବୁଲ୍ ଭଳି ଆନ୍ତର୍ଜାତିକ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥିବା ବିଭିନ୍ନ ପ୍ରଜାତିର ଶତାଧିକ କୁକୁର ଏହି ଶୋ'ରେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିଥିଲେ। ପୁରୀ ସହରର ଶହ ଶହ ଦର୍ଶକଙ୍କ ସହ କୁକୁରଙ୍କୁ ଭଲ ପାଉଥିବା ବ୍ୟକ୍ତିମାନେ ଏହି ଆକର୍ଷଣୀୟ ଶୋ'ର ମଜା ଉଠାଇଥିଲେ। ସେପଟେ ଏହି ଡଗ୍ ଶୋ' ଦ୍ୱାରା କୁକୁରଙ୍କ ବିଷୟରେ ଲୋକମାନେ ଅନେକ ତଥ୍ୟ ପାଇବା ସହ କୁକୁରକୁ ପାଖରେ ରଖିବା ନେଇ ଆଗାମୀ ଦିନରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇବ ବୋଲି ଆୟୋଜକ ମାନେ ଆଶା ରଖିଛନ୍ତି। ତେବେ ଏହି ଡଗ୍ ଶୋ'ରେ ବିଜେତା ମାନଙ୍କୁ ଆକର୍ଷଣୀୟ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଛି। ପୁରୀ କେନେଲ କ୍ଲବ୍ ପକ୍ଷରୁ ଆୟୋଜିତ ଏହି ଆକର୍ଷଣୀୟ ଡଗ୍ ଶୋ' କୁ ବିଜୁ ଯୁବ ଜନତା ଦଳର ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ବରିଷ୍ଠ ସେବାୟତ ଗୌରହରି ପ୍ରଧାନ, ଭଗବାନ ସୁଆର, କେନେଲ୍ କ୍ଲବ୍ ସଭାପତି ପ୍ରତୀକ କୁମାର ଦାସ ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ତେବେ ଜିଲ୍ଲା ପ୍ରଶାସନର ସହଯୋଗ ରହିଲେ ଏହି ଡଗ୍ ଶୋ' ଆଗାମୀ ଦିନରେ ରାଜ୍ୟସ୍ତରୀୟ ସ୍ତରରେ ମଧ୍ୟ ଆୟୋଜନ କରାଯାଇପାରିବ ବୋଲି କେନେଲ୍ କ୍ଲବ୍ ପକ୍ଷରୁ କୁହାଯାଇଛି।

## ଭାଗ ନେଲେ ୧୮ ପ୍ରଜାତିର ୨ଶହରୁ ଊର୍ଦ୍ଧ୍ୱ କୁକୁର
















# ଲିଭରରେ ମଧୁମେହ ସଂକ୍ରମଣ

ଡା. ଉମେଶ ଚନ୍ଦ୍ର ପାତ୍ର



ମଧୁମେହ ବା ଡାଏବେଟିସ୍ ଏକ ଜୈବ ରାସାୟନିକ ବ୍ୟାଧି ଯାହା ଶରୀରର ବିଭିନ୍ନ ଅଂଶକୁ ଆକ୍ରମଣ କରେ। ଅଗ୍ନ୍ୟାଶୟରୁ କ୍ଷରିତ ଇନସୁଲିନ୍‌ର ପରିମାଣ ଓ କାର୍ଯ୍ୟକ୍ଷମତା କମିଗଲେ ଡାଏବେଟିସ୍ ହୁଏ। ଏହି ମଧୁମେୟ ଧିରେ ଧିରେ ଯକୃତକୁ ଆକ୍ରମଣ କରେ ଓ ଲିଭର ସିରୋସିସ୍ ରୋଗର ଏହା ଏକ ଅନ୍ୟତମ କାରଣ। ୧୫-୨୦% ଡାଏବେଟିସ୍ ରୋଗୀ ଲିଭର ସିରୋସିସ୍‌ରେ ଆକ୍ରାନ୍ତ ହୁଅନ୍ତି ଓ ୧୨-୫୦% ସିରୋସିସ୍ ରୋଗୀ ଡାଏବେଟିସ୍‌ର ଶିକାର ହୁଅନ୍ତି। ୧୨.୫% ଡାଏବେଟିସ୍ ରୋଗୀ ଲିଭର ସିରୋସିସ୍‌ରେ ମୃତ୍ୟୁ ବରଣ କରନ୍ତି। ଡାଏବେଟିସ୍ ଓ ଲିଭର ସିରୋସିସ୍ ଓତପ୍ରୋତଃ ଭାବେ ଜଡ଼ିତ। ମଧୁମେୟ ଓ ଯକୃତ ପରସ୍ପର ନିର୍ଭରଶୀଳ। ମଧୁମେହ ରୋଗ ହେଲେ ଯକୃତ ଖରାପ ହୁଏ ଓ ଯକୃତ ଖରାପ ହେଲେ ମଧ ଶରୀର ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ ହୁଏ। ଏହା ବାଦ ଦେଇ ଅନ୍ୟ କେତେକ ରୋଗରେ ଉଭୟ ଲିଭର ଓ ଅଗ୍ନ୍ୟାଶୟ ଏକା ସହିତ ଆକ୍ରାନ୍ତ ହୁଅନ୍ତି। ମଧୁମେହ ରୋଗରେ ଆକ୍ରାନ୍ତ ହେଲେ ୪୦-୭୦% କ୍ଷେତ୍ରରେ ଯକୃତରେ ଚର୍ବି ଜମିଯାଏ। ଏହାକୁ ଫ୍ୟାଟିଲିଭର କୁହନ୍ତି। ଅତ୍ୟଧିକ ଚର୍ବି ଜମିଲେ ଯକୃତ କୋଷରେ ଏକ ପ୍ରକାର ପ୍ରଦାହ ସୃଷ୍ଟି ହୋଇ ରକ୍ତରେ ଲିଭର ପାଚକ ରସର ମାତ୍ରା ବୃଦ୍ଧିପ୍ରାପ୍ତ ହୁଏ। ଏହାକୁ ନାସ୍ ବା ଷ୍ଟିଆଟୋ ହେପାଟାଇଟିସ୍ କୁହାଯାଏ। ଧୀରେ ଧୀରେ ଚର୍ବି ଜମିଲେ ଲିଭର କୋଷର କ୍ଷତ ସୃଷ୍ଟି ହୋଇ ସଂଯୋଜକ ତନ୍ତୁରେ ମୋଟା ଦାଗ ଜମିଯାଏ। ଏହା ଯକୃତର କାର୍ଯ୍ୟ କ୍ଷମତାକୁ କମାଇ ଦିଏ ଓ ସୂତ୍ରତନ୍ତୁମୟତା ଯୋଗୁଁ ଯକୃତ ସଙ୍କୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ହୋଇ ଧୀରେ ଧୀରେ ସିରୋସିସ୍ ବା ଜଳଉଦରୀ ରୋଗର ସୃଷ୍ଟି ହୁଏ। ମଧୁମେହ ରୋଗରେ ଯକୃତ କ୍ୟାନସରର ସଂଖ୍ୟା ମଧ ଅଧିକ। ମଧୁମେହରେ ଲିଭରର ପିତ୍ତକୋଷରେ ପଥର ସୃଷ୍ଟି ହୁଏ। ମଧୁମେହ ରୋଗରେ ବ୍ୟବହୃତ ଔଷଧର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ବେଳେ ବେଳେ ଜଣ୍ଡିସ୍ ହୁଏ। ମଧୁମେହରେ ଜଣ୍ଡିସ ବା ହେପାଟାଇଟିସ୍ ହେଲେ ସେଥିରେ ଜଣ୍ଡିସ୍‌ର ମାତ୍ରା ଅତ୍ୟଧିକ ଭାବରେ ବଢ଼ିଯାଏ ଓ ବେଳେବେଳେ ପେଟରେ ପାଣି ଜମିଯାଏ। ବେଳେବେଳେ ରୋଗୀମାନେ ସେଥିରେ ମୃତ୍ୟୁବରଣ କରନ୍ତି। ମଦ୍ୟପାନ ଓ ହେପାଟାଇଟିସ୍ 'ବି', 'ସି'କୁ ବାଦ ଦେଲେ ମଧୁମେହ ରୋଗ ହେଉଛି ଲିଭର ସିରୋସିସ୍ ବା ଜଳଉଦରୀ ବ୍ୟାଧିର ମୁଖ୍ୟ କାରଣ। ମଧୁମେହ ବା ହେପାଟାଇଟିସ୍ 'ବି' ଓ 'ସି' ଭୂତାଣୁ ବେଳେ ବେଳେ ମିଶି ଯକୃତକୁ ଆକ୍ରମଣ କରନ୍ତି। ଲିଭର ଓ ଅଗ୍ନ୍ୟାଶୟ ଏକା ସହିତ ଖରାପ ହେଲେ ଏହା ସାଂଘାତିକ ଅବସ୍ଥା ସୃଷ୍ଟି କରେ। ଲିଭରରେ ଅତ୍ୟଧିକ ଲୌହକଣିକା ଜମିଗଲେ ଲିଭର ସିରୋସିସ୍ ଓ ଡାଏବେଟିସ୍ ହୁଏ। ଏହାକୁ ବ୍ରୋଞ୍ଜ ଡାଏବେଟିସ ବା ହିମୋକ୍ରୋମାଟୋସିସ୍ କୁହନ୍ତି। ଅଟୋଇମ୍ମ୍ୟୁନ୍ ଲିଭର ରୋଗରେ ମଧ ଅଗ୍ନ୍ୟାଶୟ ଖରାପ ହୋଇ ଡାଏବେଟିସ୍ ହୁଏ। ଏହାକୁ ଟାଇପ୍-୧ ଡାଏବେଟିସ ଓ ଅଟୋଇମ୍ମ୍ୟୁନ୍ ଲିଭର ରୋଗ ବୋଲି କୁହନ୍ତି। ଡାଏବେଟିସ୍‌ରେ ହେପାଟାଇଟିସ୍ 'ସି' ଭୂତାଣୁ ସଂକ୍ରମଣ ୪.୨% ରୋଗୀ କ୍ଷେତ୍ରରେ ଦେଖାଦିଏ ଓ ହେପାଟାଇଟିସ୍ 'ସି'ରୋଗରେ ୨୧% କ୍ଷେତ୍ରରେ ରକ୍ତରେ ଶର୍କରା ଅଂଶ ବଢ଼ିଯାଇ ଡାଏବେଟିସ୍ ସୃଷ୍ଟି ହୁଏ। ହେପାଟାଇଟିସ୍ 'ବି'ରେ ଆକ୍ରାନ୍ତ ହେଲେ ୧୦% କ୍ଷେତ୍ରରେ ମଧ ମଧୁମେହ ରୋଗ ଦେଖାଦିଏ। ଅଗ୍ନ୍ୟାଶୟ ଓ ଲିଭର ଏକାଠି ଆକ୍ରାନ୍ତ ହେଲେ ଉଭୟ ରୋଗର ଲକ୍ଷଣ ଦେଖାଯାଏ। ଭୋକ ଲାଗେନାହିଁ, ଜଣ୍ଡିସ୍ ହୁଏ, ଆଖି ହଳଦିଆ ଦେଖାଯାଏ, ପେଟରେ ପାଣି ଜମିଯାଏ। ବେଳେବେଳେ ବୃକକ୍ ଖରାପ ହୋଇ ପରିସ୍ରା କମିଯାଏ। ମନୁଷ୍ୟର ଚେତା ମଧ ବୁଡ଼ିଯାଏ। ମଧୁମେହ ରୋଗ ଯୋଗୁଁ ହୃତ୍‌ପିଣ୍ଡ, ଲିଭର, ଫୁସ୍‌ଫୁସ୍, ବୃକକ୍, ରକ୍ତନଳୀ ଓ ସ୍ନାୟୁଗୁଚ୍ଛ ଇତ୍ୟାଦି ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଖରାପ ହୋଇଯାଏ। ଏହା ଏକ ଦାରୁଣ ବ୍ୟାଧି ଓ ରୋଗୀ ମୃତ୍ୟୁମୁଖରେ ପଡ଼େ। ପ୍ରଥମ ଅବସ୍ଥାରୁ ଉଭୟ ରୋଗର ଚିକିତ୍ସା ବିଶେଷଜ୍ଞମାନଙ୍କ ଦ୍ୱାରା କଲେ ଏଥିରେ ରୋଗ ଉପଶମ ହେବାର ଆଶା ରହିଛି। ଇନ୍‌ସୁଲିନ୍ ଓ ବିଭିନ୍ନ ପ୍ରକାର ଲିଭର ଔଷଧ ପ୍ରୟୋଗ କରାଯାଏ। ରୋଗୀମାନଙ୍କୁ ଦରକାର ହେଲେ ଆଇସିୟୁରେ ରଖିବାକୁ ପଡ଼େ। ତେଣୁ ଏସବୁ କ୍ଷେତ୍ରରେ ପ୍ରଥମରୁ ସାବଧାନ ହେବାର ବହୁତ ଆବଶ୍ୟକତା ରହିଛି।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ
ମୋ: ୯୪୩୭୦୫୧୯୫୭

# ବୃକ୍ଷରୁ କରନ୍ତୁ ରୋଗ ନାଶ

**ଆମର ଦୈନନ୍ଦିନ ଜୀବନରେ ଆମେ କିଛିନା କିଛି ବୃକ୍ଷଲତାକୁ ଆମର କାର୍ଯ୍ୟରେ ଗଗାଇଥାଉ, କିନ୍ତୁ ଏହି ବୃକ୍ଷଲତା ମଧ୍ୟରୁ କିଛି ରୋଗ ଉପଶମ କରିବାରେ ସହାୟକ ହୋଇଥାନ୍ତି। ଆସନ୍ତୁ ଜାଣିବା କିଛି ସେପରି ବୃକ୍ଷଲତା ସମ୍ବନ୍ଧରେ-**



ହରିଡ଼ା:ଏହାର ବୈଜ୍ଞାନିକ ନାମ ଟର୍ମିନାଲିଆ ଚେବୁଲା। ଏହାର ଫଳ ଓ ଛାଲି ନାନା ଔଷଧିୟ ଗୁଚଣରେ ଭରପୂର। ହରିଡ଼ା ବାହାଡ଼ା ଓ ଅଁଳା ମିଶିଲେ ତାହାକୁ ତ୍ରିଫଳା ବୋଲି କୁହାଯା,। ଏହାର ଗୁଣ୍ଡକୁ ପ୍ରତିଦିନ ପାଣିରେ ବତୁରାଇ ପିଇଲେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଏହାଦ୍ୱାରା ଜ୍ୱର ସର୍ଦ୍ଦି ମଧ ଦୂର ହୁଏ। କଥାରେ ଅଛି ହରିଡ଼ା ୧୦ଟି ମାଆର କାମ କରିଥାଏ।

ବାହାଡ଼ା:ଏହାର ବୈଜ୍ଞାନିକ ନାମ ଟର୍ମିନାଲିଆ ବେଲେରିକା ଏହାର ଫଳ ଓ ଛାଲିକୁ ଔଷଧ ରୂପେ ବ୍ୟବହାର କରିଥାନ୍ତି। ଏହାର ଗୁଣ୍ଡକୁ ପ୍ରତିଦିନ ପାଣିରେ ବତୁରାଇ ପିଇଲେ ଝାଡ଼ା ପରିଷ୍କାର ହୁଏ।

ଅଁଳା: ଏହାର ବୈଜ୍ଞାନିକ ନାମ ଇମ୍ବିଲିକା ଅଫିସନାଲିସ୍। ଏହାର ଚୂର୍ଣ୍ଣକୁ ମିଶ୍ରି ସହିତ ମିଶାଇ ସେବନ କଲେ ଶରୀରର ପିତ୍ତନାଶ ହୋଇଥାଏ। ଏହାସହିତ ଅମ୍ଳପିତ୍ତ ଜନିତ କୋଷ୍ଠକାଠିନ୍ୟ ମଧ ଦୂର ହୁଏ। ଗ୍ରୀଷ୍ମ ଋତୁରେ ନିୟମିତ ଭାବେ ଅଁଳାଚୂର୍ଣ୍ଣକୁ ପାଣିାେର ବତୁରାଇ ସେବନ କଲେ ପରିସ୍ରା ଜଳାପୋଡ଼ା ହୁଏ ନାହିଁ ନିୟମିତ ଭାବେ ଅଁଳା ଚୂର୍ଣ୍ଣକୁ ଦିନକୁ ଦୁଇଥର ଖାଲି ପେଟରେ ଖାଇଲେ ବାର୍ଦ୍ଧକ୍ୟ ଜନିତ ଶାରୀରିକ ସମସ୍ୟା ଓ ମାନସିକ ଦୁର୍ବଳତା ଦେଖାଦିଏ ନାହିଁ।

# ସିଜୋଫ୍ରେନିଆରୁ ରକ୍ଷା କରେ ମାଛତେଲ





ମାଛ ତେଲ ନିୟମିତ ଭାବେ ସେବନ କଲେ ଲୋକମାନଙ୍କୁ ସିଜୋଫ୍ରେନିଆରୁ ମୁକ୍ତି ମିଳିଥାଏ ବୋଲି ମନୋରୋଗ ଚିକିତ୍ସା ସଂଘର ଏକ ସମ୍ମେଳନରେ କୁହାଯାଇଛି। ଏହି ନୂତନ ଅଧ୍ୟୟନଟି ସଂପ୍ରତି ଅଷ୍ଟ୍ରିଆର ଗେବେଷକମାନେ କରିଛନ୍ତି। ଏହି ଗବେଷଣା କାଳରେ ସେମାନେ ୮୧ ଜଣ ଲୋକଙ୍କୁ ଗବେଷଣା କାର୍ଯ୍ୟ ପାଇଁ ନେଇଥିଲେ। ଏମାନଙ୍କ ବୟସ ୧୫ରୁ ୨୫ ବର୍ଷ ମଧ୍ୟରେ ରହିଥିଲା। ଗବେଷଣା କାଳରେ ବୈଜ୍ଞାନିକମାନେ ସେମାନଙ୍କୁ ଓମେଗା-୩ଫ୍ୟାଟି ଏସିଡ୍‌ଦେଇଥିଲେ। ଏମାନଙ୍କୁ ମଧ୍ୟରୁ ପ୍ରତ୍ୟେକ ପ୍ରତିଦିନ ୧.୫ ଗ୍ରାମ୍ ଲେଖାଏଁ ମାଛ ତେଲ ସେବନ କରିଥିଲେ। ଯେଉଁ ମାନଙ୍କୁ ମାଛ ତେଲ ସେବନ କରାଯାଇଥିଲା ସେମାନଙ୍କଠାରେ ମାଛ ତେଲ ସେବନ କରାଯାଇନଥିବା ଲୋକଙ୍କ ଅପେକ୍ଷା ଫରକ ପରିଲକ୍ଷିତ ହୋଇଥିଲାଯେ ସେମାନେ ସିଜୋଫ୍ରୋନିଆ ନାମକ ଏକ ଗମ୍ଭୀର ବେମାରୀରେ ପୀଡ଼ିତ।

# ରୋଗ ଉପଶମକାରୀ ଲବଙ୍ଗ

**ରୋଷେଇ ଘରର ମସଲା ମଧ୍ୟରୁ ଲବଙ୍ଗ ହେଉଛି ଅନ୍ୟତମ। ଏହା ମୁଖ ଗନ୍ଧ ଦୂର କରିବା ସହ ଖାଦ୍ୟର ସ୍ୱାଦ ଓ ବାସ୍ନା ବୃଦ୍ଧି କରାଇଥାଏ । ଏହା ବ୍ୟତିତ ଲବଙ୍ଗକୁ ବିଭିନ୍ନ ରୋଗର ଚିକିତ୍ସା ପାଇଁ ମଧ୍ୟ ବ୍ୟବହାର କରାଯାଏ । ଦାନ୍ତ ବିନ୍ଧା, ପାଟି ଦୁର୍ଗନ୍ଧ କିମ୍ବା ବାନ୍ତି ପରି ବିଭିନ୍ନ ସମସ୍ୟାରୁ ଲବଙ୍ଗ ମଧ୍ୟ ଆପଣଙ୍କୁ ମୁକ୍ତି ଦେଇପାରେ ।**





## ଲବଙ୍ଗର ଔଷଧୀୟ ଗୁଣ

**ଦାନ୍ତ ଯନ୍ତଣା:** ଲବଙ୍ଗ ତେଲରେ ତୁଳାକୁ ଭିଜାଇ ଏହାକୁ ଦାନ୍ତ ମୂଳେ ରଖିବା ଦ୍ୱାରା ବହୁତ ଆରାମ ମିଳିଥାଏ ।

**ପାଟି ଦୁର୍ଗନ୍ଧ:** ଲବଙ୍ଗକୁ ଚୋବାଇ ଖାଇବା ଦ୍ୱାରା ପାଟି ଦୁର୍ଗନ୍ଧ ସମସ୍ୟାରୁ ମୁକ୍ତି ମିଳିଥାଏ ।

**ଭୋକ ନ ହେବା:** ଲବଙ୍ଗ ଓ ଶୁଣ୍ଠି ଗୁଣ୍ଡକୁ ମହୁରେ ମିଶାଇ ଖାଇବା ଦ୍ୱାରା ଭୋକ ହେଉ ନ ଥିବା ସମସ୍ୟା ଦୂର ହୋଇଥାଏ ।

**ମାଇଗ୍ରେନ୍ ତଥା ମୁଣ୍ଡବିନ୍ଧା:** ମୁଣ୍ଡରେ ଲବଙ୍ଗର ଲେପ ଲଗାଇବା ଦ୍ୱାରା ମୁଣ୍ଡବିନ୍ଧା ସମସ୍ୟାରୁ ମୁକ୍ତି ମିଳିଥାଏ ।

**କାନବିନ୍ଧା:** କାନ ବିନ୍ଧା ହେଉଥିଲେ କାନରେ ୨/୩ବୁନ୍ଦା ଲବଙ୍ଗ ତେଲ ପକାଇ ଦିଅନ୍ତୁ । କାନ ପାଚିଥିଲେ କିନ୍ତୁ ଏହି ତେଲ ପକାଇବେ ନାହିଁ ।

**କଫ ଜମି ଯାଇଥିଲେ:** ୫ ମି.ଲି. ନଡିଆ ତେଲ ନେଇ ସେଥିରେ ୨/୩ଟି ଲବଙ୍ଗ ପକାଇ ଦିଅନ୍ତୁ । କଫ, କାଶ, ଶ୍ୱାସରୋଗ ଓ ଯକ୍ଷ୍ମା ଆଦି ବେମାରୀରେ ଲବଙ୍ଗର କାଢା ବେଶ୍ ଲାଭଦାୟକ ହୋଇଥାଏ ।




# ବିନା ପ୍ରେସକ୍ରିପସନରେ ଆଣ୍ଟିବାୟୋଟିକ ବିକ୍ରି କଲେ ଲାଇସେନ୍ସ ରଦ୍ଦ



**ଭୁବନେଶ୍ୱର(ବ୍ୟୁରୋ):** ବିନା ପ୍ରେସକ୍ରିପସନରେ ଆଣ୍ଟିବାୟୋଟିକ ବିକ୍ରି କରି ଧରା ପଡ଼ିଲେ ମେଡିସିନ ଦୋକାନୀଙ୍କ ଲାଇସେନ୍ସ ରଦ୍ଦ ହେବ। ରାଜ୍ୟ ସରକାର ଏଭଳି କଡ଼ା ଚେତାବନୀ ଦେଇଛନ୍ତି। ଆଣ୍ଟିବାୟୋଟିକର ଅତ୍ୟଧିକ ବ୍ୟବହାର ରୋକିବାକୁ କେନ୍ଦ୍ର ସରକାର ନୂଆ ଗାଇଡ଼ଲାଇନ୍ ଆଣିବା ପରେ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି। ଏଣିକି ଡାକ୍ତରମାନେ ଔଷଧ ଲେଖିବା ବେଳେ ଆଣ୍ଟିବାୟୋଟିକ୍ ଦେଲେ, କେଉଁ କାରଣ ପାଇଁ ସେମାନେ ଆଣ୍ଟିବାୟୋଟିକ୍ ଲେଖୁଛନ୍ତି, ତାହା ପ୍ରେସକ୍ରିପ୍ସନରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଡ୍ରଗ୍ସ କଣ୍ଟ୍ରୋଲର ଅଶୋକ କୁମାର ପାତ୍ର କହିଛନ୍ତି, ବିନା ପ୍ରେସକ୍ରିପସନରେ କେହି ଆଣ୍ଟିବାୟୋଟିକ୍ ବିକ୍ରି କରିପାରିବେ ନାହିଁ। ଯଦି ବିକୁଥିବାର ଧରାପଡ଼ନ୍ତି, ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯିବ। ସେମାନଙ୍କ ବିରୋଧରେ ଡ୍ରଗ୍ସ ଆଣ୍ଡ କସମେଟିକ୍ସ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରିକି ଦରକାର ପଡ଼ିଲେ ଲାଇସେନ୍ସ ସସପେଣ୍ଡ ଓ ରଦ୍ଦ ବି କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଡାକ୍ତରମାନେ ଆଣ୍ଟିବାୟୋଟିକ୍ସ ପ୍ରେସକ୍ରାଇବ କରିବାର କାରଣ ସ୍ପଷ୍ଟ କରି ଲେଖିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ପୂର୍ବରୁ ଏ ନେଇ ନିୟମ ରହିଛି। ତେବେ ଆଣ୍ଟିବାୟୋଟିକ୍ସର ଯୁକ୍ତି ସଂଗତ ବ୍ୟବହାର ହେଉନଥିବାରୁ କେନ୍ଦ୍ର ସରକାର ଏଭଳି ଅପିଲ କରିଛନ୍ତି। ଏହା ସ୍ୱାଗତଯୋଗ୍ୟ। ପ୍ରେସକ୍ରିପସନ ନ ଦେଖି ଦୋକାନୀ ଔଷଧ ବି ଦେବା କଥା ନୁହେଁ। ଏହା ଉପରେ ନିୟନ୍ତ୍ରଣ ଆସିବା ଦରକାର। ଯେଉଁଠି ଆବଶ୍ୟକତା ନାହିଁ ଆଣ୍ଟିବାୟୋଟିକ୍ ଦେବା ଉଚିତ ନୁହେଁ। ଏପରି କିଛି ଡ୍ରଗ୍ସ ଅଛି, ଯାହାକୁ ବିନା ପ୍ରେସକିପସନ୍‌ରେ ଦିଆଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି।

# ୪୧ତମ ଓଡ଼ିଶା ମେଟାଲି ଫେରସ ଖଣି ସୁରକ୍ଷା ସପ୍ତାହ

**ଭୁବନେଶ୍ୱର(ବ୍ୟୁରୋ):** ୪୧ତମ ଓଡ଼ିଶା ମେଟାଲିଫେରସ ଖଣି ସୁରକ୍ଷା ସପ୍ତାହର ଅନ୍ତିମ ଦିବସର ଉତ୍ସବ କେଉଁଝର ଜିଲ୍ଲାର ସେଂଟ୍ରାଲ ଗ୍ରାଉଣ୍ଡ, ଏସଏମପିଏଲ, ସୋୟାବ୍ଲି, ବଡ଼ବିଲ ଠାରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ କାର୍ଯ୍ୟକ୍ରମ ଭୁବନେଶ୍ୱର ଅଂଚଳର ଖଣି ମହାନିର୍ଦ୍ଦେଶାଳୟଙ୍କ ଅଧିନସ୍ଥ ଓଡ଼ିଶା ଖଣି ବିଭାଗ ଜେଏସଡବଲ୍ୟୁ ଷ୍ଟିଲ ଲିମିଟେଡ ଦ୍ୱାରା ଆୟୋଜିତ ହୋଇଥିଲା। ଖଣି ସୁରକ୍ଷା ବିଭାଗର ମହାନିର୍ଦ୍ଦେଶକ ପ୍ରଭାତ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖଣି ନରାପତା କାର୍ଯ୍ୟକ୍ରମକୁ ସମସ୍ତ ଖଣିମାଲିକମାନେ ପାଳନ କରୁଥିବା ନେଇ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଖଣିର ଆଖପାଖ ଅଂଚଳର ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପାରାମିଟର। ଖଣିମାଲିକ ମାନେ ଏଥିପ୍ରତି ସଚେତନ ରହିବା ଉଚିତ। ଆଗାମୀ ଦିନରେ ସୁରକ୍ଷା ବ୍ୟବସ୍ଥାକୁ କିପରି ଅଧିକ ଉନ୍ନତ କରାଯାଇପାରିବ ଏହା ଉପରେ ସେ ମତାମତ ଲୋଡ଼ିଥିଲେ। ପ୍ରାୟ ୧୧୦ ଖଣି ଓ ୭୫ କଂଟ୍ରାକ୍ଟର ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଓ ଖଣି ନରାପତା ଉପରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ୟୁନିୟନର ପ୍ରତିନିଧି ତଥା ବିଭିନ୍ନ କଂପାନି ଅଧିକାରୀ ସମେତ ୫୦୦ରୁ ଅଧିକ ଲୋକ ଉପସ୍ଥିତ ଥିଲେ। ଡେପୁଟି ଡାଇରେକ୍ଟର ଜେନେରାଲ ଏସଡି ଚିଡାଓ୍ୱାର ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟାନ୍ୟ ବ୍ୟକ୍ତି ମାନଙ୍କ ଭିତରେ ସୌଭିକ ମଜୁମଦାର, ସିଓଓ, ମାଇନସ ଡିଭିଜନ, ଜେଏସଡବଲ୍ୟୁ ଷ୍ଟିଲ ଲିମିଟେଡ, କୃଷ୍ଣେନ୍ଦୁ ମଣ୍ଡଲ (ଡିଏମଏସ ଭୁବନେଶ୍ୱର ରିଜିଅନ-୧), ପିଆର ଠାକୁର (ଡିଏମଏସ ଭୁବନେଶ୍ୱର ରିଜିଅନ-୨), ରତ୍ନାକର ଶୁଙ୍କି (ଡିଏମଏସ ମେକାନିକାଲ ରାଂଚି), ମହେଶ୍ୱର ରେଡି କନାଲା, ଶଙ୍କର୍ଷଣ ବେହେରା, ବିକାଶ ଗୋବିନ୍ଦରାଓ ମେସ୍ରାମ, ଟି ହରିପ୍ରସାଦ ଓ ଟି ଶିବ ଶଙ୍କର ପ୍ରମୁଖ ଯୋଗ ଦେଇଥିଲେ। ସୌଭିକ ମଜୁମଦାର, ସିଓଓ ମାଇନସ, କହିଥିଲେଯେ ଖଣି ତଥା ଗୃହରେ ନରାପତା ରକ୍ଷା କରିବା ସମସ୍ତଙ୍କ ପାଇଁ ଜରୁରି। ସୁରକ୍ଷା ପ୍ରଥମେ ଘରୁ ଆରମ୍ଭ ହୋଇଥାଏ ତେଣୁ ଆମେ କାର୍ଯ୍ୟ କରୁଥିବା ପରିବେଶକୁ ସୁରକ୍ଷା ରଖିବା ଦରକାର। ସୁରକ୍ଷା ସପ୍ତାହ ଅବସରରେ ଅନେକ ଗୁଡ଼ିଏ ପ୍ରତିଯୋଗିତା ବିଭିନ୍ନ ବର୍ଗରେ ଆୟୋଜିତ ହୋଇଥିଲା। ଯେଉଁମାନେ ସଫଳ ହୋଇଥିଲେ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଭିନବ ପୋଷ୍ଟର ତିଆରି,ସ୍ଲୋଗାନ ଓ ସର୍ବୋତମ ଲୋଗୋ ପାଇଁ ଏହି ପୁରସ୍କାର ଦିଆଯାଇଥିଲା। ଏହା ଉଲ୍ଲେଖର ବିଷୟଯେ ଖଣି ଉଦ୍ୟୋଗରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ ଲାଗି ଶ୍ରୀ ଏନଡି ରାଓଙ୍କୁ ତାଙ୍କର ଜୀବନବ୍ୟାପୀ ସଫଳତା ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ରାଜଧାନୀରେ ଅତ୍ୟାଧୁନିକ ଆୟୁଷ ଦୀକ୍ଷା କେନ୍ଦ୍ରର ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ






**ଭୁବନେଶ୍ୱର(ବ୍ୟୁରୋ):** କେନ୍ଦ୍ର ଆୟୁଷ ଏବଂ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ଆଜି ଭୁବନେଶ୍ୱରରେ ଭବିଷ୍ୟତର ଆୟୁଷ ପେସାଦାରଙ୍କ ମାନବ ସମ୍ବଳ ବିକାଶ ପାଇଁ ପ୍ରଥମ କେନ୍ଦ୍ର 'ଆୟୁଷ ଦୀକ୍ଷା'ର ଶିଳାନ୍ୟାସ କରିଛନ୍ତି। ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପ୍ରତିଷ୍ଠାନ (ସିଏଆରଆଇ) ପରିସରରେ ଏହି ଅତ୍ୟାଧୁନିକ କେନ୍ଦ୍ର ନିର୍ମାଣ କରାଯିବ। ଏହି ଅବସରରେ ଶ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ କହିଲେ ଯେ ଗତ ୧୦ ବର୍ଷ ମଧ୍ୟରେ ଆୟୁଷ ଅଭିଯାନ ବିଶେଷ ଗୁରୁତ୍ୱ ଲାଭ କରିଛି। ଆମେ ଏକ ସମନ୍ୱିତ ଚିକିତ୍ସା ପଦ୍ଧତି ଆଡକୁ ଅଗ୍ରସର ହେଉଛୁ ଯେଉଁଠାରେ ଆଧୁନିକ ଚିକିତ୍ସା ପଦ୍ଧତି ସହିତ ଏକ ସଶକ୍ତ ଆୟୁଷ ଚିକିତ୍ସା ପଦ୍ଧତି ମଧ୍ୟ ବ୍ୟବହାର କରାଯିବ। ସେ ଆହୁରି କହିଛନ୍ତି ଯେ ଆଜି ଆମେ ଏଠାରେ ଆୟୁଷ ଦୀକ୍ଷା କେନ୍ଦ୍ରର ଯାତ୍ରା ଆରମ୍ଭ କରୁଛୁ, ଏହି କେନ୍ଦ୍ର ଆୟୁଷ ପେସାଦାରମାନଙ୍କୁ ସେମାନଙ୍କ ଦକ୍ଷତା ବୃଦ୍ଧି କରିବାରେ ସକ୍ଷମ କରିବ ତଥା ଦେଶବାସୀଙ୍କୁ ବିଶ୍ୱସ୍ତରୀୟ ରୋଗୀ ସେବା ପ୍ରଦାନ କରିବାରେ ସେମାନଙ୍କ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ। ଏହା ଶକ୍ତିଶାଳୀ ଆୟୁଷ ଆନ୍ଦୋଳନ ଏବଂ ଏକ ସୁସ୍ଥ ଓ ସୁଖୀ ଜୀବନ ଅନୁଭୂତି ପ୍ରଦାନ ଦିଗରେ ବିଶ୍ୱସ୍ତରୀୟ ଆନ୍ଦୋଳନର ପ୍ରୟାସ କ୍ଷେତ୍ରରେ ଉତପ୍ରେରକ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ସୋନଓ୍ୱାଲ କହିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ ନେତୃତ୍ୱରେ ଆୟୁଷ ଅଭିଯାନ ପୁଣି ଥରେ ଶକ୍ତି ହାସଲ କରିଛି । ଯୋଗ କିପରି ସୁସ୍ଥ ଜୀବନଯାପନ ଦିଗରେ ସମଗ୍ର ବିଶ୍ୱରେ ବିପ୍ଳବ ଆଣିପାରିଛି ତାହା ଆମେ ସମସ୍ତ ଜାଣିଛୁ। ଭାରତର ଅନ୍ୟ ପାରମ୍ପରିକ ଚିକିତ୍ସା ପଦ୍ଧତିଗୁଡ଼ିକୁ ସକ୍ଷମ ଏବଂ ସଶକ୍ତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ସହିତ ମୋଦୀଜୀଙ୍କ ଏକ ସୁସ୍ଥ ଭାରତ ପରିକଳ୍ପନା ସାକାର ହେବ ବୋଲି ଆମର ବିଶ୍ୱାସ ରହିଛି ବୋଲି ସେ କହିଥିଲେ । ଶ୍ରୀ ସୋନଓ୍ୱାଲ କହିଥିଲେ, ସମନ୍ୱିତ ଚିକିତ୍ସା ପଦ୍ଧତି ଦେଶବାସୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ କାରଣ ସେମାନେ ନିଜ ଶାରୀରିକ ଓ ମାନସିକ ସୁସ୍ଥତାକୁ ସଶକ୍ତ କରି ରୋଗର ଉପଶମ କରିବା ସହିତ ସେମାନଙ୍କ ଜୀବନର ଗୁଣବତ୍ତାକୁ ଉନ୍ନତ କରିବା ଦିଗରେ ଅଗ୍ରସର ହୋଇପାରିବେ। ଆୟୁଷ ଦୀକ୍ଷା ଅନୁଷ୍ଠାନ ଆୟୁଷ ପେସାଦାର, ବିଶେଷକରି ଆୟୁର୍ବେଦ ଚିକିତ୍ସକମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଦାନ କରିବ । ଏହି ଅନୁଷ୍ଠାନର ଲକ୍ଷ୍ୟ ହେଉଛି ରାଜସ୍ୱ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜାତୀୟସ୍ତରର ପ୍ରମୁଖ ଅନୁଷ୍ଠାନଗୁଡ଼ିକ ସହ ଭାଗିଦାରୀ ପ୍ରତିଷ୍ଠା କରିବା ଜରିଆରେ ଦକ୍ଷତା ବିକାଶ, ମାନବ ସମ୍ବଳକୁ ସୁଦୃଢ଼ କରିବା, ଗବେଷଣା ଓ ବିକାଶକୁ ସୁଗମ କରିବା ଏବଂ ଆତ୍ମ-ନିର୍ଭରଶୀଳତା ହାସଲ କରିବା । ଆୟୁଷ ଦୀକ୍ଷା କେନ୍ଦ୍ର ୩୦ କୋଟି ଟଙ୍କା ବଜେଟରେ ନିର୍ମାଣ କରାଯାଉଛି । ଏଥିରେ ୨ଟି ସଭାଗୃହ, ସମସ୍ତ ସୁବିଧା ସହ ୪୦ଟି ଆଧୁନିକ କୋଠରୀ, ଭିଆଇପିଙ୍କ ପାଇଁ ସୁଇଟ୍, ପ୍ରାକୃତିକ ପାଠାଗାର ପାଇଁ ଉତ୍ସର୍ଗୀକୃତ ସ୍ଥାନ, ଆଲୋଚନା କକ୍ଷ, ମଡ୍ୟୁଲାର ରୋଷେଇ ଘର, ଡାଇନିଂ ଲାଉଞ୍ଜ ସମେତ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ରହିବ । ଆଜିର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ (ଲୋକସଭା) ଅପରାଜିତା ଷଡ଼ଙ୍ଗୀ, ସିସିଆରଏଏସ୍‌ର ମହାନିର୍ଦ୍ଦେଶକ ପ୍ରଫେସର ବୈଦ୍ୟ ରବିନାରାୟଣ ଆଚାର୍ଯ୍ୟଙ୍କ ସମେତ ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ ଓ ଆୟୁଷ ପେସାଦାରମାନେ ଉପସ୍ଥିତ ଥିଲେ। ସିଏଆରଆଇ, ଭୁବନେଶ୍ୱର ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସ୍ୱୟଂଶାସିତ ସଂସ୍ଥା କେନ୍ଦ୍ରୀୟ ଆୟୁର୍ବେଦ ବିଜ୍ଞାନ ଗବେଷଣା ପରିଷଦ (ସିସିଆରଏସ) ଅଧୀନରେ ଏକ ୟୁନିଟ୍ ଭାବେ କାର୍ଯ୍ୟ କରିଥାଏ। ଏଠାରେ ଆରମ୍ଭ ହେବାକୁ ଯାଉଥିବା ଅନୁଷ୍ଠାନ 'ଆୟୁଷ ଦୀକ୍ଷା' ଆୟୁର୍ବେଦ କ୍ଷେତ୍ରରେ ବିଜ୍ଞାନ ସମ୍ମତ ଗବେଷଣାକୁ ପ୍ରୋତ୍ସାହିତ କରିବା ଏବଂ ଆଗକୁ ବଢ଼ାଇବା ଦିଗରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# ରାସ୍ତା ଉପରେ ଗାଡ଼ି ଧୁଆଁ, କଡ଼ରେ ଅଳିଆ : ଜନଜୀବନ ଅସ୍ତବ୍ୟସ୍ତ





**ଭୁବନେଶ୍ୱର(ବ୍ୟୁରୋ):** ବିଶ୍ୱସ୍ତରୀୟ ବରମୁଣ୍ଡା ବସ୍ ଟର୍ମିନାଲ(ଆଇଏସ୍‌ବିଟି) ନିର୍ମାଣ ଚାଲିଛି। ଏଇ ମାସରେ ହିଁ ଲୋକାର୍ପିତ ହେବ। କିନ୍ତୁ ଏହା ଭିତରକୁ ପ୍ରବେଶ କିମ୍ବା ପ୍ରସ୍ଥାନ କରିବାକୁ ଥିବା ସର୍ଭିସ୍ ରୋଡ୍‌ର ଅବସ୍ଥା ଖରାପ। ୧୬ ନମ୍ବର ଜାତୀୟ ରାଜପଥର ସର୍ଭିସ୍ ରୋଡ ମଝିରେ ବସ୍ ଧୁଆ ହେଉଛି। ରାସ୍ତା କଡ଼ରେ ଅଳିଆ ଗଦା ହୋଇଛି। ସନ୍ଧ୍ୟା ହେଲେ ରାସ୍ତାକଡ଼ରେ ବସ୍ ପାର୍କିଂ ହେଉଛି। ଅଟୋ କଥା ନ କହିଲେ ଭଲ। ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀ ହୁଅନ୍ତୁ ବା ଗାଡ଼ିଚାଳକ, ଏହି ରାସ୍ତାରେ ଅକଥନୀୟ ଅତ୍ୟାଚାରର ଶିକାର ହେଉଛନ୍ତି। ନିକଟ ଅତୀତରେ ଏହି ରାସ୍ତାରେ ଜବରଦଖଲ ଉଚ୍ଛେଦ ହୋଇଥିଲେ ମଧ ପୁଣି ଥରେ ଏଠରେ ଜବରଦଖଲ ଆରମ୍ଭ ହେଲାଣି। ବସ୍‌ଷ୍ଟାଣ୍ଡକୁ ଚଳାଚଳ କରୁଥିବା ଯାନବାହାନ ସହ ଏହା ହେଉଛି ବରମୁଣ୍ଡା, ଖଣ୍ଡଗିରି, ଧର୍ମବିହାର, ରେଣ୍ଟାଲ୍ କଲୋନି, ଜଗନ୍ନାଥବିହାର, ରୁଚିକା ମାର୍କେଟ୍ ଆଦି ଅଞ୍ଚଳବାସୀଙ୍କ ନିତିଦିନିଆ ଯାତାୟାତ ରାସ୍ତା। ଦୀର୍ଘ ବର୍ଷ ଧରି ହେବ ଫ୍ଲାଏ ଓଭରର ଉଭୟ ସର୍ଭିସ୍‌ରୋଡ୍‌ର ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି। ଏହି ଅଂଶରେ ରାସ୍ତା ସାରା ବଡ଼ବଡ଼ ଖାଲ। ଠାଏ ଠାଏ ପିଚୁ ଉଠିଯାଇଛି। ମରାମତି ହେଉ ନଥିବାରୁ ବଡ଼ ବଡ଼ ଖାଲ ମରଣଯନ୍ତା ପାଲଟିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବରମୁଣ୍ଡା ପଟୁ ଖଣ୍ଡଗିରି ଯିବାକୁ ଥିବା ରାସ୍ତା ଉପରେ ଗାଡ଼ି ଧୁଆ ହେଉଛି। ପ୍ରତ୍ୟେକ ଦିନ ଏଠାରେ ଦିନ ରାତି ଗାଡ଼ି ଧୁଆ ଚାଲୁଛି। ଫଳରେ ରାସ୍ତାଟି ସମ୍ପୂର୍ଣ୍ଣ ସଂଙ୍କୀର୍ଣ୍ଣ ହୋଇ ପଡୁଛି। ଯେତିକି ଜାଗା ଅଛି ସେଥିରେ ଯିବା ବେଳେ ଗାଡ଼ି ଧୁଆ ପାଣି ଚାଳକ ଉପରେ ପଡୁଛି। ତା ସହିତ ଭୟଙ୍କର ଜାମ୍ ହେଉଛି। ପ୍ରତ୍ୟେକ ଦିନ ଏଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ପାଖରେ ପେଟ୍ରୋଲ ପମ୍ପ ଥିବାରୁ ସମୟ ସମୟରେ ଏମିତି ଭିଡ଼ ହେଉଛି ଯେ ଲୋକେ ଘଣ୍ଟା ଘଣ୍ଟା ଧରି ଭିତରେ ଫସି ରହୁଛନ୍ତି। ବଡ଼କଥା ହେଉଛି ପେଟ୍ରୋଲ ଟାଙ୍କିରୁ ଅନେକ ବାଇକ୍ ଚାଳକ ରଙ୍ଗ୍‌ରୁଟ୍‌ରେ ଅନେକ ସମୟରେ ଆସୁଥିବାରୁ ଅସମ୍ଭାଳ ଭିଡ଼ ହେଉଛି। ଭିଡ଼ ନିୟନ୍ତ୍ରଣ କରିବାକୁ ଏଠାରେ ଟ୍ରାଫିକ୍ ପୁଲିସ ରହୁନାହାନ୍ତି କିମ୍ବା ଖୋଲାଖୋଲି ଭାବରେ ରାସ୍ତା ଉପରେ ଗାଡ଼ି ଧୁଆ ଚାଲିଥିଲେ ମଧ କାହାରିକୁ ଦିଶୁ ନାହିଁ। ଏମିତି ଦିନଟିଏ ନାହିଁ, ଯେଉଁ ଦିନ ଏଠାରେ ଦୁର୍ଘଟଣା ନ ହେଉଛି। ଦୁର୍ଘଟଣା ଯୋଗୁ ଗାଡ଼ି ଚାଳକଙ୍କ ମଧରେ ହାତାହାତି ଯାଏ କଥା ଯାଉଛି। ବେଳେ ବେଳେ ଗଣ୍ଡଗୋଳ ହେଲେ ଅନ୍ୟମାନେ ଭିଡ଼ରେ ଫସୁଛନ୍ତି। ଏହି ରାସ୍ତାରେ ଯେଉଁମାନେ ବରମୁଣ୍ଡାରୁ ବାହାରି ଖଣ୍ଡଗିରି ଛକ ଆଡ଼କୁ ଯିବାକୁ ଚାହୁଛନ୍ତି, ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବରମୁଣ୍ଡାରୁ ଜାଗମରା, ଖଣ୍ଡଗିରିବାରିକୁ ଯିବାକୁ ଚାହୁଥିବା ଲୋକେ ଯମଯନ୍ତ୍ରଣା ଭୋଗୁଛନ୍ତି। ଆହୁରି ଏକ ବଡ଼ ସମସ୍ୟା ହେଉଛି ଏହି ରାସ୍ତାକଡ଼ରେ ଆବର୍ଜନା ଗଦା ହେଉଛି। ପ୍ରତି ଦିନ ବରମୁଣ୍ଡାକୁ ରାଜ୍ୟର କୋଣଅନୁକୋଣରୁ ହଜାର ହଜାର ଲୋକ ଆସୁଛନ୍ତି। ଆବର୍ଜନାରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିବାରୁ ଲୋକେ ନାକ ବନ୍ଦ କରି ଯାଉଛନ୍ତି। ଧର୍ମବିହାର ବାସିନ୍ଦା ରାମହରି ବେହେରା କହିଛନ୍ତି, ଉଭୟ ସର୍ଭିସ୍ ରୋଡ୍ ବହୁ ବର୍ଷରୁ ଖରାପ ହୋଇ ପଡ଼ିଛି। ଶ୍ରୀ ଅରବିନ୍ଦ ସ୍କୁଲ୍ ସମ୍ମୁଖ ରାସ୍ତା ରାଷ୍ଟ୍ରପତି ଆସିବା ସମୟରେ ସଜଡ଼ା ହୋଇଥିଲା। ପରେ ୨ ଜଣ ମରିବାପରେ କଲଭଟ୍ ତିଆରି ହୋଇଛି। ହେଲେ ରାସ୍ତା ଠିକ୍ କରାଯାଉନାହିଁ କି ଡ୍ରେନରେ ସ୍ଲାବ୍ ପଡୁନି। ରାସ୍ତାରେ ଗାଡ଼ି ଧୁଆ ହେଉଥିବାରୁ ସବୁବେଳେ ରାସ୍ତାରେ ପାଣି ଜମୁଛି ଓ ଦେହରେ ଗାଡ଼ି ଧୁଆ ପାଣି ପଡୁଛି।

# ସିଡ୍ୟୁଲ-୨ ବନ୍ୟପ୍ରାଣୀ ବେପାରକୁ ଗ୍ରୀନ୍ ସିଗ୍‌ନାଲ

**ଭୁବନେଶ୍ୱର(ବ୍ୟୁରୋ):** ଆଇନଗତ ଉପାୟରେ ଏଣିକି ଭାରତୀୟ ବନ୍ୟପ୍ରାଣୀଙ୍କୁ କିଣାବିକା କରି ହେବ। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୮ ତାରିଖରେ ଜାରି କରାଯାଇଥିବା ଗେଜେଟ ନଂ. ୪୦ରେ ଏଥିପାଇଁ ଲାଇସେନ୍ସ ପ୍ରଦାନ କରାଯିବା ନେଇ ବିଧିବଦ୍ଧ ଘୋଷଣା କରାଯାଇଛି। ଏଥିସହ ନୂତନ ଓ୍ୱାଇଲ୍ଡ ଲାଇଫ(ପ୍ରୋଟେକ୍ସନ) ଲାଇସେନ୍ସିଂ (ଆଡିଶନାଲ ମ୍ୟାଟର୍ସ ଫର କନ୍ସିଡିରେଶନ) ରୁଲ୍‌ସ ୨୦୨୪କୁ ମଧ କାର୍ଯ୍ୟକାରୀ କରାଯାଇଛି। ତେବେ ଏଥିରୁ ସିଡ୍ୟୁଲ-୧ ଅନ୍ତର୍ଭୁକ୍ତ ପ୍ରାଣୀଙ୍କୁ ବାଦ୍ ଦିଆଯାଇଥିବାବେଳେ ଅନ୍ୟସବୁ ପ୍ରାଣୀଙ୍କୁ ଟ୍ରେଡିଂ କରିବା ପାଇଁ ଲାଇସେନ୍ସ ମିଳିବାକୁ ନେଇ ଗ୍ରୀନ୍ ସିଗ୍‌ନାଲ ଦିଆଯାଇଛି। ଏହି ଗେଜେଟ ପ୍ରକାଶ ପାଇବା ପରେ ପୂର୍ବରୁ ପ୍ରଚଳିତ ଥିବା ୧୯୮୩ ମସିହାର ନିୟମ ଅକାମୀ ହୋଇଯାଇଛି। ଉକ୍ତ ନିୟମ ଅନୁସାରେ, ସିଡ୍ୟୁଲ-୧ କିମ୍ବା ସିଡ୍ୟୁଲ-୨ର ପାର୍ଟ ୨ ପ୍ରାଣୀମାନଙ୍କ ଟ୍ରେଡିଂ ପାଇଁ ଲାଇସେନ୍ସ ଦିଆଯାଉ ନ ଥିଲା। ତେବେ ନୂଆ ନିୟମରେ ବନ୍ୟଜୀବ (ସଂରକ୍ଷଣ) ଆଇନ – ୧୯୭୨ର ସେକ୍ସନ ୪୪, କ୍ଲଜ(ବି) ସବ-ସେକ୍ସନ(୪) ଅଧୀନରେ ଲାଇସେନ୍ସ ଦେବା ପାଇଁ ପ୍ରାବଧାନ ସହ କିଛି ସର୍ତ୍ତାବଳୀ ରଖାଯାଇଛି। ରାଜ୍ୟର ମୁଖ୍ୟ ବନ୍ୟଜୀବ ତତ୍ତ୍ୱାବଧାରକ କିମ୍ବା ତାଙ୍କ ଅଧିକୃତ ଅଧିକାରୀ ଏହି ଲାଇସେନ୍ସ ପ୍ରଦାନ କରିପାରିପାରିବେ ବୋଲି ନିୟମ ଲାଗୁ କରାଯାଇଛି। ନୂଆ ନିୟମକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ଓଡ଼ିଶାରେ ମଧ ଏହାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି। ଗତବର୍ଷ ଏପ୍ରିଲ ୧ରେ ଦେଶରେ ସଂଶୋଧିତ ବନ୍ୟଜୀବ (ସଂରକ୍ଷଣ) ଆଇନ ୧୯୭୨କୁ ଲାଗୁ କରାଯାଇଥିଲା। ଏଥିରେ ବନ୍ୟପ୍ରାଣୀ, ଉଦ୍ଭିଦ ଓ ବିଦେଶୀ ପ୍ରାଣୀଙ୍କ ପାଇଁ ବ୍ୟାପକ ସଂଶୋଧନ କରାଯାଇଥିଲା। ବିଦେଶୀ ପ୍ରାଣୀଙ୍କୁ ସିଡ୍ୟୁଲ-୪ ତାଲିକାରେ ସ୍ଥାନ ଦିଆଯାଇଥିଲା। ସେହିପରି ଦଣ୍ଡବିଧାନ ବା ଜରିମାନା ପରିମାଣ ୨୫ ହଜାର ଟଙ୍କାରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏଥିସହ ସମସ୍ତ ବନ୍ୟପ୍ରାଣୀଙ୍କୁ ସିଡ୍ୟୁଲ-୧ ଏବଂ ସିଡ୍ୟୁଲ-୨ରେ ରଖାଯାଇଥିଲା। ଯଦିଓ ସିଡ୍ୟୁଲ-୧ ପ୍ରାଣୀଙ୍କ ଟ୍ରେଡିଂକୁ ଲାଇସେନ୍ସ ପ୍ରକ୍ରିୟାରୁ ବାହାରେ ରଖାଯାଇଛି, କିନ୍ତୁ ସିଡ୍ୟୁଲ-୨ରେ ସର୍ବାଧିକ ପ୍ରାଣୀ ଅଛନ୍ତି। ସିଡ୍ୟୁଲ-୨ ପ୍ରାଣୀ ଭିତରେ ନୀଳଗାଇ, ବାଦୁଡ଼ି, ଚିତ୍ରା ହରିଣ, ଜଙ୍ଗଲି ଠେକୁଆ, ବାରହା, ହନୁ ମାଙ୍କଡ଼ ଇତ୍ୟାଦି ସ୍ତନ୍ୟପାୟୀ, ବାରବେଟ, ବି ଇଟର, ବିଟର୍ନ, ହେରୋନ, ଇଗ୍ରେଟ, ବୁଲ୍‌ବୁଲ୍, କୋଇଲି, ଅନେକ ପ୍ରଜାତିର ବତକଙ୍କ ସମେତ ମୋଟ ୧,୧୩୪ ଟି ପ୍ରଜାତିର ପକ୍ଷୀ, ୩୦୦ରୁ ଊର୍ଦ୍ଧ୍ୱ ସାପ, ଅନେକ ପ୍ରଜାତିର ବେଙ୍ଗ ଆଦି ଅନ୍ତର୍ଭୁକ୍ତ। ଏବେ ଏସବୁ ପ୍ରାଣୀଙ୍କ ପାଇଁ ଟ୍ରେଡିଂ ଲାଇସେନ୍ସ ଦିଆଯିବା ଦ୍ୱାରା କେନ୍ଦ୍ର ସରକାର ପ୍ରତ୍ୟକ୍ଷ ଭାବରେ ବେପାର ଓ ପରୋକ୍ଷ ଭାବରେ ଶିକାର ପାଇଁ ରାସ୍ତା ଫିଟାଇଦେଲେ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଲେଣି।

# ୬ ବର୍ଷ ହେଲା ଭତ୍ତାରୁ ବଞ୍ଚିତ ଭୁବନେଶ୍ୱର କଳାକାର

**ଭୁବନେଶ୍ୱର(ବ୍ୟୁରୋ):** କଳାକାରଙ୍କ ପ୍ରତି ବିମୁଖ ବିଏମ୍‌ସି। ୬ ବର୍ଷ ତଳୁ ଆବେଦନ କରି ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଭତ୍ତାକୁ ଚାହିଁ ବସିଛନ୍ତି ୨୧୫ କଳାକାର। ବିଏମ୍‌ସି ତହବିଲ୍‌ରୁ ବି ଏହି ଭତ୍ତା ଅର୍ଥ ଯିବନାହିଁ, ସରକାର ଦେବେ। ତାହା ପୁଣି ସଂସ୍କୃତି ଅଧିକାରୀଙ୍କ ଜରିଆରେ ସିଧା କଳାକାରଙ୍କ ଆକାଉଣ୍ଟକୁ। କିନ୍ତୁ କଳାକାରଙ୍କ ଆବେଦନ ୬ ବର୍ଷ ହେଲା ବିଏମ୍‌ସିର ନାଲିଫିତା ତଳେ କବର ପାଇଛି। ୨୦୨୧ ମସିହାରୁ ଖୋର୍ଦ୍ଧା ଜିଲ୍ଲାର ଅନ୍ୟ ସମସ୍ତ ବ୍ଲକ୍‌ର ଯୋଗ୍ୟ କଳାକାର ନିୟମିତ ଭତ୍ତା ପାଉଥିବା ବେଳେ ରାଜ୍ୟର ରାଜଧାନୀର ରହୁଥିବା କଳାକାର କି ପାପ କଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ୨୦୧୮ ମସିହାରେ ସରକାର କଳାକାର ଭତ୍ତାକୁ ୧୦୦୦ରୁ ୧୨୦୦କୁ ବୃଦ୍ଧି କରିଥିଲେ। ଏହା କଳାକାରମାନଙ୍କୁ ଉତ୍ସାହିତ କରିଥିଲା। ୨୦୨୨ ମସିହାରେ ଏହି ଆର୍ଥିକ ସହାୟତା ସିଧା ସଳଖ ଆକାଉଣ୍ଟକୁ ଯିବ ବୋଲି ସରକାର ଘୋଷଣା କଲେ। ଏହା ଫଳରେ ଏହି ବ୍ୟବସ୍ଥାରେ ସ୍ୱଚ୍ଛତା ରହିଥିଲା। ଅନେକ ସମୟରେ ଏହି ଭତ୍ତା ପାଇବା ପାଇଁ ହାତଗୁଞ୍ଜା ଦେବାକୁ ପଡୁଥିବାରୁ ଆକାଉଣ୍ଟକୁ ଯିବା ବ୍ୟବସ୍ଥା ବେଶ୍ ଗ୍ରହଣୀୟ ହୋଇଥିଲା। କିନ୍ତୁ ଏ ସବୁରୁ ଭୁବନେଶ୍ୱରର କଳାକାର ବଞ୍ଚିତ ହୋଇଥିଲେ। କାରଣ ଯୋଗ୍ୟ କଳାକାରଙ୍କୁ ଚିହ୍ନଟ କରି ଭତ୍ତା ପ୍ରଦାନ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲା ସଂସ୍କୃତି ବିଭାଗ ଦେଇଥିବା ଚିଠିକୁ ବିଏମ୍‌ସି ଚାପି ଦେଇଥିଲା। ଖୋଦ୍ ଭୁବନେଶ୍ୱର ବ୍ଲକ୍ ସମେତ ବାଲିଅନ୍ତା, ବାଲିପାଟଣା ଓ ଅନ୍ୟାନ୍ୟ ବ୍ଲକ୍ କଳାକାରଙ୍କ ତାଲିକା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ପ୍ରଦାନ କରିବାରୁ ଏହି ସବୁ ଅଞ୍ଚଳର କଳାକାରମାନେ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ। ଯେଉଁମାନେ ଏବେ ବି ଏହି ଆର୍ଥିକ ସହାୟତା ପାଉଛନ୍ତି। କିନ୍ତୁ ବିଏମ୍‌ସିର ଅପାରଗତା କାରଣରୁ ଭୁବନେଶ୍ୱର କଳାକାରମାନେ ବା ବିଏମ୍‌ସି ଅଞ୍ଚଳରେ ବସବାସ କରୁଥିବା ଦୁସ୍ଥ କଳାକାରମାନେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରୁ ବଞ୍ଚିତ ହୋଇଛନ୍ତି।୨୦୧୮ ମସିହାରେ ପ୍ରଥମେ କଳାକାର ଭତ୍ତା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାକୁ ସିଧାସଳଖ ସଂସ୍କୃତି ବିଭାଗ ତଦାରଖ କରୁଥିଲା। ଶହେରୁ ଊର୍ଦ୍ଧ୍ୱ ଆବେଦନ ଆସିଥିଲେ ମଧ ବିଏମ୍‌ସି ଅଞ୍ଚଳରୁ ଜଣେ ହେଲେ କଳାକାର ଭତ୍ତା ପାଇ ପାରିଲେ ନାହିଁ। ୨୦୨୧ ମସିହାରେ ପୁଣି ଥରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ବିଏମ୍‌ସିକୁ ଚିଠି ଲେଖିଲା। ଆବେଦନ ପତ୍ର ଯାଞ୍ଚ କରିବା ସହ ଅଡିସନ୍ ଜରିଆରେ ଯୋଗ୍ୟ କଳାକାର ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲା। ୨୦୧୮ ଓ ୨୦୨୧ ଏଭଳି ଦୁଇ ଥରରେ ବିଏମ୍‌ସିକୁ ୨୧୫ ଆବେଦନ ଆସିଥିଲା। ଏମାନଙ୍କର ଅଡିସନ କରି ତାଲିକା ପ୍ରସ୍ତୁତ କରିବା କଥା ହେଲେ ଏହା ପ୍ରସ୍ତୁତ କରାଗଲା ନାହିଁ। ଫଳରେ ବିଏମ୍‌ସି ସୀମାରେ ଥିବା ଭୁବନେଶ୍ୱର ବ୍ଲକ୍‌ର କଳାକାର ଭତ୍ତା ପାଉଥିବା ବେଳେ ସହର ଭିତରର କଳାକାର ବଞ୍ଚିତ ହେଲେ। ଏପରିକି ଗୋଟିଏ ଦଳରେ ଏକତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଥିଲେ ମଧ ବିଏମ୍‌ସି ଅଞ୍ଚଳରେ ରହୁଥିବାରୁ ଭତ୍ତା ପାଇଲେ ନାହିଁ। ଜଣେ ଗାୟକ ସୁକାନ୍ତ ପଣ୍ଡାଙ୍କ ଅଭିଯୋଗ ମୁତାବକ, ଆମଭଳି କଳାକାରଙ୍କର ଜୀବନ ଅତି କଷ୍ଟରେ ବିତୁଛି। ସବୁବେଳେ କାର୍ଯ୍ୟକ୍ରମ ମିଳୁନାହିଁ। ଯେବେ ମିଳୁଛି ସେଥିରେ ପରିବାର ଚଳାଇବା କଷ୍ଟ। ଭୟଙ୍କର ପରିସ୍ଥିତି ହୋଇଥିଲା କରୋନା ସମୟରେ। କୌଣସି କାର୍ଯ୍ୟକ୍ରମ ନମିଳିବାରୁ ପରିବାର ପୋଷିବା ଅସମ୍ଭବ ହୋଇପଡ଼ିଥିଲା। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ସେତେବେଳେ ନିଶ୍ଚୟ ସାହାଯ୍ୟ କରିଥାନ୍ତା। ବିଏମ୍‌ସି ତୁରନ୍ତ ତାଲିକା ପଠାଇ ଭତ୍ତା ପ୍ରଦାନ ବ୍ୟବସ୍ଥା କରୁ ବୋଲି ସେ କହିଛନ୍ତି। ବିଏମ୍‌ସି ସମାଜ ମଙ୍ଗଳ ଉପବିଭାଗ ଦାୟିତ୍ୱରେ ଥିବା କାଜଲ୍ ପ୍ରଧାନ କହିଛନ୍ତି, ନିକଟ ଅତୀତରେ ବିଏମ୍‌ସିର ଏହି ଉପବିଭାଗ ଦାୟିତ୍ୱ ନେବା ପରେ ଦୁଇ ଦଫାରେ ଆମର ଅଡିସନ୍ ହୋଇଛି। ୨୧୫ ଆବେଦନରୁ ଅଡିସନ୍‌ର ପ୍ରଥମ ଦିନ ୧୧୫ ଜଣ ଆସିଥିଲେ। ଅନ୍ୟ ସମସ୍ତଙ୍କୁ ଏଥିରେ ସାମିଲ୍ କରିବା ପାଇଁ ଆଉ ଥରେ ଦ୍ୱିତୀୟ ଦଫାରେ ଅଡିସନ କରିଥିଲୁ। ପ୍ରତ୍ୟେକଙ୍କୁ ଫୋନ୍ ଯୋଗେ ଅବଗତ କରାଇଥିଲୁ। କିନ୍ତୁ ପ୍ରାୟ ୪୦ ଜଣ ଅଡିସନ୍‌ରେ ଭାଗ ନେଲେ। ସ୍ୱତନ୍ତ୍ର ଜୁରିଙ୍କ ମାର୍କ ଆଧାରରେ ଆମେ ତାଲିକା ପ୍ରସ୍ତୁତ କରୁଛୁ। ଖୁବ୍‌ଶୀଘ୍ର ତାଲିକା ସଂସ୍କୃତି ଅଧିକାରୀଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି। ତେବେ ୬ ବର୍ଷ ହେବ ପଡ଼ି ରହିଥିବା ଆବେଦନ କାହିଁକି ତତ୍ପରତା ପ୍ରକାଶ କଲା ତାହା ପଛରେ ଭୋଟ୍ ରାଜନୀତି ଥିବା କେତେକ ପୁରୁଖା କଳାକାର ଅଭିଯୋଗ କରିଛନ୍ତି।

# ଭାରତୀୟ ବିମାନ ବ୍ୟବହାର ପାଇଁ ମିଳିଲାନି ମଞ୍ଜୁରୀ



**ନୂଆଦିଲ୍ଲୀ:** ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ଜିଦ୍ ପାଇଁ ଚାଲିଗଲା ଛୋଟ ପିଲାର ଜୀବନ । ଭାରତୀୟ ବିମାନ ଉଡ଼ାଇବାକୁ ଦିଆନଯିବାରୁ ୧୪ ବର୍ଷୀୟ ନାବାଳକର ଜୀବନ ଚାଲିଯାଇଛି । ପିଲାଟିର ମେଡିକାଲ ଏମୋର୍ଜେନ୍ସି ଥିଲେ ମଧ୍ୟ ହେଲିକପ୍ଟର ବ୍ୟବହାର କରିବାକୁ ଅନୁମତି ଦିଆଯାଇନଥିଲା । ଫଳରେ ନାବାଳକର ଜୀବନ ଚାଲିଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମାଳଦ୍ୱୀପର ୩ମନ୍ତ୍ରୀ ଆପତ୍ତିଜନକ ଟିପ୍ପଣୀ ଦେବା ପରେ ଭାରତ ଓ ମାଳଦ୍ୱୀପ ମଧ୍ୟରେ ଉତ୍ତେଜନା ବଢ଼ି ବଢ଼ି ଚାଲିଛି । ତେବେ ଦୁଇ ଦେଶର ସମ୍ପର୍କରେ ପଡୋଶୀ ଦେଶ ହସ୍ତକ୍ଷେପ କରିବା ପରେ ବିବାଦ ବଢ଼ିଯାଇଛି । ଆଉ ଏହି ତିକ୍ତତା ମଧ୍ୟରେ ବଳି ପଡ଼ିଛନ୍ତି ଜଣେ ୧୪ ବର୍ଷୀୟ ନାବାଳକ । ପିଲାଟିର ଷ୍ଟ୍ରୋକ୍ ଆସିବା ପରେ ପରିବାର ଲୋକ ଭାରତୀୟ ହେଲିକପ୍ଟରରେ ଏୟାର ଲିଫ୍ଟ କରିବାକୁ ଅନୁରୋଧ କରିଥିଲେ, ମାତ୍ର ସରକାରଙ୍କ ନୀତି ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଭାରତୀୟ ବିମାନ ବ୍ୟବହାର ପାଇଁ ଅନୁମତି ଦେଇନଥିଲେ । ଫଳରେ ରୋଗୀଙ୍କୁ ରାଜଧାନୀର ମାଲେ ହସ୍ପିଟାଲରେ ପହଞ୍ଚାଇବାକୁ ୧୬ ଘଣ୍ଟା ଲାଗିଥିଲା । ଯାହାଫଳରେ ନାବାଳକର ଜୀବନ ଚାଲିଯାଇଥିଲା । ଭାରତ ସରକାର ମାଳଦ୍ୱୀପରେ ମେଡିକାଲ ଏୟାରଲିଫ୍ଟ ଏବଂ ଅନ୍ୟ ହାଇ ଆଭେଲିବିଟି ଡିଜାଷ୍ଟର ରିକଭରୀ ପାଇଁ ଦୁଇଟି ନୌସେନା ହେଲିକପ୍ଟର ଏବଂ ଗୋଟିଏ ଡୋର୍ନିୟର ବିମାନ ପଠାଇଥିଲେ । ମାତ୍ର ମାଳଦ୍ୱୀପ ସରକାର ଏସବୁକୁ ବ୍ୟବହାର କରିବାକୁ ଅନୁମତି ଦେଇନଥିଲେ । ଏନେଇ ଏବେ ମାଳଦ୍ୱୀପ ସରକାର ଏବଂ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କୁ ସମାଲୋଚିତ ହେବାକୁ ପଡ଼ିଛି । ସୂଚନା ଥାଉକି ଭାରତ ଯୋଡ ନ୍ୟାୟ ଯାତ୍ରା ୪ ଦିନ ହେବ ଆସାମରେ ଚାଲିଛି ।

## ଆମେରିକା ସ୍କୁଲ୍ ପାଠ୍ୟକ୍ରମରେ ହିନ୍ଦୀ ଭାଷା ସାମିଲ୍



**ନୂଆଦିଲ୍ଲୀ :** ଆମେରିକାରେ ଏଣିକି ହିନ୍ଦୀ ଶିକ୍ଷା । ସିଲିକନ୍ ଭ୍ୟାଲିର ୨ଟି ସରକାରୀ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷା ଦିଆଯିବ । ସ୍କୁଲ ପାଠ୍ୟକ୍ରମରେ ହିନ୍ଦୀକୁ ବିଶ୍ୱ ଭାଷା ଭାବେ ସାମିଲ୍ କରାଯାଇଛି । ଚଳିତ ବର୍ଷ ଅଗଷ୍ଟ ମାସରୁ ହିନ୍ଦୀ ଭାଷାରେ ପାଠପଢ଼ା ହେବ । ହିନ୍ଦୀକୁ ବିକଳ୍ପ ବିଷୟ ରୂପେ ସାମିଲ କରିବା ପରେ ଆମେରିକାରେ ଥିବା ଭାରତୀୟ ସମୁଦାୟ ଏହାକୁ ସ୍ୱାଗତ କରିଛି । ଆମେରିକାରେ ରହୁଥିବା ଭାରତୀୟ ବଂଶୋଦ୍ଭବ ନିଜ ପିଲାମାନଙ୍କୁ ହିନ୍ଦୀ ଶିକ୍ଷାଦାନ ପାଇଁ ଦାବି କରିଥିଲେ । କାଲିଫୋର୍ନିଆରେ ଫ୍ରେମୋଣ୍ଟ୍ ଏକ ସଂସ୍ଥା ଯେଉଁଠି ଭାରତୀୟ-ଆମେରିକୀୟଙ୍କ ସଂଖ୍ୟା ସର୍ବାଧିକ । ଏହି ଭାରତୀୟ ବଂଶୋଦ୍ଭବ ସ୍କୁଲରେ ହିନ୍ଦୀ ଶିକ୍ଷା ପାଇଁ ଦାବି କରିବା ପରେ ଫ୍ରେମୋଣ୍ଟ୍ ୟୁନିଫାଇଡ୍ ସ୍କୁଲ ଡିଷ୍ଟ୍ରିକ୍ଟ୍ ବୋର୍ଡ ପାଇଲଟ୍ ପ୍ରୋଗ୍ରାମରେ ହିନ୍ଦୀକୁ ବିଶ୍ୱ ବିକଳ୍ପ ଭାଷାରେ ସାମିଲ୍ କରିଛନ୍ତି । ବିଦ୍ୟାଳୟରେ ହିନ୍ଦୀ ଶିକ୍ଷା ପାଇଁ ଜାନୁଆରୀ ୧୭ ତାରିଖରେ ଏକ ପ୍ରସ୍ତାବ ପାରିତ କରାଯାଇଛି । ତେବେ ଆସନ୍ତା ୨୦୨୪-୨୫ ଶକ୍ଷିକ ବର୍ଷର ଅଗଷ୍ଟ ମାସରେ ପାଠପଢ଼ା ଆରମ୍ଭ ହେବ । ହାର୍ନର ମିଡିଲ୍ ସ୍କୁଲ ଏବଂ ଇରାଭ୍ଙ୍ଗିଟନ ହାଇସ୍କୁଲ ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ସାମିଲ କରାଯାଇଛି । ହାର୍ନର ମିଡିଲ୍ ସ୍କୁଲ ଏବଂ ଇରାଭ୍ଙ୍ଗିଟନ ହାଇସ୍କୁଲରେ ୬୫ ପ୍ରତିଶତ ଶିକ୍ଷାର୍ଥୀ ଭାରତୀୟ-ଆମେରିକା । ତେଣୁ ଏତହି ଦୁଇ ସ୍କୁଲର ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ସାମିଲ କରାଯାଉଛି । ଏନେଇ ବିଦ୍ୟାଳୟର ବୋର୍ଡ ସଦସ୍ୟ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ।

## ଭାରତ ଯୋଡ଼ ନ୍ୟାୟ ଯାତ୍ରା ଉପରେ ଆକ୍ରମଣ



**ଆସାମ :** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଭାରତ ଯୋଡ ନ୍ୟାୟ ଯାତ୍ରା ଏବେ ଆସାମରେ ଚାଲିଛି । ଆସାମର ଜମୁଗୁଡି ଠାରେ ବିଜେପି ସମର୍ଥକମାନେ ଏହି ରାଲି ଉପରକୁ ଆକ୍ରମଣ କରିବା ସହ ଗାଡି ଭାଙ୍ଗି ଦେଇଥିବା କଂଗ୍ରେସ ଅଭିଯୋଗ କରିଛି । ରାହୁଲ ଗାନ୍ଧୀଙ୍କର ଏହି ଯାତ୍ରା ଜମୁଗୁଡି ଠାରେ ପହଂଚିବା ପୂର୍ବରୁ ବିଜେପି କର୍ମୀମାନେ ଏକ ରାଲି ବାହାର କରିଥିଲେ । ଉଭୟ ରାଲି ପାଖା ପାଖି ଯାଉଥିବା ବେଳେ ବିଜେପି କର୍ମୀମାନେ କଂଗ୍ରେସ ରାଲି ଉପରକୁ ଢେଲା ପଥର ମାଡ କରିଥିଲେ । ଏଥିରେ କଂଗ୍ରେସ ରାଲିରେ ଥିବା କିଛି ଗାଡି ଭାଙ୍ଗିଯିବା ସହ କିଛି କର୍ମୀ ଆହାତ ହୋଇଛନ୍ତି । କଂଗ୍ରେସ ଅଭିଯୋଗ କରିଛି କି, ବିଜେପି କର୍ମୀମାନେ କଂଗ୍ରେସ ନେତା ଜୟରାମ ରମେଶଙ୍କ ଗାଡି ଉପରକୁ ଆକ୍ରମଣ କରିବା ସହ ଯାତ୍ରାରେ ସାମିଲ କ୍ୟାମେରା ମ୍ୟାନଙ୍କ ସହ ବିଜେପି କର୍ମୀମାନେ ମାଡପିଟ୍ କରିଛନ୍ତି ।

## କୋଲ୍ଡ ୱାର ପରେ ନାଟୋ କରିବ ସବୁଠାରୁ ବଡ ଯୁଦ୍ଧାଭ୍ୟାସ

**ମସ୍କୋ :** ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ହେବାର ଦୁଇ ବର୍ଷରୁ ଅଧିକ ସମୟ ବିତିଗଲାଣି । ଏହି ଯୁଦ୍ଧ ମଧ୍ୟରେ ନାଟୋ ଦ୍ୱାରା ସବୁଠାରୁ ବଡ ଯୁଦ୍ଧାଭ୍ୟାସ ଆରମ୍ଭ ହେବାକୁ ଯାଉଛି । ଶୀତଳ ଯୁଦ୍ଧ ପରେ ଏହା ସବୁଠାରୁ ବଡ ଯୁଦ୍ଧାଭ୍ୟାସ ହେବ, ଯେଉଁଥିରେ ପ୍ରାୟ ୯୦,୦୦୦ ସେନା ସାମିଲ ହେବେ । ଏହି ଅଭ୍ୟାସ ବିରୋଧରେ ରୁଷିଆର ଉପ ବୈଦେଶିକ ମନ୍ତ୍ରୀ ଆଲେକ୍ସଜାଣ୍ଡା ? ଗ୍ରୁସ୍କୋ ବିରୋଧ କରିଛନ୍ତି । ସେ କହିଛନ୍ତି ଯେ ନାଟୋ ମିଳିତ ମଞ୍ଚର ଶୀତଳ ଯୁଦ୍ଧ ଯୋଜନାକୁ ପ୍ରତ୍ୟାବର୍ତ୍ତନ ହୋଇଛି । ଗ୍ରୁସ୍କୋ କହିଛନ୍ତି ଯେ ଏହି ମନିଭର୍ସ ପାଶ୍ଚାତ୍ୟ ରୁଷିଆ ବିରୁଦ୍ଧରେ ଚାଲିଥିବା ହାଇବ୍ରିଡ ଯୁଦ୍ଧର ଆଉ ଏକ ପ୍ରମାଣ । ସେ କହିଛନ୍ତି ଯେ ଏହି ଅଭ୍ୟାସ ଶୀତଳ ଯୁଦ୍ଧ ଯୋଜନା ପ୍ରତ୍ୟାବର୍ତ୍ତନର ପ୍ରତୀକ ଅଟେ । ଏହି ବ୍ୟାୟାମ ରୁଷିଆ ସହିତ ମୁହାଁମୁହିଁ ପାଇଁ ପ୍ରସ୍ତୁତ ହେଉଛି । ତେବେ ରୁଷିଆ ଏହି ଯୁଦ୍ଧ ବିଷୟରେ କିଛି କହିନାହିଁ । ଶୀତଳ ଯୁଦ୍ଧ ପରଠାରୁ ନାଟୋ ଗୁରୁବାର ଏହାର ସର୍ବ ବୃହତ ସାମରିକ ଅଭ୍ୟାସ ଆରମ୍ଭ କରୁଛି ବୋଲି କହିଛି । ଏଥିରେ ପ୍ରାୟ ୯୦,୦୦୦ ସୈନିକ ସାମିଲ ହେବେ । ଏହି ଅଭ୍ୟାସରେ ୩୧ଟି ଦେଶର ସୈନ୍ୟ ଅଂଶଗ୍ରହଣ କରିବେ ।




## ଭାରତର ପ୍ରଥମ 'ଡାର୍କ ସ୍କାଏ ପାର୍କ' ମାନ୍ୟତା ପାଇଲା ପେଞ୍ଚ୍ ବ୍ୟାଘ୍ର ସଂରକ୍ଷଣ



**ନୂଆଦିଲ୍ଲୀ:** ମହାରାଷ୍ଟ୍ରର 'ପେଞ୍ଚ୍ ବ୍ୟାଘ୍ର ସଂରକ୍ଷଣ'କୁ (ପିଟିଆର) ଦେଶର ପ୍ରଥମ ତଥା ଏସିଆର ୫ମ 'ଡାର୍କ ସ୍କାଏ ପାର୍କ' ବା ଅନ୍ଧକାରରାଚ୍ଛନ୍ନ ଆକାଶ ଉଦ୍ୟାନ ମାନ୍ୟତା ମିଳିଛି । ସୂଚନାଯୋଗ୍ୟ, 'ଡାର୍କ ସ୍କାଏ ପାର୍କ' ହେଉଛି ଏଭଳି ଏକ ଅଞ୍ଚଳ ଯାହା ଚତୁଃପାର୍ଶ୍ୱରେ କୃତ୍ରିମ ଆଲୋକ ପ୍ରଦୂଷଣ ଉପରେ କଟକଣା ଲାଗୁ କରାଯାଇ ରାତ୍ରିଚର ଜୀବଙ୍କୁ ସୁରକ୍ଷିତ ରଖାଯାଇଥାଏ । ରାତିର ଆକାଶକୁ ସୁରକ୍ଷିତ ରଖିବା ସହିତ ଆଲୋକ ପ୍ରଦୂଷଣରେ ବାଧା ଦେଇଥିବାରୁ ସମ୍ପ୍ରତି ଏହି ରାଷ୍ଟ୍ରୀୟ ଉଦ୍ୟାନ ଜ୍ୟୋତିର୍ବିଦ୍ୟା ପ୍ରତି ଆଗ୍ରହୀ ବ୍ୟକ୍ତିମାନଙ୍କ ପାଇଁ ଆଦର୍ଶ ସ୍ଥାନ ହୋଇ ପାରିଛି । ରାତି ଆକାଶର ଗୁରୁତ୍ୱକୁ, ପ୍ରାକୃତିକ, ସାଂସ୍କୃତିକ ଓ ଐତିହାସିକ ସମ୍ବଳ ବୋଲି କହି 'ଇଣ୍ଟରନ୍ୟାସ୍ନାଲ୍ ୟୁନିୟନ୍ ଫାର କଞ୍ଜରଭେସନ୍ ଅଫ୍ ନେଚର' ପ୍ରକୃତି ସଂରକ୍ଷଣ, ସଂରକ୍ଷିତ ଅଞ୍ଚଳରେ ଜୈ?ବପରିବେଶର ଅଖଣ୍ଡତା ସମୃଦ୍ଧ ନଗରୀଗୁଡ଼ିକରେ ଜନସାଧାରଣଙ୍କ ହିତ ଲାଗି ପ୍ରାକୃତିକ ଅନ୍ଧାରକୁ ଅକ୍ଷୁଣ୍ଣ ରଖିବା ଉପରେ ଗୁରୁତ୍ୱାରୋପ କରିଛି ବୋଲି 'ପିଟିଆର'ର ଉପନିର୍ଦ୍ଦେଶକ ପ୍ରଭୁ ଶୁକ୍ଳା ।

## ଅଭେଦ୍ୟ ଦୁର୍ଗରେ ପରିଣତ ହେଲା ଅଯୋଧ୍ୟା

**ଅଯୋଧ୍ୟା :** ଜାନୁଆରୀ ୨୨ରେ ଭଗବାନ ଶ୍ରୀରାମଙ୍କ ସହର ଅଯୋଧ୍ୟାରେ ରାମଲାଲାଙ୍କର ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ବର୍ତ୍ତମାନ ପ୍ରାଣ ପ୍ରତିଷ୍ଠା ପାଇଁ ମାତ୍ର କିଛି ଘଣ୍ଟା ବାକି ଅଛି । ଏହି କାର୍ଯ୍ୟ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି ଏବଂ କଡା ସୁରକ୍ଷା ବ୍ୟବସ୍ଥା କରାଯାଉଛି । ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରି ରାମ ନାଗରୀ ଏକ ଅଭେଦ୍ୟ ଦୁର୍ଗରେ ପରିଣତ କରାଯାଇଛି । ଚାରିଆଡେ ଯବାନଙ୍କ କଡ଼ା ପହରା ରହିଛି । ମିଳିଥିବା ସୂଚନା ଅନୁଯାୟୀ, ବ୍ଲାକକେଟ କମାଣ୍ଡୋ, ସଶସ୍ତ୍ର ଯାନ ଏବଂ ଡ୍ରୋନ ସାହାଯ୍ୟରେ ଅଯୋଧ୍ୟାର ସୁରକ୍ଷା ବ୍ୟବସ୍ଥା କରାଯାଉଛି । ସରଯୂ ନଦୀଠାରେ ମଧ୍ୟ ଏନଡିଆରଏଫ ଦଳ ନିୟୋଜିତ ହୋଇଛନ୍ତି । ଅଯୋଧ୍ୟାର ପ୍ରତ୍ୟେକ ଛକରେ ପୋଲିସ ଏବଂ କମାଣ୍ଡୋ ନିୟୋଜିତ ଅଛନ୍ତି । ବାହାର ଲୋକଙ୍କ ପ୍ରବେଶ ମଧ୍ୟ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । କେତେକ ଅଞ୍ଚଳରେ ଅଯୋଧ୍ୟା ଲୋକଙ୍କ ପରିଚୟ ପତ୍ର ମଧ୍ୟ ଯାଞ୍ଚ କରାଯାଉଛି । ସୁରକ୍ଷା ପାଇଁ ୩ ଡିଜି ପୋଲିସ ନିୟୋଜିତ ହୋଇଛନ୍ତି । ଅଯୋଧ୍ୟାରେ ୧୭ ଆଇପିଏସ, ୧୦୦ ପିପିଏସ, ୩୨୫ଇନ୍ସପେକ୍ଟର, ୮୦୦ ସବ ଇନ୍ସପେକ୍ଟର ଏବଂ ୧୦୦୦ ରୁ ଅଧିକ କନଷ୍ଟେବଳ ନିୟୋଜିତ ହୋଇଛନ୍ତି । ଅଯୋଧ୍ୟାକୁ ରେଡ ଏବଂ ୟେଲୋ ଜୋନରେ ବିଭକ୍ତ କରାଯାଇଛି । ରେଡ ଜୋନରେ ୩ ବାଟାଲିୟନ ପିଏସି ନିୟୋଜିତ ହୋଇଛନ୍ତି । ୟେଲୋ ଜୋନରେ ୭ ବାଟାଲିୟନ ନିୟୋଜିତ ହୋଇଛନ୍ତି । ପୋଲିସ ବ୍ୟତୀତ ବେସରକାରୀ ସୁରକ୍ଷା ଏଜେନ୍ସିମାନଙ୍କୁ ମଧ୍ୟ ଅଯୋଧ୍ୟାଙ୍କ ସୁରକ୍ଷା ଦାୟିତ୍ୱ ଦିଆଯାଇଛି । ମନ୍ଦିରର ସୁରକ୍ଷା ପାଇଁ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ) ଏବଂ ପିଏସି ନିୟୋଜିତ କରାଯାଇଛି । ସହରର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୟୁପି ପୋଲିସ ପକ୍ଷରୁ ଅତିରିକ୍ତ ଯବାନ ନିୟୋଜିତ କରାଯାଇଛି ଏବଂ ଏଆଇ, ସିସିଟିଭି ଏବଂ ଡ୍ରୋନ ମାଧ୍ୟମରେ ସହର ଉପରେ ନଜର ରଖାଯାଇଛି । ଯଦି କୌଣସି ହିଷ୍ଟ୍ରିସିଟର ମନ୍ଦିର ପରିସରକୁ ଆସନ୍ତି, ତେବେ ତାଙ୍କୁ କିଛି ସେକେଣ୍ଡ ମଧ୍ୟରେ କ୍ୟାମେରା ମାଧ୍ୟମରେ ଚିହ୍ନଟ କରାଯିବ । ଯେକୌଣସି ଅପରାଧୀ କିମ୍ବା ଗ୍ୟାଙ୍ଗଷ୍ଟର ମନ୍ଦିର ପରିସରକୁ ଆସିବାକୁ ଚେଷ୍ଟା କରିବା ମାତ୍ରେ ସେ ତୁରନ୍ତ ପୋଲିସ ଦୃଷ୍ଟିରେ ଧରା ପଡ଼ିବେ ।



## ୧୦୭ ଦିନରେ ଇସ୍ରାଏଲ-ହମାସ ଯୁଦ୍ଧ ମୃତକଙ୍କ ସଂଖ୍ୟା ୨୫ ହଜାର ଟପିଲା

**ତେଲ :** ଗତ ବର୍ଷ ଇସ୍ରାଏଲ ଏବଂ ହମାସ ମଧ୍ୟରେ ହିଂସାତ୍ମକ ବିବାଦ ଆରମ୍ଭ ହୋଇଥିଲା । ଅକ୍ଟୋବର ୭, ୨୦୨୩ ରେ ଇସ୍ରାଏଲ ଉପରେ ହମାସ ଆକ୍ରମଣ ପରେ, ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ) ସେନାମାନେ ଗାଜା ଅଞ୍ଚଳରେ ହମାସ ଆତଙ୍କବାଦୀ ଟାର୍ଗେଟରେ ଲଗାତାର ବୋମା ମାଡ କରୁଛନ୍ତି । ଗତ ୧୦୭ଦିନ ମଧ୍ୟରେ ହୋଇଥିବା ହିଂସାତ୍ମକ ସଂଘର୍ଷରେ ୨୫ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ୧୭୮ ଜଣଙ୍କର ମୃତ୍ୟୁ ହୋଇଛି । ମୃତଶରୀର ଉଦ୍ଧାର ବ୍ୟତୀତ ୩୦୦ରୁ ଅଧିକ ଲୋକ ଆହତ ହୋଇଥିବା ଖବର ମଧ୍ୟ ସାମ୍ନାକୁ ଆସିଛି । ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରବିବାର କହିଛି ଯେ ତିନି ମାସରୁ ଅଧିକ ସମୟ ଧରି ଇସ୍ରାଏଲ ଏବଂ ହମାସ ଶାସକମାନଙ୍କ ମଧ୍ୟରେ ଯୁଦ୍ଧ ଚାଲିଛି । ଏଥିରେ ହଜାର ହଜାର ପାଲେଷ୍ଟାଇନୀୟଙ୍କ ମୃତ୍ୟୁ ଘଟିଛି । ଏହି ସଂଖ୍ୟା ୨୫ ହଜାର ଅତିକ୍ରମ କରିଛି ।



## ଆଫଗାନିସ୍ତାନରେ ହୋଇନାହିଁ ଭାରତୀୟ ବିମାନ ଦୁର୍ଘଟଣାଗ୍ରସ୍ତ


**ନୂଆଦିଲ୍ଲୀ :** ଆଫଗାନିସ୍ତାନର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନଟି ଭାରତର ନଥିବା ସ୍ପଷ୍ଟ କରିଛି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ । ବଦଖଶାନ ପ୍ରୋଭିନ୍ସର ପାର୍ବତ୍ୟ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି । ବିମାନଟି ରୁଷିଆ ଯାଉଥିଲା ବେଳେ ପାହାଡ଼ରେ ପିଟି ହୋଇ ଖସିପଡିଥିବା କୁହାଯାଉଛି । ଡିଜିସିଏ ପକ୍ଷରୁ କୁହାଯାଇଛି ଯେ, ଆଫଗାନିସ୍ତାନରେ ଘଟିଥିବା ଦୁର୍ଭାଗ୍ୟଜନକ ବିମାନ ଦୁର୍ଘଟଣା ନା ଭାରତୀୟ ବିମାନ ନା ଏକ ଚାର୍ଟର ବିମାନ । ଏହା ମୋରୋକୋ-ପଞ୍ଜୀକୃତ ଛୋଟ ବିମାନ ଅଟେ । ବର୍ତ୍ତମାନ ଅଧିକ ସୂଚନାକୁ ଅପେକ୍ଷା କରାଯାଇଛି । ଅନ୍ୟପଟେ ଏହି ଘଟଣାରେ ଋଷ ବିମାନ ଚଳାଚଳ କର୍ତ୍ତୃପକ୍ଷ କହିଛନ୍ତି ଯେ ବିମାନରେ ଥିବା ୬ ଜଣଙ୍କ ସହରଷର ଏକ ପଞ୍ଜୀକୃତ ବିମାନ ଶନିବାର ସନ୍ଧ୍ୟାରେ ଆଫଗାନିସ୍ତାନ ଉପରେ ରାଡାର ସ୍କ୍ରିନରୁ ଅଦୃଶ୍ୟ ହୋଇଯାଇଛି ।

## ପ୍ରାଣ ପ୍ରତିଷ୍ଠାର ସିଧା ପ୍ରସାରଣ ଉପରେ ପ୍ରତିବନ୍ଧକ ଲଗାଇଲେ ତାମିଲନାଡୁ ସରକାର




**ନୂଆଦିଲ୍ଲୀ :** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାମିଲନାଡୁ ସରକାର ଉପରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି କି ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟାରେ ହେବାକୁ ଥିବା ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠାର ସିଧା ପ୍ରସାରଣ ଉପରେ ତାମିଲନାଡୁ ସରକାର ପ୍ରତିବନ୍ଧକ ଲଗାଇଛନ୍ତି । ଏକ ତାମିଲ ଖବର କାଗଜର ଖବରକୁ ଉଦ୍ଧୃତ କରି କହିଛନ୍ତି କି, ତାମିଲନାଡୁ ସରକାର କେବଳ ପ୍ରାଣ ପ୍ରତିଷ୍ଠାର ସିଧା ପ୍ରସାରଣ ନୁହେଁ ବରଂ ରାଜ୍ୟରେ ଥିବା ରାମ ମନ୍ଦିରଗୁଡିକରେ ପ୍ରାଣ ପ୍ରତିଷ୍ଠା ଦିନ ପୂଜା କରିବା ଉପରେ ରୋକ୍ ଲଗାଇଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି କି, ହିନ୍ଦୁ ଧାର୍ମିକ ଓ ଧର୍ମାନୁଷ୍ଠାନ ବିଭାଗ ଦ୍ୱାରା ପରିଚାଳିତ ମନ୍ଦିରଗୁଡିକରେ ଶ୍ରୀରାମଙ୍କ ନାମରେ କୌଣସି ପୂଜା, ଭଜନ, ପ୍ରସାଦ ଅନ୍ନଦାନକୁ ମଧ୍ୟ ତାମିଲନାଡୁ ସରକାର ଅନୁମତି ଦେଇନାହାଁନ୍ତି । ପୋଲିସ ମଧ୍ୟ ଘରୋଇ ମନ୍ଦିରଗୁଡିକରେ କାର୍ଯ୍ୟକ୍ରମ କରିବା ଉପରେ ରୋକ ଲଗାଇଛି । ଏହାସହ ଯେଉଁ ମଣ୍ଡପରେ ଶ୍ରୀରାମଙ୍କ ପୂଜା କରିବାର ଦେଖିବାକୁ ମିଳିବ ତାହାକୁ ଭାଙ୍ଗିଦେବାକୁ ଆୟୋଜକଙ୍କୁ ଧମକ ଦିଆଯାଉଥିବା କଥା କହିଛନ୍ତି ଅର୍ଥମନ୍ତ୍ରୀ । ଏକ ତାମିଲ ଖବର କାଗଜର ରିପୋର୍ଟକୁ ଟ୍ୟାଗ୍ କରି ଅର୍ଥମନ୍ତ୍ରୀ କହିଛନ୍ତି କି, ସେମାନେ ହିନ୍ଦୁ ବିରୋଧୀ ଓ ଏଭଳି ଘୃଣିତ କାର୍ଯ୍ୟପାଇଁ ତାମିଲନାଡୁ ସରକାରଙ୍କୁ କଡା ନିନ୍ଦା କରିଛନ୍ତି । ଅର୍ଥମନ୍ତ୍ରୀଙ୍କ ଏଭଳି ଅଭିଯୋଗ ଉପରେ ପ୍ରତିକ୍ରିୟା ଦେଇ ତାମିଲନାଡୁ ସରକାରରେ ମନ୍ତ୍ରୀ ଥିବା ପିକେ ଶେଖର ବାବୁ କହିଛନ୍ତି କି, ଏଭଳି କୌଣସି ପ୍ରତିବନ୍ଧକ ଲଗାଯାଇନାହିଁ । ସେ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ଦାବି କରିଛନ୍ତି କି, ସଲେମ ଠାରେ ଚାଲିଥିବା ଡିଏମକେ ଯୁବଶାଖା ସମ୍ମିଳନୀରୁ ଲୋକମାନଙ୍କ ଧ୍ୟାନ ହଟାଇବାକୁ ଏଭଳି ମିଥ୍ୟା ପ୍ରଚାର କରାଯାଉଛି ।

## ଖୁବ୍ ଶୀଘ୍ର ପିୟୋଙ୍ଗ୍ୟାଙ୍ଗ୍ ଗସ୍ତରେ ଆସିବେ ପୁଟିନ୍: ଉତ୍ତର କୋରିଆ



**ସିଓଲ୍:** ଖୁବ୍ ଶୀଘ୍ର ଉତ୍ତର ପିୟୋଙ୍ଗ୍ୟାଙ୍ଗ୍ ଗସ୍ତରେ ଆସିବାକୁ ରୁଷ୍‌ର ରାଷ୍ଟ୍ରପତି ଭ୍ଲାଦିମର ପୁଟିନ୍ ଆଗ୍ରହ ପ୍ରକାଶ କରିଥିବା କଥା ଆଜି ଉତ୍ତର କୋରିଆର ରାଷ୍ଟ୍ରାୟତ ଗଣମାଧ୍ୟମ 'କେସିଏନ୍ଏ' ରିପୋର୍ଟ କରିଛି । ବୈଦେଶିକ ମନ୍ତ୍ରାଳୟର ଜଣେ ଅଧିକାରୀଙ୍କଠାରୁ ସୂଚନା ସଂଗ୍ରହ କରି 'କେସିଏନ୍ଏ' କହିଛି, ଗତ ସପ୍ତାହରେ ରୁଷ୍ ଗସ୍ତ କରିଥିବା ଉତ୍ତର କୋରିଆର ବୈଦେଶିକ ମନ୍ତ୍ରୀ ଚୋ ସନ୍ ହ୍ୱେଙ୍କ ସହିତ ସାକ୍ଷାତ ବେଳେ ପୁଟିନ୍ ନିମନ୍ତ୍ରଣ ଲାଗି କିମ୍ ଜଙ୍ଗ୍ ଉନ୍‌ଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ । ରିପୋର୍ଟରେ ଉଲ୍ଲେଖ ଅଛି, ୟୁକ୍ରେନ୍ ଯୁଦ୍ଧରେ ସମର୍ଥନ ଓ ସହଯୋଗ ଲାଗି ରୁଷ୍ ଉତ୍ତର କୋରିଆକୁ ଧନ୍ୟବାଦ ଜଣାଇଛି । ଏହାଛଡ଼ା, ପିୟୋଙ୍ଗ୍ୟାଙ୍ଗ୍‌ର ସାର୍ବଭୌମ ଅଧିକାର କ୍ଷୁଣ୍ଣ କରିବା ଲାଗି ଆମେରିକା ଓ ତା'ର ମିତ୍ର ଦେଶମାନେ ଚଳାଇଥିବା କ୍ରୋଧ ଉଦ୍ରେକକାରୀ କାର୍ଯ୍ୟ ଉପରେ ଦୁହେଁ ଉଦ୍‌ବେଗ ପ୍ରକାଶ କରିଥିଲେ । ଆଞ୍ଚଳିକ ବ୍ୟାପାରରେ ଉଭୟ ଉଭୟଙ୍କୁ ସହଯୋଗ କରିବେ ବୋଲି ମଧ୍ୟ ସହମତ ହୋଇଛନ୍ତି । ଜାତିସଂଘ 'ଚାର୍ଟର' ଓ ଅନ୍ୟାନ୍ୟ ଆନ୍ତର୍ଜାତିକ ଆଇନ ଅନୁଯାୟୀ ପିୟୋଙ୍ଗ୍ୟାଙ୍ଗ୍ ଓ ମସ୍କୋ ମଧ୍ୟରେ ସହଯୋଗ ରକ୍ଷା କରାଯିବ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

# ପ୍ରାଣ ପ୍ରତିଷ୍ଠା ପୂର୍ବରୁ ରଙ୍ଗୀନ ଫୁଲରେ ସଜାଗଲା ରାମମନ୍ଦିର




**ନୂଆଦିଲ୍ଲୀ :** ଜାନୁଆରୀ ୨୨ରେ ଅଯୋଧ୍ୟାରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ସମାରୋହ ଆୟୋଜନ ହେବାକୁ ଯାଉଛି । ଏହି କାରଣରୁ ସମଗ୍ର ଅଯୋଧ୍ୟା ସହରକୁ ସଜାଯାଇଛି । ଏହି ସମୟରେ ଅନେକ ଫୁଲରେ ରାମ ମନ୍ଦିରକୁ ସଜାଯାଇଛି । ଜାନୁଆରୀ ୨୨ ରେ ଅଯୋଧ୍ୟାରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ । ଯେଉଁଥିପାଇଁ ସମଗ୍ର ଦେଶରେ ଉତ୍ସବ ପାଳନ କରିବାର ପରିବେଶ ରହିଛି । ପ୍ରାୟ ୫୦୦ ବର୍ଷ ପରେ ରାମଲଲା ରାମ ମନ୍ଦିରରେ ବିରାଜମାନ କରିବେ । ଅଯୋଧ୍ୟାରେ ରାମଲଲାଙ୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଅଛି । ବର୍ତ୍ତମାନ ରାମ ମନ୍ଦିରର ଏକ ସୁନ୍ଦର ଫଟୋ ସାମ୍ନାକୁ ଆସିଛି । ରାମ ମନ୍ଦିରର ଫଟୋ ବହୁତ ସୁନ୍ଦର ଆସିଛି । ଯାହା ଦେଖିବା ପରେ ଭକ୍ତମାନେ ଖୁସିରେ ମସଗୁଲ୍ । ଏହା ଦେଖିବାକୁ ମିଳିଛି କି ରାମ ମନ୍ଦିରକୁ ନା ନା ଫୁଲରେ ସଜାଯାଇଛି । ଫୁଲରେ ଭର୍ତ୍ତି ହୋଇଥିବା ମନ୍ଦିରର ସୌନ୍ଦର୍ଯ୍ୟ ଦେଖିବା ଯୋଗ୍ୟ । ପ୍ରାଣ ପ୍ରତିଷ୍ଠା ପୂର୍ବରୁ ରାମ ମନ୍ଦିରର ଭବ୍ୟତା ଦେଖାଯାଇଛି । ଫୁଲରେ ସଜାଯାଇଥିବା ମନ୍ଦିର ଆହୁରି ସୁନ୍ଦର ଦେଖାଯାଉଛି । ମନ୍ଦିରର ପ୍ରତ୍ୟେକ କୋଣ ଅନୁକୋଣ ଫୁଲରେ ଭରପୁର ସଜାଯାଇଛି । ଏହାର ସମାରୋହ ହେବା ପୂର୍ବରୁ ଅଯୋଧ୍ୟା ରାମମୟୀ ହୋଇଛି । ତେଣୁ ପ୍ରଧାନମନ୍ତ୍ରୀ ମୋଦୀ ଭଗବାନ ରାମଙ୍କ ଭବ୍ୟ ମନ୍ଦିରର ଉଦଘାଟନ କରିବେ । ଏହି କାର୍ଯ୍ୟକ୍ରମକୁ ସମଗ୍ର ଦେଶରେ ଆଲୋଚନା କରାଯାଉଛି । କହିବାକୁ ଗଲେ ରାମଲଲାଙ୍କ ସମର୍ପଣ ଜାନୁଆରୀ ୨୨ ରେ ହେବାକୁ ଯାଉଛି । ଯେଉଁଥିରେ ଆଉ ବହୁତ କମ୍ ସମୟ ବାକି ଅଛି । ଏହାପୂର୍ବରୁ ଅଯୋଧ୍ୟାକୁ କନିଆ ପରି ସଜାଯାଉଛି । ରାମ ନାଗରୀ ରାସ୍ତାରେ ରାମ ନାମରେ ପତାକା ଲଗାଯାଉଛି । ମନ୍ଦିରର ଗର୍ଭଗୃହ ସ୍ଥାନ ହେଉଛି ଏହାର ମୁଖ୍ୟ ଆକର୍ଷଣ କେନ୍ଦ୍ର । ପ୍ରଭୁ ରାମ ଏଠାରେ ସ୍ଥାପିତ ହେବେ । ଶ୍ରୀ ରାମଙ୍କ ସିଂହାସନ ବହୁତ ସୁନ୍ଦର ହୋଇଛି । ସୂଚନାନୁସାରେ, ସିଂହାସନ ପ୍ରାୟ ୩ ଫୁଟ ଉଚ୍ଚ ଅଟେ । ଭଗବାନ ଶ୍ରୀ ରାମଙ୍କ ମହାନ ମନ୍ଦିର ପ୍ରସ୍ତୁତ । ଏହା ବ୍ୟତୀତ ଅଯୋଧ୍ୟା ମଧ୍ୟ ପ୍ରସ୍ତୁତ ହେଉଛି । ସୁନ୍ଦର ପ୍ରବେଶ ଦ୍ୱାର, ରାସ୍ତାରେ ଚମକୁଥିବା ସୂର୍ଯ୍ୟ ସ୍ତମ୍ଭ, ପରିଷ୍କାର ଏବଂ ପ୍ରଶସ୍ତ ରାସ୍ତା, ପରିଷ୍କାର ଏବଂ ସ୍ୱଚ୍ଛ ସରଜୁ, ସୁନ୍ଦର ବେଳାଭୂମି, ରାମ କି ପେଡିର ଅଲୌକିକ ଆଭା । ଅଯୋଧ୍ୟାର ଦର୍ଶନ କରାଯିବ ।

# ମୟୂରଭଞ୍ଜ ଜିଲ୍ଲା ୧୦୫ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ



**ବାରିପଦା(ଅମୃତ ମିଡିଆ):** ଚତୁର୍ଥ ପର୍ଯ୍ୟାୟରେ ଗୁରୁବାର ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ କଳମା ସ୍ଥିତ ଭଞ୍ଜଭୂମି ବାଳିକା ଉଚ୍ଚ ବିଦ୍ୟାଳୟ ସେମତ ଆଭାସୀ ମାଧମେର ମୟୁରଭଞ୍ଜ ଜିଲ୍ଲାରେ ୧୦୫ଟି ରୂପାନ୍ତରିତ ସ୍କୁଲ ଲୋକାର୍ପିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ। ସ୍କୁଲକୁ ନୂଆ ରୂପ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଏବଂ ୫ଟି ଅଧକ୍ଷ କାର୍ତକେୟନ ପାଣ୍ଡିଆନଙ୍କୁ ଛାତ୍ରଛାତ୍ରୀ କୃତଜ୍ଞତା ଜଣାଇଛନ୍ତି। ଲୋକାପର୍ଣ ଅବସରରେ ଓଡ଼ିଶା ସରକାରଙ୍କ ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି , ମହିଳା,ଶିଶୁ ବିକାଶ ଓ ମିଶନଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଡ଼ା. ଦେବାଶିଷ ମାରାଣ୍ଡି, ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା ମଂଚାସୀନ ଥିବାବେଳେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ପିଲାମାନଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୫ଟି ଉପକ୍ରମେର ଏହି ରୂପାନ୍ତର କାର୍ଯ୍ୟକ୍ରମରେ ତୁମ ସ୍କୁଲେର ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲବୋଟୋରୀର ବ୍ୟବସ୍ଥା କରାଯାଇଛି। ଏହା ହେଉଛି ଟେକ୍‌ନୋଲୋଜିର ପ୍ରୟୋଗ। ସେହିଭଳି ଟିମ୍‌ୱାର୍କ ଜରିଆରେ ସମସ୍ତେ ମିଳିମିଶି କାମ କରୁଛନ୍ତି। ସମସ୍ତଙ୍କ ସହ ଆଲୋଚନା କରି ସବୁ କାମ ସ୍ୱଚ୍ଛତାର ଉପଯୋଗରେ ତୁମ ସ୍କୁଲ ମାନଙ୍କରେ ଆସିଛି ରୂପାନ୍ତର। ଯାହାକୁ ତୁମେ ଏବେ ଦେଖୁଛ ଓ ଅନୁଭବ କରୁଛ। ପରବର୍ତୀ ସମୟରେ ଭଞ୍ଜଭୂମି ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଆର୍ଯ୍ୟସତା ପ୍ରଧାନଙ୍କ ସହିତ ମୁଖ୍ୟମନ୍ତ୍ରୀ ସିଧାସଳଖ ବିଦ୍ୟାଳୟ ରୂପାନ୍ତରୀକରଣର ତାଙ୍କର ଅନୁଭବ ଶୁଣିଥିଲେ । ଅନ୍ୟମାନଙ୍କ ମଧରେ ସଂପୃକ୍ତ ଜିଲ୍ଲାର ଶିକ୍ଷା ବିଭାଗର ଉଚ୍ଚପଦସ୍ଥ ଅଧିକାରୀ, ଜିଲ୍ଲା ତଥା ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ, ମୟୁରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି,ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିଶୋର କୁମାର ଆଚାର୍ଯ୍ୟ, ବିଜେଡିର ଅନେକ ଆଗଧାଡିର ନେତା, ପଂଚାୟତ ପ୍ରତିନିଧି, ବିଭିନ୍ନ ସ୍କୁଲ ପରିଚାଳନା କମିଟି, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ ମୁଖ୍ୟମନ୍ତ୍ରୀ । ଶିକ୍ଷା ହିଁ ଆମ ସମାଜର ସାମୁହିକ ଚିନ୍ତାଧାରକୁ ଉଚ୍ଚସ୍ତରକୁ ନେଇଥାଏ । ସ୍କୁଲ ରୂପାନ୍ତର ଓଡିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି । ଆଗାମୀ ଦିନରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ।

# ରୋଗୀଙ୍କୁ ନୂଆ ଜୀବନ ଦେଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ



**ଗଜପତି(ଅମୃତ ମିଡିଆ):** ଗଜପତି ଜିଲ୍ଲାର ଆବାସିଂ ଗ୍ରାମର ଜଣେ ୨୫ ବର୍ଷୀୟା ମହିଳା, ସଜନୀ ଭୂୟାଁ ଜ୍ୱରରେ ପୀଡିତ ଥିଲେ ଓ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିଲେ । ଏହି ସଂକ୍ରାନ୍ତରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ତେବେ ଖରାପ ରାସ୍ତା କାରଣରୁ ତାଙ୍କୁ ହସ୍ପିଟାଲ ନେବାରେ ସମସ୍ୟା ସୃଷ୍ଟି ହୋଇଥିଲା । ୧୦୮ ଆମ୍ବୁଲାନ୍ସ ଆସିଥିଲେ ମଧ ରୋଗୀଙ୍କ ଘରଠାରୁ ୨ କିମି ଦୂରରେ ଅଟକି ଯାଇଥିଲା । ତେଣୁ ଆମ୍ବୁଲାନ୍ସ କର୍ମଚାରୀ ଯଥା ଇଏମଟି ବିଦ୍ୟାଧର ସାହୁ, ଚାଳକ ପ୍ରସାଦ କୁମାର ରାଘବ ଏବଂ ଆଟେଡାଂଟ ଜୟବ ଦଳବେହେରା ଏକ ଷ୍ଟ୍ରେଚର୍ ଯୋଗେ ରୋଗୀଙ୍କୁ ତାଙ୍କ ଘର ନୀକଟରୁ ବୋହିଆଣି ଆମ୍ବୁଲାନ୍ସ ନିକଟରେ ପହଂଚାଇଥିଲେ । ପରେ ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ ଅଣାଯାଇ ରାୟଗଡା ଡାକ୍ତରଖାନାରେ ଭର୍ତି କରାଯାଇଛି । ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଏହି ମାନବିକତା ଯୋଗୁଁ ସଜନୀ ଭୂୟାଁ ସଠିକ୍ ସମୟରେ ହସ୍ପିଟାଲରେ ପହଂଚିପାରିଲେ ଓ ତାଙ୍କର ଜୀବନ ରକ୍ଷା ହୋଇପାରିଲା । ଏହି ମହତ୍ କାର୍ଯ୍ୟ ପାଇଁ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଖୁବ ପ୍ରଶଂସା କରାଯାଇଛି ।

# ବାରିପଦାରେ ମହାଆଡ଼ମ୍ବରରେ ପାଳିତ ହେଉଛି ସୂର୍ଯ୍ୟପୂଜା

**ବାରିପଦା(ଅମୃତ ମିଡିଆ):** ଶାମ୍ବ ଦଶମିରେ ସୂର୍ଯ୍ୟୋଦବତାଙ୍କ ରଥାରୁଢ ପ୍ରତିମୂର୍ତିକୁ ପୁଜା କେଲ କୋଟି ଜନ୍ମର ପୂଣ୍ୟ ଲାଭ ଏବଂ ନିରୋଗ ଜୀବନ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି । ବାରିପଦା ବାଘରାରୋଡେର ଦୀର୍ଘ ୫୭ ବର୍ଷ ଧରି ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତବର୍ଷ ମଧ ଏହା ଧୂମଧାମରେ ପାଳିତ ହେଉଛି । ରଥାରୂଢ଼ ସୂର୍ଯ୍ୟ ଦେବତାଙ୍କ ପୂଜା ବାରିପଦାର ଏକମାତ୍ର ପୂଜା ହୋଇଥିବା ବେଳ ଏହା ଓଡିଶାେର ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିଛି। ସୂର୍ଯ୍ୟ ନାରାୟଣଙ୍କ ଅତି ସୁନ୍ଦର ମୃଣ୍ମୟ ମୂର୍ତି ସ୍ଥାପନ କରାଯାଇ ଏହିପୂଜା ଚାଲିଛି । କୁହାଯାଏ ଶ୍ରୀକୃଷ୍ଣ ଙ୍କ ପୁତ୍ର ଶାମ୍ବ ଦୁରାରୋଗ୍ୟର ପୀଡିତ ହୋଇ ଥିବା ବେଳ ବ୍ରହ୍ମାଙ୍କ ନଦେର୍ଶ ପାଇ ଶାମ୍ବ ଚନ୍ଦ୍ରଭାଗା କୂଳେର ସୂର୍ଯ୍ୟ ଆରାଧନା କରି ସୁସ୍ଥ ହୋଇ ଥିଲେ । ସେଇ ଦିନ ଠାରୁ ଶାମ୍ବ ଦଶମୀ ଅବସରେର ସୂର୍ଯ୍ୟ ପୂଜା ଅନୁଷ୍ଠିତ ହୋଇଆସୁଅଛି । ପୂଜା କମିଟିର ସଦସ୍ୟ ମାନଙ୍କ ପରିଶ୍ରମ ପାଇଁ ଚଳିତ ବର୍ଷ ସୁନ୍ଦର ମୂର୍ତି ସାଙ୍ଗକୁ ରଙ୍ଗେବରଙ୍ଗର ତୋରଣେର ଝଲସୁଛି ବାଘଡା ରୋଡ୍ ଅଂଚଳ । ସାମ୍ବଦଶମୀ ଅବସରେର ବାରିପଦା ବୁଢାବଳଙ୍ଗ ନଦୀରୁ ଘଟ ଉେତାଳନ କରିବା ପେର ଏକ ବିରାଟ ଶୋଭାଯାତ୍ରାେର ସୂର୍ଯ୍ୟ ଦେବଙ୍କ ଘଟକୁ ପୂଜାସ୍ଥଳକୁ ଅଣା ଯାଇଥିଲା । ଘଟ ପରିକ୍ରମା ସମୟେର ମୋରଡା ବିଧାୟକ ରାଜ କିଶୋର ଦାସ, ପୂବର୍ତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ଓଡିଶା କୃଷି ନିଗମ ଅଧକ୍ଷ ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିବା ବେଳ, ସୂର୍ଯ୍ୟ ଦେବଙ୍କ ମୂର୍ତିରେ ପ୍ରାଣ ପ୍ରତିଷ୍ଠା ପେର ସାଧାରଣ ଭକ୍ତମାେନ ପୂଜା କରାଇଥିଲେ । ପୂଜା କମିଟିର ସଦସ୍ୟ ସନତ କୁମାର ପ୍ରହରାଜ, ମାନସ ରଞ୍ଜନ ସାହୁ, ଶୋଭନ ଦାସ, ସ୍ନେହାଶିଷ ମହାନ୍ତି, ଅଭିଷେକ ଦାଶ, ଆକାଶ ନନ୍ଦ,ବିଜୟ କୁମାର ବେହେରା, ଶୁଭକାନ୍ତ ମିଶ୍ର, ଲକି ଜେନା, ବିକ୍ରମ କେଶରୀ ଜେନା ପ୍ରମୁଖ ସମସ୍ତ ପ୍ରକାର କାର୍ଯ୍ୟ ରେ ସହେଯାଗ କରୁଛନ୍ତି ।

# ବିଜେଡିରୁ ଜଗନ୍ନାଥ ଇସ୍ତଫା ଦେବାପରେ ରାଜନୀତି ଚଳଚଂଚଳ

**ବାରିପଦା(ଅମୃତ ମିଡିଆ):** ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୀତି କ୍ଷେତ୍ରରେ ସେତିକି ରୋଚକ ସମ୍ବାଦ ଶୁଣିବାକୁ ମିଳୁଛି । କାଲି ଯିଏ ପର ଆଜି ସିଏ ନିଜର ଏହି ନୀତିରେ କିଛି ବିରୋଧ ଓ କିଛି ଆତ୍ମୀୟତାର ଭାବ ଦେଖିବାକୁ ମିଳୁଛି । ମୟୂରଭ ଜିଲ୍ଲା ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ୨୪ ନଂ ଜିଲ୍ଲା ପରିଷଦ ସଦସ୍ୟ ଜଗନ୍ନାଥ ମଲ୍ଲିକ ଇସ୍ତଫାଦେବା ପରେ ନୂଆ ସମୀକରଣ ସୃଷ୍ଟି ହେବାକୁ ଯାଉଛି । ସେ ତାଙ୍କ ଇସ୍ତଫା ପତ୍ରରେ ନିଜର ବ୍ୟକ୍ତିଗତ ସମସ୍ୟା ପାଇଁ ଦଳରୁ ଇସ୍ତଫା ଦେଇ ଥିବା ର ଉଲ୍ଲେଖ କରିଥିଲେ ମଧ ଭାରତୀୟ ଜନତା ପାର୍ଟି ପ୍ରତି ଆନୁଗତ୍ୟ ଥିବାର ରାଜନୈତିକ ମହଲରେ କୁହାଯାଉଛି । ତାଙ୍କର ବ୍ୟକ୍ତିଗତ ଜୀବନୀରୁ ଯାହା ଜଣାଯାଏ ରାଜନୀତି କ୍ଷେତ୍ରରେ ତାଙ୍କର ରୁଚି ଥିବାରୁ କଲେଜ ପଢିବା ସମୟରେ ଛାତ୍ର ନେତା ଭାବେ ବେଶ ସୁନାମ ଅର୍ଜନ କରିଥିଲେ । ପ୍ରତ୍ୟେକ୍ଷ ରାଜନୀତି ରେ ଆସି ସାଧାରଣ ଲୋକଙ୍କ ସେବା କରିବା ପାଇଁ ଆଗେଇ ଆସିଥିଲେ । ଗତ ୨୦୧୪ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଭାବେ ବିଜେଡି ଦଳର ଜଣେ ଆଗ



ଧାଡିର ଆଶାୟୀ ଭାବେ ଦଳୀୟ ନେତୃବୃନ୍ଦଙ୍କ ବିଶ୍ୱାସଭାଜନ ହୋଇ ପାରିଥିଲେ । ମାତ୍ର କୁଟୀଳ ରାଜନୀତି ପାଇଁ ଶେଷ ସମୟ ରେ ସେ ବିଜେଡିରୁ ଦୁଇ ଦୁଇ ଥର ଟିକେଟ ପାଇବାରୁ ବଂଚିତ ହେଲେ । ଶେଷରେ ୨୦୨୨ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ତାଙ୍କୁ ମୟୂରଭ ଜିଲ୍ଲାର ୨୪ ନଂ ଜିଲ୍ଲା ପରିଷଦ ଆସନ ପାଇଁ ଦଳୀୟ ଟିକେଟ ଦିଆଗଲା ଏବଂ ସେ ମଧ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ । ବଡ଼ସାହି ନିର୍ବାଚନ ମଣ୍ଡଳୀରେ ଆଗାମୀ ସାଧାରଣ ନିର୍ବାଚନ ରେ ଦଳୀୟ ପ୍ରାର୍ଥୀ ପାଇଁ ଏକାଧିକ ଆଶାୟୀ ଙ୍କ ମଧରୁ ଶ୍ରୀ ମଲ୍ଲିକ ମୁଖ୍ୟ ଦାବିଦାର ଭାବେ ଚର୍ଚ୍ଚା ହେଉଥିଲା । ମାତ୍ର ଦଳୀୟ ନେତୃବୃନ୍ଦ ଅନ୍ୟ ଜଣଙ୍କୁ ଟିକେଟ ଦେବାର ଚର୍ଚ୍ଚା ହେଉଥିବାର ଜାଣି ଶ୍ରୀ ମଲ୍ଲିକ ଇସ୍ତଫା ଦେଇ ଥାଇପାର୍ନ୍ତି ବୋଲି କୁହାଯାଉଛି । ଗତ ୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଗଣେଶ୍ୱର ପାତ୍ର ବିଜେପି ଠାରୁ ବହୁ ବ୍ୟବଧାନରେ ଜିତିଥିଲେ ମଧ ୨୦୧୯ ନିର୍ବାଚନରେ ଗୋଷ୍ଠୀ କନ୍ଦଳ କୁ ଲକ୍ଷ୍ୟ କରି ବିଜେଡି ବୃନ୍ଦାବନ ଦାସଙ୍କୁ ଟିକେଟ ପ୍ରଦାନ କରିବା ଯୋଗୁଁ ବିଜେପି ର ସନାତନ ବିଜୁଳି ଙ୍କ ପ୍ରତି ଜନସାଧାରଣ ଆସ୍ଥା ପ୍ରକଟ କରି ବିଜୟୀ କରାଇଥିଲେ। ଏହି ବିଜୟ ଧାରା କୁ ବଜାୟ ରଖିବାକୁ ହେଲେ ଜଗନ୍ନାଥ ମଲ୍ଲିକ ଙ୍କୁ ବିଜେପି ଆପଣେଇବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। କାରଣ ତାଙ୍କର ଦୃଢ ସାଙ୍ଗଠନିକ ଦକ୍ଷତା ପାଇଁ ସେ ଜିଲ୍ଲାପରିଷଦ ନିର୍ବାଚନରେ ବହୁ ବ୍ୟବଧାନରେ ଜିତିବା ସହିତ ବେତନଟୀ ଓ ବଡ଼ସାହି ବ୍ଲକରେ ନିଜର ଆନୁଗତ୍ୟଙ୍କ ସଂଖ୍ୟା ବୃଦ୍ଧି କରି ପାରିଛନ୍ତି । ତେଣୁ ଯଦି ଆଗାମୀ ସାଧାରଣ ନିର୍ବାଚନରେ ବିଜେପି ଦଳ ତାଙ୍କୁ ବିଧାୟକ ଟିକେଟ ପ୍ରଦାନ କରିବ ତେବେ ସେ ବିପୁଳ ଭୋଟରେ ବିଜୟୀ ହେବା ଏକ ପ୍ରକାରର ସ୍ଥିର ବୋଲି ରାଜନୈତିକ ସମୀକ୍ଷକ ମହଲରେ କୁହାଯାଉଛି ।

# ଭୋଟର ସଚେତନତା ପାଇଁ ଇଭିଏମ ଓ ଭିଭିପ୍ୟାଟ ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ

**ବାରିପଦା(ଅମୃତ ମିଡିଆ):** ଆଗାମୀ ସାଧାରଣ ନିର୍ବାଚନ-୨୦୨୪ର ଭୋଟର ମାନଙ୍କର ନିର୍ଭୁଲ ମତଦାନ ତଥା ସେହି ମତଦାନର ସଠିକତା ସମ୍ପକର୍ରେ ନିଶ୍ଚିତ ହେବା ସମ୍ବନ୍ଧେର ଜନସାଧାରଣଙ୍କ ମେଧ୍ୟର ସେଚତନତା ସୃଷ୍ଟି ନିମେନ୍ତ ଶନିବାର ଦିନ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, କାର୍ଯ୍ୟାଳୟ ପରିସରେର ଇଭିଏମ ଓ ଭିଭିପ୍ୟାଟ ପ୍ରଦଶର୍ନ କେନ୍ଦ୍ରକୁ ଉଦଘାଟନ କରିଛନ୍ତି । ଉକ୍ତ କେନ୍ଦ୍ରେର ଇଭିଏମ ଏବଂ ଭିଭିପ୍ୟାଟ ର କାର୍ଯ୍ୟ ପ୍ରକ୍ରିୟା ସହ ପୋଲିଙ୍ଗ ବୁଥେର ମତଦାନର ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ବନ୍ଧେର ମକ ପୋଲିଙ୍ଗ ଜରିଆେର ଅବଗତ ତଥା ସେଚତନ କରାଯିବ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଛନ୍ତିଯେ, ଏହି ଇଭିଏମ ଏବଂ ଭିଭିପ୍ୟାଟ ପ୍ରଦଶର୍ନ କେନ୍ଦ୍ର ସମସ୍ତ ଉପଖଣ୍ଡ ସଦର ମହକୁମା ଠାରେ ପ୍ରଦର୍ଶିତ ହୋଇଛି ଏବଂ ସମସ୍ତ ଭୋଟର ମାନଙ୍କ ପାଇଁ ଏହା ସକାଳ ୧୦ଟା ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହିବ । ନିର୍ବାଚନ କମିଶନଙ୍କ ସୂଚନାନୁଯାୟୀ ସମସ୍ତ ପଂଜିକୃତ ଭୋଟର ମାନେ ଏହି ଇଭିଏମ ଏବଂ ଭିଭିପ୍ୟାଟ ପ୍ରଦଶର୍ନ କେନ୍ଦ୍ରକୁ ଆସି ନିଜ ନିଜ ମକ ଭୋଟିଂ କରି ପାରିବେ ଏବଂ ସେମାନଙ୍କୁ ଏହି ଇଭିଏମ ମେସିନର କାର୍ଯ୍ୟକାରିତା ଏବଂ ଉପେଯାଗୀତା ବିଷୟେର ବୁଝାଇବା ପାଇଁ ଜେଣ ସରକାରୀ କର୍ମଚାରୀ ନିୟୋଜିତ ରହିବେ । କାର୍ଯ୍ୟକ୍ରମେର ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅଭିମନ୍ୟୁ ବେହେରା, ଦୌଲତ ଚନ୍ଦ୍ରକାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଡେପୁଟି କେଲକ୍ଟର ଦୁର୍ଗା ଚରଣ ମୁର୍ମୁ, ବିଶ୍ୱଜିତ ପଣ୍ଡା, ଶୁଭଙ୍କରୀ ସୁଦେସ୍ନା ଦାଶ, ଅନିଲ କୁମାର ମହାନ୍ତି, ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି, ଜିଲ୍ଲା ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟର ସମସ୍ତ କମର୍ଚାରୀ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମାେନ ଉପସ୍ଥିତ ରହି ଏହି ଇଭିଏମ ଓ ଭିଭିପ୍ୟାଟ ପ୍ରଦଶର୍ନ କେନ୍ଦ୍ରେର ନିଜ ନିଜ ମକ ଭୋଟିଂ କରିଥିଲେ। ସୂଚନା ମୁତାବକ ଜିଲ୍ଲାର ସମସ୍ତ ଉପଖଣ୍ଡ ସେମତ ସମସ୍ତ ବ୍ଲକ, ବିଜ୍ଞାପିତ ଅଂଚଳ ଏବଂ ପୌରାଂଚଳର ପ୍ରେତ୍ୟକ ପୋଲିଙ୍ଗ ବୁଥ ଏବଂ ଗ୍ରାମକୁ ପହଂଚି ବିଭିନ୍ନ ମୋବାଇଲ ଭ୍ୟାନ ଗୁଡିକ ନିର୍ବାଚନ ଇଭିଏମ ଓ ଭିଭିପ୍ୟାଟ ମାଧମେର ଭୋଟରଙ୍କୁ ମତଦାନ ସମ୍ପର୍କ ରେ ମକ ପୋଲିଙ୍ଗ ଜରିଆେର ସେଚତନ କରିବ ବୋଲି ଜଣାଯାଇଛି ।




# ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର




**ବାରିପଦା(ଅମୃତ ମିଡିଆ):** ନୂଆ-ଓ ସାହିତ୍ୟ କାର୍ଯ୍ୟକ୍ରମ କ୍ରମେର ସ୍ଥାନୀୟ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟେର ଶ୍ରୀଜଗନ୍ନାଥ ସଂସ୍କୃତି ଅାଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ. ପ୍ରେମାଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱେର ଅନୁଷ୍ଠିତ କାର୍ଯ୍ୟକ୍ରମେର ଅାଲୋଚକ ଭାବେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ ଡକ୍ଟର ସୁଶାନ୍ତ କୁମାର ବସା ଓ ଜଗନ୍ନାଥ ସଂସ୍କୃତିର ଭାଷ୍ୟକାର ଲଳିତ ମହାନ୍ତ ପ୍ରମୁଖ ଯୋଗ ଦେଇ ଶ୍ରୀଜଗନ୍ନାଥଙ୍କ ମହାତ୍ମ୍ୟ ସମ୍ପକର୍ରେ ଚର୍ଚ୍ଚା କରିଥିଲେ । ଅନ୍ୟ ମାନଙ୍କ ମେଧ୍ୟର ନୂଆ-ଓ ଜିଲ୍ଲା ନୋଡାଲ ଅଧିକାରୀ ଡକ୍ଟର କୈଳାସ ମିଶ୍ର, କେଲଜ ପ୍ରଶାସନିକ ମୁଖ୍ୟ ଡ. ଦୀପକ ବେହେରା ମଂଚାସୀନ ଥିଲେ । ପ୍ରାରମ୍ଭେର ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ନୋଡାଲ ଅଧିକାରୀ ରୀନା ମୁର୍ମୁ ସ୍ୱାଗତ ଭାଷଣ ରଖିଥିବା ବେଳ, ଅଧାପକ ଡ. ଦୟାନିଧି ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମେର କେଲଜର ଅଧାପକ ଅଧାପିକା ଓ ଛାତ୍ରଛାତ୍ରୀ ମାେନ ଅଂଶଗ୍ରହଣ କରିଥିବା ବେଳ, ଅଧାପିକା ଛନ୍ଦିତା ବିଶ୍ୱାଳ ଧନ୍ୟବାଦ ଅପର୍ଣ କରିଥିଲେ । ପେର ପେର କଳାତ୍ମକ ଚଳଚ୍ଚିତ୍ର ପ୍ରଦଶର୍ନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଶଶିଭୂଷଣ ରାଜ୍ୟ ଷ୍ଟିଅରିଙ୍ଗ୍ କମିଟି ସଦସ୍ୟ ମନୋନୀତ

**ଜୟପୁର(ଅମୃତ ମିଡିଆ):** ଶ୍ରୀ ଶଶୀଭୂଷଣ ଦାଶ, ସଭାପତି ମିଳିତ ଅମଲା ମଞ୍ଚ କୋରାପୁଟ ଜିଲ୍ଲା ଶାଖା ରାଜ୍ୟ ଷ୍ଟିଅରିଙ୍ଗ କମିଟି ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି, ଭୁବନେଶ୍ୱର କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ରାଜ୍ୟ ମିଳିତ ଅମଲା ମଞ୍ଚ ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଶ୍ରୀ ଦାଶ ଙ୍କ ସମେତ ସାରା ରାଜ୍ୟରେ ୧୭ ଜଣ ଜିଲ୍ଲା ସଂଘ ର ଓ ରାଜ୍ୟ ସଂଘ ର ବିଭିନ୍ନ ପଦପଦବୀ ରହିଥିବା କର୍ମକର୍ତ୍ତା ଙ୍କୁ ରାଜ୍ୟ ମିଳିତ ଅମଲା ମଞ୍ଚ ମନୋନୀତ କରିଛନ୍ତି, ଏଥିରେ ରାଜ୍ୟ ଓଡ଼ିଶା ଅମଲା ସଂଘ ସଭାପତି, ସମ୍ପାଦକ, ଓଡ଼ିଶା ରାଜସ୍ୱ ବିଭାଗ ଅମଲା ସଂଘ ସଭାପତି, ସମ୍ପାଦକ, ଓଡ଼ିଶା ଟ୍ରେଜେରି ଅମଲା ସଂଘ ସଭାପତି, ସମ୍ପାଦକ, ଓଡ଼ିଶା ନିବନ୍ଧକ ଅମଲା ସଂଘ ସଭାପତି, ସମ୍ପାଦକ, ଓଡ଼ିଶା ମିଳିତ ଅମଲା ମଞ୍ଚ ରାଜ୍ୟ ଅଧକ୍ଷ, ଆବାହକ ଓ ରାଜ୍ୟ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ମାନେ ଷ୍ଟିଅରିଙ୍ଗ କମିଟି ସଦସ୍ୟ ରୂପେ ମନୋନୀତ ହୋଇଥିବା ରାଜ୍ୟ ମିଳିତ ଅମଲା ମଞ୍ଚ ର ନିର୍ଧାରଣ ତା ୦୭.୦୧.୨୦୨୪ ଦ୍ୱାରା ଜଣା ପଡ଼ିଛି, ଉକ୍ତ ସଦସ୍ୟ ମାନେ ସଚିବାଳୟ ସ୍ତରରେ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ଦାବି କୁ ଉପସ୍ଥାପନ କରିବା ସହିତ ତ୍ୱରାନ୍ୱିତ କରିବାକୁ ସର୍ବ ସମ୍ମତି କ୍ରମେ ନିର୍ଧାରଣ ରେ ନିଷ୍ପତ୍ତି ନିଆଯାଇଛି. ଶ୍ରୀ ଦାଶ ଷ୍ଟିଅରିଙ୍ଗ କମିଟି ସଦସ୍ୟ ରୂପେ ମନୋନୀତ ହୋଇଥିବାରୁ ଯାଦବ ଭବନ ଜୟପୁର ଠାରେ ତାଙ୍କୁ ମିଳିତ ଅମଲା ମଞ୍ଚ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ସ୍ୱାଗତ କରାଯାଇଛି ଏଥିରେ ମୁଖ୍ୟତଃ ଶ୍ରୀ ସଞ୍ଜୟ କୁମାର ପଣ୍ଡା, ଲକ୍ଷ୍ମୀ କାନ୍ତ ଦାଶ୍, କାଳି ପ୍ରସାଦ ମିଶ୍ର, ଜଗେନ୍ଦ୍ର ଚୈଧୁରି, ତ୍ରିନାଥ ପଣ୍ଡା, ପ୍ରତୀକ ମିଶ୍ର, ନାଗେଶ୍ୱର ରାଓ, ସୁଜାତା ମହାପାତ୍ର, ସଂଯୁକ୍ତା ନାୟକ, ଶ୍ରୀଧର ହୋତା , ଜୟନ୍ତ କୁମାର ସାହୁ, ପ୍ରଦୀପ୍ତ କୁମାର ନାୟକ, ଶତ୍ୟ ରଞ୍ଜନ ତ୍ରିପାଠୀ, ଜଗନ୍ନାଥ ମାଝୀ, ପ୍ରମୁଖ ଯୋଗଦାନ କରିଥିଲେ, ଶ୍ରୀ ଦାଶ ରାଜ୍ୟ ସଂଘ ର ନିର୍ଧାରଣ ମୁତାବକ ସଚିବାଳୟ ସ୍ତରରେ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ଦାବି କୁ ଉପସ୍ଥାପନ କରି ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।



# ନିଖିଳ ଉତ୍କଳ ମୋହରିର ଦିବସ ପାଳିତ

**ବାରିପଦା(ଅମୃତ ମିଡିଆ):** ବାରିପଦା ମୋହରିର ସଂଘ ତରଫରୁ ନିଖିଳ ଉତ୍କଳ ମୋହରିର ଦିବସ ପାଳିତ ହୋଇଯାଇଛି । ସଙ୍ଘର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧକ୍ଷତା ରେ ଅାୟୋଜିତ ସମାରୋହେର ସମ୍ପାଦକ ସଂଗ୍ରାମ ଶତପଥି, ଉପସଭାପତି ଚତୁର୍ଭୁଜ ପାତ୍ର ପ୍ରମୁଖ ମଂଚାସୀନ ହୋଇ ମୋହରୀର ମାନଙ୍କର ବହୁବିଧ ସମସ୍ୟା ଏବଂ ଏହାର ସମାଧାନ ବିଷୟେର ଅାଲୋଚନା କରିଥିଲେ । ଏହି ଅବସରେର ୫୦ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରିଥିବା ବରିଷ୍ଠ ମୋହରିର ଅନନ୍ତ ଚରଣ ସାହୁ, ବସନ୍ତ କୁମାର ପାଣିଗ୍ରାହୀ, ବିରଂଚି ନାରାୟଣ ଷଡ଼ଙ୍ଗୀ, ନାରାୟଣ ମାଝୀ ପ୍ରମୁଖଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମାରୋହେର ଶତାଧିକ ମୋହରିର ଉପସ୍ଥିତ ଥିବା ବେଳ, ମୋହରିର ସଂଘର ଅନ୍ୟତମ ସଦସ୍ୟ ଗୁରୁ ଚରଣ ମହାନ୍ତଙ୍କ ଅକାଳ ବିୟୋଗେର ୨ମିନିଟ ନିରବ ପ୍ରଥନା କରାଯାଇ ତାଙ୍କର ଅମର ଆତ୍ମା ର ସଦଗତି ନିମେନ୍ତ ପ୍ରଥର୍ନା କରାଯାଇଥିଲା । ସଂଘର କାର୍ଯ୍ୟକାରିଣୀ ସଦସ୍ୟ ପିତାମ୍ବର ମଲ୍ଲିକ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳ କୋଷାଧକ୍ଷ ଯତୀନ ଚନ୍ଦ୍ର ଗିରି ଧନ୍ୟବାଦ ଅପର୍ଣ କରିଥିଲେ ।



# ଉଦ୍‌ଯାପିତ ହେଲା ପୁରନ୍ଦର ସ୍ମାରକୀ ରାଜ୍ୟସ୍ତରୀୟ ନାଟ ମହୋତ୍ସବ

## ଅନ୍ତିମ ସଂଧ୍ୟାରେ ପ୍ରଦର୍ଶିତ ହେଲା ୩ଟି ନାଟକ



**ସୁବର୍ଣ୍ଣପୁର (ଅମୃତ ମିଡିଆ) :** ସୁବର୍ଣ୍ଣପୁରର ରୟାଲ ପଡିଆ ମୁକ୍ତମଞ୍ଚରେ ଚାଲିଥିବା ପୁରନ୍ଦର ସ୍ମାରକୀ ରାଜ୍ୟସ୍ତରୀୟ ନାଟ୍ ମହୋତ୍ସବ ଆଜି ଉଦଯାପିତ ହୋଇଯାଇଛି। ତୃତୀୟ ଦିନରେ ଆଜି ତିନୋଟି କୋଶଲି-ସମ୍ବଲପୁରୀ ନାଟକ ପରିବେଷିତ ହୋଇଛି। କେରାପଦର, ବୋଡ୍ନେ, ନୂଆପଡା ର ଜ୍ଞାନୋଦୟ ନାଟ୍ୟ ଅନୁଷ୍ଠାନ ର ନାଟ୍ୟକାର କେଶ ରଞ୍ଜନ ପ୍ରଧାନ ଓ ରବିଶଙ୍କର ପ୍ରଧାନ ନିର୍ଦ୍ଦେଶିତ ନାଟ୍ 'ମଧୁବିଦ୍ୟା', ଦ୍ୱିତୀୟ ନାଟକ ଶ୍ରୀ କଲଚରାଲ ଏସୋସିଏସନ୍ ସମ୍ବଲପୁର ନାଟ୍ୟକାର ଓ ନିର୍ଦ୍ଦେଶକ ସତ୍ୟ ରଞ୍ଜନ ବେହେରା ଙ୍କ ନାଟ୍ 'ସଃ' ଓ ତୃତୀୟ ନାଟ୍ ପଦମପୁର ର ଅବର୍ଣ୍ଣୀଗୁଣ୍ଡା ନାଟ୍ୟ ଅନୁଷ୍ଠାନ ର ନାଟ୍ୟକାର ଅଶୋକ ବହିଦାର ଓ ନିର୍ଦ୍ଦେଶକ ବିଶ୍ରାମ ମେହେର ଙ୍କ 'ଟିକଟ' ନାଟକ ପ୍ରଦର୍ଶିତ ହୋଇଥିଲା ପ୍ରଥମ ନାଟ୍ ସଃ ରେ କେବଳ ମଣିଷ ଙ୍କୁ ନୁହେଁ ସମସ୍ତ ଜୀବଜନ୍ତୁ ଙ୍କୁ ଭଲପାଇବା ଉପରେ ଉପରେ ପର୍ଯ୍ୟବେସିତ ଏହି କଥାବସ୍ତୁକୁ ନେଇ ରହିଥିବାବେଳେ ଦ୍ୱିତୀୟ ନାଟକ ମଧୁବିଦ୍ୟା ଏକ ଆଧାତ୍ମିକ ମିଥ୍ ଉପରେ ପର୍ଯ୍ୟବେସିତ ଥାଇ କୌ ।ଣସି ବି ବିଦ୍ୟା ସିମୀତ ଭାବରେ ଲୁକ୍କାୟିତ ନରହି ସାର୍ବଜନୀନ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ଯାହା ଲୋକହିତରେ ମଙ୍ଗଳ ହେବ ତାହା ସର୍ବୋପରି ଯା ବିଦ୍ୟା ସାବିମୁକ୍ତୟେ ର ଭାବନା ପ୍ରଦାନ କରିଥିବା ବେଳେ ତୃତୀୟ ନାଟ୍ ଟିକଟ୍ ସାଂପ୍ରତିକ ପରିସ୍ଥିତିରେ ରାଜନୀତି ଯେପରି ପରିବାରବାଦ ଆଡକୁ ସଂପୂର୍ଣ୍ଣ ଭାବେ ଢଳିଯାଇ ନୂତନ ଯୁବ ପ୍ରତିଭା ମାନଙ୍କୁ ସୁଯୋଗ ଦେବାରେ ବାଟ ଓଗାଳୁଛି ଯା ଫଳରେ ସମାଜରେ ସନ୍ତୁଳନର ଅଭାବ ରହି ସଠିକ ନେତୃତ୍ୱ ର ଅଭାବ ଅନୁଭୁତ ହେଉଛି ତାହାହିଁ ନିଖୁଣ ଭାବରେ ଦର୍ଶାଇଛନ୍ତି ନାଟ୍ୟକାର। ସମସ୍ତ ନାଟକକୁ ନାଟ୍ୟପ୍ରେମୀ ଦର୍ଶକ ଢେରରାତିଯାଏ ଉପଭୋଗ କରିଥିଲେ। ନିର୍ଦ୍ଦେଶନାରେ ନାଟକ ପରିଣତ ହେବା ଶ୍ରେୟସ୍କର ରହିଛି । ପରତା ଏକ ଅଭାବ ସୃଷ୍ଟି କରେ,ସେତେବେଳେ ମଣିଷ ଭିତରେ ଥିବା ସ୍ନେହ,ବିଶ୍ୱାସ ଓ ଶ୍ରଦ୍ଧା କିପରି ଜୀବନକୁ ସମୃଦ୍ଧ କରିପାରେ ତାହାକୁ ନେଇ ନାଟକଟି ଗତିଶୀଳ ହୋଇଛି। ପୁରନ୍ଦର ନାଟ ମହୋତ୍ସବର ଅଧକ୍ଷ ଅରବିନ୍ଦ ବାରିକଙ୍କ ପୌ ।ରହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ପାଳ ବିମଳେନ୍ଦୁ ରାୟ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବାସହ ନାଟକ ମାଧ୍ୟମରେ ହିଁ ମଣିଷ ନିଜ କୁ ପ୍ରତିପାଦିତ କରିଥାଏ ବୋଲି ପ୍ରକାଶ କରି ସ୍ୱର୍ଗତ ପୁରନ୍ଦର ବାରିକଙ୍କ ସ୍ମୃତି ଚାରଣକରି ଏ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।ଅନ୍ୟତମ ଅତିଥି ସିନେ ଅଭିନେତା ମନୋଜ ମିଶ୍ର, ବିଶିଷ୍ଟ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ,ଜନମୁରା ସରପଞ୍ଚ ଦମୟନ୍ତୀ ବାରିକ ଯୋଗଦେଇ ଥିଲେ। ପୁରନ୍ଦର ସ୍ମୃତି କମିଟିର ସଂଯୋଜକ ନାଟ୍ୟଶ୍ରୀ ଗଦାଧର ବାରିକଙ୍କ ସଭାକୁ ସଂଯୋଜନା କରିଥିବା ବେଳେ ସଂପାଦକ ଦିଲୀପ ପାତ୍ର, ଆନନ୍ଦ ବାରିକ,ସାନନ୍ଦ ବାରିକ,ଅଶୋକ ଜେନା, ନିଶାନ୍ତ ମହାନ୍ତି, ଜଗନ୍ନାଥ ଧରୁଆ, ଦେବାଶିଷ ପଟ୍ଟନାୟକ ଓ ଶିବ ଯୋଶୀ ପ୍ରମୁଖ ସହଯୋଗ କରିଥିଲେ ।

# ଆର୍ଥିକ ସ୍ୱାକ୍ଷରତା ଶିବିର ଅନୁଷ୍ଠିତ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥିତ ମିଶନଶକ୍ତି ଭବନ ଠାରେ ଷ୍ଟେଟ ବ୍ୟାଙ୍କ ବାଲିଚନ୍ଦ୍ରପୁର ପକ୍ଷରୁ ଆର୍ଥୀକ ସ୍ୱାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଅଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ଚନ୍ଦନ କୁମାର ମାହାଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ଦେବିପ୍ରସନ୍ନ ମହାନ୍ତି ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିଲଡ୍‌ଅଫିସର ଦେବବ୍ରତ ନିରଞ୍ଜନ ସାହୁ, ବ୍ୟାଙ୍କ ମିତ୍ର ରେବତୀ ନନ୍ଦୀ, ସିଡ଼ିପିଓ ବିପିସି ଅଜୟ କୁମାର ସାହୁ, କୃଷି ଅଧିକାରୀ ଶୁଭଶ୍ରୀ ଗାୟତ୍ରୀ, ବାଲିଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ସରପଂଚ ଅନୁପମା ବଳ, ଆରଧା ଫେଡ଼େସନ ସଭାନେତ୍ରି ପ୍ରମିଳା ଜେନା, ସମ୍ପାଦିକା ମାଧବୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବ୍ୟାଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ୧୮ଟି ଓ ପ୍ରଧାନ ମନ୍ତ୍ରୀ ସୁରକ୍ଷାବୀମା ଯୋଜନାରେ ୨୯ଟି ଆବେଦନ ସଂଗ୍ରହ ହୋଇଥିବା ବେଳେ ବ୍ୟାଙ୍କ ସବୁ ସମୟରେ ସର୍ବସାଧାରଣଙ୍କ ପାଖରେ ସହଯୋଗର ଆର୍ଥୀକ ସହାୟତା ଯୋଗାଇବାରେ ପୁର୍ଣ୍ଣ ସମର୍ଥନ ଥିବା ଅଧିକାରୀମାନେ ମତପ୍ରକାଶ କରିଥିବା ବେଳେ ଠିକ୍ ସମୟରେ ଋଣ ପରିଷୋଧ କଲେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆପଣଙ୍କ ପାଖରେ ସୁମିତ୍ର ଭାବେ ଆପଣଙ୍କୁ ସବୁ ସମୟରେ ସହଯୋଗର ହାତ ବଢାଇବେ ବୋଲି ମତପ୍ରକାଶ କରିଥିଲେ।

# କଲେଜର ପ୍ରାକ୍ତନ ଅଧକ୍ଷା ସ୍ନେହଲତା ନାୟକଙ୍କୁ ଶ୍ରଦ୍ଧାଞ୍ଜଳି




**ଚଣ୍ଡିଖୋଲ (ଅମୃତ ମିଡିଆ) :** ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ କଲେଜକର ପ୍ରାକ୍ତନ ଅଧକ୍ଷା ସ୍ନେହଲତା ନାୟକଙ୍କ ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା କଲେଜ ନବ-ମାଳତୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସାଧାରଣ ସମ୍ପାଦକ ଆଇନଜୀବୀ ଦେବରାଜ ବେହେରାଙ୍କ ସଭାପତିତ୍ୱରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତା ନାୟକ ଜଣେ ସ୍ନେହୀ, ପରୋପକାରୀ, ଛାତ୍ରବତ୍ସଳା ଓ ଅମାଇକ ବ୍ୟକ୍ତିତ୍ୱ ଥିଲେ । କଲେଜର ବିକାଶ ଓ ଉନ୍ନତି ପାଇଁ ସେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ବୋଲି ତାଙ୍କ ଅବଦାନକୁ ମନେପକାଇ ଅତିଥିମାନେ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତା ନାୟକ ମଇ ମାସ ୨୦୧୬ ରୁ ଏପ୍ରିଲ ମାସ ୨୦୧୭ ମସିହା ପର୍ଯ୍ୟନ୍ତ କଲେଜ ଅଧକ୍ଷ ଭାର ତୁଲାଇ ଥିଲେ । ଏଥିରେ କଲେଜ ପରିଚାଳନା ସମିତିର ସଭାପତି ପ୍ରାଧାପକ ବିନାୟକ ପଣ୍ଡା, ଛତିଆ ହାଡିଦାସ ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତି ଡ. କେଦାରନାଥ ଦାଶ, ପ୍ରାକ୍ତନ ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ଓ ଡ. ବିରେନ୍ଦ୍ର କୁମାର ମିଶ୍ର, କ୍ୟାପଟେନ ଦିଲ୍ଲୀପ କୁମାର ନାୟକ, ଅଧାପକ ତପନ କୁମାର ଜେନା, ବିଜୟ କେତନ ସାମଲ ଓ ଡ. ଦିଲ୍ଲୀପ କୁମାର ନାୟକ, ପୃଥ୍ୱୀରାଜ ନାୟକ ଓ ତପନ କୁମାର ବାରିକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



**ବେତନଟୀ (ଅମୃତ ମିଡିଆ) :** ବେତନଟୀ ବ୍ଲକ ଅନ୍ତର୍ଗତ ଆମ୍ବଗଡିଆ ପଞ୍ଚାୟତର ଭଗବାନପୁର ଠାରେ ଆମ୍ବଗଡିଆ ବିକାଶ ପରିଷଦ ତରଫରୁ ମାଗଣା ଚକ୍ଷୁ ପରୀକ୍ଷା ଓ ମୋତିଆ ବିନ୍ଦୁ ଚିହ୍ନଟ ତଥା ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ଆମ୍ବଗଡିଆ ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ ଅଞ୍ଜନା ବେହେରା ଓ ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଛୋଟରାୟ ମୁର୍ମୁ ଯୋଗଦାନ କରି ଏହି ଶିବିରକୁ ଉଦଘାଟନ କରିଥିଲେ ଓ ଏହି ଚିକିତ୍ସା ଶିବିରର ଆୟୋଜକ ଆମ୍ବଗଡିଆ ବିକାଶ ପରିଷଦକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବରେ ପିଞ୍ଚାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ମୁଖ୍ୟ ସଂଚାଳକ ତଥା ପ୍ରଧାନ ଆଚାର୍ଯ୍ୟ ବିଜୟ ଜୀ, ସମାଜସେବୀ ଭଗବାନ ମହାପାତ୍ର, ଉପଦେଷ୍ଟା ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରି ଏହି ସ୍ୱାସ୍ଥ୍ୟ ଶିବିରର ଆୟୋଜକ ଆମ୍ବଗଡିଆ ବିକାଶ ପରିଷଦର ସମସ୍ତ ସଦସ୍ୟ ମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। କିଓର ବେ ନାମକ ସ୍ୱାସ୍ଥ୍ୟ ସଂଗଠନର ରୁପସା ଶାଖାର ଚିକିତ୍ସକ ତଥା ସେବିକା ମାନେ ଏହି ଶିବିରରେ ମାଗଣାରେ ଚକ୍ଷୁ ପରୀକ୍ଷା କରିବା ସହିତ ଅନ୍ୟାନ୍ୟ ରୋଗର ପରୀକ୍ଷା କରିଥିଲେ। ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରକୁ ଆସିଥିବା ଦରିଦ୍ର ଓ ଅସହାୟ ବୃଦ୍ଧ ବୃଦ୍ଧା ମାନଙ୍କୁ ସମାଜସେବୀ ଅଞ୍ଜନା ବେହେରା କମ୍ବଳ ବଣ୍ଟନ କରିଥିଲେ। ଏହି ଶିବିର ଅବସରରେ ଆମ୍ବଗଡିଆ ବିକାଶ ପରିଷଦ ଓ ଅତିଥି ମାନଙ୍କ ଦ୍ୱାରା ଭଗବାନପୁର ଠାରେ ଥିବା ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ଓଡିଆ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



**ଚଣ୍ଡିଖୋଲ (ଅମୃତ ମିଡିଆ) :** ବଡଚଣା ବ୍ଲକ ଅନ୍ତର୍ଗତ ଛତିଆ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡିଆ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପର୍ଶୁକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ସରପଂଚ ରମେଶ ଚନ୍ଦ୍ର ପୃଷ୍ଟି, ପରିଚାଳନା କମିଟିର ସଭାପତି ଅକ୍ଷୟ କୁମାର ପଣ୍ଡା, ଅବସର ପ୍ରାପ୍ତ ଶିକ୍ଷକ ବାମନ ଚରଣ ସାହୁ, ନିତ୍ୟାନନ୍ଦ ପ୍ରଧାନ, ସାବିତ୍ରୀ ପଣ୍ଡା, ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇ ଓଡିଆ ଭାଷା ସାହିତ୍ୟ ଓ ସୃଜନଶୀଳତା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ, ଅବିଭାବକ, ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ପୁରାତନ ଚାତ୍ରଛାତ୍ରୀ ଓ ମୋ ସ୍କୁଲ ଅଭିଯାନର ସଦସ୍ୟମାନଙ୍କୁ ଅସମ୍ପର୍କରେ ଅତିଥିମାନେ ବୁଝାଇଥିଲେ । ସେହିପରି ସୋଲର ସ୍ଥିତ ଉନ୍ନୀତ ପ୍ରକଳ୍ପ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ଓଡିଆ ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ନାଗରିକ ଶିକ୍ଷାବିତ ମାଧବାନନ୍ଦ ମହାପାତ୍ର, ପରିଚାଳନା କମିଟିର ସଭାପତି ପ୍ରମୋଦ ବେହେରା, ସମିତିସଭ୍ୟ ସଂଜୟ ବେହେରା, ସିଆରସିସି ରଶ୍ମିରଂଜନ ଷେଣ୍ଢ ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ, ଅବିଭାବକମାନଙ୍କୁ ଭାଷା ସାହିତ୍ୟ ଓ ସୃଜନଶୀଳତା ସମ୍ପର୍କରେ ଅବଗତ କରାଇଥିଲେ। ଶିକ୍ଷକ ଉତମ ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟତ୍ରୀ ମୋନାଲିସା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଲାମୁଣ୍ଡା ବ୍ଲକ ଡମ୍ବ ସମାଜ ବିକାଶ ପରିଷଦର ପ୍ରସ୍ତୁତି ବୈଠକ



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫରଙ୍ଗ ପଂଚାୟତ ପବ୍ଲିକ ସ୍କୁଲରେ ଆଜି ଡ଼ମ୍ବସମାଜର ଏକ ପ୍ରସୂତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଗୋଲାମୁଣ୍ଡା ବ୍ଲକ ଡ଼ମ୍ବ ସମାଜ ବିକାଶ ପରିଷଦର ସଭାପତି ରାମ୍ କୁମାର ସେନାପତିଙ୍କ ନେତୃତ୍ୱରେ ସଭା ଆୟୋଜନ ହୋଇଥିଲା। ଡମ୍ବସମାଜ ବିକାଶ ପରିଷଦ ଏକ ସରକାରୀପକ୍ଷରୁ ପଞ୍ଜିକରଣ କରାଯାଇଅଛି। ତେଣୁ ସମାଜର ବିକାଶଦିଗରେ ଗତ ୨୦୧୭ମସିହାରୁ ସମାଜର, ଶିକ୍ଷା କ୍ଷେତ୍ର, ସଂଗଠାନିକ ଓ ଆର୍ଥିକକ୍ଷେତ୍ରରେ ମଜଭୁତ ରହିଛି ଓ ଭବିଷ୍ୟତରେ ରହିବ ବୋଲି ଆଜିର ସଭା ଗୃହରେ ଆଶା ବ୍ୟକ୍ତ କରିଛନ୍ତି। ତେଣୁ ନୂତନ ୨୦୨୪ମସିହାକୁ ନବ ବର୍ଷ ଭାବେ ପାଳନ କରିବା ପାଇଁ ଆସନ୍ତା ତା ୨୮/୧/୨୦୨୪/ରବିବାର ଦିନ ମହା ସମାରୋହରେ ବନ୍ଧୁ ମିଳନ ଉତ୍ସବ ପାଳିତହେବା ପାଇଁ ସ୍ଥିରୀ କୃତ୍ୟ ସଂପନ୍ନ ହୋଇଛି। ଏହି ବୈଠକରେ ଆନ୍ୟାନ ବ୍ଲକରୁ ମଧ ଡ଼ମ୍ବସମାଜର ଅତିଥି ବୃନ୍ଦ ଉପସ୍ଥିତ ରହିବ ବୋଲି ସଂଘର ସଭାପତି ରାମ କୁମାର ସେନାପତି ଗଣ ମାଧ୍ୟମ ନିକଟରେ ତାଙ୍କର ପ୍ରତିକ୍ରିୟା ପ୍ରକାଶ କରିଥିବା ବେଳେ ଦଶପୁର ମଣ୍ଡଳ ସମ୍ପାଦକ ଭାଗ୍ୟବାନ ବାଗ ମଧ ତାଙ୍କର ମନ୍ତବ୍ୟ ଦେଇଥିଲେ। ଆଜିର ବୈଠକରେ ଦସପୁର ମଣ୍ଡଳ ସଭାପତି ଭୁବନେ ନିଆଲ, ଖମାରହଲଦି ପଂଚାୟତ ସମ୍ପାଦକ ଜନ୍ମେ ଜୟ ନାଏକ୍, ଉପ ସଭାପତି ଡମ୍ବରୁ ଜାଲ, ଫରଙ୍ଗପଂଚାୟତ ସଭାପତି ଉଦିଆ ନିଆଲ, ବୋର ଗୁଡା ସମ୍ପାଦକସନ୍ତୋଷ ସୁନାନୀ, ସୁବାଷ ବାଗଙ୍କ ପ୍ରମୁଖ ଉପସ୍ଥିତ ରହି ସଭା ସାଙ୍ଗ ହୋଇଥିଲା।

# ଫୁଲବାଣୀରେ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ

## ଯୋଗଦେଲେ ୧୨୦ରୁ ଉର୍ଦ୍ଧ୍ୱ ଜାତୀୟ ତଥା ବହୁରାଷ୍ଟ୍ରୀୟ କମ୍ପାନୀ

## ୧୮ ହଜାର ଯୁବକ ଯୁବତୀ ନିଯୁକ୍ତି ପାଇବେ




**ଫୁଲବାଣୀ (ଅମୃତ ମିଡିଆ) :** କନ୍ଧମାଳ ସଂସଦୀୟ କ୍ଷେତ୍ର ନିମନ୍ତେ କୀଟ କିସ ର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତାନନ୍ଦ ସାମନ୍ତଙ୍କର ପ୍ରୟାସ କୀଟ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ର ମିଳିତ ସହଯୋଗରେ କନ୍ଧମାଳ ସଂସଦୀୟ କ୍ଷେତ୍ର ଅଭିବ୍ୟକ୍ତି ୪ ଜିଲ୍ଲା ଗଞ୍ଜାମ, ନୟାଗଡ଼, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ଜନସାଧାରଣଙ୍କର ପରିବାରକୁ ରୋଜଗାର ଦେଇ ଅଭାବ ଅନାଟନ ଦାରିଦ୍ର୍ୟ ଦୂର କରି ପରିବାର ଲୋକଙ୍କ ମୁହଁରେ ହସ ଫୁଟାଇବା ନିମନ୍ତେ କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ସ୍ଥିତ କନ୍ଧମାଳ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ଆଜି ତା ୨୧/୧/୨୦୨୪ ରିଖ ରବିବାର ଦିନ ଦ୍ୱିତୀୟ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକ, ଅନ୍ୟତମ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରୋଦନ ମଲ୍ଲିକ,ଫୁଲବାଣୀ ବିଧାୟକ ଅଙ୍ଗଦ କହଁର,ବାଲିଗୁଡା ବିଧାୟକ ଚକ୍ରମଣି କହଁର,କନ୍ଧମାଳ ଜିଲ୍ଲାପାଳ ଆଶୀଷ ଈଶ୍ୱର ପାଟିଲ, କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର, ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ପୁରୁଷୋତ୍ତମ ମହାପାତ୍ର, ମହାରାଷ୍ଟ୍ର ର ଚାମର୍ସ ଅଫ ଇଣ୍ଡଷ୍ଟ୍ରି ଏଗ୍ରିକଲଚର ପ୍ରେସିଡେଣ୍ଟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସାମନ୍ତ ଏହା ହେଉଛି ଭାରତର ସର୍ବବୃହତ ନିଯୁକ୍ତି ମେଳା । ଏଥିରେ ୧୨୦ରୁ ଉର୍ଦ୍ଧ୍ୱ ଜାତୀୟ ତଥା ବହୁରାଷ୍ଟ୍ରୀୟ କମ୍ପାନୀ ଓ ବ୍ୟବସାୟ ପ୍ରତିଷ୍ଠାନ ଯୋଗଦେଇଛନ୍ତି। କନ୍ଧମାଳ ସଂସଦୀୟ କ୍ଷେତ୍ରର ୨୦ଟି ବ୍ଲକ୍ ?ରୁ ୧୮ ହଜାର ଆଶାୟୀ ଏହି ନିଯୁକ୍ତି ମେଳାରେ ଯୋଗ ଦେଇଥିଲେ। ଗୋଟିଏ ଦିନରେ ପ୍ରାୟ ୧୦ ହଜାର ପ୍ରାର୍ଥୀ ନିଯୁକ୍ତି ପାଇବାର ସମ୍ପୂର୍ଣ୍ଣ ସମ୍ଭାବନା ରହିଛି । ମନୋନୀତ ପ୍ରାର୍ଥୀଙ୍କ ମାସିକ ବେତନ ସର୍ବନିମ୍ନ ୧୨ ହଜାର ରୁ ୪୫ ହଜାର ଟଙ୍କା ସହ କମ୍ପାନୀଗୁଡ଼ିକ ପକ୍ଷରୁ କର୍ମଚାରୀଙ୍କୁ ମିଳୁଥିବା ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବ। କେତେକ କମ୍ପାନୀ ଯୋଗ୍ୟ ପ୍ରାର୍ଥୀଙ୍କୁ ମାସିକ ବେତନ ୮୦ ହଜାର ଟଙ୍କା ପ୍ରଦାନ କରିବେ ବୋଲି ସାଂସଦ ଶ୍ରୀ ସାମନ୍ତ ପ୍ରତିଶ୍ରୁତି ଦେଇଥିବା ବେଳେ ଫୁଲବାଣୀ ସହରକୁ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ସମଗ୍ର ଭାରତରୁ ୧୨୦ଟି କମ୍ପାନୀ ଆସିବା ନିଶ୍ଚିତ ଭାବେ କନ୍ଧମାଳ ସଂସଦୀୟ କ୍ଷେତ୍ର ପାଇଁ ଗର୍ବ ଗୌରବ ର ବିଷୟ ବୋଲି ସାଂସଦ ଶ୍ରୀ ସାମନ୍ତ କହିଛନ୍ତି। କନ୍ଧମାଳ ସଂସଦୀୟ କ୍ଷେତ୍ର ର ଜନସାଧାରଣ ଙ୍କର ପରିବାର ମଧ୍ୟରେ ରୋଜଗାର ଯୋଗାଇ ଦେଇ ସେମାନଙ୍କ ର ଅଭାବ ଅନାଟନ ଦାରିଦ୍ର୍ୟ ଦୂର କରି ମୁହଁରେ ହସ ଫୁଟାଇବା ଆୟୋଜିତ ନିଯୁକ୍ତି ମେଳାର ମୁଖ୍ୟ ଉଦେଶ୍ୟ ବୋଲି ଗଣମାଧ୍ୟମକୁ କହିଥିଲେ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ରାଜ୍ୟର ଯୁବଗୋଷ୍ଠୀଙ୍କ ବିକାଶ ଓ କର୍ମନିଯୁକ୍ତି ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରେରଣାରେ ସାଂସଦ ଡ. ସାମନ୍ତଙ୍କର କନ୍ଧମାଳ ସଂସଦୀୟ କ୍ଷେତ୍ରର ବେକାର ଯୁବକ ଯୁବତୀ ଭାଇ ଭଉଣୀମାନଙ୍କୁ କର୍ମନିଯୁକ୍ତି ଯୋଗାଇଦେବା ନିମନ୍ତେ ପ୍ରୟାସ ଜାରି ରଖି ରଖିଛନ୍ତି। ୨୦୨୦ରେ ପ୍ରଥମ ଥର ପାଇଁ ଫୁଲବାଣୀରେ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ଏହି ନିଯୁକ୍ତି ମେଳାରେ କନ୍ଧମାଳ ସଂସଦୀୟ କ୍ଷେତ୍ରର ବହୁ ବେକାର ଯୁବକ ଯୁବତୀ ବିଭିନ୍ନ କମ୍ପାନୀ ଓ ସଂସ୍ଥାରେ ନିଯୁକ୍ତି ପାଇପାରିଥିଲେ । ଏହା ବ୍ୟତୀତ ଶ୍ରୀ ସାମନ୍ତ ତାଙ୍କ ନିଜ ଅନୁଷ୍ଠାନ କିଟ୍ ଓ କିସ୍‌ରେ କନ୍ଧମାଳ ସଂସଦୀୟ କ୍ଷେତ୍ରର ୭ଶହରୁ ଉର୍ଦ୍ଧ୍ୱ ପିଲା ନିଯୁକ୍ତି ପାଇପାରିଛନ୍ତି। ଏହି ନିଯୁକ୍ତି ମେଳାରେ ଯୋଗଦେବାକୁ ଥିବା ସଂସଦୀୟ କ୍ଷେତ୍ରର ସମସ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ନିଜ ନିଜ ବ୍ଲକ କାର୍ଯ୍ୟାଳୟଠାରୁ ଫୁଲବାଣୀ ଷ୍ଟାଡିୟମ ପର୍ଯ୍ୟନ୍ତ ମାଗଣାରେ ଯିବା ଆସିବାର ବନ୍ଦୋବସ୍ତ । କରାଯାଇଥିଲା। ଏହା ସହିତ ମଧ୍ୟାହ୍ନଭୋଜନର ବ୍ୟବସ୍ଥା ମଧ କରାଯାଇଥିଲା । ଏଥି ନିମନ୍ତେ କନ୍ଧମାଳ ଜିଲ୍ଲାର ସମସ୍ତ ୧୨ ଗୋଟି ବ୍ଲକ ଏବଂ ବୌଦ୍ଧ ଜିଲ୍ଲାର ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକ ନୟାଗଡ଼ ଜିଲ୍ଲାର ଦଶପଲ୍ଲା, ଗଣିଆ ଓ ନୂଆଗାଁ ବ୍ଲକ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ବ୍ଲକ ର ଯୁବକ ଯୁବତୀ ମାନେ ନିର୍ଦ୍ଧାରିତ ଦିନ ପୂର୍ବରୁ ନିଜ ନିଜ ବ୍ଲକ୍ କାର୍ଯ୍ୟାଳୟରେ ଅଗ୍ରୀମ ନାମ ପଞ୍ଜୀକରଣ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା ଓ ପଞ୍ଜୀକରଣ ସମୟରେ ଯୁବକ ଯୁବତୀ ମାନେ ସେମାନଙ୍କ ଆଧାର କାର୍ଡ, ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ପାସ୍ପୋର୍ଟ ଫଟୋ ଆବଶ୍ୟକ ହୋଇଥିଲା। ନିଯୁକ୍ତି ପାଇବା ପାଇଁ କନ୍ଧମାଳ ସଂସଦୀୟ କ୍ଷେତ୍ରର ବେକାରସଦ ବେକାର ଯୁବକ ଯୁବତୀଙ୍କ ମନରେ ନାହିଁ ନଥିବା ଉତ୍ସାହ ପରିଲକ୍ଷିତ ହୋଇଥିଲା। ଆଜି ଆୟୋଜିତ ସଭା ମଞ୍ଚରେ ସାଂସଦ ଶ୍ରୀ ସାମନ୍ତ ଅତିଥିମାନଙ୍କ ଦ୍ୱାରା ପ୍ରଥମେ ପ୍ରଥମେ ୧୦ ଜଣ ବିଭିନ୍ନ କମ୍ପାନୀ ଦ୍ୱାରା ଚାକିରୀ ପାଇଥିବା ଯୁବକ ଯୁବତୀ ଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ସାଂସଦ ଶ୍ରୀ ସାମନ୍ତ କନ୍ଧମାଳର ସାଂସଦ ଭାବେ ନିର୍ବାଚିତ ହେବା ପରେ ସଂସଦୀୟ କ୍ଷେତ୍ରର ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ଟେଲି ଯୋଗାଯୋଗ, ରେଳପଥ ସଂଯୋଗୀକରଣ ଓ ନିଯୁକ୍ତି ଉପରେ ଗୁରୁତ୍ୱ ପ୍ରଦାନ କରି ତାଙ୍କର ପ୍ରୟାସ ଜାରି ରଖିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶିର୍ବାଦ ରେ ଶ୍ରୀ ସାମନ୍ତ ଙ୍କ ଉଦ୍ୟମରେ କନ୍ଧମାଳବାସୀ ଙ୍କ ଦୀର୍ଘ ଦିନର ସ୍ୱପ୍ନ ଫୁଲବାଣୀଠାରେ ୬୫୦ ଶଯ୍ୟା ବିଶିଷ୍ଟ ହସ୍ ?ପିଟାଲ୍ ଓ ମେଡିକାଲ କଲେଜ ସ୍ଥାପନ ସମ୍ପୂର୍ଣ୍ଣ ହୋଇପାରିଛି। କନ୍ଧମାଳ ଜିଲ୍ଲା ଓ ଫୁଲବାଣୀ ସହରକୁ ରେଳ ଲାଇନ୍ ସଂଯୋଗ ପାଇଁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । ଜିଲ୍ଲାରେ ଅଧିକ ଟେଲିଫୋନ୍ ଟାୱାର ସ୍ଥାପନ ପାଇଁ ମଧ୍ୟ ଅନୁମୋଦନ ହୋଇ କାମ ଆଗେଇ ଚାଲିଛି । ବୋଲି ନିଯୁକ୍ତି ମେଳା ନିମନ୍ତେ ଆୟୋଜିତ ସାଧାରଣ ସଭା ରେ ସାଂସଦ ଶ୍ରୀ ସାମନ୍ତ କହିଥିଲେ। ନିଯୁକ୍ତି ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଅଧିକାରୀ କର୍ମଚାରୀ ମାନେ ଦାୟିତ୍ୱ ବହନ କରି କାର୍ଯ୍ୟକ୍ରମ କୁ ସୁଚାରୁରୂପେ ପରିଚାଳନା କରିଥିଲେ।





## ନବୋଦୟ ପରୀକ୍ଷା ଦେଲେ ୪୮୫ ଜଣ ପରୀକ୍ଷାର୍ଥୀ

**ବାରିପଦା /କରଞ୍ଜିଆ (ଅମୃତ ମିଡିଆ) :** କରଞ୍ଜିଆ ବ୍ଲକ ଓ ଏନ୍‌ଏସି ର ଦୁଇ ଗୋଟି ପରୀକ୍ଷା କେନ୍ଦ୍ରରେ ନୋବଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଓ କରଞ୍ଜିଆ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରୁ ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ମୋଟ୍ ୫୬୯ ଜଣ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରୁ ୪୮୫ ଜଣ ପରୀକ୍ଷାର୍ଥୀ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଦେଇଛନ୍ତି। ୮୪ ଜଣ ଅନୁପସ୍ଥିତ ରହିଛନ୍ତି ବୋଲି କରଞ୍ଜିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ଦଳେଇ ସୂଚନା ଦେଇଛନ୍ତି। କରଂଜିଆ ଉଚ୍ଚ ବିଦ୍ୟାଳୟ ଠାରେ ପରିଚାଳକ ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ବାରିକ୍ ଥିବା ବେଳେ ପର୍ଯ୍ୟବେକ୍ଷକ ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପିନ ବିହାରୀ ବାରିକ୍ ରହିଥିଲେ। ସେହିପରି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ପରିଚାଳକ ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତରୁ ନାଏକ ରହିଥିବା ବେଳେ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ସାଲ୍ଵଣୀ, ବେତନଟୀ ଠାରେ ଥିବା ନବୋଦୟ ବିଦ୍ୟାଳୟ ଶିକ୍ଷକ କେଶ୍ୱ ଚନ୍ଦ୍ର ସେଠୀ ରହିଥିଲେ।

# ମିଶନ ଶକ୍ତି ଭବନ ଭଡାରେ ଲାଗିବା ଅଭିଯୋଗ





**ଦଶରଥପୁର (ଅମୃତ ମିଡିଆ) :** ସରକାର ମହିଳାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ମିଶନ ଶକ୍ତି ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠି ଗଠନ କରିବା ସହିତ ପଂଚାୟତ ସ୍ତରରେ ମହାସଂଘ ମାଧ୍ୟମରେ ବ୍ୟାଙ୍କର ସହଭାଗୀତାରେ ଗୋଷ୍ଠି ମାନଙ୍କୁ ଋଣ ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି । ଏଥି ସହିତ ପ୍ରତି ପଂଚାୟତରେ ମିଶନ ଶକ୍ତି ଭବନ ନିର୍ମାଣ କରିବାକୁ ଅର୍ଥ ଯୋଗାଇ ଦେବା ସହିତ ଗୋଷ୍ଠି ମାନଙ୍କର ମାସିକ ବୈଠକ, ହିସାବ ପତ୍ର କାର୍ଯ୍ୟ ଓ ଗୋଷ୍ଠି ମାନଙ୍କର ଉତ୍ପାଦିତ ସାମଗ୍ରୀ ଗୁଡିକୁ ଏଠାରେ ବିକ୍ରି କରିବାକୁ ବ୍ୟବସ୍ଥା ମଧ୍ୟ କରିଛନ୍ତି । ମାତ୍ର ଦଶରଥପୁର ବ୍ଲକ ଅଧିନସ୍ଥ କସପା ପଂଚାୟତରେ ଏହାର ବ୍ୟତିକ୍ରମ ଦେଖାଯାଇଛି । ଦୀର୍ଘ ଦିନହେବ ଏହାର ନିର୍ମାଣକାର୍ଯ୍ୟ ସମାପ୍ତ ହୋଇ ଏହା ବିଭାଗକୁ ହସ୍ତାନ୍ତରିତ ହୋଇ ସାରିଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ପକ୍ଷରୁ ପଂଚାୟତ ସ୍ତରୀୟ ମହାସଂଘକୁ ଏହି ଭବନ ହସ୍ତାନ୍ତରିତ କରା ନଯାଇ କୌଣସି ଜଣେ ଠିକାଦାରକୁ ଭଡାରେ ଲଗାଯାଇଥିବାର ସ୍ଥାନୀୟ ଗ୍ରାମବାସୀମାନେ ଅଭିଯୋଗ କରୁଛନ୍ତି । ଯାହା ଫଳରେ ଉକ୍ତ ଠିକାଦାର ଏହି ଭବନରେ ସିମେଣ୍ଟ ଗୋଦାମ ଭାବରେ ବ୍ୟବହାର କରୁଥିବାର ଦେଖାଯାଇଛି । ଯାହାଦ୍ୱାରା ଏହା ଦିନକୁ ଦିନ ଜରାଜୀର୍ଣ୍ଣ ପାଲଟିବାର ଲାଗିଛି । ଏ ସମ୍ପର୍କରେ ମିଶନ ଶକ୍ତି କୋର୍ଡିନେଟର ସଞ୍ଜୟ ମଲ୍ଲିକଙ୍କ ସହିତ ଯୋଗାଯୋଗ କରାଯାଇଥିବା ବେଳେ ସେ ଏଭଳି ଅଭିଯୋଗ ସମ୍ପର୍କରେ ଅବଗତ ଥାଇ ମଧ୍ୟ ନ ଜାଣିଲା ଭଳି ତୁରନ୍ତ ଉକ୍ତ ଭବନକୁ ଖାଲି କରାଯିବ ବୋଲି କହିଥିଲେ ।

## ନୀଳାଗୁଡା ଜଙ୍ଗଲରେ ଅବକାରୀ ଚଢଉ

**ଜୟପୁର (ଅମୃତ ମିଡିଆ) :** ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରି ଚଢାଉ ହୋଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିବା ସହ ପ୍ରସ୍ତୁତି କରୁଥିବା ସୁଚନା ପାଇ ଜୟପୁର ଅବକାରି ବିଭାଗ ଚଢାଉ କରିଛି । ଚଢାଉ ସୁଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ବହୁ ମଦ ଭାଟି ଭାଙ୍ଗିଛି ଜୟପୁର ଅବକାରି ବିଭାଗ । ଚଢାଉ କରି ୩ ଶହ ଲିଟର ପୋଚ ଓ ୪୦ ଲିଟର ଦେଶି ମଦ କୁ ଜବତ କରି ନଷ୍ଟ କରିଛି। ମଦରନ୍ଧା ସରଞ୍ଜାମ . ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଓଆଇସି ନିଳାଦ୍ରୀ ବିହାରି ମିଶ୍ର ସୁଚନା ଦେଇଛନ୍ତି।

## ଅଯୋଧ୍ୟା ରାମମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ବାଲୁକା କଳା ପ୍ରଦର୍ଶନ




**ଧର୍ମଶାଳା (ଅମୃତ ମିଡିଆ) :** ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ହରିପୁର ଗ୍ରାମର ଯୁବ ବାଲୁକାଶିଳ୍ପୀ ସନ୍ତୋଷ ପ୍ରଧାନ ଏଭଳି ଜଣେ ବାଲୁକାଶିଳ୍ପୀ, ଯାହାଙ୍କର ବାଲୁକା କଳାରେ ସମସ୍ତେ ବିମୋହିତ ଓ ମନ୍ତ୍ରମୁଗ୍ଧ। ଏହା ସୂଚନାଯୋଗ୍ୟ କି ଅଯୋଧ୍ୟା ରାମମନ୍ଦିର ପ୍ରତିଷ୍ଠା ଅବସରରେ ସ୍ଥାନୀୟ ମା ପଠାଣିଆଙ୍କ ମନ୍ଦିର ପରିସରରେ ଏକ ସୁନ୍ଦର ବାଲୁକାକଳା ପ୍ରସ୍ତୁତ କରିଛନ୍ତି ଯାହାର ଉଚ୍ଚତା ୧୪ ଫୁଟ୍ ଏବଂ ଏହି ମୂର୍ତ୍ତି ପ୍ରଦର୍ଶନ ପାଇଁ ୩ ଦିନ ସମୟ ଲାଗିଥିଲା। ବାସ୍ତବରେ ସନ୍ତୋଷଙ୍କ ବାଲୁକା କଳା ବେଶ୍ ଚିତ୍ତାକର୍ଷକ ଓ ରମଣୀୟ। ଏହା ସୂଚନା ମିଳିଛି କି ଏଇ ନିକଟ ଅତୀତରେ କୋଣାର୍କ ବାଲୁକା କଳା ମହୋତ୍ସବରେ ଭାଗ ନେଇ ସେ ବେଶ୍ ପ୍ରଶଂସା ସାଉଁଟି ଥିଲେ।ସ୍ଥାନୀୟ ବାସିନ୍ଦା ସନ୍ତୋଷଙ୍କ ବାଲୁକାକଳା ପାଇଁ ବହୁତ ଗର୍ବିତ।

## ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର



**ଚଣ୍ଡିଖୋଲ (ଅମୃତ ମିଡିଆ) :** ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୁଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ସର୍ବ ଧର୍ମ ସମନ୍ୱୟର ପ୍ରତିକ ଶ୍ରୀ ଜଗନ୍ନାଥ ଶୀର୍ଷକ ଓ ଆଲୋଚନା ଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର କୁମାର ମାହାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ନାଇଜରର କୁଳ ସଚିବ ଡ଼ଃ ଅଭୟ କୁମାର ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ନାୟକ ତାଙ୍କ ଅଭିଭାଷଣରେ ଜଗନ୍ନାଥ କିପରି ସର୍ବ ଧର୍ମର ସମନ୍ୱୟ ତଥା ବିଶ୍ୱ ମୈତ୍ରୀର ପ୍ରତୀକ ଦର୍ଶାଇବା ସହିତ ବହୁ ତାତ୍ତ୍ୱିକ ଦୃଷ୍ଟାନ୍ତମାନ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଡ଼ଃ ନାୟକ ତାଙ୍କ ଅଭିଭାଷଣରେ ଜଗନ୍ନାଥଙ୍କର ମହିମା ଓ ତାଙ୍କ ଦୈନନ୍ଦିନ ରିତିନୀତି ଓ ପୂଜା ପାର୍ବଣରେ କିପରି ଲୋକ ଶିକ୍ଷା ଓ ଚିରନ୍ତନ ମୁଲ୍ୟବୋଧ ରହିଛି ତାହା ମାର୍ମିକ ଭାବେ ଅଲୌକିକ ଓ କାହାଣୀ ପ୍ରସଙ୍ଗରେ ଅଭିବ୍ୟକ୍ତ କରିଥିଲେ। ଯାହା ଉପସ୍ଥିତ ସମସ୍ତ ଅଧ୍ୟାପକ/ ଅଧ୍ୟାପିକା, ଛାତ୍ରଛାତ୍ରୀମାନଙ୍କ ଭିତରେ ଏକ ଭକ୍ତିମୟ ଭାବନା ସୃଷ୍ଟି ହୋଇଥିଲା। ଅଧ୍ୟକ୍ଷ ଶ୍ରୀ ମାହାଲା ଶ୍ରୀମନ୍ଦିରର ଐତିହ୍ୟ ଓ ଜଗନ୍ନାଥ ଚେତନାର ମହନୀୟ ଦୀଗକୁ ସଦୃଷ୍ଟାନ୍ତ ବର୍ଣ୍ଣନା କରିବା ସହ ଯୁଗେ ଯୁଗେ ଜଗନ୍ନାଥ ହିଁ ଓଡ଼ିଆ ଜାତୀର ଗର୍ବ ଗୌରବର ପ୍ରତିକ ବୋଲି ଅଭିମତ ରଖିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ପ୍ରଦୀପ କୁମାର ବରାଳ ଆଲୋଚ୍ୟ ବିଷୟବସ୍ତୁ ଉପରେ ସାର ଗର୍ଭକ ସୁଚନା ପ୍ରଦାନ ଦେଇ ସାହିତ୍ୟରେ ଜଗନ୍ନାଥଙ୍କର ଦିବ୍ୟ ମହିମା କିପରି ପ୍ରକୋଡ଼ିତ ହୋଇଛି ତାହା ଦର୍ଶାଇଥିଲେ। ଏହି ଅବସରରେ ଯୁକ୍ତ ୨ ବିଭାଗର ନୋଡ଼ାଲ ଅଫିସର ଡ଼ଃ ଦୀପକ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଯୁକ୍ତ ୩ ବିଭାଗର ନୋଡ଼ାଲ ଅଫିସର ଡ଼ଃ ସରିତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ରଜ କିଶୋର ସ୍ୱାଇଁ, ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ, ଭାଗ୍ୟଧର ନାୟକ, ଶାନ୍ତନୁ କୁମାର ରାଉତରାୟ , ନାରାୟଣ ଚନ୍ଦ୍ର ମୁଦୁଲୀ, ସଂଜିବ ମହାନ୍ତି, ଶିରିଶ ରାଉଳ, ଅଧ୍ୟାପିକା ରଂଜିତା ସ୍ୱାଇଁ, ଅମ୍ବିକା ତ୍ରିପାଠୀ, ଇପସିତା ସାହୁ, ସସ୍ମିତା ବେହେରା, ସନାତନ ନାୟକ. ଅକ୍ଷୟ କୁମାର ରାଉତରାୟ, ପ୍ରସନ୍ନଜିତ୍ ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟପାଳଙ୍କ ଯାଜପୁର ଗସ୍ତ



**ଦଶରଥପୁର (ଅମୃତ ମିଡିଆ) :** ଓଡିଶାର ମହାମହିମ ରାଜ୍ୟପାଳ ରଘୁବର ଦାସ ଆଜି ଯାଜପୁର ଗସ୍ତରେ ଆସିଥିଲେ। ସେ ଯାଜପୁର ରେ ପହଚିଂ ପ୍ରଥମେ ବିରଜା ମନ୍ଦିର ଯାଇ ମା ବିରଜାଙ୍କ ଦର୍ଶନ କରିଥିଲେ। ପରେ ମିଶନ ଶକ୍ତି ଭବନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କ ସହ ଆଲୋଚନା ପରେ ଦଶରଥପୁର ବ୍ଲକ ଅଧିନସ୍ଥ ଖଣ୍ଡରା ପଂଚାୟତ ଗସ୍ତ କରିଥିଲେ। ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିବାକୁ ଗଲାବେଳେ ରାଜ୍ୟପାଳ ଜନସାଧାରଣଙ୍କ ଠାରୁ ଅଭିଯୋଗ ଶୁଣିଥିଲେ। ମୁଖ୍ୟତଃ ଆବାସ ହିତାଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠି ସମସ୍ୟା, ପାନୀୟ ଜଳ ସମସ୍ୟା, ଭତ୍ତା ସମସ୍ୟା ଆଦି ସମ୍ପର୍କରେ ଅଭିଯୋଗ ହୋଇଥିଲା। ରାଜ୍ୟପାଳ ଏସବୁ ସମସ୍ୟା ସମ୍ପର୍କିତ ଅଭିଯୋଗ ନିଜେ ରଖିବା ସହ ଅଭିଯୋଗର ସମାଧାନ ଲାଗି ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟପାଳଙ୍କ ସହିତ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଏସପି ଭିନିଥ ଅଗ୍ରୱାଲ ଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଉଦାସ ଆଶ୍ରମ ପକ୍ଷରୁ ମହୋଦଧି ମହା ଆଳତି ଅନୁଷ୍ଠିତ

ବଡ଼ଚଣା (ଅମୃତ ମିଡ଼ିଆ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଛଡିଆ ଶୋଳର ଉଦାସ ଆଶ୍ରମ ପକ୍ଷରୁ ଜଗତସିଂପୁର ଜିଲ୍ଲାର ପ୍ରସିଦ୍ଧ ଶିଆଳି ବେଳା ଭୂମିରେ ମହୋଦଧି ମହା ଆଳତି ଓ ସତସଙ୍ଗ କାର୍ଯ୍ୟକ୍ରମ ଜାନୁଆରୀ ୨୧ ତାରିଖ ରବିବାର ଅନୁଷ୍ଠିତ ହୋଇଯାଇଛି।ଆଶ୍ରମ ପିଠାଧିଶ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ଅଧ୍ୟକ୍ଷତାରେ ମହୋଦଧି ମହା ଆଳତି ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ବେଳା ଭୂମି ପ୍ରାଙ୍ଗଣରେ ଅନୁଷ୍ଠିତ ସତସଙ୍ଗ କାର୍ଯ୍ୟକ୍ରମ ରେ ଗୁରୁ ଦେବ ଶିଆଳି ପୀଠର ମାହାତ୍ମ୍ୟ ବର୍ଣ୍ଣନା କରିବା ସହିତ ସାମ୍ପ୍ରତିକ ସମୟରେ ସମସ୍ତେ ସ୍ଥିର ମନରେ ପରମାତ୍ମଙ୍କ ଶରଣାପନ୍ନ ହେବାକୁ ଉପଦେଶ ପ୍ରଦାନ କରିଥିଲେ।ଏଥିରେ ସ୍ଥାନୀୟ ସରପଂଚ ପ୍ରତିଭା ରାଣୀ ପାତ୍ର ,ସମିତି ସଭ୍ୟ ନାରାୟଣ ସେଠୀ,ଥାନା ଏସ ଆଇ ଧନେଶ୍ୱର ବେହେରା, ପ୍ରମୁଖ ଯୋଗ ଦେଇଥିଲେ।ସ୍ଥାନୀୟ ଭକ୍ତ କ୍ଷିରୋଦ ଚନ୍ଦ୍ର ସେଠୀ,ରାଜେନ୍ଦ୍ର ସାମଲ, କେଶବ ଚରଣ ପାତ୍ର, ନିମାଇଁ ଚରଣ ମଲ୍ଲିକ, ଅରୁଣ କୁମାର ବେହେରା, ସୂର୍ଯ୍ୟ କାନ୍ତ ମଣ୍ଡଳ, ଶଶାଙ୍କ ମାଇତି, ଶଶିଭୂଷଣ ନାୟକ, ଜୟନ୍ତ କୁମାର ସେନ୍, ମହେଶ୍ୱର ପୃଷ୍ଟି, ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅନିମା ମହାନ୍ତି, ନୀଳମଣି ପଣ୍ଡାଙ୍କ ସମେତ ସହସ୍ରାଧିକ ଉଦାସ ପନ୍ଥି ଭକ୍ତ ଅଂଶ ଗ୍ରହଣ କରିଥିଲେ। ମହା ଆଳତି ର ସମସ୍ତ କାର୍ଯ୍ୟ ଆଶ୍ରମର ସେବକ ଦିବ୍ୟ ଲୋଚନ ଦାସ ପରିଚାଳନା କରିଥିଲେ।

## ମନ୍ଦିର ପରିସରରେ ନବନିର୍ମିତ ପ୍ରସାଦଗୃହ ଉଦଘାଟନ କଲେ ମନ୍ତ୍ରୀ



**ବାରିପଦା /କରଞ୍ଜିଆ (ଅମୃତ ମିଡିଆ) :** କରଂଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୨ ସ୍ଥିତ କରଡିଆ ଶିବ ମନ୍ଦିର ପରିସରରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ଏନଏସି ପକ୍ଷରୁ ନବ ନିର୍ମିତ ପ୍ରସାଦ ଗୃହକୁ ଶନିବାର ଦିନ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷା ପପି ପୃଷ୍ଟି,୧୫ ନମ୍ବର ୱାର୍ଡ କାଉନସିଲର ନମିତା ଘଣ୍ଟିଆଳି ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଏଠାରେ ଏକ ପ୍ରସାଦ ଗୃହ ନିର୍ମାଣ ପାଇଁ ଦାବି କରାଯାଇଥିଲା। ରବିବାର ଠାରୁ ମନ୍ଦିର ପରିସରରେ ନବନିର୍ମିତ ୩ ଗୋଟି ମନ୍ଦିର ପ୍ରତିଷ୍ଠା ପୂର୍ବରୁ ମୁଖ୍ୟମନ୍ତ୍ରୀ ଦାବି ପୁରଣ କରିଥିବାରୁ ସ୍ଥାନୀୟ ବାସିନ୍ଦା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଯୁବ ସମାଜ ସେବୀ ରୋହିତ ପୃଷ୍ଟି, ମହେଶ୍ୱର ନାୟକ, ଚନ୍ଦ୍ରମୋହନ ନାଏକ, ସୁବ୍ରତ ରାଉତ, ଦେବାନନ୍ଦ ପୁଆଳ, ନଟେଲ ସାହୁଙ୍କ ସମେତ କମିଟିର ସଦସ୍ୟ ବୃନ୍ଦ ସହଯୋଗ ପ୍ରଦାନ କରିଥିଲେ।

## କ୍ଲବ ଯୁବଶ୍ରୀର ୩ ସଦସ୍ୟଙ୍କ ସ୍ମୃତିଚାରଣ ସଭା



**ବାଲିଅନ୍ତା (ଅମୃତ ମିଡିଆ) :** ବାଳକାଟି ସ୍ଥିତ କ୍ଲବ ଯୁବଶ୍ରୀର ୩ ପ୍ରମୁଖ ସଦସ୍ୟ ତଥା ବରିଷ୍ଠ ନେତୃବୃନ୍ଦ ପୂର୍ଣ୍ଣଚନ୍ଦ୍ର ସାହୁ, ଭାଗ୍ୟଧର ସାହୁ ଏବଂ କେଦାର ନାଥ ମୁଦୁଲିଙ୍କ ମୃତ୍ୟୁରେ ଆଜି କ୍ଲବ ପରିସରରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋକ ସଭାରେ ସଭାପତି ସନ୍ତୋଷ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସୁବ୍ରତ କୁମାର ମହାନ୍ତି, ରବିନ୍ଦ୍ର କୁମାର ବାରିକ, ବେଣୁଧର ଭୋଇ, ବିଜୟ ମୁଦୁଲି, ନାରାୟଣ ସାହୁ, ଅରବିନ୍ଦ ସାହୁ, ପ୍ରଫୁଲ୍ଲ ମହାରଣା, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦି, କପିଳ ମହାରଣା, ଅରବିନ୍ଦ ସାହୁ, ମଳୟ ମହାନ୍ତି, ବିଜୟ କୁମାର ସାହୁ,ବଂଶୀଧର ପରିଡା,ବସନ୍ତ ପଣ୍ଡା, ଇଂ ପ୍ରଭାସ କୁମାର ବାରିକ୍, ରତିପ୍ରଭା ଦାଶ, ସବିତା ଦାଶ, ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, ପ୍ରତିମା ମହାନ୍ତି ଏବଂ ବସନ୍ତ କୁମାର ସାହୁ ପ୍ରମୁଖଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ରହି ୩ ସଦସ୍ୟଙ୍କ ସ୍ମୃତିଚାରଣ କରିଥିଲେ। ସେମାନଙ୍କ ମୃତ୍ୟୁର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ।

## ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକା ସଂଘର ବୈଠକ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା- ସହାୟିକା ସଂଘ କେନ୍ଦ୍ରାପଡା ଜିଲ୍ଲା କମିଟିର ଏକ ବୈଠକ ଗୋପଛକସ୍ଥିତ ସଙ୍ଘ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ସୋହାନା ବେଗମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସାଥୀ ଗଜେନ୍ଦ୍ର ନାୟକଙ୍କ ଦ୍ୱାରା ଶୋକ ପ୍ରସ୍ତାବ ଆଗତ ପରେ କାର୍ଯ୍ୟକ୍ରମର ରିପୋର୍ଟ ଓ ଆଗାମୀ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ଉପସ୍ଥାପନ କରିଥିଲେ ଜିଲ୍ଲା ସମ୍ପାଦିକା ସାଥୀ ସୌଭାଗିନୀ ପତି। ସଂଘର ବରିଷ୍ଠ ନେତା ଆଇନଜୀବୀ ସାଥୀ ରମଣୀରଞ୍ଜନ ରାଉତରାୟ ଯୋଗ ଦେଇ ପାଚିକାମାନେ ନିଜର ନିଷ୍ଠା ଦ୍ୱାରା ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ଫଳରେ ପିଲାଙ୍କ ସ୍ୱାସ୍ଥ୍ୟ ରକ୍ଷା ସହିତ ଉପସ୍ଥାନ ମଧ୍ୟ ବୃଦ୍ଧି ହୋଇଛି । ଦେଶର ଭବିଷ୍ୟତ ନାଗରିକମାନଙ୍କୁ ସଠିକ୍ ଭାବରେ ଗଢିବାର ଭୂମିକା ଅବର୍ଣ୍ଣନୀୟ । କିନ୍ତୁ ଓଡିଶା ସରକାର ପିଲା ଖାଉଥିବା ଭୋଜନର ମୂଲ୍ୟ ମାତ୍ର ୫ ଟଙ୍କା ୯୦ ପଇସା ଏବଂ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ୮ ଟଙ୍କା ୮୨ ପଇସା ମୁଣ୍ଡପିଛା ଧାର୍ଯ୍ୟ କରିଛନ୍ତି। ଗୋଟିଏ ଅଣ୍ଡାର ମୂଲ୍ୟ ୮ ଟଙ୍କା ହୋଇଥିବା ବେଳେ ଏତେ କମ୍ ମୂଲ୍ୟରେ ମଧ୍ୟାହ୍ନ ଭୋଜନ ଦେବା କିପରି ସମ୍ଭବ ?




ଅପରପକ୍ଷରେ ଓଡିଶାରେ ପାଚିକାମାନେ ବର୍ଷକୁ ମାତ୍ର ଦଶମାସର ପ୍ରାପ୍ୟ ସହିତ ୧୪୦୦ ଟଙ୍କା ପାଉଥିବା ବେଳେ ପଣ୍ଡିଚେରୀରେ ମାସିକ ୧୦ ହଜାର, ହରିୟାନାରେ ୭ ହଜାର, ଉତ୍ତରାଖଣ୍ଡରେ ୩ ହଜାର, ଉତ୍ତର ପ୍ରଦେଶ ଓ ମଧ୍ୟ ପ୍ରଦେଶ ଭଳି ରାଜ୍ୟମାନଙ୍କରେ ୨ ହଜାର ଟଙ୍କା ମାସିକ ପାରିଶ୍ରମିକ ପାଉଥିବା ବେଳେ ଓଡିଶାର ପାଚିକାମାନେ ଭକୁଆ । ତୁରନ୍ତ ମାସିକ ଭତ୍ତା ବୃଦ୍ଧି କରିବା, ମଧ୍ୟାହ୍ନ ଭୋଜନର ମୁଣ୍ଡପିଛା ମୂଲ୍ୟ ସର୍ବନିମ୍ନ ୨୫ ଟଙ୍କା କରିବା, ପାଚିକାଙ୍କ ଅବସର ବୟସ ୬୫ ବର୍ଷ କରିବା, ପେନସନ ବ୍ୟବସ୍ଥା କରିବା ଆଦି ଉପରେ ଆଲୋଚନା କରାଯାଇଥିଲା । ଏହାପରେ ଜିଲ୍ଲା କୋଷାଧ୍ୟକ୍ଷ ସାଥୀ ଅହଲ୍ୟା ଦାସ, ନାରୀନେତ୍ରୀ ସାଥୀ ସଂଯୁକ୍ତା ରାଉତ, ସାଥୀ କ୍ରାନ୍ତିପ୍ରଭା ନାୟକ, ସାଥୀ ନଳିନୀ ସ୍ୱାଇଁ, ମହାକାଳପଡା ବ୍ଲକ ସଭାପତି ସାଥୀ ଶ୍ରାବଣୀ ପ୍ରଧାନ, ସମ୍ପାଦିକା ସାଥୀ ଡାଙ୍ଗୀ ସ୍ୱାଇଁ, କେନ୍ଦ୍ରାପଡା ବ୍ଲକ ସଭାପତି ସାଥୀ ମାଳତୀ ବେହେରା, ମାର୍ଶାଗାଇ ବ୍ଲକ ସଭାପତି ସାଥୀ ମମତା ପଣ୍ଡା, ସାଥୀ ଗୀତାଞ୍ଜଳି ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ସଭାପତି ଚାରୁଲତା, ସାଥୀ ରେଣୁବାଳା ଦାସ, ରାଜନଗର ବ୍ଲକ ସଭାପତି, ଡେରାବିଶ ବ୍ଲକ ସଭାପତି ପ୍ରତିମା ପାତ୍ର, ସାଥୀ ବିଥିକା ସରକାର, ସାଥୀ ନିରଞ୍ଜନ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆଗାମୀ ବୁଧବାର ୨୪ ତାରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଯଦି ସରକାର ତୁରନ୍ତ ଏହି ଦାବିଗୁଡିକ ପୁରଣ ନକରନ୍ତି ତେବେ ଆସନ୍ତା ଫେବୃୟାରୀ ମାସଠାରୁ ହାଣ୍ଡି-କରଛୁଲି ଛାଡ ଡାକରା ଦିଆଯିବ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ଡା. ମନୋରଂଜନ ବିଧାୟକ ପ୍ରାର୍ଥୀ ହେବା ପ୍ରସଙ୍ଗ ସହପାଠୀ ଜଣାଇଲେ ପୂର୍ଣ୍ଣ ସମର୍ଥନ

**ବାରିପଦା /ଉଦଳା (ଅମୃତ ମିଡିଆ) :** ଉଦଳା ଉଚ୍ଚ ବିଦ୍ୟାଳୟର ୧୯୮୬ ମସିହା ମାଟ୍ରିକ ବ୍ୟାଚ ଛାତ୍ର ମାନଙ୍କର ପ୍ରତିବର୍ଷ ଏକ ମିଳନ ପର୍ବ ଅନୁଷ୍ଠିତ ହୋଇଥାଏ। ଡା. ମନୋରଂଜନ ମଧ୍ୟ ଏହି ବ୍ୟାଚର ଛାତ୍ର ଥିଲେ। ତେବେ ଆଜି ଜାନୁଆରୀ ୨୧ ତାରିଖ ରବିବାର ଦିନ ଉଦଳା ଠାରେ ଏହି ବ୍ୟାଚର ମିଳନ ପର୍ବ ଚାଲିଥିବା ସମୟରେ ଡା. ମନୋରଂଜନ ମଲ୍ଲିକ ଏଥର ଉଦଳା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥି ହେବାକୁ ଯାଉଛନ୍ତି ବୋଲି ଖବର ପାଇ ସମସ୍ତ ସହପାଠୀ ତାଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇବେ ବୋଲି ମୁକ୍ତ କଣ୍ଠରେ ଘୋଷଣା କରିଥିଲେ। ପ୍ରକାଶ ଥାଉକି ଏହି ବ୍ୟାଚ ଛାତ୍ର ମାନଙ୍କର ଉଦଳା ରାଜନୀତିକୁ ପ୍ରଭାବିତ କରିବା ଭଳି ସୁନ୍ଦର ଦକ୍ଷତା ରହିଛି। ଡା. ମନୋରଂଜନ କେଉଁ ଦଳରୁ ଟିକଟ ନେବେ ତାହା ଆମର ଜାଣିବା ଦରକାର ନାହିଁ। ଏପରିକି ସେ ଯଦି ସ୍ୱାଧିନ ପ୍ରାର୍ଥି ଭାବେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାନ୍ତି ଆମେ ତାଙ୍କୁ ଭୋଟ ଦେବୁ ବୋଲି ସହପାଠୀ ମାନେ ବ୍ୟକ୍ତ କରିଥିଲେ। ଆଜିର ଏହି ମିଳନ ପର୍ବ ପରେ ଡା. ମନୋରଂଜନଙ୍କର ସମଗ୍ର ନିର୍ବାଚନି ମଣ୍ଡଳୀରେ ଏକ ପ୍ରକାର ଖୁବ ଭଲ ଦବଦବା ଥିବାର ପରିଲକ୍ଷିତ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆଜି ...

ଖୁସିରେ ମସଗୁଲ୍। ଏହା ଦେଖିବାକୁ ମିଳିଛି କି ରାମ ମନ୍ଦିରକୁ ନା ନା ଫୁଲରେ ସଜାଯାଇଛି । ଫୁଲରେ ଭର୍ତ୍ତି ହୋଇଥିବା ମନ୍ଦିରର ସୌନ୍ଦର୍ଯ୍ୟ ଦେଖିବା ଯୋଗ୍ୟ।ପ୍ରାଣ ପ୍ରତିଷ୍ଠା ପୂର୍ବରୁ ରାମ ମନ୍ଦିରର ଭବ୍ୟତା ଦେଖାଯାଇଛି । ଫୁଲରେ ସଜାଯାଇଥିବା ମନ୍ଦିର ଆହୁରି ସୁନ୍ଦର ଦେଖାଯାଉଛି । ମନ୍ଦିରର ପ୍ରତ୍ୟେକ କୋଣ ଅନୁକୋଣ ଫୁଲରେ ଭରପୁର ସଜାଯାଇଛି ।ଏହାର ସମାରୋହ ହେବା ପୂର୍ବରୁ ଅଯୋଧ୍ୟା ରାମମୟୀ ହୋଇଛି। ତେଣୁ ପ୍ରଧାନମନ୍ତ୍ରୀ ମୋଦୀ ଭଗବାନ ରାମଙ୍କ ଭବ୍ୟ ମନ୍ଦିରର ଉଦଘାଟନ କରିବେ। ଏହି କାର୍ଯ୍ୟକ୍ରମକୁ ସମଗ୍ର ଦେଶରେ ଆଲୋଚନା କରାଯାଉଛି। କହିବାକୁ ଗଲେ ରାମଲଲାଙ୍କ ସମର୍ପଣ ଜାନୁଆରୀ ୨୨ ରେ ହେବାକୁ ଯାଉଛି। ଯେଉଁଥିରେ ଆଉ ବହୁତ କମ୍ ସମୟ ବାକି ଅଛି । ଏହାପୂର୍ବରୁ ଅଯୋଧ୍ୟାକୁ କନିଆ ପରି ସଜାଯାଉଛି। ରାମ ନାଗରୀ ରାସ୍ତାରେ ରାମ ନାମରେ ପତାକା ଲଗାଯାଉଛି। ମନ୍ଦିରର ଗର୍ଭଗୃହ ସ୍ଥାନ ହେଉଛି ଏହାର ମୁଖ୍ୟ ଆକର୍ଷଣ କେନ୍ଦ୍ର । ପ୍ରଭୁ ରାମ ଏଠାରେ ସ୍ଥାପିତ ହେବେ । ଶ୍ରୀ ରାମଙ୍କ ସିଂହାସନ ବହୁତ ସୁନ୍ଦର ହୋଇଛି। ସୂଚନାନୁସାରେ, ସିଂହାସନ ପ୍ରାୟ ୩ ଫୁଟ ଉଚ୍ଚ ଅଟେ। ଭଗବାନ ଶ୍ରୀ ରାମଙ୍କ ମହାନ ମନ୍ଦିର ପ୍ରସ୍ତୁତ । ଏହା ବ୍ୟତୀତ ଅଯୋଧ୍ୟା ମଧ୍ୟ ପ୍ରସ୍ତୁତ ହେଉଛି। ସୁନ୍ଦର ପ୍ରବେଶ ଦ୍ୱାର, ରାସ୍ତାରେ ଚମକୁଥିବା ସୂର୍ଯ୍ୟ ସ୍ତମ୍ଭ, ପରିଷ୍କାର ଏବଂ ପ୍ରଶସ୍ତ ରାସ୍ତା, ପରିଷ୍କାର ଏବଂ ସ୍ୱଚ୍ଛ ସରଜୁ, ସୁନ୍ଦର ବେଳାଭୂମି, ରାମ କି ପେଡିର ଅଲୌକିକ ଆଭା। ଅଯୋଧ୍ୟାର ଦର୍ଶନ କରାଯିବ। ଶୁଭ ସମୟ ଦିନ ୧୨ଟା ୨୯ ମିନିଟ ଏବଂ ୦୮ସେକେଣ୍ଡରୁ ୧୨ଟା ୩୦ମିନିଟ ଏବଂ ୩୨ସେକେଣ୍ଡ ପର୍ଯ୍ୟନ୍ତ ରହିବ। ଏହାର ଅର୍ଥ ପ୍ରାଣ ପ୍ରତିଷ୍ଠା ପାଇଁ ଶୁଭ ସମୟ ମାତ୍ର ୮୪ ସେକେଣ୍ଡ । ପୂଜା ରୀତିନୀତିରେ ଅଧ୍ୟକ୍ଷତା କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀ ରାମ ଲାଲାଙ୍କ ପ୍ରତିମାକୁ ପ୍ରାଣ ପ୍ରତିଷ୍ଠା କରିବେ। କାଶୀର ପ୍ରସିଦ୍ଧ ବୈଦିକ ଆଚାର୍ଯ୍ୟ ଗଣେଶ୍ୱର ଦ୍ରାବିଡ଼ ଏବଂ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ଦୀକ୍ଷିତଙ୍କ ନିର୍ଦ୍ଦେଶରେ ୧୨୧ ବୈଦିକ ଆଚାର୍ଯ୍ୟଙ୍କ ଦ୍ୱାରା ଏହି ରୀତିନୀତି କରାଯିବ। ଏହି ସମୟ ମଧ୍ୟରେ ୧୫୦ ରୁ ଅଧିକ ପରମ୍ପରାର ସାଧୁ ତଥା ଧାର୍ମିକ ନେତା ତଥା ୫୦ରୁ ଅଧିକ ଆଦିବାସୀ, ଗିରିବାସୀ, ତଟବାସୀ, ଦ୍ୱୀପବାସୀ ଏବଂ ଜନଜାତି ପରମ୍ପରା ମଧ୍ୟ ଉପସ୍ଥିତ ରହିବେ।

### ନୟାଗଡ...

ହୋଇଛି । ଏହି ମନ୍ଦିରର ଓ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହର ପ୍ରାଣ ପ୍ରତିଷ୍ଠା ପାଇଁ ବେଢ଼ାରେ ଚାଲିଛି ଯଜ୍ଞ । ପଣ୍ଡିତଙ୍କ ମନ୍ତ୍ର ଉଚାରଣ ସହ ଦିଆଯାଉଛି ଆହୁତି । ଆଉ ତା ଭିତରେ ଶୁଭୁଛି ସାଧୁ ସନ୍ଥଙ୍କ ମନ୍ତ୍ର ଓ ନାମ ସଂକୀର୍ତନ । ଯାହାଫଳରେ ପୁରା ପରିବେଶ ରାମମୟ ହୋଇଛି ।ଏହି ମନ୍ଦିର ନିର୍ମାଣ ପାଇଁ ପ୍ରାୟ ୨ଶହ କାରିଗର, ୪ବର୍ଷ ହେଲା ନିୟୋଜିତ ହୋଇଥିଲେ । ଆଉ ୩ଟି ପର୍ଯ୍ୟାୟରେ ଏହାର ନିର୍ମାଣ କରାଯାଇଛି । ରେଖ, ଭଦ୍ର ଓ ମୋହନ ନାମରେ ୩ଟି ମୁଖ୍ୟ ମନ୍ଦିର ରହିଥିବାବେଳେ ଚତୁଃପାଶ୍ୱର୍ରେ ଶିବ, ଗଣେଶ, ସୂର୍ଯ୍ୟନାରାୟଣ ଓ ହନୁମାନଙ୍କ ପାଇଁ ୪ଟି ମନ୍ଦିର ନିର୍ମାଣ କରାଯାଇଛି । ସିଂହ, ଘୋଡା, ହାତୀ ଓ ବ୍ୟାଘ୍ରଙ୍କ ନାମରେ ୪ଟି ପ୍ରବେଶ ପଥ ରହିବା ସହ ୨୨ ପାହାଚର ଅନୁକରଣ ମଧ୍ୟ କରାଯାଇଛି ।

### ୩ ବାଇକ...

ଦଶାହ କାମରେ ଯୋଗ ଦେବାପାଇଁ ଏକ ବାଇକ ଓଡି ୨୨ୱାଇ ୦୪୫୧ ଯୋଗେ ସୋର ଯାଉଥିଲା ବେଳେ ୧୬ ନମ୍ବର ଜାତୀୟ ରାଜପଥ ର ରାଣୀତାଲ ହାଇଟେକ କଲେଜ ପାଖରେ ପଛରୁ ଏକ ଟ୍ରକ ଧକ୍କା ଦେଇ ପଳାଇ ଯାଇଥିଲା। ବର୍ଷା ହେଉଥିବା ଯୋଗୁ ସେଠି କେହି ନ ଥିବାର ସୁଯୋଗ ପାଇଁ ଟ୍ରକଟି ପଳାଇ ଯାଇଥିବା ବେଳେ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ମୃତକମାନଙ୍କୁ ପଞ୍ଚନାମା ପାଇଁ ଭଦ୍ରକ ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି।

# ଖେଲୋ ଇଣ୍ଡିଆ ଜୁନିଅର୍ ସନ୍ତରଣ ପ୍ରତିଯୋଗିତା



**ଭୁବନେଶ୍ୱର(ବ୍ୟୁରୋ) :** ଖେଲୋ ଇଣ୍ଡିଆ ଜୁନିଅର ମହିଳା ସିରିଜ୍ -୨୦୨୩ କିକ୍ ଆଜି ଭୁବନେଶ୍ୱରର କାଲିଙ୍ଗା ଷ୍ଟାଡିୟମ୍ ଜଳବାୟୁ କେନ୍ଦ୍ରରୁ ଆରମ୍ଭ ହୋଇଛି । ଓଡିଶା, ବିହାର, ଛତିଶଗଡ ଏବଂ ମଧ୍ୟପ୍ରଦେଶର ୧୮ ବର୍ଷରୁ କମ୍ ବୟସର ମହିଳା ସନ୍ତରଣକାରୀ ତଥା ଭାରତର ସନ୍ତରଣ ଫେଡେରେସନ୍ ଅଧୀନରେ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଓଡିଶା ରାଜ୍ୟ ସନ୍ତରଣ ସଂଘ ଦ୍ୱାରା ପରିଚାଳିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମର ମୋଟ ୬୦ ଜଣ ସନ୍ତରଣକାରୀ ଏବଂ ୩୦ ବୈଷୟିକ ଅଧିକାରୀ ଅଂଶ ଗ୍ରହଣ କରିଛନ୍ତି । ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ରାଜ୍ୟ ସନ୍ତରଣ ସଂଘର ସଭାପତି ପ୍ରଦିପ କୁମାର ପାଦୀ ଅଧକ୍ଷତା କରିଥିଲେ। ଶ୍ରୀ ଦୀପନକର ମହାପାତ୍ର, ଉ.ର.ଙ. ଉଦ୍‌ଘାଟନୀ ସମାରୋହରେ ଓଡିଶାର ହକି ପ୍ରମୋସନ୍ କାଉନସିଲ୍, ଦି ଇନ୍‌ସ୍ପାଇଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟସର ନିର୍ଦ୍ଦେଶକ ଡଗଲାସ୍ ଇଗାର୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଥମ ଦିନରେ ୧୦ ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୨୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ଓଡିଶାର ଭଦ୍ରା ସତ୍ୟପାଠୀ (ଟ-୧୮) ପ୍ରଥମ ସ୍ଥାନ ଅଧିକାର କରିଥିଲେ, ବିହାରର କ୍ୟାଟାୟିନୀ ସିଂ (ଟ-୧୫) ୨୦୦ ମିଟର ଫ୍ରିଷ୍ଟାଇଲରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ, ଛତିଶଗଡରୁ ଭୁମି (ଟ-୧୮) ଗୁପ୍ତା ୧୦୦ ମିଟର ବ୍ୟାକ ଷ୍ଟ୍ରୋକ୍, ରିଦ୍ଧିମା ପ୍ରଥମ ପୁରସ୍କାର ପାଇଥିଲେ । ୧୦୦ ।ଡଖଣ୍ଡର ପାଲ୍ଲଭି ତିୱାରୀ (ଟ-୧୫) ୧୦୦ ମିଟର ବ୍ୟାକଷ୍ଟ୍ରୋକ୍ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ୧୦୦ ମିଟର ପ୍ରଜାପତି ଇଭେଣ୍ଟରେ ଓଡିଶାର ଦିବ୍ୟାକା ଦିବ୍ୟାଜୋତି ପ୍ରଧାନ (ଟ-୧୮) ଏହି ସମ୍ମାନ ଗ୍ରହଣ କରିଥିଲେ। ଓଡିଶାର ଅର୍ପିତା ସାମଲ (ଟ-୧୫) ପ୍ରଥମ ୧୦୦ ମିଟର ପ୍ରଜାପତି ଇଭେଣ୍ଟରେ ଠିଆ ହୋଇଥିଲେ । ଓଡିଶାର ମାନ୍ନା ମିଶ୍ର (ଟ-୧୮) ୨୦୦ ମିଟର ବ୍ୟକ୍ତିଗତ ମେଡଲି ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

# ବାୟୋପିକ୍ ଫିଲ୍ମ କରିବାକୁ ଅନନ୍ୟାଙ୍କ ଇଚ୍ଛା



'ଖୋ ଗୟେ ହମ୍ କହାଁ'ରେ ଦମ୍‌ଦାର ଅଭିନୟ ପାଇଁ ଖୁବ୍ ପ୍ରଶଂସା ସାଉଁଟୁଛନ୍ତି ୟଙ୍ଗ୍ ଓ ଡାଇନାମିକ୍ ଅନନ୍ୟା ପାଣ୍ଡେ । ଏଥିରେ ଆହାନା ଭୂମିକାରେ ସେ ସିଦ୍ଧାନ୍ତ ଚତୁର୍ବେଦୀ ଓ ଆଦର୍ଶ ଗୌରବଙ୍କ ସହ ସମ୍ପର୍କ ଓ ବନ୍ଧୁତ୍ୱର ଜଟିଳତାକୁ ସଜାଡୁଥିବା ନଜର ଆସିଛନ୍ତି । ଏହି ଭୂମିକା ପାଇଁ ସବୁ ମହଲରୁ ପ୍ରଶଂସିତ ହେଉଥିବା ଅନନ୍ୟା ନିକଟରେ ନିଜ ଇଚ୍ଛା ବିଷୟରେ ଖୋଲି କହିଛନ୍ତି । ଆଗକୁ ବଡ଼ ପରଦାରେ ନେଗେଟିଭ୍ ଭୂମିକା ପ୍ଲେ କରିବାକୁ ସେ ଚାହାନ୍ତି । ସେତିକି ନୁହେଁ, ବାୟୋପିକ୍‌ରେ ମଧ୍ୟ ଅଭିନୟ କରିବା ତାଙ୍କର ଲକ୍ଷ୍ୟ । ଅନନ୍ୟା ଏବେ ସୁଦ୍ଧା ପରଦାରେ ଜଣେ କୋମଳ ଓ ସରଳ ଝିଅ ଭୂମିକାରେ ନଜର ଆସିଛନ୍ତି । କିନ୍ତୁ ନେଗେଟିଭ୍ ଚରିତ୍ର ପ୍ରତି ତାଙ୍କର ବେଶ ଦୁର୍ବଳତା ରହିଛି । ନିଜର ଏହି ରୁଚିକୁ ପରଦାରେ ଉତାରିବାକୁ ସେ ଖୁବ୍? ଆଗ୍ରହୀ । ଏକ ଗଣମାଧ୍ୟମ ସହ ସାକ୍ଷାତକାରରେ ସେ କହିଛନ୍ତି, ପାରମ୍ପରିକ ଚରିତ୍ରଠାରୁ ଆଗକୁ ବଢ଼ି ବାସ୍ତବ ଜୀବନର ଜଟିଳତାଗୁଡ଼ିକୁ ପ୍ରଦର୍ଶନ କରୁଥିବା ଭୂମିକା ନିର୍ବାହ କରିବା ତାଙ୍କ ଇଚ୍ଛା । ଆଗକୁ ବଡ଼ କମର୍ସିଆଲ୍ ଫିଲ୍ମର ଅଂଶ ହୋଇ କ୍ୟାରିଅରକୁ ଆଗକୁ ନେବାକୁ ସେ ଚାହାନ୍ତି । ବାୟୋପିକ୍ ମାମଲାରେ କ୍ରୀଡ଼ାବିତ୍, ଜଣାଶୁଣ ଶାସ୍ତ୍ରୀୟ ଗାୟିକା କିମ୍ବା ନୃତ୍ୟଶିଳ୍ପୀଙ୍କ ଭୂମିକାକୁ ପରଦାରେ ଉତାରିବାକୁ ସେ ଚାହାନ୍ତି । ଏହା ଜରିଆରେ ସେ ନିଜ କ୍ୟାରିଅରକୁ ଆହୁରି ସୁଦୂରପ୍ରସାରୀ କରିପାରିବେ ।

# ଖେଲୋ ଇଣ୍ଡିଆରେ ଉତ୍ତରପ୍ରଦେଶର ପ୍ରତିନିଧିତ୍ୱ କରିବେ ତ୍ରିପାଠୀ ଭାଇଭଉଣୀ

**ଚେନ୍ନାଇ :** ୨୦୦୦ ଦଶକ ପୂର୍ବରୁ ହରି ଓମ୍ ତ୍ରିପାଠୀ ୨୦୨୨ ଏସୀୟ ଗେମ୍ସର ମିଶ୍ରିତ ଡବଲ୍ସ ସ୍ୱର୍ଣ୍ଣ ପଦକ ବିଜେତା ଦୀପିକା ପାଲିକାଲଙ୍କୁ ଜାତୀୟ ଅଣ୍ଡର -୧୩ ବାଳିକା ସ୍କ୍ୱାସ୍ ଟାଇଟଲରେ ପ୍ରଶିକ୍ଷଣ ଦେଇଥିଲେ, ଯାହା ତାଙ୍କର କୌଣସି ଖେଳାଳିଙ୍କ ପାଇଁ ପ୍ରଥମ ପ୍ରମୁଖ ଟ୍ରଫି । ଚେନ୍ନାଇର ଇଣ୍ଡିଆନ୍ ସ୍କ୍ୱାସ୍ ଏକାଡେମୀରେ ତ୍ରିପାଠୀ ପ୍ରଥମ କୋଚ୍ମାନଙ୍କ ମଧ୍ୟରୁ ଜଣେ ଥିଲେ ଏବଂ ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ ଯେ ପୂର୍ବତନ ଜାତୀୟ ପ୍ରଶିକ୍ଷକଙ୍କ ତିନି ପିଲା ଏହି ଖେଳ ଦେଖିବା ଏବଂ ଖେଳିବାରେ ବଡ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ଅନଶ ଏବଂ ଉନ୍ନାତି ତ୍ରିପାଠୀ ଏକ ହୋମଗାର୍ଡ କରୁଛନ୍ତି କାରଣ ସେମାନେ ଶନିବାର ଠାରୁ ସମାନ ଇଣ୍ଡିଆନ୍ ସ୍କ୍ୱାସ୍ ଏକାଡେମୀରେ ଷଷ୍ଠ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୩ ରେ ଉତ୍ତରପ୍ରଦେଶର ପ୍ରତିନିଧିତ୍ୱ କରିବେ। ଲସ୍ ଆଞ୍ଜେଲସ୍ ୨୦୨୮ ରେ ସ୍କ୍ୱାସ୍ ଏହାର ଅଲିମ୍ପିକ୍ ଡେବ୍ୟୁ କରିବାକୁ ଯାଉଥିବାବେଳେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ପ୍ରଥମ ଥର ପାଇଁ ଏହି କ୍ରୀଡ଼ାର ଅନ୍ତର୍ଭୁକ୍ତ ହେବା ତ୍ରିପାଠୀ ଭାଇଭଉଣୀମାନଙ୍କୁ ଉତ୍ସାହିତ କରିଛି । "ଖେଲୋ ଇଣ୍ଡିଆ ଯୁବ ଖେଳ ଆମ ପାଇଁ ବାସ୍ତବରେ ଏକ ବଡ଼ ସୁଯୋଗ। ଗତ ବର୍ଷ ମୁମ୍ବାଇରେ ଚାଲିଥିବା ଇଣ୍ଡିଆନ୍ ଜୁନିଅର ଓପନ୍ ସ୍କ୍ୱାସ୍ ଚାମ୍ପିଅନସିପ୍ ରେ ଅଣ୍ଡର -୧୭ ବାଳିକା ଟାଇଟଲ୍ ଜିତିଥିବା ୧୬ ବର୍ଷିୟ ଉନ୍ନାତି କହିଛନ୍ତି ଯେ ଆମେ ଏଠାରେ ଆମର ସିନିୟର ଖେଳାଳିଙ୍କୁ ମଧ୍ୟ ଖେଳିବାକୁ ଯାଉଛୁ। ଶନିବାର ଦିନ, ଅନ୍ନାତି ମଧ୍ୟପ୍ରଦେଶର ଚାଜେରିନା ବେଞ୍ଜାମିନ୍ ଉପରେ ୧୧-୫, ୧୧-୩, ୧୧-୧ ବିଜୟ ସହ ନିଜର ଅଭିଯାନ ଆରମ୍ଭ କରିଥିବା ବେଳେ ଅନଶ ୟୁପି ୧୪-୧୨, ୧୧-୯, ୧୧-୬ ର ରାଖୀ ଶାଲିଆଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲ ଅନ୍‌ଶ ପ୍ରାୟ ୬ ବର୍ଷ ବୟସରେ ଏହି ଖେଳ ଖେଳିବା ଆରମ୍ଭ କରିଥିଲେ।

## ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟ୍‌ବଲ
# ଫାଇନାଲ ମ୍ୟାଚରେ କୋଲକାତା ପରାସ୍ତ

**ଦଶପଲ୍ଲା(ଅମୃତ ମିଡିଆ) :** ସ୍ୱୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସର୍ବଭାରତୀୟ ଦଶପଲ୍ଲା କପ ଫୁଟବଲ ଫାଇନାଲ ପ୍ରତିଯୋଗିତାରେ ଆଜି ଏମ. ଜେ. ବି. ୟୁନାଇଟେଡ଼, ସରୋଜିନୀ ନଗର, ନୂଆଦିଲ୍ଲୀ ୩ଟି ଗୋଲ ଦେଇଥିଲା। ଶୋଧପୁର କ୍ଲବ, କୋଲକାତା, ୱେଷ୍ଟବେଙ୍ଗଲ କୌଣସି ଗୋଲ ପରିଶୋଧ କରି ପାରିନଥିଲେ । ୩-୦ ଗୋଲ ରେ ଏମ. ଜେ. ବି. ୟୁନାଇଟେଡ଼, ସରୋଜିନୀ ନଗର, ନୂଆଦିଲ୍ଲୀ ବିଜୟ ଲାଭ କଲା। ଆଜିର ଖେଳ ପରିଚାଳନା କରୁଥିଲେ ଶ୍ୟାମସୁନ୍ଦର ସାହା ଲାଇନ୍ସ ରେ , ରବିନ୍ଦ୍ରନାଥ ନାୟକ, ପ୍ରସନ୍ନ କୁମାର ନାୟକ ଓ ଫୋର୍ଥ ଅଫିସିଆଲ ରେ ଶୈଳେନ୍ଦ୍ର ମହାକୁଡ଼ ଓ ଅଶୋକ କୁମାର ପ୍ରଧାନ ସହଯୋଗ କରୁଥିଲେ। ଅତିଥି ଭାବେ ଦଶପଲ୍ଲା ର ଗ.ଖ.ଇ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ବେହେରା, ନୟାଗଡ ର M.L.A. Dr. ଅରୁଣ କୁମାର ସାହୁ, ଝୁନାଗଡର M.L.A. କ୍ୟାପଟେନ ଦିବ୍ୟସଙ୍କର ମିଶ୍ର, କନ୍ଧମାଳର M.P. DR. ଅଚ୍ୟୁତ ସାମନ୍ତ ଓ ସିନେ ତାରକା ପ୍ରିୟା ଓ ସମ୍ବିତ ଉପସ୍ଥିତ ଥିଲେ।

# ସର୍ବ ଭାରତୀୟ ୨ଦିନିଆ ଫୁଟି ପ୍ରତିଯୋଗିତା ଉଦ୍‌ଘାଟିତ

**ବାରିପଦା(ଅମୃତ ମିଡିଆ) :** ଓଡିଶା ଫୁଟି ଏସୋସିଏସନ ଆନୁକୂଲ୍ୟରେରେ ସର୍ବ ଭାରତୀୟ ୨ଦିନିଆ ଫୁଟି ପ୍ରତିଯୋଗିତା ବାରିପଦା ସ୍ଥିତ ଏମପିସି ଅଟୋନମାସ କଲେଜ ପଡିଆରେ ଉଦଘାଟିତ ହୋଇଯାଇଛି । ଏଥିରେ ଓଡିଶା, ପଶ୍ଚିମବଙ୍ଗ, ଝାରଖଣ୍ଡ, କେରଳ, ମହାରାଷ୍ଟ୍ର, ବିହାର, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଉତର ପ୍ରଦେଶ ଟିମ ଜୁନିଅର ଏବଂ ସିନିଅର ଆଦି ୧୧ ଟି ରାଜ୍ୟର ଟିମ ଅଂଶ ଗ୍ରହଣ କରିଛିଁ । ଉଦଘାଟନ ଉତ୍ସବରେ ପୂର୍ବତନ ବାଚସ୍ପତି ସାନନ୍ଦ ମାର୍ଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦଘାଟନ କରିଥିଲେ । ସଂମାନୀତ ଅତିଥି ଭାବେ ମୟୁରଭ ମୁକ୍ତି ମୋର୍ଚ୍ଚାର ସଭାପତି ଧରମରାଜ ହାଁସଦା, ମୟୁରଭ ଏଥେଲେଟିକ ଏସୋସିଏସନ ସମ୍ପାଦକ ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଖେଳ ୨ ଦିନ ଧରି ଚାଲିବ । ଇଣ୍ଡିଆ ଟିମ ପାଇଁ ଖେଳାଳୀ ଚୟନ କରାଯିବ । ଏହି ଖେଳକୁ ଓଡିଶା ଫୁଟି ଏସୋସିଏସନ ସଭାପତି ରାମ ଚନ୍ଦ୍ର ମୁର୍ମୁ, ସମ୍ପାଦକ ଲାସା ମାର୍ଣ୍ଡି, ପ୍ରଶିକ୍ଷକ ସିପୁନ ମାର୍ଣ୍ଡି ପ୍ରମୁଖ ପରିଚାଳନା କରିଥିଲେ ।



# ୧ ନମ୍ବର ସ୍ୱିଟେକ ବିଦା, ନୋସ୍କୋଭାଙ୍କଠୁ ହାରିଲେ

**ମେଲ୍‌ବର୍ଣ୍ଣ :** ବିଶ୍ୱର ନମ୍ବର୧ ମହିଳା ଟେନିସ ଖେଳାଳି ଇଗା ସ୍ୱିଟେକ ଏବଂ ପୂର୍ବତନ ୟୁଏସ୍ ଓପନ୍ ବିଜୟିନୀ ସ୍ଲୋଆନ ଷ୍ଟିଫେନ୍ସଙ୍କ ଅଷ୍ଟ୍ରେଲିଆନ୍ ଓପନ୍ ଅଭିଯାନ ତୃତୀୟ ରାଉଣ୍ଡରେ ଶେଷ ହୋଇଯାଇଛି। ମେଲ୍‌ବର୍ଣ୍ଣ ପାର୍କରେ ଖେଳାଯାଇଥିବା ମହିଳା ଏକକ ମ୍ୟାଚ୍‌ରେ ଚେକ୍‌ଗଣରାଜ୍ୟର ୧୯ ବର୍ଷୀୟା ଯୁବତୀ ଲିଣ୍ଡା ନୋସ୍କୋଭା ୩-୬, ୬-୩, ୬-୪ ସେଟ୍‌ରେ ପୋଲାଣ୍ଡର ସ୍ୱିଟେକଙ୍କୁ ହରାଇ ବିପର୍ଯ୍ୟୟ କରିଛନ୍ତି। ଏହି ପରାଜୟ ସହ ସ୍ୱିଟେକଙ୍କ ମେଲ୍‌ବର୍ଣ୍ଣରେ ପ୍ରଥମ ଏବଂ ୫ ଗ୍ରାଣ୍ଡସ୍ଲାମ୍ ଟ୍ରଫି ଆଶା ବିଫଳ ହୋଇଛି। ୨୦୨୧ ଫ୍ରେଞ୍ଚ ଓପନ୍ କନିଷ୍ଠ ବିଜୟିନୀ ପଦାର୍ପଣକାରୀ ନୋସ୍କୋଭା ପ୍ରିକ୍ୱାର୍ଟରଫାଇନାଲ୍‌ରେ ୧୯ ମାନ୍ୟତାପ୍ରାପ୍ତ ଏଲିନା ସ୍ୱିତୋଲିନାଙ୍କୁ ଭେଟିବେ। ୟୁକ୍ରେନ୍‌ର ସ୍ୱିତୋଲିନା ୬-୨, ୬-୩ ସେଟ୍‌ରେ ସ୍ୱିଜରଲାଣ୍ଡର ଭିକ୍ଟୋରିଜା ଗୋଲୁବିକଙ୍କୁ ହରାଇଛନ୍ତି। ଆମେରିକାର ଷ୍ଟିଫେନ୍ସ ୭-୬, ୧-୬, ୪-୬ ସେଟ୍‌ରେ ରୁଷିଆର ଆନ୍ନା କଲିନ୍‌ସ୍କାୟାଙ୍କଠୁ ହାରି ଯାଇଥିଲା। ଏହି ବିଜୟ ସହ କଲିନ୍‌ସ୍କାୟା ପ୍ରଥମ ଥର ଲାଗି ଗ୍ରାଣ୍ଡସ୍ଲାମ୍‌ର ପ୍ରିକ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଛନ୍ତି। ପ୍ରିକ୍ୱାର୍ଟର ଫାଇନାଲ୍‌ରେ ସେ ଇଟାଲିର ଜସ୍ମିନ ପାଓଲିନିଙ୍କୁ ଭେଟିବେ। ପାଓଲିନ୍ ୭-୬, ୬-୪ ସେଟ୍‌ରେ ଆନ୍ନା ବ୍ଲିଙ୍କୋଭାଙ୍କୁ ପରାସ୍ତ କରିଥିଲେ। ଅନ୍ୟ ମହିଳା ଏକକରେ ୨ ଥରର ବିଜୟିନୀ ଭିକ୍ଟୋରିଆ ଆଜାରେଙ୍କା ଏବଂ ଚୀନ୍‌ର ଝେଙ୍ଗ କ୍ୱିନୱେନ୍ ତୃତୀୟ ରାଉଣ୍ଡ ବାଧା ଅତିକ୍ରମ କରିଛନ୍ତି। ବେଲାରୁଷର ଆଜାରେଙ୍କା ୬-୧, ୭-୫ ସେଟ୍‌ରେ ଲାଟଭିଆର ଜେଲିନା ଓସ୍ତାପେଙ୍କୋଙ୍କୁ ଏବଂ ଝେଙ୍ଗ ୬-୪, ୨-୬, ୭-୬ ସେଟ୍‌ରେ ନିଜ ଦେଶର ୱାଙ୍ଗ ୟାଫାନଙ୍କୁ ହରାଇଥିଲେ। ଚତୁର୍ଥ ରାଉଣ୍ଡରେ ଆଜାରେଙ୍କା ୟୁକ୍ରେନ୍‌ର ଦାରିୟା ୟାସ୍ତ୍ରିମସ୍କାଙ୍କୁ ଏବଂ ଝେଙ୍ଗ ଫ୍ରାନ୍ସର ଓସିନ୍ ଡୋଡିନଙ୍କୁ ଭେଟିବେ। ୟାସ୍ତ୍ରିମସ୍କା ୨-୬, ୬-୨, ୬-୧ ସେଟ୍‌ରେ ଆମେରିକାର ଇମା ନାଭାରୋ ଏବଂ ଡୋଡିନ ୬-୨, ୬-୪ ସେଟ୍‌ରେ ନିଜ ଦେଶର କ୍ଲାରା ବୁରେଲଙ୍କୁ ପରାସ୍ତ କରିଥିଲେ। ପୁରୁଷ ଏକକ ପ୍ରିକ୍ୱାର୍ଟର ଫାଇନାଲ୍‌ରେ ବିଶ୍ୱର ୨ ନମ୍ବର କାର୍ଲୋସ ଅଲ୍‌କାରାଜ ଗାର୍ଫିଆ, ୩ ନମ୍ବର ଡାନିଲ ମେଦଭେଦେଭ, ୬ ନମ୍ବର ଆଲେକଜାଣ୍ଡର ଭେରେଭ ସହଜରେ ପ୍ରବେଶ କରିଛନ୍ତି। ସ୍ପେନ୍‌ର ଅଲ୍‌କାରାଜଙ୍କ ପ୍ରତିଦ୍ୱନ୍ଦ୍ୱୀ ଚୀନ୍‌ର ସାଙ୍ଗ ଜୁନଚେଙ୍ଗ ମ୍ୟାଚ୍ ୬-୧, ୬-୧, ୧-୦ ଥିଲା ବେଳେ ଆହତ ଯୋଗୁଁ ଓହରି ଯାଇଥିଲେ। ରୁଷିଆର ମେଦଭେଦେଭ ୬-୩, ୬-୪, ୬-୩ ସେଟ୍‌ରେ କାନାଡ଼ାର ଫେଲିକ୍ସ ଅଗର ଆଲିଆ ସିମ୍‌ଙ୍କୁ ଏବଂ ଜର୍ମାନିର ଭେରେଭ ୬-୨, ୭-୬, ୬-୨ ସେଟ୍‌ରେ ଆମେରିକାର ଆଲେକ୍ସ ମିଚେଲ ସେନଙ୍କୁ ପରାସ୍ତ କରିଥିଲେ। ତେବେ କାସପର ରୁଡ୍ (ଏକାଦଶ), ଗିର୍ଗୋର ଦିମିତ୍ରୋଭ (ତ୍ରୟୋଦଶ), ଟମି ପଲ୍ (ଚତୁର୍ଦ୍ଦଶ)ଙ୍କ ଅଭିଯାନ ଶେଷ ହୋଇଛି। ନରୱେର ରୁଡ୍ ୪-୬, ୭-୬, ୪-୬, ୩-୬ ସେଟ୍‌ରେ ବ୍ରିଟେନ୍‌ର କାମେରୁନ ନୋରିଙ୍କଠୁ, ବୁଲଗେରିଆର ଦିମିତ୍ରୋଭ ୭-୬, ୪-୬, ୨-୬, ୬-୭ ସେଟ୍‌ରେ ପର୍ତ୍ତୁଗାଲର ନୁନୋ ବୋର୍ଗେସଙ୍କଠୁ ଏବଂ ଆମେରିକାର ପଲ ୪-୬, ୬-୩, ୬-୨, ୬-୭, ୦-୬ ସେଟ୍‌ରେ ସର୍ବିୟାର ମିଓମିର କେସମାନୋଭିକ୍‌ଙ୍କଠୁ ହାରିଯାଇଛନ୍ତି।

# ଭାରତ ବିପକ୍ଷ ସିରିଜ୍ ପୂର୍ବରୁ ହ୍ୟାରି ବ୍ରୁକ ବାଦ୍




**ନୂଆଦିଲ୍ଲୀ :** ଜାନୁଆରୀ ୨୫ରୁ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ୫ ଟେଷ୍ଟ ମ୍ୟାଚ ବିଶିଷ୍ଟ ସିରିଜ ପୂର୍ବରୁ ଇଂଲଣ୍ଡ ଦଳ ଏକ ବଡ଼ ଝଟ୍‌କା ଲାଗିଛି। ଇଂଲଣ୍ଡ ତାରକା ବ୍ୟାଟ୍ସମ୍ୟାନ ହ୍ୟାରି ବ୍ରୁକ ଭାରତ ବିପକ୍ଷ ଟେଷ୍ଟ ସିରିଜରୁ ବାଦ୍ ପଡ଼ିଛନ୍ତି। ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ ଏକ ବିବୃତ୍ତି ଜାରି କରି କହିଛି ଯେ, ବ୍ୟକ୍ତିଗତ କାରଣରୁ ହ୍ୟାରି ବ୍ରୁକ ଇଂଲଣ୍ଡକୁ ଫେରୁଛନ୍ତି ଏବଂ ଟେଷ୍ଟ ସିରିଜ ଖେଳିବା ପାଇଁ ହ୍ୟାରି ବ୍ରୁକ ଭାରତକୁ ଫେରିବେ ନାହିଁ । ଏହି କଷ୍ଟ ସମୟରେ ଗୋପନୀୟତା ପାଇଁ ବ୍ରୁକଙ୍କ ପରିବାର ନିବେଦନ କରିଛନ୍ତି। ଆମେ ଚାହୁଁ ଯେ ବ୍ରୁକ ପରିବାରର ଗୋପନୀୟତା ପ୍ରତି ଯତ୍ନବାନ ହେବା ଉଚିତ ଏବଂ ସେମାନଙ୍କର ବ୍ୟକ୍ତିଗତ ସ୍ଥାନ ଏଥିରେ ହସ୍ତକ୍ଷେପ କରାଯିବା ଉଚିତ୍ ନୁହେଁ। ଇସିବି ଦ୍ୱାରା ହ୍ୟାରି ବ୍ରୁକଙ୍କ ସ୍ଥାନ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ଇଂଲଣ୍ଡର ମଧ୍ୟମ କ୍ରମରେ ହ୍ୟାରି ବ୍ରୁକ ଅନ୍ୟତମ ବିପଜ୍ଜନକ ଖେଳାଳି। ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିବା ଦିନଠାରୁ ବ୍ରୁକ ଏକ ଚର୍ଚ୍ଚାର ବିଷୟ ପାଲଟିଛନ୍ତି ଏବଂ ତାଙ୍କୁ କ୍ରିକେଟ ଜଗତର ପରବର୍ତ୍ତୀ ବଡ଼ ତାରକା ଭାବରେ ଦେଖାଯାଉଛି। ଏପର୍ଯ୍ୟନ୍ତ ୧୨ଟି ଟେଷ୍ଟ ମ୍ୟାଚ ଖେଳିବାବେଳେ ବ୍ରୁକ ୧୧୮୧ରନ ସଂଗ୍ରହ କରିଛନ୍ତି। ବ୍ରୁକଙ୍କ ହାରାହାରି ୬୨.୧୬ ରହିଛି। କେବଳ ଏତିକି ନୁହେଁ, ବ୍ରୁକ ଟେଷ୍ଟ କ୍ରିକେଟ ରେ ୪ଶତକ ଏବଂ ୭ ଅର୍ଦ୍ଧଶତକ ହାସଲ କରିଛନ୍ତ।


# ଓଡ଼ିଶାର ଜାଭେଲିନ୍ ଥ୍ରୋଇଙ୍ଗ୍ ସେନସେସନ୍
## କିଶୋରଙ୍କ ଅଭ୍ୟାସ ଆରମ୍ଭ

**ଭୁବନେଶ୍ୱର(ବ୍ୟୁରୋ) :** ଓଡ଼ିଶାର ଜାଭେଲିନ୍ ଥ୍ରୋଇଙ୍ଗ ସେନସେସନ୍ ତଥା ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା କିଶୋର ଜେନା ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରିଛନ୍ତି। କୋଚ୍ ସମରଜିତ ସିଂ ମଲିଙ୍କ ତତ୍ତ୍ୱାବଧାନରେ କିଶୋର ଶନିବାର ଅଭ୍ୟାସ ଆରମ୍ଭ କରିଛନ୍ତି। କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ ବୋଲି କହିଛନ୍ତି ସମରଜିତ ସିଂ ମଲି। ଏହା ସହିତ ବର୍ତ୍ତମାନ କଳିଙ୍ଗ ସୁପର କପ୍ ଜାରି ରହିଥିବାରୁ ଏଠିକାର ମାହୋଲ କିଶୋରଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉତ୍ସାହିତ କରୁଛି ବୋଲି ସେ କହିଛନ୍ତି। ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ପଞ୍ଚମ ସ୍ଥାନ ଓ ଏସିଆଡ୍‌ରେ ରୌପ୍ୟ ପଦକ ସହ କିଶୋର ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ଏହା ଅଲିମ୍ପିକ୍ସରେ ଭାରତର ପଦକ ସମ୍ଭାବନାକୁ ବୃଦ୍ଧି କରିଛି ବୋଲି ସେ କହିଛନ୍ତି। କିଶୋର ଭାରତର ଅନ୍ୟତମ ପଦକ ସମ୍ଭାବନା ରହିଥିବା ବେଳେ ଏଥି ନିମନ୍ତେ ପ୍ରସ୍ତୁତି ଜୋରଦାର ରହିଛି ବୋଲି ମଲି କହିଛନ୍ତି। ନିୟମିତ ଭାବରେ ପ୍ରଦର୍ଶନରେ ଉନ୍ନତି ଆଣିବା ଆମର ଏକମାତ୍ର ଲକ୍ଷ୍ୟ ରହିଛି। ୭୬ ମିଟରରୁ ଉନ୍ନତି ଆଣି ୮୭.୫ ମିଟରରେ ପହଞ୍ଚିବା କିଶୋରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ସେ କହିଥିଲେ। ଏହା ସହିତ ନିୟମିତ ସହାୟତା କାରଣରୁ ଓଡ଼ିଶା ସରକାର, ସାଇ ଓ ରିଲାଏନ୍ସକୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ କିଶୋରଙ୍କ କୋଚ୍।

# ଶୋଏବ ଦେଇ ନାହାନ୍ତି ଛାଡପତ୍ର !
## ସାନିଆ ଭାଙ୍ଗିଛନ୍ତି ସମ୍ପର୍କ

**ମୁମ୍ବାଇ :** ପାକିସ୍ତାନୀ କ୍ରିକେଟର ଶୋଏବ ମଲିକ । ଭାରତୀୟ ଟେନିସ୍ ତାରକା ସାନିଆ ମିର୍ଜା। ଦୁହିଁଙ୍କ ବୈବାହିକ ଜୀବନରେ ନୂଆ ମୋଡ ନେଇଛି। ଶୋଏବ ପାକିସ୍ତାନୀ ଅଭିନେତ୍ରୀ ସନା ଜାଭେଦଙ୍କୁ ବିବାହ କରିଛନ୍ତି। ଏହି ବିବାହ କେବଳ ପାକିସ୍ତାନରେ ହୋଇଥିଲା। ଏହା ଶୋଏବଙ୍କ ତୃତୀୟ ବିବାହ ଥିଲା। ଶୋଏବ ଏବଂ ସାନିଆ ୨୦୧୦ରେ ବିବାହ କରିଥିଲେ। ଦୀର୍ଘ ୧୪ବର୍ଷ ପରେ ଏହି ସମ୍ପର୍କ ଭାଙ୍ଗିଯାଇଛି। ସାନିଆ ଏବଂ ଶୋଏବ ଦୀର୍ଘଦିନ ଧରି ଅଲଗା ରହୁଥିଲେ। ଦୁହିଁଙ୍କ ମଧ୍ୟରେ ସମ୍ପର୍କ କିଏ ଭାଙ୍ଗିଥିଲା ଏବଂ କାହିଁକି ? ଛାଡ଼ପତ୍ର କିଏ ନେଇଛି। ତେବେ ଏବେ ପ୍ରଶ୍ନ ଉଠୁଛି କି ଶୋଏବ ସାନିଆଙ୍କୁ ତଲାକ୍? ଦେଇଛନ୍ତି କି ନାହିଁ ? ନା ଯେପରି ପ୍ରଥମ ପତ୍ନୀଙ୍କୁ ତଲାକ୍? ନଦେଇ ସାନିଆଙ୍କୁ ବିବାହ କରିଥିଲେ। ସେପରି ସାନିଆଙ୍କୁ ବିନା ଛାଡପତ୍ରରେ ତୃତୀୟ ବିବାହ କରିଛନ୍ତି ? ଏ ନେଇ ସାନିଆଙ୍କ ବାପା ଗଣମାଧ୍ୟମରେ ତାଙ୍କର ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ତଲାକ୍ ହୋଇନାହିଁ, କିନ୍ତୁ 'ଖୁଲା' ହୋଇଛି। ଆମେ ଆପଣଙ୍କୁ ଜଣାଇ ଦେଉଛୁ ଯେ ତଲାକ୍ ଓ ଖୁଲା ମଧ୍ୟରେ ଏକ ଛୋଟ ପାର୍ଥକ୍ୟ ରହିଛି। ଏନେଇ ଇମ୍ରାନ କହିଛନ୍ତି, ଶୋଏବ ନୁହନ୍ତି, ସାନିଆ ନିଜେ ହିଁ ସମ୍ପର୍କ ଭାଙ୍ଗିଛନ୍ତି। ସାନିଆ 'ଖୁଲା' ଅଧିକାରରେ ଶୋଏବଙ୍କ ସହ ତାଙ୍କର ବିବାହରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏହାର ଅର୍ଥ ହେଉଛି, ଶୋଏବ ଛାଡ଼ପତ୍ର ଦେଇନାହାନ୍ତି କିନ୍ତୁ ସାନିଆ ନିଜେ ମତଭେଦ ହେତୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି । ଇମ୍ରାନ କହିଛନ୍ତି, ଇସ୍‌ଲାମରେ ଏକ ବିବାହ ଭାଙ୍ଗିବାର ଅନେକ ଉପାୟ ଅଛି। ସେଥିମଧ୍ୟରୁ ଗୋଟିଏ ହେଉଛି 'ଖୁଲା'। ଯେତେବେଳେ ପୁଅ ଝିଅକୁ ଛାଡ଼ିବାକୁ ଚାହେଁ ତ ସେତେବେଳେ ତଲାକ୍ ହୁଏ। ଆଉ ଯେତେବେଳେ ଝିଅ ତା' ଆଡୁ ପୁଅକୁ ଛାଡ଼େ ତ ତାହାକୁ ଖୁଲା କୁହାଯାଏ। ତାହାଲେ ଏଥିରୁ ସ୍ପଷ୍ଟ ଯେ ସାନିଆ ନିଜ ଆଡୁ ସ୍ୱାମୀ ଶୋଏବଙ୍କ ଠାରୁ ଅଲଗା ହୋଇଛନ୍ତି।

# ୫ଟି ଟେଷ୍ଟରୁ ବାଦ୍ ପଡ଼ି ପାରନ୍ତି ମହମ୍ମଦ ଶାମି



**ନୂଆଦିଲ୍ଲୀ :** ଇଂଲଣ୍ଡ ବିପକ୍ଷ ଜାନୁଆରୀ ୨୫ରେ ଆରମ୍ଭ ହେଉଥିବା ଟେଷ୍ଟ ଶୃଙ୍ଖଳା ପୂର୍ବରୁ ଭାରତକୁ ବହୁତ ବଡ଼ ଝଟକା ଲାଗିଛି। ଦଳର ଦ୍ରୁତ ବୋଲର ମହମ୍ମଦ ଶାମି ସମସ୍ତ ଟେଷ୍ଟରୁ ବାଦ୍ ପଡ଼ି ପାରନ୍ତି। ଗୋଇଠିରେ ଆଘାତଜନିତ ସମସ୍ୟା ଯୋଗୁଁ ଶାମିଙ୍କୁ ପ୍ରଥମ ଦୁଇଟି ଟେଷ୍ଟ ପାଇଁ ଦଳରେ ସ୍ଥାନ ମିଳିନି। ଆଶା କରାଯାଉଥିଲା ଶେଷ ତିନୋଟି ଟେଷ୍ଟରେ ଶାମି ଦଳକୁ ଫେରି ପାରନ୍ତି। ହେଲେ ତାଙ୍କର ଆଘାତ ଗୁରୁତର ଥିବାରୁ ତାଙ୍କର ଟେଷ୍ଟ ସିରିଜ୍ ଖେଳିବାର ସମ୍ଭାବନା କମ ରହିଛି। ଏପରିକି ଶାମିଙ୍କୁ ଉନ୍ନତ ଚିକିତ୍ସା ପାଇଁ ଲଣ୍ଡନ ପଠାଯିବାର ନିଷ୍ପତ୍ତି ନିଆଯାଇପାରେ। ମହମ୍ମଦ ଶାମି ବିଶ୍ୱକପରେ ଦମଦାର ପ୍ରଦର୍ଶନ କରି ମାତ୍ର ୭ଟି ମ୍ୟାଚ୍‌ରେ ୨୪ଟି ୱିକେଟ୍ ଅକ୍ତିକାର କରିଥିଲେ। ମାତ୍ର ବିଶ୍ୱକପ୍ ପରେ ପରେ ତାଙ୍କର ଗୋଇଠି ସମସ୍ୟା ଗୁରୁତର ହୋଇଥିଲା। କ୍ରିକବଜ୍‌ର ରିପୋର୍ଟ ଅନୁସାରେ, ଶାମିଙ୍କୁ ବିଶେଷଜ୍ଞ ପରାମର୍ଶ ନେବା ପାଇଁ ଜାତୀୟ କ୍ରିକେଟ୍ ଏକାଡେମୀର କ୍ରୀଡା ଓ ବିଜ୍ଞାନର ମୁଖ୍ୟ ନୀତିନ ପଟେଲ୍‌ଙ୍କ ସହ ଲଣ୍ଡନ ପଠାଯାଇପାରେ। ତେବେ ଏ ପର୍ଯ୍ୟନ୍ତ ଏହା ଉପରେ ଆନୁଷ୍ଠାନିକ ସୂଚନା ଦିଆଯାଇ ନାହିଁ। ଏହା ପୂର୍ବରୁ ବିସିସିଆଇ ସୂର୍ଯ୍ୟକୁମାର ଯାଦବଙ୍କୁ ଚିକିତ୍ସା ପାଇଁ ଜର୍ମାନୀ ପଠାଯାଇଥିଲା। ସେଠାରେ ତାଙ୍କର ସଫଳ ଅସ୍ତ୍ରୋପଚାର ହୋଇଛି। ଜାନୁଆରୀ ୧୭ରେ ସୂର୍ଯ୍ୟକୁମାରଙ୍କ ସର୍ଜରୀ ହୋଇଥିଲା। ଆଇପିଏଲ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ପ୍ରତ୍ୟାବର୍ତ୍ତନ ଘଟିପାରେ ବୋଲି ଆଶା କରାଯାଉଥିଲା। ଏହା ବ୍ୟତୀତ ଉନ୍ନତ ଚିକିତ୍ସା ପାଇଁ ଋଷଭ ପନ୍ତଙ୍କୁ ବିସିସିଆଇ ଲଣ୍ଡନ ପଠାଇପାରେ ବୋଲି ନିଷ୍ପତ୍ତି ନେଇପାରେ।

# ଶୁବମନ୍ ଗିଲଙ୍କୁ ଡେଟ କରୁଛନ୍ତି ସାରା ତେନ୍ଦୁଲକର !

**ନୂଆଦିଲ୍ଲୀ :** ପୂର୍ବତନ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ଏବଂ ଶୁବମନ ଗିଲଙ୍କ ଡେଟିଂ ଗୁଜବ ଦୀର୍ଘ ଦିନ ଧରି ଚର୍ଚ୍ଚାର ବିଷୟ ପାଲଟିଛି। କିନ୍ତୁ ଏହି ଗୁଜବରେ କେତେ ସତ୍ୟତା ଅଛି ତାହା ଏବେ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଶୁବମନ ଗିଲ ଏବଂ ସାରା ତେନ୍ଦୁଲକର ପ୍ରକୃତରେ ପରସ୍ପରକୁ ଡେଟ କରୁଛନ୍ତି କି ନା ତାହା ଜଣାନାହିଁ। ଏହାରି ଭିତରେ ଏବେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯାହା ପରେ ସୋସିଆଲ ମିଡିଆରେ ଲୋକମାନେ କହିଛନ୍ତି ଯେ ଶୁବମାନ ଗିଲ ପ୍ରକୃତରେ ସାରା ତେନ୍ଦୁଲକରଙ୍କୁ ଡେଟ କରୁଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ଭିଡିଓରେ ଶୁବମନ ଗିଲଙ୍କ ଭଉଣୀ ଶାହନିଲ ଗିଲ ଏବଂ ସାରା ତେନ୍ଦୁଲକରଙ୍କୁ ଦେଖିବାକୁ ମିଳିଛି। ସାରା ତେନ୍ଦୁଲକର ଏବଂ ଶାହନେଲ ଗିଲ ରବିବାର ପାରାଜାଜିଙ୍କ ନଜରକୁ ଆସିଥିଲେ। ଆହୁରି ମଧ୍ୟ, ଉଭୟଙ୍କ ଅନେକ ଫଟୋ କ୍ରମାଗତ ଭାବରେ ଭାଇରାଲ ହେଉଛି । ଏହି ଭିଡିଓରେ ସାରା ତେନ୍ଦୁଲକର ଏକ ସୁନ୍ଦର କଳା ରଙ୍ଗର ପୋଷାକରେ ନଜର ଆସିଛନ୍ତ। ଶାହନିଲ ଏକ ଷ୍ଟାଇଲିସ ଧୂସର ରଙ୍ଗର ଟପ ପିନ୍ଧିଥିବା ଦେଖାଯାଇଛନ୍ତି। ତେବେ ଏହି ଭିଡିଓ ସାମ୍ନାକୁ ଆସିବା ପରେ ଗୁଜବ ବୃଦ୍ଧି ପାଇବାରେ ଲାଗିଛି। ଶୁଭମାନ ଗିଲଙ୍କ ଭଉଣୀ ଏବଂ ସାରା ତେନ୍ଦୁଲକରଙ୍କ ଭିଡିଓ ସୋସିଆଲ ମିଡିଆରେ ଦିନକୁ ଦିନ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ସାରା ତେନ୍ଦୁଲକର ମୁହଁ ଲୁଚାଇଥିବାର ନଜର ଆସିଛନ୍ତି। ବାସ୍ତବରେ ସାରା ତେନ୍ଦୁଲକର କ୍ୟାମେରାକୁ ଏଡ଼ାଇବାକୁ ଚାହୁଁଛନ୍ତି।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra

# ଇବ୍‌କୂଳରେ ବଢୁଛି ପ୍ରଦୂଷଣ



**ଝାରସୁଗୁଡ଼ା(ଅମୃତ ମିଡିଆ):** ଝାରସୁଗୁଡ଼ାରେ ଶିଳ୍ପାନୁଷ୍ଠାନଗୁଡ଼ିକ ପାଇଁ ସାଧାରଣ ଅବସ୍ଥାରେ ପ୍ରଦୂଷଣ ମାତ୍ରା ଅଧିକ ରହୁଛି। କିନ୍ତୁ କମ୍ପାନିମାନେ ନିଜର ସୁବିଧା ପାଇଁ ରାତି ସମୟରେ କ୍ୟାପଟିଭ୍ ପାୱାର ପ୍ଲାଣ୍ଟ୍‌ର ଇଏସ୍‌ପି ବନ୍ଦ କରି ଦେଉଛନ୍ତି। ଯାହାଫଳରେ ରାତି ପାହିବାବେଳକୁ କମ୍ପାନି ଆଖପାଖ ଜନବସତି ଓ ଜଳାଶୟଗୁଡ଼ିକରେ କଳା ରଙ୍ଗର ଏକ ମୋଟା ଆସ୍ତରଣ ବସିଯାଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଇବ୍ ନଦୀ କୂଳରେ ରହିଥିବା ଜନବସତିଗୁଡ଼ିକରୁ ଏଭଳି ଅଭିଯୋଗ ପ୍ରତ୍ୟହ ଆସିବାରେ ଲାଗିଲାଣି। ଏ ନେଇ ସ୍ଥାନୀୟ ଲୋକେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲ୍ଲା ପ୍ରଶାସନ ନିକଟରେ ବି ଅଭିଯୋଗ କରୁଛନ୍ତି। ମାତ୍ର କୌଣସି ସୁଫଳ ମିଳୁନଥିବା କହିଛନ୍ତି। ଇବ୍ ନଦୀ କୂଳରେ ରହିଥିବା ତେଲେନପାଲି, ଗଣ୍ଡଘୋରା, ରେମଜା, ଇଟାଭଟା, କୁତାବଗା, ପଞ୍ଚପଡ଼ା ଅଞ୍ଚଳରେ ଏଭଳି ସମସ୍ୟା ଏକ ପ୍ରକାର ଦେହସୁହା ହୋଇଗଲାଣି। ନଦୀକୂଳରେ ଏମ୍‌ଏସ୍‌ପି, ଟିଏସ୍‌ପିଏଲ୍, ଆଦ୍ୱନ, ଏସ୍‌ଏମ୍‌ସି, ଭୂଷଣ ଭଳି କମ୍ପାନି ରହିଥିବା ବେଳେ ବିନା ପରିଷ୍କରଣରେ କେଉଁ କମ୍ପାନି ଚିମିନି ଧୂଆଁ ବା ?ୟୁମଣ୍ଡଳକୁ ଛାଡୁଛି ତା'ର ଯାଞ୍ଚ ହେଉନି। ବ୍ରଜରାଜନଗରର ସଚିନ ଦାଶଙ୍କ ଅଭିଯୋଗ ଅନୁସାରେ, ତେଲେନପାଲି, ରେମଜା ଆଦି ଗ୍ରାମରେ ରାତିରେ କଳାରଙ୍ଗର ଧୂଳିକଣା ଭଳି କିଛି ପଦାର୍ଥ ଉଡୁଥିବା ବେଳେ ରେମଜାସ୍ଥିତ ତାଙ୍କ ଘର ଭିତରକୁ ମଧ୍ୟ ପଶୁଛି। ନଦୀକୂଳିଆ ଅଞ୍ଚଳର ଲୋକେ ପ୍ରତ୍ୟହ ଇବ୍ ନଦୀର ପାଣି ଉପରେ ନିର୍ଭରଶୀଳ। ମାତ୍ର ରାତି ପାହିବା ବେଳକୁ ଘର ଛାତରେ, ରାସ୍ତା ଉପରେ ଓ ନଦୀରେ କଳା ରଙ୍ଗର ଆସ୍ତରଣ ଲୋକେ ଦେଖିବାକୁ ପାଉଛନ୍ତି। ଏହି କଳାରଙ୍ଗର ଧୂଳି ଭଳି ପଦାର୍ଥ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଲୋକେ ଚର୍ମରୋଗରେ ବି ଆକ୍ରାନ୍ତ ହେଉଥିବା ବେଳେ ଜଳଜୀବଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଲାଣି। କଳା ଆସ୍ତରଣ ସଂପର୍କରେ ଏକ ଇସ୍ପାତ କାରଖାନାର ଜଣେ ଇଞ୍ଜିନିୟରଙ୍କୁ ପଚାରିବାରେ, ଏହି ଧୂଆଁ ସମ୍ପୂର୍ଣ୍ଣଭାବେ ମନୁଷ୍ୟକୃତ ବୋଲି କହିଛନ୍ତି। କୋଇଲା ବ୍ୟବହାର ହେଉଥିବା ପ୍ରତିଟି କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟର ଚିମିନିରେ ଇଏସ୍‌ପି ନାମକ ଯନ୍ତ୍ର ଲାଗିବା ବାଧ୍ୟତାମୂଳକ। ଯାହା କୋଇଲା ଦହନରୁ ବାହାରୁଥିବା ବିଷାକ୍ତ ରସାୟନ ମିଶ୍ରିତ ଗ୍ୟାସ୍‌କୁ ପରିଷ୍କରଣ କରି ବାୟୁମଣ୍ଡଳକୁ ଛାଡ଼ିଥାଏ। ମାତ୍ର ଏହି ଇଏସ୍‌ପି ବ୍ୟବହାର ଯୋଗୁ ବିଦ୍ୟୁତ୍ ଖର୍ଚ୍ଚ ଯଥେଷ୍ଟ ଅଧିକ ରହୁଛି। ଫଳରେ କମ୍ପାନିଗୁଡ଼ିକ ଖର୍ଚ୍ଚକାଟ୍ କରିବା ଉଦ୍ଦେଶ୍ୟରେ ସନ୍ଧ୍ୟା ହେଲେ ଓ ମେଘ ଘୋଡ଼ାଇଥିବା ଦିନ ସମୟରେ ଇଏସ୍‌ପି ବନ୍ଦ କରି ସିଧାସଳଖ ଚିମିନିରୁ ଧୂଆଁକୁ ବାୟୁମଣ୍ଡଳକୁ ଛାଡ଼ି ଦେଇଥାନ୍ତି। କେବଳ ସେତିକି ନୁହେଁ, ଝାରସୁଗୁଡ଼ାରେ ରହିଥିବା ଶିଳ୍ପାନୁଷ୍ଠାନଗୁଡ଼ିକ ମଧ୍ୟରୁ ପ୍ରାୟ କମ୍ପାନି ୟୁରୋପୀୟ ଦେଶର ବ୍ୟବହାର ହୋଇସାରିଥିବା (୧୦ ବର୍ଷ ପୁରୁଣା) ଇଏସ୍‌ପି ଆଣି ନିଜ ଚିମିନିରେ ବ୍ୟବହାର କରୁଛନ୍ତି। ଫଳସ୍ୱରୂପ ଇଏସ୍‌ପି ଯେତେ ପରିମାଣର ପରିଷ୍କରଣ କରିବା କଥା ତାହା କରିପାରୁନଥିବା ସଂପୃକ୍ତ ଇଞ୍ଜିନିୟର କହିଛନ୍ତି।

# ଦୁର୍ଗମ ଅଂଚଳରେ ଚାଉଳ ମୂଲ୍ୟଠାରୁ ଯାତାୟାତ ଖର୍ଚ୍ଚ ଅଧିକ



**ଭବାନୀପାଟଣା(ଅମୃତ ମିଡିଆ):** ସରକାର ଗରିବ ଲୋକଙ୍କ ପାଇଁ ସାଧାରଣବଣ୍ଟନ ବ୍ୟବସ୍ଥା (ପିଡ଼ିଏସ୍)ରେ ଚାଉଳ ଦେଉଛନ୍ତି। ହେଲେ ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ଚାଉଳର ମୂଲ୍ୟଠାରୁ ଯାତାୟତ ଖର୍ଚ୍ଚ ଅଧିକ ହେଉଛି। କଳାହାଣ୍ଡି ଜିଲାର ଦୁର୍ଗମ ଅଞ୍ଚଳରେ ଲୋକେ ଚାଉଳ ପାଇଁ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ରାସ୍ତା ନ ଥିବା ଯୋଗୁ ଗ୍ରାମବାସୀ ପାହାଡ଼ିଆ ଓ ବିପଦସଙ୍କୁଳ ରାସ୍ତାରେ ପାଦରେ ଚାଲି ନିଜର ବିପିଏଲ୍ ଚାଉଳ ଆଣିବା ପାଇଁ ଯାଉଛନ୍ତି। ଜୁନାଗଡ ବ୍ଲକର ଦୁଣ୍ଡା ଗ୍ରାମବାସୀମାନେ ୩ କିମି ଚାଲି ଚାଲି ଯାଇ ଥୁଆମୂଳ ରାମପୁର ବ୍ଲକର କିଆପଦର ପଞ୍ଚାୟତରୁ ଚାଉଳ ପାଉଛନ୍ତି। ଜୁନାଗଡ଼ ବ୍ଲକର ବୁଡ଼ିଦର ପଞ୍ଚାୟତର ଲଖନାପଡା ଗ୍ରାମବାସୀ ୮ କିମି, ବେହେରାଗୁଡା ଗ୍ରାମବାସୀ ୭ କିମି ଓ ବିଜ୍ରାଦର ଗ୍ରାମବାସୀ ୧୨ କିମି ପାହାଡି ରାସ୍ତାରେ ଚାଲିଚାଲି ଯାଇ ବିଦର ପଞ୍ଚାୟତରୁ ଚାଉଳ ଆଣିଥାନ୍ତି। ଯେଉଁ ପରିବାରରେ ବୃଦ୍ଧ ଓ ବୃଦ୍ଧା ଘରର ମୁଖିଆ ଅଛନ୍ତି ସେମାନଙ୍କ ପାଇଁ ପିଡିଏସ ଚାଉଳ ପାଇବା ଦୁର୍ବିସହ ହୋଇପଡେ। ଟଙ୍କିକିଆ ଚାଉଳ ପାଇଁ ପ୍ରାୟ ୧୦୦ରୁ ୨୦୦ ଟଙ୍କା ଖର୍ଚ୍ଚ କରି ପଞ୍ଚାୟତରୁ ପାହାଡ ଘାଟିତଳକୁ ନେଇ ପୁଣି ମୁଣ୍ଡରେ ବୋହି ପାହାଡି ରାସ୍ତାରେ ଜୀବନକୁ ବାଜି ଲଗାଇ କସରତ କରିଥାନ୍ତି। ଏମାନଙ୍କ ପାଇଁ ପିଡିଏସ ଚାଉଳ ହିଁ ଭରସା ଥିବାବେଳେ ଏଥିପାଇଁ ବର୍ଷ ତମାମ ସଂଘର୍ଷ କରୁଥିଲେ ମଧ୍ୟ ନା' ଜିଲା ପ୍ରଶାସନ ନା' ରାଜ୍ୟ ସରକାର କେହି ବି ସେମାନଙ୍କ ଦୁଃଖଲାଘବ କରିବା ପାଇଁ ନାହାଁନ୍ତି। ସେହିପରି ଲାଞ୍ଜିଗଡ ବ୍ଲକର ଲାଞ୍ଜି ପଞ୍ଚାୟତର ତୁର୍କା ଗ୍ରାମର ଅଧିବାସୀ ୧୫ କି.ମି. ପାହାଡିଆ ରାସ୍ତାରେ ଚାଲିଚାଲି ଯାଇ ମୂଷାନାଲ ପଞ୍ଚାୟତରୁ ପିଡିଏସ ଚାଉଳ ଆଣିଥାନ୍ତି। କାନକୁଟ୍ ପଞ୍ଚାୟତର ଉପର ନଙ୍ଗଲବାଇଲି ଅଧିବାସୀ ପ୍ରାୟ ୩୫ କି.ମି. ଦୁର୍ଗମ ରାସ୍ତାରେ ଯାଇ ପଞ୍ଚାୟତ ମହକୁମା କାନକୁଟ୍‌ରୁ ପିଡିଏସ ଚାଉଳ ଆଣିଥାନ୍ତି। ବିଜେପୁର ପଞ୍ଚାୟତର ପିଡିସାଲ ଓ ପୋଇଗୁଡା ଗ୍ରାମବାସୀ ପ୍ରାୟ ୧୨କିମି, ମାଲିୟୁବାଙ୍ଗ ପଞ୍ଚାୟତର ସାନପଦର, ଟୁରିସେମେଲ ଗ୍ରାମବାସୀ ପ୍ରାୟ ୧୮ କି.ମି. ଦୁର୍ଗମ ପାହାଡରେ ଜୀବନକୁ ବାଜି ଲଗାଇ ପିଡିଏସ ଚାଉଳ ଆଣିଥାନ୍ତି। ପାହାଡପଦର ପଞ୍ଚାୟତର ତଇଁପଦର ଓ ଜିରା ଗ୍ରାମବାସୀ ପ୍ରାୟ ୧୩ କି.ମି, ଗୁଣ୍ଡରି ପଞ୍ଚାୟତର ବିଜେପୁର, କୁଟେହେଜୁ, ହାତୀମୁଣ୍ଡା, ଦାରବେଙ୍ଗ, ଅଦଲଡୁ, ତରଙ୍ଗଲ, ମାଟିବନ୍ଧା ଗ୍ରାମବାସୀ ରେତ ନଦୀ ଦେଇ ଛତିକୁଡା ରାସ୍ତାରେ ପ୍ରାୟ ୨୫ କି.ମି, ଭବାନୀପାଟଣା ବ୍ଲକର ଯୁଗସାଇପାଟଣା ପଞ୍ଚାୟତର ଟିଟିଝୁଲା, ଜାମଗୁଡା, କଟଲାଙ୍ଗ, ସଲପାଙ୍ଗ, ବଡମ୍ୱା, ରଙ୍ଗୀଗୁଡା ଗ୍ରାମବାସୀ ପାହାଡ ଚଢି ୨୨ କି.ମି. ଯାଇ ଚାଉଳ ଆଣନ୍ତି। ଥୁଆମୂଳ ରାମପୁର ବ୍ଲକର ପୋଡାପଦର ପଞ୍ଚାୟତର ଭିତର ତେନ୍ତୁଳିପଦର, ସରାପାସ, ଘୁଟୁଖାଲ, ଲିଟିମସ୍କା, ପୋଡାପଦର, କାରୱାଡି, ତଲଟେମରା, ଉପର ଟେମରା, କୁତୁପାଟ, ଗୁଞ୍ଜମାଲି ଗ୍ରାମଗୁଡିକର ପ୍ରାୟ ୪୦ରୁ ଅଧିକ ପରିବାର ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ବିପଦସଙ୍କୁଳ ଯାତ୍ରା କରି ପାର ହୋଇ ତଳନାଗି ପଞ୍ଚାୟତକୁ ଚାଉଳ ଆଣିବାକୁ ଯାଇଥାନ୍ତି। ବିରିକୋଟ ପଞ୍ଚାୟତର ତୁମନିଖୋଲର ଗ୍ରାମବାସୀ ୭ କି.ମି. ପାହାଡି ପାଦ ଚଲା ରାସ୍ତାରେ ପଞ୍ଚାୟତକୁ ପିଡିଏସ ଚାଉଳ ନେବାକୁ ଆସିଥାନ୍ତି। ପାଡେପଦର ପଞ୍ଚାୟତର ଭାଟିପାସ ଗ୍ରାମବାସୀ ପ୍ରାୟ ୧ କିମି ବିପଦସଙ୍କୁଳ ପାହାଡି ରାସ୍ତାରେ ପଞ୍ଚାୟତକୁ ଚାଉଳ ଆଣିବାକୁ ପଡୁଛି। କଳାହାଣ୍ଡି ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# କୋରାପୁଟ କଫି ପାଇଁ ଆନ୍ଧ୍ରର ଠକ୍‌କତା





**କୋରାପୁଟ(ଅମୃତ ମିଡିଆ):** କୋରାପୁଟରେ ଉତ୍ପାଦନ ହେଉଛି ଆରବିକା କଫି। ବିଶ୍ୱ ବଜାରରେ ସୁନାମ ଅର୍ଜନ କରି ସ୍ୱତନ୍ତ୍ର ସ୍ଥାନ ଅଧିକାର କରିସାରିଲାଣି। କିନ୍ତୁ କୋରାପୁଟର ଏହି ଉତ୍ପାଦକୁ ଠକ୍‌କତା କରି ନିଜର ବୋଲି ଦର୍ଶାଇ ପ୍ରଥମେ ଜିଆଇ ଟ୍ୟାଗ୍ କଲା ଆନ୍ଧ୍ର। ଏହାପରେ କେନ୍ଦ୍ର ସରକାରଙ୍କ ଠାରୁ ଗ୍ରହଣ କରିଛି ସ୍ୱର୍ଣ୍ଣ ପଦକ। ୨୦୧୯ ମସିହାରେ ଆନ୍ଧ୍ରର ଆରକୁ ଭ୍ୟାଲି କଫି ବୋର୍ଡ ଜିଆଇ ଟ୍ୟାଗ୍ ପାଇଁ ଆବେଦନ କରିଥିଲା। ପାଦେରୁ, ପେଦାବାୟୁଲୁ, ମୁଚିଂପୁଟ, ଜି.ମାଡୁଗୁଲା, ହୁକୁମପେଟା, ଆରକୁ, ଡୁମ୍ବୁରିଗୁଡ଼ା, ଅନନ୍ତଗିରି, ଜି. କେଭେଡି ଓ ଚିଣ୍ଟାପାଲି ଆଦି ଅଞ୍ଚଳରେ କଫି ଚାଷ ହେଉଥିବା ତଥ୍ୟ ଦେଇଥିଲା। ତେବେ ଏହି ତଥ୍ୟରେ ଠକ୍‌କତା କରି କୋରାପୁଟ ଜିଲ୍ଲାର କଫି ଉତ୍ପାଦନ ହେଉଥିବା ଅଞ୍ଚଳକୁ ମାନଚିତ୍ରରେ ଯୋଡ଼ି ଦେଇଥିଲା। ଏହାବ୍ୟତୀତ କନ୍ଧମାଳ, ରାୟଗଡ଼ା, କେନ୍ଦୁଝର, ଗଜପତି ଓ କଳାହାଣ୍ଡି ଜିଲ୍ଲାରେ ଯେଉଁ କଫି ଚାଷ ହେଉଛି ତାହା ଆରକୁ ଭ୍ୟାଲି କଫି ବୋର୍ଡ ଅନ୍ତର୍ଗତ ବୋଲି ଦର୍ଶାଇଥିଲା। ଯାହାକୁ ତର୍ଜମା କରିବା ପରେ ଆରକୁ ଭ୍ୟାଲି ଆରବିକା କଫିକୁ ଜିଆଇ ଟ୍ୟାଗ୍ କରାଯାଇଥିଲା। ଆନ୍ଧ୍ରର ଏହି କାରସାଦିକୁ ସେହି ସମୟରେ କେହି ପ୍ରତିବାଦ କରିନଥିଲେ। ତେଣୁ ବାରମ୍ବାର କୋରାପୁଟ କଫିକୁ ନିଜର ବୋଲି କହି ଚାଲିଛି ଆନ୍ଧ୍ର। ଗତବର୍ଷ କେନ୍ଦ୍ରୀୟ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ 'ଏକ ଜିଲ୍ଲା, ଏକ ଉତ୍ପାଦ-୨୦୨୩' ସମ୍ମାନ ପ୍ରଦାନ ନିମନ୍ତେ ଆବେଦନ ଗ୍ରହଣ କରାଯାଇଥିଲା। ଜିଆଇ ଟ୍ୟାଗ୍ ଆଧାରରେ ଆରକୁ ଭ୍ୟାଲି ଆରବିକା କଫି ନିମନ୍ତେ ଆନ୍ଧ୍ରର ଆଲୁରୀ ସୀତାରମ ରାଜୁ (ଏଏସ୍‌ଆର) ଜିଲ୍ଲା ପ୍ରଶାସନ ଆବେଦନ କରିଥିଲା। ନୂଆଦିଲ୍ଲୀ ଭାରତ ମଣ୍ଡପମ୍‌ରେ ସଦ୍ୟ ଶେଷ ହୋଇଥିବା ଆତ୍ମନିର୍ଭର ଭାରତ ଉତ୍ସବ-୨୦୨୪ ଅବସରରେ ଜିଲ୍ଲାସ୍ତରୀୟ ଉତ୍ପାଦ କୃଷି ବର୍ଗରେ ଏଏସ୍‌ଆର୍ ଜିଲ୍ଲା ପ୍ରଶାସନକୁ କଫି ଉତ୍ପାଦନ ନିମନ୍ତେ ସ୍ୱର୍ଣ୍ଣ ପଦକ ମିଳିଛି। କେନ୍ଦ୍ର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋଏଲ ଅତିଥି ଭାବେ ଯୋଗଦେଇ ସମ୍ମାନିତ କରିଛନ୍ତି। ଏହି ବର୍ଗରେ କନ୍ଧମାଳର ହଳଦୀକୁ ତାମ୍ର ପଦକ ମିଳିଛି। ଆରକୁ ଭ୍ୟାଲିରେ ଆଦିବାସୀମାନେ କଫି ଚାଷ କରୁଛନ୍ତି। ସ୍ଥାନୀୟ କଫି ବୋର୍ଡ କେବଳ ମାର୍କେଟିଂ ଦାୟିତ୍ୱ ନେଇଛି। ଅନ୍ୟପକ୍ଷରେ କୋରାପୁଟ ଜିଲ୍ଲାରେ ଉତ୍ପାଦିତ ଆରବିକା କଫି ସ୍ୱାଦ ଏବଂ ମହକ ଯୋଗୁଁ ଅଳ୍ପ ଦିନ ମଧ୍ୟରେ ଅନ୍ୟ ଅଞ୍ଚଳର କଫିକୁ ପଛରେ ପକାଇ ଦେଇଛି। କିନ୍ତୁ କୋରାପୁଟ କଫିକୁ ନିଜର ବୋଲି ଦର୍ଶାଇ ଆନ୍ଧ୍ର ପୁରସ୍କାର ଏବଂ ସମ୍ମାନ ଗ୍ରହଣ କରିଥିବା କୁହାଯାଉଛି। କାରଣ ଦେଶର ଅନ୍ୟ ଆରବିକା କଫି ତୁଳନାରେ କୋରାପୁଟ କଫିର ସ୍ୱାଦ ଏବଂ ମହକ ଭିନ୍ନ। ତେଣୁ ଗତବର୍ଷ ବେଙ୍ଗାଲୁରୁରେ ଆୟୋଜିତ ବିଶ୍ୱ କଫି ସମ୍ମିଳନୀରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଯାହାକୁ ଦୃଷ୍ଟିରେ ରଖି ଆନ୍ଧ୍ର ପ୍ରଶାସନ ଏବଂ ଆରକୁ ଭ୍ୟାଲି କଫି ବୋର୍ଡ ବାରମ୍ବାର କୋରାପୁଟ କଫିକୁ ନିଜର ବୋଲି ଦର୍ଶାଇ ଚାଲିଛି। ଯଦି ଜିଆଇ ଟ୍ୟାଗ୍ ଆବେଦନ ସମୟରେ ବିରୋଧ ହୋଇଥାନ୍ତା ତେବେ ଆନ୍ଧ୍ର ଏଭଳି ଠକ୍‌କତା କରିବାକୁ କଦାପି ସାହସ କରିନଥାନ୍ତା। କେବଳ କୋରାପୁଟ କଫି ସ୍ୱର୍ଣ୍ଣ ପଦକ ପାଇଁ ହକ୍‌ଦାର ହୋଇଥାନ୍ତା ବୋଲି ମତ ପ୍ରକାଶ ପାଇଛି।

# କୁହୁଡ଼ି ଯୋଗୁଁ ୫ ଦିନ ହେଲା ଅଟକିଛି ଶହ ଶହ ଡଙ୍ଗା



**ଚନ୍ଦନେଶ୍ୱର(ଅମୃତ ମିଡିଆ):** ଭୋଗରାଇ ଅଞ୍ଚଳରେ ଗତ ୫ ଦିନ ଧରି ଲାଗି ରହିଥିବା କୋହଲା ପାଗକୁ ଘନ କୁହୁଡ଼ି ଫଳରେ ସମୁଦ୍ରରେ ମାଛଧରା ବାଧାପ୍ରାପ୍ତ ହୋଇଛି। ମାଛ ଧରିବାକୁ ଯାଇ ନପାରି ଶହ ଶହ ଡଙ୍ଗା ସମୁଦ୍ରକୂଳରେ ଅଟକି ରହିଛି। ଭୋଗରାଇ ବ୍ଲକ୍‌ର ଉଦୟପୁର, ତାଳସାରୀ, ଚନ୍ଦ୍ରାବାଲି ମୁହାଣ ଦେଇ ପ୍ରତିଦିନ ଶହ ଶହ ମତ୍ସ୍ୟଜୀବୀ ପାରମ୍ପରିକ ଡଙ୍ଗା ସାହାଯ୍ୟରେ ସମୁଦ୍ରକୁ ମାଛ ମାରିବାକୁ ଯାଇଥା'ନ୍ତି। ଘନ କୁହୁଡ଼ି ଯୋଗୁଁ ପଥଭ୍ରଷ୍ଟ ହେଉଥିବାରୁ ସମୁଦ୍ରକୁ ଯାଉ ନଥିବା ମତ୍ସ୍ୟଜୀବୀ ରବୀନ୍ଦ୍ର ଗଙ୍ଗେଇ ପ୍ରକାଶ କରିଛନ୍ତି। ସମୁଦ୍ରରୁ ମାଛ ମରାଯାଇ ପାରୁ ନଥିବା ଦ୍ୱାରା ଏବେ ବଜାରରେ ମାଛର ଅଭାବ ଦେଖାଦେଇଛି ଏବଂ ଯେଉଁ ମାଛ ମିଳୁଛି, ସେଗୁଡ଼ିକ ଅଧିକ ଦାମ୍‌ରେ ବିକ୍ରି ହେଉଛି। ଫଳରେ ଖାଉଟିମାନେ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଅନ୍ୟପଟେ ମତ୍ସ୍ୟଜୀବୀମାନେ କ୍ଷତି ସହୁଛନ୍ତି ବୋଲି ଗଙ୍ଗାମାତା ଫିସରମ୍ୟାନ୍ କୋ-ଅପରେଟିଭ୍ ସୋସାଇଟିର ସଭାପତି ସୁରେନ୍ଦ୍ର ଗଙ୍ଗେଇ ପ୍ରକାଶ କରିଛନ୍ତି। ଏହା ସହିତ ସେ ମତ୍ସ୍ୟଜୀବୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ଉଠାଇଛନ୍ତି।

# ମଣ୍ଡିରେ ପଡ଼ିଛି ଚାଷୀଙ୍କ ଧାନ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କଟ୍‌ନୀ ଛଟ୍‌ନୀ ଓ ଅନ୍ୟ ସମସ୍ୟାକୁ ନେଇ କେନ୍ଦ୍ରାପଡ଼ା ଜିଲା କୃଷକ ସଙ୍ଗଠନ ଗତ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଣଧାରଣା ଦେଇଥିଲେ। ଖରିଫ ଧାନର ଅଭାବ ବିକ୍ରି ଠାରୁ ଆରମ୍ଭ କରି ଶସ୍ୟ ସଂରକ୍ଷଣ ସମସ୍ୟା ଉତ୍‌ଥାପନ କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ମହାକାଳପଡ଼ା, ରାଜନଗରର ଚାଷୀ ସରକାରୀ ମଣ୍ଡିରେ ଧାନ ବସ୍ତା ଥୋଇ ବିକ୍ରି ପାଇଁ ଅପେକ୍ଷା କରିଛନ୍ତି। ଟୋକନ ଓ ମିଲର ସମସ୍ୟା ନେଇ ଅଶାନ୍ତି ଆରମ୍ଭ ହୋଇଯାଇଛି। ଚାଷୀ ଧାନ ବିକ୍ରି ପାଇଁ ଅପେକ୍ଷା କରିଥିବା ବେଳେ ମିଲରଠାରୁ ଆରମ୍ଭ କରି ସମିତି କାର୍ଯ୍ୟକର୍ତ୍ତାଙ୍କ ଅଣଦେଖା ସେମାନଙ୍କୁ ବାଧୁଛି। କେବଳ ରାଜନଗର ଓ ମହାକାଳପଡ଼ାରେ ଏହି ସମସ୍ୟା ସୀମିତ ନୁହେଁ। ଜିଲା ସାରା ସରକାରୀ ମଣ୍ଡି ଆବଶ୍ୟକ ମୁତାବକ ବଳକା ଧାନ ଉଠାଉ ନ ଥିବା ଅଭିଯୋଗ ହେଉଛି। ସରକାରୀ ମଣ୍ଡିର ଏହି ଅବ୍ୟବସ୍ଥା ପାଇଁ ଅଭାବୀ ବିକ୍ରି ଆରମ୍ଭ ହୋଇଯାଇଛି। ବେପାରୀ ଓ ଅଧିକାରୀ ମାଲାମାଲ ହେବା ପାଇଁ ଅଭାବୀ ବିକ୍ରୀକୁ ପ୍ରୋତ୍ସାହିତ କରୁଥିବା ଦର୍ଶାଇ ଚାଷୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଉଛନ୍ତି। ଏସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ କଂସାରୀ ଗ୍ରାମର ନିରଞ୍ଜନ ପରିଡ଼ା କହିଛନ୍ତି, ସରକାରୀ ମଣ୍ଡିରେ ଧାନ ବିକ୍ରି ହେବ। ହାତକୁ ଦୁଇ ପଇସା ଆସିଲେ ଚଳିତ ବର୍ଷ ଝିଅ ବାହାଘରର ଝାମେଲା ତୁଟିବ। ଏହି ସ୍ୱପ୍ନ ନେଇ ଘରର ସମସ୍ତ ଅର୍ଥ ଖରିଫ ଧାନ ଚାଷରେ ଲଗାଇଥିଲି। ମଣ୍ଡିରେ ଧାନ ବିକ୍ରି ପାଇଁ ଉପଯୁକ୍ତ ସମୟରେ ପଞ୍ଜୀକରଣ ହେଲା। ମୋବାଇଲରେ ଧାନ ବିକ୍ରି ପାଇଁ ସୂଚନା ଆସିଲା। ପରିବାର ସଦସ୍ୟ ଝିଅ ବାହାଘର ପାଇଁ ଅର୍ଥ ସମସ୍ୟା କିଛି ମାତ୍ରାରେ କମିଲା ବୋଲି ସରକାରୀ ବ୍ୟବସ୍ଥାକୁ ଧନ୍ୟବାଦ ଦେଲେ। ତେବେ ବଳକା ଧାନ ଅଦ୍ୟାବଧି ନେଇନାହାନ୍ତି। ୩ ଦିନ ଧରି ଧାନ ବସ୍ତା ବାହାରେ ପଡ଼ି ରହିଥିବା ସେ ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ଜ୍ୟୋତିପ୍ରକାଶ ପ୍ରଧାନ କହିଛନ୍ତି, ଜିଲା ପ୍ରଶାସନ ଚାଷୀଙ୍କ ପ୍ରକୃତ ସମସ୍ୟା ବୁଝିବାକୁ ଚେଷ୍ଟା କରି ନାହାନ୍ତି। ଚାଷୀଙ୍କଠାରୁ ଅତିବେଶୀରେ ୫୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ୭୫ କୁଇଣ୍ଟାଲକୁ ବୃଦ୍ଧି ପାଇଁ ଏକ ସ୍ମାରକପତ୍ର ଦିଆ ଯାଇଥିବା ସେ ପ୍ରକାଶ କରିଛନ୍ତି। ଗଣ୍ଡକୂଳ ଗ୍ରାମର ଚାଷୀ ତ୍ରୈଲୋକ୍ୟନାଥ ଦାସ କହିଛନ୍ତି, ଟାର୍ଗେଟ ନ ଥିବା ଦର୍ଶାଇ ଚାଷୀଙ୍କ ଝାଳର ମୂଲ୍ୟକୁ ଧାନ ବ୍ୟବସାୟୀ ଓ ପାକ୍ସ ଅଧିକାରୀମାନେ ବାଣ୍ଟି ନେଉଥିବା ସେ ଅଭିଯୋଗ କରିଛନ୍ତି। ଜିଲାରେ ଚାଷୀଙ୍କ ଦରଦକୁ କେହି ବୁଝୁ ନ ଥିବାରୁ ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରାଯାଉଛି। ଆଗାମୀ ଦିନରେ ଏନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀମାନେ ମତ ଦେଇଛନ୍ତି। ଏସମ୍ପର୍କରେ କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ଜିଲାର ୧ ଲକ୍ଷ ୨୪ ହଜାର ହେକ୍ଟର ଜମିରେ ୩ ଲକ୍ଷ ୧୧ ହଜାରରୁ ଅଧିକ ଚାଷୀ ଚଳିତ ବର୍ଷ ଖରିଫ ଧାନ ଚାଷ କରିଛନ୍ତି। ତେବେ ପ୍ରାୟ ୯୦ ପ୍ରତିଶତ ଚାଷୀଙ୍କ ବଳକା ଧାନ ବିକ୍ରି ହୋଇପାରୁନାହିଁ। ଏପରିକି ଚଳିତ ବର୍ଷର ଧାନ ବିକ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ୪୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୫ ହଜାରରୁ ଅଧିକ ଚାଷୀଙ୍କ ବଳକା ଧାନ ସରକାରୀ ମଣ୍ଡିରେ ବିକ୍ରୟ ହୋଇପାରିନାହିଁ। ଜିଲାର ୧୧୮ ପାକ୍ସ ମଧ୍ୟରୁ ଅଧିକାଂଶରେ ଟୋକନ ସମସ୍ୟା ଦେଖା ଦେଇଥିବା ବେଳେ ଏବେ ଟାର୍ଗେଟ ନ ଥିବା କହି ଚାଷୀଙ୍କୁ ହତାଶ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ଉପତ୍ାଦ ପ୍ରତି ସୁରକ୍ଷା ପ୍ରଦାନ କରୁଥିବା କହୁଥିଲେ ମଧ୍ୟ ବାସ୍ତବରେ ଅଭାବୀ ବିକ୍ରୀକୁ ପ୍ରୋତ୍ସାହିତ କରାଯାଉଛି। ଜିଲାର ସମସ୍ତ ପଞ୍ଜିକୃତ ଚାଷୀଙ୍କ ଧାନ କ୍ରୟ ନ ହେଲେ କୃଷକ ଆନ୍ଦୋଳନ ହେବ ବୋଲି ମତ ଦେଇଛନ୍ତି। ଏସମ୍ପର୍କରେ ସିଏସ୍‌ଓ ଶ୍ରୀନିବାସ ସାହୁ କହିଛନ୍ତି, ଟୋକନକୁ ନେଇ କିଛି ସମସ୍ୟା ଥିବା ଅଭିଯୋଗ ଆସିନାହିଁ। ସମୟ ଅବଧି ମଧ୍ୟରେ ଚାଷୀଙ୍କଠାରୁ ଧାର୍ଯ୍ୟ ଲକ୍ଷ୍ୟର ଧାନ କ୍ରୟ ହେବ ବୋଲି ସେ ମତ ଦେଇଛନ୍ତି।

# କୋମାରେ କୁକୁର ବନ୍ଧ୍ୟାକରଣ ଯୋଜନା



**ରାଉରକେଲା(ଅମୃତ ମିଡିଆ):** ରାଉରକେଲା ସହରରେ ବଢି ଚାଲିଛି ବୁଲା କୁକୁରଙ୍କ ସଂଖ୍ୟା। ସହର ରାସ୍ତାଘାଟରେ ଏଭଳି ମାଳ ମାଳ କୁକୁର ବୁଲୁଥିବା ଦେଖିବାକୁ ମିଳୁଛି। ସେହିପରି ନବଜାତ କୁକୁରଙ୍କ ମଧ୍ୟରୁ ଅନେକ ଦୁଇଚକିଆ ଚାରିଚକିଆ ଗାଡ଼ି ତଳେ ଜୀବନ ହାରୁଛନ୍ତି। ଫଳରେ ବିଭିନ୍ନ ଗଳି କନ୍ଦିରେ ମଲା କୁକୁରଙ୍କ ପଚାଶଢା ଶବ ପଡିରହିବାରୁ ସମ୍ପୃକ୍ତ ଅଞ୍ଚଳରେ ଦୁର୍ଗନ୍ଧ ହେଉଛି। ସେହିପରି କିଛିଦିନ ହେଲା ସହରରେ କୁକୁର କାମୁଡା ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବଢିଛି। କୋଏଲ ନଗର, ଶକ୍ତି ନଗର, ଛେଣ୍ଡ କଲୋନୀ, ଉଦିତ ନଗର, ପାନପୋଷ ସମେତ ସହରର ପ୍ରାୟ ସମସ୍ତ ଗଳିକନ୍ଦିରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଦେଖାଯାଉଛି। ଅନ୍ୟପକ୍ଷେ ବୁଲା କୁକୁର ବନ୍ଧ୍ୟାକରଣ ଯୋଜନା ନିୟମାବଳୀରେ ଅବମାନନା, ବନ୍ଧ୍ୟାକରଣ ପରିଚାଳନାଗତ ତ୍ରୁଟି ଜନିତ ଯାଞ୍ଚ ନେଇ ରାଜ୍ୟସ୍ତରୀୟ କମିଟି ଗଠନ ହୋଇ ନ ଥିବା ଦର୍ଶାଇ ଗୋଟିଏ ସଙ୍ଗଠନ ଜନସ୍ୱାର୍ଥ ମାମଲା ଦାୟର କରିବା ପରେ ହାଇକୋର୍ଟ ୨୦୨୩ ଜୁଲାଇ ୭ତାରିଖରେ ଏବିସି ଉପରେ ରହିତାଦେଶ ଜାରି କରିଛନ୍ତି। ଫଳରେ ରାଉରକେଲାରେ କୁକୁର ବନ୍ଧ୍ୟାକରଣ ଯୋଜନା ବନ୍ଦ ରହିଥିବାରୁ ଗଳିକନ୍ଦିରେ କୁକୁରଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ରାଉରକେଲାରେ ୨୦୧୨ ନଭେମ୍ବର ୯ତାରିଖରେ ଏବିସି ଯୋଜନା କାର୍ଯ୍ୟକାରୀ ହେଲା। ବୁଲାକୁକୁରଙ୍କ ଜନ୍ମହାର ନିୟନ୍ତ୍ରଣ ପାଇଁ ଏବିସି ଯୋଜନାର ସଫଳ ରୂପାୟନ ସକାଶେ ୧୫ଲକ୍ଷ ଟଙ୍କା ବ୍ୟୟରେ ଏବିସି କେନ୍ଦ୍ର ଅସ୍ତ୍ରୋପଚାର ଓଟି ଏବଂ ୪୦ କେନେଲ ନିର୍ମାଣ ହେଲା। ଏଥିସହିତ ପ୍ରତି ଅସ୍ତ୍ରୋପଚାର ପାଇଁ ୫ଶହ ଟଙ୍କା ଆର୍ଥିକ ଅନୁଦାନ ମଧ୍ୟ ପ୍ରାଣୀ ସମ୍ପଦ ବିଭାଗକୁ ପ୍ରଦାନ କରାଗଲା। ଏହି ଯୋଜନା ବୁଲା କୁକୁରଙ୍କ ଜନ୍ମହାର ନିୟନ୍ତ୍ରଣ ସହ ସେମାନଙ୍କ ଦୌରାତ୍ମ୍ୟକୁ ରୋକିବା ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ଗତ ୧୦ବର୍ଷ ମଧ୍ୟରେ ଗତ ମାର୍ଚ୍ଚ ୨୦୨୩ ଯାଏ ୪ହଜାର ୫ଶହ ବୁଲା କୁକୁରଙ୍କ ଅସ୍ତ୍ରୋପଚାର ହୋଇଥିବା ଜଣାପଡିଛି। ରହିତାଦେଶ ଯୋଗୁ ୧୯୫ ଦିନ ହେଲାଣି ରାଉରକେଲାରେ ଏବିସି ଯୋଜନା ସମ୍ପୂର୍ଣ୍ଣ ଭାବେ ଠପ୍ ପଡିଛି। ସହରରେ ବୁଲା କୁକୁରଙ୍କ ବଂଶବୃଦ୍ଧି ରୋକା ନ ଗଲେ ଆଗକୁ ପରିସ୍ଥିତି ଭୟଙ୍କର ହେବ ବୋଲି ଆଲୋଚନା ହେଉଛି। ଏ ନେଇ ରାଉରକେଲା ଏସ୍‌ଡିଭିଓ ପ୍ରସନ୍ନ କୁମାର ମହାରଣା କୁହନ୍ତି, ସାରା ରାଜ୍ୟରେ ଚାଲିଥିବା ଏବିସି ଉପରେ ଗୋଟିଏ ସଙ୍ଗଠନ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ପିଆଇଏଲର ଶୁଣାଣି ହାଇକୋର୍ଟ ରାଜ୍ୟରେ ଏବିସି ଉପରେ ରହିତାଦେଶ ଜାରି କରିଛନ୍ତି। ଏଣୁ ରାଜ୍ୟସାରା ଏବିସି ସିଷ୍ଟମ ପାଖାପାଖି ୧୯୫ଦିନ ହେଲା ସ୍ଥଗିତ ରହିଛି। ରହିତାଦେଶ ଉଠିଲା ପରେ ପୁନଶ୍ଚ ଏବିସି ମାଧ୍ୟମରେ ପୂର୍ବବତ୍ ବୁଲାକୁକୁରଙ୍କ ଜନ୍ମ ନିୟନ୍ତ୍ରଣ ପ୍ରକ୍ରିୟା ଚାଲିବ ବୋଲି ମହାରଣା କହିଥିଲେ।

# ନିର୍ମାଣ ହେଉନି ଠାକୁରମୁଣ୍ଡା ବସ୍‌ଷ୍ଟାଣ୍ଡ ଓ ଶୌଚାଳୟ

## ଶୌଚହେବା ପାଇଁ ଯାତ୍ରୀ ହୀନସ୍ତା

**ବାରିପଦା (ଅମୃତ ମିଡିଆ) :** ଯାତ୍ରୀ ଏବଂ ଯାତ୍ରୀବାହୀ ବସଗୁଡିକର ସୁଗମ ଚଳାଚଳପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ସ୍ଥାନରେ ଆଭାଷୀ ମାଧ୍ୟମରେ ବସଷ୍ଟାଣ୍ଡ ନିର୍ମାଣପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସେଥିମଧ୍ୟରୁ ଠାକୁରମୁଣ୍ଡା ଠାରେ ବସଷ୍ଟାଣ୍ଡ ଓ ଶୌଚାଳୟ ଅନ୍ୟତମ । ଅନ୍ୟ ସବୁଆଡେ ବସଷ୍ଟାଣ୍ଡ ନିର୍ମାଣ ହେଉଥିଲେ ମଧ୍ୟ ରାଜନୈତିକ ଅଭିସନ୍ଧି ଯୋଗୁଁ ମୟୂରଭଞ୍ଜ ଜିଲ୍ଲା, ଠାକୁରମୁଣ୍ଡାଠାରେ ବସଷ୍ଟାଣ୍ଡ ନିର୍ମାଣ ହୋଇପାରୁନାହିଁ ବୋଲି ଅଭିଯୋଗ ହେଉଛି । ଏଥିପାଇଁ ଠାକୁରମୁଣ୍ଡା ପଂଚାୟତ ପକ୍ଷରୁ ଗ୍ରାମସଭାରେ ଜମି ଚିହ୍ନଟ ହୋଇଛି, ହେଲେ ୨/୪ଜଣ ମୁଷ୍ଟିମେୟ ବ୍ୟବସାୟୀଙ୍କ ରାଜନୈତିକ ପତିଆରା ଯୋଗୁଁ ବସଷ୍ଟାଣ୍ଡ ପାଇଁ ଥିବା ପାଖାପାଖି ଦୁଇ ଏକର ଜମି, ଅସାମାଜିକ ବ୍ୟକ୍ତିମାନଙ୍କ ଆଡ୍ଡାସ୍ଥଳିରେ ପରିଣତ ହୋଇଥିବାର ଦେଖିବାକୁ ମିଳୁଛି । ଏହି ବସଷ୍ଟାଣ୍ଡ ନିର୍ମାଣପାଇଁ ୫-ଟି ସଚିବ ତଥା ଏବେର



୫-ଟି ଅଧ୍ୟକ୍ଷ ଜନଅଭିଯୋଗ ଶୁଣାଣିପାଇଁ କରଞ୍ଜିଆ ଅସିଥିବାବେଳେ ଠାକୁରମୁଣ୍ଡା ସରପଞ୍ଚ ଆଲୋକ ଦଙ୍ଗଙ୍କ ନେତୃତ୍ୱରେ ଏକପ୍ରତିନିଧି ମଣ୍ଡଳି ଦାବି ଜଣାଇଥିଲେ ଏବଂ ଅତିଶୀଘ୍ର ଏହା ନିର୍ମାଣ କରାଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ମିଳିଥିଲା । ଏଥିପାଇଁ ଅର୍ଥ ମଂଜୁର ମଧ୍ୟ ହୋଇଥିବାର କୁହାଯାଉଥିଲା । ହେଲେ ଅନୁଗତ ମାନଙ୍କୁ ଖୁସିକରିବାପାଇଁ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ନିର୍ଦ୍ଧାରିତ ସ୍ଥାନକୁଛାଡି ଠାକୁରମୁଣ୍ଡାରୁ ଦୁଇ କିମି ଦୂର ରାସ୍ତାକଡ ଜଙ୍ଗଲରେ ବସଷ୍ଟାଣ୍ଡ ନିର୍ମାଣ କରିବାପାଇଁ ସ୍ଥାନ ନିରୂପଣ କରିବାରୁ ଜନସାଧାରଣ ଏହାକୁ ବିରୋଧ କରିଥିଲେ । ଏହାପରେ ରାଜନୈତିକ ପଶାପାଲି ମଧ୍ୟରେ ଏହି ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଗଡି ଗଡି ଚାଲିଥିବାର ଅଭିଯୋଗ ହେଉଛି । ଠାକୁରମୁଣ୍ଡା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିନିଧିଦଳ କରଞ୍ଜିଆଠାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିବେଳେ ଏହି ବସଷ୍ଟାଣ୍ଡ ନିର୍ମାଣପାଇଁ ଦାବି ଜଣାଇଁଥିଲେ । ଅତିଶୀଘ୍ର ଠାକୁରମୁଣ୍ଡା ବସଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣପାଇଁ ଜିଲ୍ଲାପାଳ ବିନିତ ଭରଦ୍ୱାଜ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ହେଲେ ଏହା ନିର୍ମାଣ କରିବାପାଇଁ କର୍ତୃପକ୍ଷ ଦିନଗଡାଇ ଚାଲିଥିବାର ଅଭିଯୋଗ ହେଉଛି । ତେଣେ ଜବରଦଖଲ ମୁକ୍ତ କରିବାପାଇଁ ପ୍ରଶାସନ ନିରବଦ୍ରଷ୍ଟା ସାଜି ଚୁପ୍ ବସିଥିବା ବେଳେ ଏଣେ ବସଷ୍ଟାଣ୍ଡ ନିର୍ମାଣ ନହେବା ଯୋଗୁଁ ଟ୍ରାଫିକ ଅବସ୍ଥା ଅସମ୍ଭାଳ ହେଉଥିବାବେଳେ ବସ୍‌ରେ ଯାତାୟାତ କରୁଥିବା ବିଶେଷ କରି ମହିଳା ଯାତ୍ରୀମାନେ ଟିକେ ଶୌଚ ହେବାପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳୁଛି । ଏଥିପାଇଁ ସ୍ଥାନୀତ ଅଧିବାସୀ ଆନ୍ଦୋଳନ କରିବା ପାଇଁ ଏବଂ ରାଜରାସ୍ତାକୁ ଓହ୍ଲାଇବାପାଇଁ ପ୍ରସ୍ତୁତ ହେଉଥିବାର ଜାଣିବାକୁ ମିଳିଛି । ତେଣୁ ନିର୍ବାଚନ ଘୋଷଣାହେବାପୂର୍ବରୁ ଠାକୁରମୁଣ୍ଡା ବସଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଜିଲ୍ଲାପାଳ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ତିନିଧାରିଆ ପର୍ଯ୍ୟଟନ ସ୍ଥଳୀରେ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ



**ବାରିପଦା /କରଞ୍ଜିଆ (ଅମୃତ ମିଡିଆ) :** କରଂଜିଆ ବ୍ଲକ୍ ସରଧା ଗ୍ରାମ ନିକଟସ୍ଥ ଲୁକ୍କାୟିତ ପର୍ଯ୍ୟଟନ ସ୍ଥଳୀକୁ ପ୍ଲାଷ୍ଟିକ ମୁକ୍ତ ରଖିବାକୁ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ ଗୁରୁତ୍ୱ ଦେଇଥିବା ପରିଲକ୍ଷିତ ହେଇଛି । ଉକ୍ତ ପର୍ଯ୍ୟଟନ ସ୍ଥଳୀକୁ ନବବର୍ଷରେ ଉପଖଣ୍ଡର ସମସ୍ତ ଉଚ୍ଚ ପଦସ୍ଥ ପଦାଧିକାରୀଙ୍କ ସହିତ ବନଖଣ୍ଡ ଅଧିକାରୀ ଶ୍ରୀ ନାଏକ ଗସ୍ତ କରିଥିଲେ । ସେଠାରେ ଆବର୍ଜନା ଦେଖି ସ୍ଥାନଟିକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ମନସ୍ଥ କରି ପ୍ରଥମେ ଦୁଇଟି ଆବର୍ଜନା କୁଣ୍ଡ ଓ ବସିବା ପାଇଁ ବେଞ୍ଚ ବ୍ୟବସ୍ଥା କରିଥିଲେ । ଆଜି ବନଖଣ୍ଡ ଅଧିକାରୀ ଶ୍ରୀ ନାଏକ ନିର୍ଦ୍ଦେଶ କ୍ରମେ କରଂଜିଆ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ତିନଧାରିଆ ପର୍ଯ୍ୟଟନ ସ୍ଥଳୀ ଠାରେ ପ୍ଲାଷ୍ଟିକ ମୁକ୍ତ ସଚେତନତା ସଭାଯାତ୍ରା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଫରେଷ୍ଟର ସୁରମୋହନ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସିଏଫ ମଦନ ମୋହନ ମହାନ୍ତ, ଫରେଷ୍ଟ ଗାର୍ଡ ବୀଣାପାଣି ଗିରି, ମାଷ୍ଟର ଟ୍ରେନର ସୁବ୍ରତ ବିଶ୍ୱାଳ, ଅଙ୍କୁରା ବନସୁରକ୍ଷା କମିଟି ସଭାପତି ଚନ୍ଦ୍ରମୋହନ ମହାନ୍ତ, ଶରଧା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷତ୍ରୀଙ୍କ ସହିତ ଶତାଧିକ ଗ୍ରାମବାସୀ ଏବଂ ନିକଟସ୍ଥ ସ୍କୁଲର ଛାତ୍ରଛାତ୍ରୀ ମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶ ଉପରେ ପଡୁଥିବା କୁପ୍ରଭାବ ବାବଦକୁ ଅତିଥି ବୃନ୍ଦ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ଓ ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ବନବିଭାଗ ପକ୍ଷରୁ ଶପଥ ପାଠ କରାଯାଇଥିଲା ।

# ପତଞ୍ଜଳି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ

**ଜୟପୁର (ଅମୃତ ମିଡିଆ) :** ଜୟପୁର ଟାଉନ ହଲ ଠାରେ ପତଞ୍ଜଳି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି । ଏଠାରେ ସ୍ୱାମୀ ରାମଦେବଙ୍କ ଶିଷ୍ୟ ମୁଖ୍ୟ କେନ୍ଦ୍ରିୟ ସଂଯୋଜକ ସ୍ୱାମୀ ପରମାର୍ଥ ଦେବଜୀ, ଭାରତ ସ୍ୱାଭିମାନ ରାଜ୍ୟ ପ୍ରଭାରି ସୁଧାଂଶୁ ଅଧିକାରି, ରାଜ୍ୟ ସଂଯୋଜକ ରାଧା ମାଧବ ବଇଧର, ରାଜ୍ୟ କୃଷକ ପ୍ରଭାରି ସ୍ୱୟଂ ପ୍ରକାଶ, ରାଜ୍ୟ ଯୁବ ପ୍ରଭାରି ଅମୃତାସୁଂ ପ୍ରଧାନ, କାଯ୍ୟାଳୟ ପ୍ରଭାରି ସୁଯ୍ୟକାନ୍ତ, ରାଜ୍ୟ ସାମାଜିକ ଗଣ ମାଧମ ପ୍ରଭାରି ଖିତି ଆହ ପଟ୍ଟନାୟକ, ସହ ରାଜ୍ୟ ମହିଳା ପ୍ରଭାରି ଜାନକି ପାଣିଗ୍ରାହୀ ଏବଂ ଜିଲାର ଅମ୍ବିକା ରଞ୍ଜନ ପାଣିଗ୍ରାହୀ ମଦନ ନାୟକ, ଦିନେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାଯ୍ୟକାରିଣି ବୈଠକରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର,




ଗଜପତି, ରାୟଗଡା ଜିଲାର ଶତାଧିକ କାର୍ଯ୍ୟକର୍ତା ଙ୍କ ଉପସ୍ଥିତିରେ ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲ । ଏହି ବୈଠକରେ କୋରାପୁଟ ଜିଲାର ଭାରତ ସ୍ୱାଭିମାନ ପ୍ରଭାରି ଭାବେ କୃଷ୍ଣ ଦୋରା ଙ୍କ ନୁତନ ଦାୟିତ୍ୱ ଦିଆଯାଇଛି । ପ୍ରକାଶ ନାୟକଙ୍କୁ କୋରାପୁଟ ଜିଲାର ମୁଖ୍ୟ ସଂଗ୍ରହକ ଭାବେ ଦାୟିତ୍ୱ ଦିଆଯାଇଛି । ଗ୍ରାମ ଓ ସହରରେ କିପରି ଯୋଗ ଶିକ୍ଷା କରିବା ସହ ଲୋକଙ୍କୁ ଆୟୁର୍ବେଦ, ଯୋଗା, ଯଜ୍ଞ ଲାଭାନ୍ୱିତ କରାଯାଇ ପାରିବ ସେଥି ପ୍ରତି ସେଚତନ କରିବାକୁ କୁହାଯାଇଛି । ଆଜି ସକାଳୁ ଯୋଗ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

# ଭୀମକୁଣ୍ଡ ସ୍ୱତୀଘାଟରେ ଦାମୋଦର ମେଳା: ୧୨୩୬ ଗୋଟି ଅସ୍ଥି ବିସର୍ଜନ



**ବାରିପଦା (ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଭୀମକୁଣ୍ଡ ନିକଟରେ ଥିବା ପବିତ୍ର ବୈତରଣୀ ନଦୀର ସଙ୍ଗମ ସ୍ଥଳର ସ୍ୱତୀଘାଟରେ ୨୦ ତାରିଖ ଦିନ ସାନ୍ତାଳ ସମ୍ପ୍ରଦାୟର (ଦାମୋଦର ମେଳା) ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ୧୨୩୬ ଗୋଟି ଅସ୍ଥି ବିସର୍ଜନ ହୋଇଯାଇଛି । ଅସ୍ଥି ବିସର୍ଜନ ମେଳାକୁ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ବାଲେଶ୍ୱର, ଭଦ୍ରକ, ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ବେଙ୍ଗଲରୁ ଆସି ଠାକୁରମୁଣ୍ଡା ଭୀମକୁଣ୍ଡ ସ୍ୱାତିଘାଟରେ ଅସ୍ଥି ବିସର୍ଜନ କରି ଥିଲେ । ମେଳାରେ ପ୍ରାୟ ୫୦ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା । ପ୍ରକାଶ ଯେ ସାନ୍ତାଳ ସମ୍ପ୍ରଦାୟରର ପ୍ରଥା ଅନୁଯାୟୀ ମକର ସଂକ୍ରାନ୍ତି ପରେ ଆଦିବାସୀ ସଂପ୍ରଦାୟର ପାରମ୍ପରିକ ଅସ୍ଥି ବିସର୍ଜନ ସହ ପିଣ୍ଡଦାନ ଓ ଶ୍ରାଦ୍ଧ କର୍ମକୁ ଦାମୋଦର ଯାତ୍ରା କହିଥାନ୍ତି ।ପରିବାରରେ ମୃତ ବ୍ୟକ୍ତିଙ୍କ ସଂସ୍କାର ପରେ ତାଙ୍କର ଅସ୍ଥିକୁ ଏକ ଗଛ ମୂଳରେ ମାଟି ତଳେ ପୋତି ରଖିଥାନ୍ତି । ଅସ୍ଥି ବିସର୍ଜନର ପୂର୍ବଦିନରୁ ପୋତି ରଖିଥିବା ଅସ୍ଥିକୁ ପରିବାର ସଦସ୍ୟମାନଙ୍କ ଦ୍ୱାରା ବାହାର କରାଯାଇ ଅସ୍ଥି ବିସର୍ଜନ ଦିନ ଅସ୍ଥିକୁ ଏକ ହଳଦୀ ବଳା କନାରେ ଗୋଡ଼ାଇ ପରିବାରର ଜଣେ ସଦସ୍ୟଙ୍କ ବେକରେ କିମ୍ବା ଅଣ୍ଟା ରେ ବାନ୍ଧି ପରିବାର ସହ ଅସ୍ଥି ବିସର୍ଜନ କରିବାକୁ ଆସିଥାନ୍ତି । ଆସିବା ବେଳେ ପାରମ୍ପରିକ ବାଦ୍ୟ ଓ ନୃତ୍ୟ କରି ଅସ୍ଥି ବିସର୍ଜନ ସ୍ଥଳୀ ପହଂଚି ବୈତରଣୀ ନଦୀ କୂଳରେ ଥିବା ବାଲି ରେ ମଣ୍ଡପ କରି ବିଧି ଅନୁଯାୟୀ ପୂଜା କରିବା ପରେ ନଦୀପାଣିରେ ଅସ୍ଥି କୁ ବିସର୍ଜନ ଦେଇଥାନ୍ତି । ପରେ ସେଠାରେ ଥିବା ମାରାଂ ବୁରୁ ମନ୍ଦିରକୁ ଯାଇ ପୂଜା କରିଥାନ୍ତି । ସ୍ୱତୀ ଘାଟରେ ଅସ୍ଥି ବିସର୍ଜନ କରିବାକୁ ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଜିଲ୍ଲା ତଥା ପୋଡଶୀ ରାଜ୍ୟ ଝାଡ଼ଖଣ୍ଡ ସମେତ ବିଭିନ୍ନ ସ୍ଥାନରୁ ସାନ୍ତାଳ ସମ୍ପ୍ରଦାୟର ଲୋକେ ଆସି ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଚଳିତବର୍ଷ ସ୍ୱତୀ ଘାଟରେ ୧୨୩୬ ରୁ ଉର୍ଦ୍ଧ୍ୱ ଅସ୍ଥି ବିସର୍ଜନ ହୋଇଥିବା ନେଇ ଦାମୋଦର ମେଳା ଆୟୋଜନ କରୁଥିବା ମାରାଂ ବୁରୁ କମିଟି ପକ୍ଷରୁ ଜଣାଯାଇଛି ।ମେଳକୁ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବସନ୍ତି ହେମ୍ବ୍ରମ ମେଳାରେ ଯୋଗ ଦେଇଥିଲେ । କମିଟିର ସଭାପତି ଦାଶରଥି ସୋରେନ, ସଂମ୍ପାଦକ ଭାଗିରଥି ଟୁଡୁ, ସହ ସମ୍ପାଦକ ବସନ୍ତ ସୋରେନ, କୋଷାଧକ୍ଷ ଅବିନାଶ ଟୁଡୁ , ସଞ୍ଜୟ କୁମାର ମାଝୀ, ଭୀମସେନ ଟୁଡୁ, ବଜ୍ରକିଶୋର ଟୁଡୁ, ବିଜୟ ଟୁଡୁ, ଲାଲମୋହନ ମାଝୀ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ମେଳାକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଉପଖଣ୍ଡ ପୋଲିସ ଅଧିକାରୀ, ଠାକୁରମୁଣ୍ଡା ଆଇ.ଆଇ.ସି ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ଥିଲେ । ଅଗ୍ନିଶମ ବିଭାଗ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇ ଶାନ୍ତିଶୃଙ୍ଖଳା ସହିତ ସମାପନ ହୋଇଥିଲା ।

# ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା



**ଚଣ୍ଡିଖୋଲ (ଅମୃତ ମିଡିଆ) :** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଅବସରରେ ଯୁବ ଓଡ଼ିଶା ନବୀନ ଓଡ଼ିଆ ଆନୁକୁଲ୍ୟାରେ ଆଜି ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାରେ ପାରମ୍ପାରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହାକୁ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନାୟକ ପଣ୍ଡା ଉଦ୍‌ଘାଟନ କରି ପ୍ରାଶ୍ଚାତ୍ୟ ଶିକ୍ଷା ସଂସ୍କୃତି ଓ ଆଧୁନୀକ ଜୀବନ ଶୈଳି ପ୍ରଭାବରେ ଆମ ଓଡ଼ିଆମାନଙ୍କର ଖାଦ୍ୟ ପ୍ରଣାଳୀ ବଦଳିଯିବା ସହ ପାରମ୍ପାରିକ ଖାଦ୍ୟକୁ ଆମେ ଭୁଲିଯାଇଛେ । ଏହା ଏକ ଉତମ ମାଧମ ଯାହା ଆମର ପାରମ୍ପରିକ ଖାଦ୍ୟକୁ ଆମ ଯୁବ ପୀଢୀମାନଙ୍କ ମଧ୍ୟରେ ପ୍ରଚାର ଓ ପ୍ରସାର କରାଯାଇପାରିବ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ମହାପାତ୍ର, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧାପିକା ସୁକେଶିନୀ ସାମଲ, ପ୍ରାକ୍ତନ ଅଧକ୍ଷ ଡ଼ଃ କେଦାରନାଥ ଦାସ, ଅଧାପକ ବିରଂଚି କୁମାର ନାୟକ, ବିଜୟ କେତନ ସାମଲ, ଅଧାପିକା ସଙ୍ଗମିତ୍ରା ସାହୁ, ସ୍ୱର୍ଣ୍ଣପ୍ରଭା ରାଉତ, ମଧୁ କୁମାରୀ, ଡ଼ଃ ସୁଜାତା ସେନାପତି ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ପାରମ୍ପାରିକ ଖାଦ୍ୟ ଯଥା - କାକରା, ଚକୁଳି, ପୋଡ଼ପୀଠା, ଆରିଶା ପୀଠା, ଦହିବରା, ଟଙ୍କପାଣୀ ସମେତ ବିଭିନ୍ନ ସୁସ୍ୱାଦୁ ପ୍ରସ୍ତୁତି କରିଥିଲେ ।

# ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ସାରା ଅଞ୍ଚଳ ଉତ୍ସବମୁଖର

**ବାଲୁଗାଁ (ଅମୃତ ମିଡିଆ) :** ଅଯୋଧ୍ୟାସ୍ଥିତ ରାମ ଲାଲାଙ୍କ ପ୍ରାଣ ଓ ଭବ୍ୟ ମନ୍ଦିର ପ୍ରତିଷ୍ଠା ପାଇଁ ସାରା ଭାରତ ବର୍ଷ ଉତ୍ସବ ମୁଖର ହୋଇଥିବା ବେଳେ ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ରାମ ମନ୍ଦିରରେ ବ୍ୟାପକ ପ୍ରସ୍ତୁତି ଜାରିରହିଛି । ଉକ୍ତ ଦିନବ୍ୟାପି ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଆଧାତ୍ମିକ ଭାବନା ଦିଗରେ କାର୍ଯ୍ୟକ୍ରମ ମାନ ରହିଥିବା ବେଳେ ସମଗ୍ର ବାଲୁଗାଁ, ବାଣପୁର ସମେତ ଗାଁ ଗହଳିରେ ପ୍ରଭୁ ଶ୍ରୀରାମଙ୍କ ଧ୍ୱଜା ସହ ତୋରଣରେ ଛାଉଣୀ କରାଯାଇଛି । ବାଲୁଗାଁ ବଜାର ସ୍ଥିତ ରାମ ମନ୍ଦିରରେ ଭକ୍ତଙ୍କ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ବେଳେ ରାମଧୂନରେ ସହର ସାରା ରାମମୟ ହୋଇଉଠିଛି । ଆମିଷ ବଜାର ସମ୍ପୂର୍ଣ୍ଣ ବନ୍ଦ କରିବା ସହ ପ୍ରତି ଘରେ ପୂର୍ଣ୍ଣ କୁମ୍ଭ କଳସ ବସାଇ ଦୀପ ଲଗାଇ ହନୁମାନ ଚାଲିଶା ପଠନ ସଙ୍ଗେ ଶ୍ରୀରାମ ସ୍ତୁତି ଗାନ ଲାଗି ରାମପ୍ରେମୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।



# ପ୍ରେସ୍ ୟୁନିଅନ ପକ୍ଷରୁ ଜରାଶ୍ରମରେ ଫଳ ବଣ୍ଟନ

**ରାୟଗଡା (ଅମୃତ ମିଡିଆ) :** ପ୍ରେସ୍ ୟୁନିୟନ ରାୟଗଡର ଅଷ୍ଟମ ପ୍ରତିଷ୍ଠା ଦିବସ ଅବସରରେ ରାୟଗଡ ଶକ୍ତି ଅନୁଷ୍ଠାନ ଜରାଶ୍ରମରେ ବୃଦ୍ଧବୃଦ୍ଧାଙ୍କୁ ଫଳ ବଣ୍ଟନ କରାଯାଇଛି । ୟୁନିଅନ ସଭାପତି ମାଉଡି ବାରିକଙ୍କ ନେତୃତ୍ୱରେ ୟୁନିଅନର ସଭ୍ୟମାନେ ଉପସ୍ଥିତ ଥିଲେ । ଆଜି ପ୍ରତିଷ୍ଠା ଦିବସ ପାଳନ କରାଯାଇଥିବା ବେଳେ ଆଗାମୀ ଫେବୃଆରୀ ୨୫ ତାରଖରେ ହୋଟେଲ ତେଜସ୍ୱି ଇଣ୍ଟେରନେଶନାଲ ରେ ପ୍ରେସ୍ ୟୁନିଅନର ଅଷ୍ଟମବାର୍ଷିକ ଉତ୍ସବ ମହାସମାରୋହରେ ପାଳନ କରାଯିବ ବୋଲି ୟୁନିଅନ ସାଧାରଣ ସମ୍ପାଦକ ଶିବାଜୀ ଦାଶ ପ୍ରକାଶ କରିଛନ୍ତି । ଏଥିରେ ଇପିଲି ସର୍ବେଶ୍ୱର ସୁମନ୍ତ ମହାରଣା ମୋନଜ ମିଶ୍ର, ୟୁନିୟନର ଉପଦେଷ୍ଟା ସୁରେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।



# ଜିଲ୍ଲା କଂଗ୍ରେସ ପକ୍ଷରୁ ଶିକ୍ଷାବିତ୍ ସ୍ୱର୍ଗତ ଯୁଗଳ କିଶୋରଙ୍କ ପାଇଁ ତିଳତର୍ପଣ



**ଯାଜପୁର (ଅମୃତ ମିଡିଆ) :** ଯାଜପୁର ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ପିତା ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ଯୁଗଳ କିଶୋର ପଟ୍ଟନାୟକଙ୍କ ଦ୍ୱାଦଶ ଦିବସରେ ଯାଜପୁର ସ୍ଥିତ ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟ ଠାରେ ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତଙ୍କ ନେତୃତ୍ୱରେ ଏକ ତିଳ ତର୍ପଣ,ଶ୍ରଦ୍ଧାସୁମନ ସଭା ସହ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ସେବନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକାରୀ ସଭାପତି ଶ୍ରୀ ରାଉତଙ୍କ ଆହ୍ୱାନ କ୍ରମେ ଜିଲ୍ଲା କଂଗ୍ରେସ କମିଟିର ସମସ୍ତ କର୍ମକର୍ତା ଦଶାଶ୍ୱମେଧ ଘାଟ ଠାରେ ଉପସ୍ଥିତ ହୋଇ ସ୍ୱର୍ଗତ ପଟ୍ଟନାୟକଙ୍କ ତିଳ ତର୍ପଣ କରିବା ସହ ତାଙ୍କ ଗୁଣାବଳୀକୁ ବର୍ଣ୍ଣନା କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ତତ୍‌ପରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ର ପଣ୍ଡା, ନାରାୟଣ ଚନ୍ଦ୍ର ସାମନ୍ତ, କନକଲତା ମଲିକ, ଆରତୀ ଦେଓ, ରାଜୀବ ମହାପାତ୍ର, ରଂଜିତା ରାଉତ, ଖଗେଶ୍ୱର ମଲିକ, ବଳଭଦ୍ର ଦାସ,ଭାସ୍କର ମହାନ୍ତି, ସଂଗ୍ରାମ ଜେନା, ଅକ୍ଷୟ ଶତପଥୀ, ଗଦାଧର ଦାସ, ହୃଷିକେଶ ଜେନା, ସନ୍ତୋଷ କୁମାର ସାହୁ, ରଘୁନାଥ ସାହୁ, କପିଳେଶ୍ୱର ଦଳାଇ, ବିଦ୍ୟାଧର ବାରିକ, ପରିମଳ ବିଶ୍ୱାଳ, ଅର୍ଣ୍ଣବ ମିଶ୍ର, ଅରଜିତ ନାୟକ, ପ୍ରଦୀପ ବେହୁରିଆ, ଅନିରୁଦ୍ଧ ରାଉତ, ପ୍ରକାଶ ଦେଓ, ଧନେଶ୍ୱର ମଲିକ, ଅମିତ କୁମାର ଦେଓ, କନକ ଲତା ରାଉତ, ବିଜୟ ମହାପାତ୍ର, ଚିତରଂଜନ ସାହୁ, ମାନସ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଜେନା, ରବିନ୍ଦ୍ର ରଣା, ଆରତ ଜେନା ପ୍ରମୁଖ ଯୋଗ ଦେଇ ତିଳତର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ବରିଷ୍ଠ ନାଗରିକ ମଞ୍ଚର ଚତୁର୍ଥ ବାର୍ଷିକ ଉତ୍ସବ ପାଳନ

**ଖୋର୍ଦ୍ଧା (ଅମୃତ ମିଡିଆ) :** ସୁସ୍ଥ ସମାଜ ଗଠନ ଦିଗରେ ବରିଷ୍ଠ ନାଗରିକମାନଙ୍କର ଅଭିଜ୍ଞତାକୁ ବ୍ୟବହାର ନ କଲେ କୌଣସି ରାଜ୍ୟ ଓ ଦେଶର ଉନ୍ନତି ହୋଇପାରିବ ନାହିଁ । ବରିଷ୍ଠ ନାଗରିକ ମଞ୍ଚ, ଖୋରଧାର ୪ର୍ଥ ବାର୍ଷିକ ଉତ୍ସବରେ ଯୋଗଦେଇ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସଭାକୁ ଉଦ୍‌ବୋଧନ ଦେଇଥିଲେ । ପରିଣତ ବୟସରେ ଏକ ଗୋଷ୍ଠୀଗତ ଜୀବନ କଟାଇ ନିଜର ଅବସର ସମୟକୁ ଭଲରେ କଟାଇବା ସହିତ ଯଥା ସାଧ୍ୟ ସାମାଜିକ ସଚେତନତା ବାର୍ତ୍ତା ପ୍ରଚାର ପାଇଁ କାର୍ଯ୍ୟ କରି ବରିଷ୍ଠ ନାଗରିକ ମଞ୍ଚ ଖୋରଧାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ଅଭିନନ୍ଦନ ଜଣାଇଥିଲେ । ପ୍ରଥମ ଅଧିବେଶନରେ ସତ୍ୟବାଦୀ ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ପୌର ପରିଷଦ ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ




ମହାନ୍ତି ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ ବରିଷ୍ଠ ନାଗରିକ ମଞ୍ଚ ନିଜର ସ୍ଥାୟୀ ବୈଠକ ଗୃହ ନିର୍ମାଣର ଅଗ୍ରଗତିକୁ ପ୍ରଶଂସା କରିବା ସହିତ ସଦସ୍ୟମାନଙ୍କର ଉଦ୍ୟମ ଖୋର୍ଦ୍ଧା ସହରରେ ଉଦାହରଣ ସୃଷ୍ଟି କରିଛି ବୋଲି କହିଥିଲେ । ମଞ୍ଚର ସମ୍ପାଦକ ରାମଶଙ୍କର ବାର୍ଷିକ ବିବରଣୀ ଏବଂ କୋଷାଧକ୍ଷ ଗୋବିନ୍ଦ ଚନ୍ଦ୍ର ମହାରଣା ବାର୍ଷିକ ଆୟ ବ୍ୟୟ ବିବରଣୀ ପାଠ କରିଥିଲେ । ଉତ୍ସବରେ ଶ୍ରୀମତୀ ଉର୍ମିଳା ବଡ଼ଜେନା, ଶ୍ରୀମତୀ ଉମାମଣି ପାଇକରାୟ, ବରିଷ୍ଠ ଅଧିବକ୍ତା ରଜନୀ କାନ୍ତ ପଟ୍ଟନାୟକ, ଶ୍ରୀ ବ୍ରଜବନ୍ଧୁ ନାୟକଙ୍କୁ ବରିଷ୍ଠ ନାଗରିକ ସମ୍ମାନର ବିଧାୟକ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ମଞ୍ଚର ବାର୍ଷିକ ମୁଖପତ୍ର “ପ୍ରବୁଦ୍ଧ ବାର୍ତ୍ତା’ ଉନ୍ମୋଚିତ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ ଶ୍ରୀ ଦେବପ୍ରସାଦ ମଜୁମ୍‌ଦାର ସଭାପତିତ୍ୱ କରିଥିଲେ । ଭୁବନେଶ୍ୱରର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ବରେଣ୍ୟ ଅତିଥି ରୂପେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ଶୁଭେଚ୍ଛୁ ଜଣାଇଥିଲେ । ୨୦୨୪-୨୦୨୫, ଆସନ୍ତା ଦୁଇ ବର୍ଷ ପାଇଁ ମଞ୍ଚର ନୂତନ କାର୍ଯ୍ୟକାରୀ ପରିଷଦର ନିର୍ବାଚିତ ସଦସ୍ୟଙ୍କୁ ଉତ୍ସବରେ ଉପସ୍ଥିତ ବରିଷ୍ଠ ନାଗରିକ ବୃନ୍ଦ ସ୍ୱାଗତ କରିଥିଲେ । ଆଗାମୀ ଦୁଇବର୍ଷ ପାଇ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ରୂପେ ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିୟାରସିଂହ, ବୈକୁଣ୍ଠନାଥ ରାଜଗୁରୁ, ବିଧାନଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କୁମାର ସମାନ୍ତରାୟ, ସଭାପତି ରୂପେ ଦେବ ପ୍ରସାଦ ମଜୁମ୍‌ଦାର,ସମ୍ପାଦକ ରାମଶଙ୍କର, ଯୁଗ୍ମ ସମ୍ପାଦକ ବସନ୍ତ କୁମାର ଦାସ, ସହ-ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଗୋବିନ୍ଦ ଚନ୍ଦ୍ର ମହାରଣା, ସନ୍ତୋଷ କୁମାର ଦାସ, ରବୀନ୍ଦ୍ର କୁମାର ସାହୁ ଓ କୋଷାଧକ୍ଷ ରୂପେ ସତ୍ୟବ୍ରତ ଦାସ ନିର୍ବାଚିତ ହୋଇଛନ୍ତି । ସନ୍ତୋଷ କୁମାର ଦାସ, ରବୀନ୍ଦ୍ର କୁମାର ସାହୁ ଉତ୍ସବ ପରିଚାଳନା କରିଥିଲେ । ଯୁଗ୍ମ ସମ୍ପାଦକ ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।




₹5 ରେ

# ପ୍ରିମିୟମ୍ କ୍ୱାଲିଟି

Call Toll Free: 1800 123 6292

Warning: Chewing of supari is injurious to health. Not for minors.